# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୯/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 9/2023 | Page 14 | ₹ 7.00

୪୯ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 224 | ମୂଲ୍ୟ₹୭/-




**ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ**

ନୋଭାକ୍ ଜୋକୋଭିଚ୍ ୱିମ୍ବଲଡନ ଓପନ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪

୧୧

**କାର୍ତ୍ତିକଙ୍କ ଫିଲ୍ମ ୮୩ କୋଟି କମାଇଲା**

ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା' ରିଲିଜ୍‌ର ୯ ଦିନ ମଧ୍ୟରେ ବିଶ୍ୱବ୍ୟାପୀ ୮୩ କୋଟି ଟଙ୍କା ଆୟ କରିଛି।



# ଭୋଟ ବେଳେ ହିଂସା: ୧୮ ମୃତ

**ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ**

- ବାଲଟ୍ ବକ୍ସ ନେଇ ଜାଳିଦେଲେ ମହିଳା
- ହିଂସାକାଣ୍ଡ ପାଇଁ ପରସ୍ପରକୁ ଦୋଷଦେଲେ ଦଳ
- ରାଷ୍ଟ୍ରପତି ଶାସନ ଦାବିକଲା ଭାଜପା
- ନିର୍ବାଚନକୁ ଅବୈଧ ଘୋଷଣା ପାଇଁ ହାଇକୋର୍ଟ ଗଲା କଂଗ୍ରେସ

କୋଲକାତା, ୮।୭ (ପି.ଟି.)

ପଶ୍ଚିମବଙ୍ଗରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଶନିବାର ମତଦାନ ବେଳେ ବୋମା ଫୁଟିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୮ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ୧୦ ଜଣ ଶାସକ ଟିଏମ୍‌ସିର ହୋଇଥିବାବେଳେ ଭାଜପାରୁ ୩, ସିପିଆଇ(ଏମ୍)ରୁ ୨, କଂଗ୍ରେସରୁ ୩ କର୍ମୀ ରହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ରାଜନୈତିକ ଦଳଗୁଡ଼ିକ ପାଇଁ ଅଗ୍ନିପରୀକ୍ଷା ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ଅଧ୍ୟକ୍ଷା ମମତା ବାନାର୍ଜୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଯେକୌଣସି ପ୍ରକାରେ ପଞ୍ଚାୟତ, ବ୍ଲକ୍ ଓ ଜିଲା ପରିଷଦଗୁଡ଼ିକୁ ହାତେଇବା ପାଇଁ ଦଳ ପକ୍ଷରୁ ଜୋରଦାର ଉଦ୍ୟମ ହେଉଥିବା କୁହାଯାଇଛି। ବିଭିନ୍ନ ଦଳ ସେମାନଙ୍କ ପ୍ରତିପକ୍ଷ ବିରୋଧରେ ସଶସ୍ତ୍ର କୌଶଳ ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। ମହିଳାମାନେ କେତେକ ବୁଥ୍‌ରୁ ବାଲଟ ବାକ୍ସ ଚୋରାଇ ନେବା ସହ ପୋଡ଼ିଦେଇଛନ୍ତି। ମୁଖ୍ୟତଃ ମୁର୍ଶିଦାବାଦ, ନଦିଆ, କୁଚ୍‌ବିହାର ଜିଲା ସମେତ ଦକ୍ଷିଣ ୨୪ ପ୍ରଗଣାର କେତେକ ଅଞ୍ଚଳ ଏବଂ ପୂର୍ବ ମେଦିନିପୁରର ନନ୍ଦିଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରୁ ହିଂସାକାଣ୍ଡ ଲାଗିରହିଥିଲା। ଦଳମତ ନିର୍ବିଶେଷରେ ପଶ୍ଚିମବଙ୍ଗ ନିର୍ବାଚନୀ ହିଂସାକୁ ସବୁ ଦଳ ନିନ୍ଦା କରିଛନ୍ତି। ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଲାଗି ଭାଜପା ଦାବି କରିଛି। ପଞ୍ଚାୟତ ନିର୍ବାଚନ ହିଂସା ବିରୋଧରେ ବିରୋଧୀ ଦଳ ନେତା ☞ପୃଷ୍ଠା-୪



ମତଦାନ ସମୟରେ ହିଂସା ପ୍ରତିବାଦରେ କୋଲକାତାସ୍ଥିତ ପଶ୍ଚିମବଙ୍ଗ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଜଣେ ସଦସ୍ୟା ବିକ୍ଷୋଭ କରୁଥିବାବେଳେ ପୋଲିସ ଉଠାଇନେଉଛି।

## ମତଦାନ କଲେ ଓଡ଼ିଶାର ଶଙ୍ଖାମେଦୀ ଭୋଟର

ଭୋଗରାଇ, ୮।୭ (ପ୍ରଦୀପ ଦାସ)

ସୀମା ବିବାଦକୁ ନେଇ ଆନ୍ଧ୍ର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ସ୍ଥିତି ଜଟିଳ ହେଉଥିବା ବେଳେ ଶନିବାର ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅଧୀନ ଶଙ୍ଖାମେଦୀ ଗାଁର ୩ଶହର ଊର୍ଦ୍ଧ୍ୱ ଭୋଟର ଭୋଟ ଦେଇଥିବା ସୂଚନା ମିଳିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ୮୬ବର୍ଷ ପୂରିଥିବା ବେଳେ ଓଡ଼ିଶାର ଶଙ୍ଖାମେଦୀ ଗାଁକୁ ପଶ୍ଚିମବଙ୍ଗ ଏକପ୍ରକାର ଗିଳି ଦେଇଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଶଙ୍ଖାମେଦୀ ଗାଁ ୧୯୨୭ ମସିହାରୁ ୧୯୮୦ ମସିହା ☞ପୃଷ୍ଠା-୪

# ଜଗଦୀଶ, ଚନ୍ଦ୍ରଶେଖରଙ୍କୁ ମୁହାଁମୁହିଁ ଜେରା

ଭୁବନେଶ୍ୱର,୮।୭ (ସୂର୍ଯ୍ୟକାନ୍ତ ବେହେରା)

ଟିକସ ଫାଙ୍କିବା ଅଭିଯୋଗରେ ରିୟଲ୍ ଇଷ୍ଟେଟ୍ କମ୍ପାନୀ ଡିଏନ୍ ଗ୍ରୁପ୍ ଉପରେ ଲଗାତର ଭାବେ ଆୟକର ବିଭାଗ



ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକ

ଚଢାଉ ଜାରି ରଖିଛି। ଦିନ ଯେତିକି ଗଡୁଛି କମ୍ପାନୀ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ନାୟକଙ୍କ କଳାଧନର ଗୁମର ସେତିକି ପଦାକୁ ଆସୁଛି। ଚତୁର୍ଥ ଦିନ ଅର୍ଥାତ୍ ଶନିବାର ଆୟକର ବିଭାଗ କମ୍ପାନୀର ଲିଗାଲ ଅଫିସର ଚନ୍ଦ୍ରଶେଖର ପଣ୍ଡାଙ୍କ ଘରୁ ଆଉ ୨.୬୦ କୋଟି ଟଙ୍କା ଜବତ କରିଥିବା ସୂଚନା ମିଳିଛି। ପୂର୍ବରୁ ଭୁବନେଶ୍ୱର ପୋଷ୍ଟାଲ କଲୋନିସ୍ଥିତ ଘରୁ ମିଳିଥିବା ୩୦ କୋଟି ଟଙ୍କାକୁ ମିଶାଇ ମୋଟ ୩୨ କୋଟି ନଗଦ ଟଙ୍କା କେଉଁଠୁ ଆସିଲା ତାହାର ହିସାବ ପାଇପାରୁନାହାନ୍ତି ଆୟକର ଅଧିକାରୀ। ତେଣୁ ଶୁକ୍ରବାର ଆୟକର ଟିମ୍ ଆଇଆର୍‌ସି ଭିଲେଜସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ☞ପୃଷ୍ଠା-୪

**ଡିଏନ୍ ଗ୍ରୁପ୍ ଉପରେ ଆୟକର ବିଭାଗର ଚଢ଼ାଉ ଜାରି**

- ଆଉ ୨.୬ କୋଟି ଜବତ
- ଉଠିଲା ଜମି କେଲେଙ୍କାରୀ ଅଭିଯୋଗ, ନିର୍ବାଚନରେ ବାଣ୍ଟିଛନ୍ତି ବିପୁଳ ଟଙ୍କା
- ବିଚାରବିଭାଗୀୟ ତଦନ୍ତ ଦାବିକଲା କଂଗ୍ରେସ
- ଆଇନ ତା' ବାଟରେ ଯିବ: ବିଜେଡି

**ଆଜିର ସମ୍ପାଦକୀୟ** ଲକ୍ଷ୍ୟଠୁ ଦୂରରେ







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଜୁଲାଇ , ୨୦୨୩

**ମଣିପୁରରେ ଗାଡ଼ି ଜାଳିଦେଲେ**

ମଣିପୁରରେ ହିଂସା ଥମିବା ନାଁ ନେଉନି। ସୀମାବର୍ତ୍ତୀ ଅଞ୍ଚଳ ମହାବଲି ରୋଡ୍ ନିକଟସ୍ଥ କଙ୍ଗଲା ଫୋର୍ଟରେ ଶୁକ୍ରବାର ରାତିରେ ୧୫୦ରୁ ୨୦୦ ଲୋକ ଏକାଠି ହୋଇ ଦୁଇଟି ଗାଡ଼ି ଜାଳିଦେଇଥିବାବେଳେ ପୋଲିସ ନିକଟରୁ ହତିଆର ଛଡ଼ାଇବା ଉଦ୍ୟମ କରିଥିଲେ। ସ୍ଥିତିକୁ ଦେଖି ସେଠାକୁ ଅଧିକ ସେନା ଓ ଆସାମ ରାଇଫଲ୍ସ ଯବାନ ପଠାଯାଇଛି।



## ବିମାନ ଦୁର୍ଘଟଣା: ୬ ମୃତ

**ମୁରିଏଟା, ୮।୭:** କାଲିଫର୍ନିଆରେ ଶନିବାର ସକାଳେ ଏକ ବିମାନ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ଲସ୍ ଭେଗାସ୍‌ର ହାରୀ ରେଡ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଉଡ଼ାଣ କରିବା ପରେ ଲସ୍ ଏଞ୍ଜେଲସ ଏବଂ ସାନ୍ ଡିଏଗୋ ମଧବର୍ତ୍ତୀ କାଲିଫର୍ନିଆର ମୁରିଏଟା ସହରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ବିମାନ ନିଆଁରେ ପ୍ରାୟ ଗୋଟିଏ ଏକର ଫସଲ ଜଳିଯାଇଛି।

## ମୋଦିଙ୍କ ଶାସନରେ କଶ୍ମୀରରେ ଯବାନଙ୍କ ମୃତ୍ୟୁ ୨ ଗୁଣ

**ଜମ୍ମୁ, ୮।୭:** ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟ ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ୬ ବର୍ଷ ଶାସନ କାଳରେ ଜମ୍ମୁ-କଶ୍ମୀରରେ ସୈନିକ ମୃତ୍ୟୁସଂଖ୍ୟା ୨ ଗୁଣ ବଢ଼ିଥିଲା ବୋଲି ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନରେ ସରକାର ସ୍ୱୀକାର କରିଛନ୍ତି। ସୁରଟର ଜଣେ ଆର୍‌ଟିଆଇ କର୍ମୀ ସଞ୍ଜୟ ଏଝାଭା ଏଥିପାଇଁ ଆବେଦନ କରିଥିଲେ। ଆର୍‌ଟିଆଇ ତଥ୍ୟ ଅନୁଯାୟୀ ମନମୋହନଙ୍କ ଶାସନ ସମୟରେ ଜମ୍ମୁ-କଶ୍ମୀରରେ ବର୍ଷକୁ ହାରାହାରି ୩୭ ଭାରତୀୟ ସୈନ୍ୟଙ୍କ ମୃତ୍ୟୁ ଘଟୁଥିଲା। ୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ୨୦୨୦ ଜୁନ୍ ପର୍ଯ୍ୟନ୍ତ ବର୍ଷକୁ ସୈନ୍ୟ ମୃତ୍ୟୁସଂଖ୍ୟା ୭୪କୁ ବୃଦ୍ଧି ପାଇଥିଲା।

## ପାକ୍ ଏଜେଣ୍ଟ ହନିଟ୍ରାପ୍‌ରେ ଫସିଥିବା ବିଏସ୍‌ଏଫ୍ କର୍ମଚାରୀ ଗିରଫ

**ଅହମଦାବାଦ, ୮।୭:** ପାକସ୍ତାନୀ ଗୋଇନ୍ଦା ସଂସ୍ଥାର ମହିଳା ଏଜେଣ୍ଟଙ୍କ ହନିଟ୍ରାପ୍‌ରେ ପଡ଼ି ସମ୍ବେଦନଶୀଳ ତଥ୍ୟ ଶେୟାର କରିଥିବା ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଜଣେ ଠିକା କର୍ମଚାରୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଗୁଜରାଟର ଭୁଜ୍ ଅଞ୍ଚଳରେ ଥିବା ବିଏସ୍‌ଏଫ୍ ମୁଖ୍ୟାଳୟର କେନ୍ଦ୍ରୀୟ ପୂର୍ତ୍ତ ବିଭାଗରେ ପିଅନ ଭାବେ କାର୍ଯ୍ୟ କରୁଥିବା ନିଲେଶ ବଳିଆଙ୍କୁ ରାଜ୍ୟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍‌ଙ୍କ ସହ ନିଲେଶ ଯୋଗାଯୋଗରେ ଥାଇ ବିଏସ୍‌ଏଫ୍‌ର ନିର୍ମାଣାଧୀନ ଓ ପୂର୍ବରୁ ଥିବା ବିଲ୍ଡିଂଗୁଡ଼ିକର ବିଦ୍ୟୁତକରଣ କାର୍ଯ୍ୟ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଶେୟାର କରିଥିଲେ ବୋଲି ଏଟିଏସ୍ କହିଛି।

## ୯୦ ଫୁଟ୍ ଲୁହା ବ୍ରିଜ୍ ଚୋରି

**ମୁମ୍ବାଇ, ୮।୭:** ମୁମ୍ବାଇର ମଲାଡ଼ରେ ଏକ ଡ୍ରେନ୍ ଉପର ଦେଇଯାଇଥିବା ୯୦ ଫୁଟ୍ ଲମ୍ବର ଲୁହା ବ୍ରିଜ୍ ଚୋରି ଘଟଣାରେ ଶନିବାର ପୋଲିସ ୪ ଜଣଙ୍କୁ ଗିରଫ କରିଛି। ବଡ଼ ବିଦ୍ୟୁତ୍ କେବଲ ଯିବା ପାଇଁ ଏହି ବ୍ରିଜ୍ ୬,୦୦୦ କେଜି ଲୁହାରେ ନିର୍ମାଣ କରାଯାଇଥିଲା ବୋଲି ବଙ୍ଗୁର ନଗର ଥାନା ଅଧିକାରୀ କହିଛନ୍ତି। କିଛିମାସ ପୂର୍ବେ ସ୍ଥାୟୀ ବ୍ରିଜ୍ ନିର୍ମାଣ ହେବା ପରେ ଲୁହା ବ୍ରିଜ୍‌ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଇଥିଲା। ଜୁନ୍ ୨୬ରେ ଲୁହା ବ୍ରିଜ୍ ନ ପାଇବାରୁ ବ୍ରିଜ ନିର୍ମାଣକାରୀ କମ୍ପାନୀ ଥାନାରେ ଅଭିଯୋଗ କରିଛି। ଘଟଣାସ୍ଥଳରେ କୌଣସି ସିସିଟିଭି କ୍ୟାମେରା ନ ଥିବାବେଳେ ସାଟେଲାଇଟ୍ ସର୍ଭିଲାନସ୍ କ୍ୟାମେରା ଯୋଗେ ଜୁନ ୧୧ରେ ଏକ ବଡ଼ ଗାଡ଼ିରେ ଲୁହାବ୍ରିଜ୍ ରଖାଯାଇଥିବା ସ୍ଥାନକୁ ଯାଉଥିବାର ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ଗାଡ଼ିଟିକୁ ଠାବ କରିଥିଲା। ସେଥିରେ ଥିବା ଏକ ଗ୍ୟାସ୍ କଟର ସାହାଯ୍ୟରେ ଦୁର୍ବୃତ୍ତ ଲୁହା ବ୍ରିଜ୍‌ଟିକୁ ଛୋଟ ଖଣ୍ଡ କରି ଚୋରି କରିନେଇଥିବା ପୋଲିସ କହିଛି।

## କ୍ଷମା ମାଗିଲେ ମନୋଜ ମୁନ୍ତଶର

**ମୁମ୍ବାଇ, ୮।୭:** ବଲିଉଡ୍ ଫିଲ୍ମ ଆଦିପୁରୁଷ ଜରିଆରେ ଅନେକଙ୍କୁ ଧର୍ମୀୟ ଆଘାତ ଲାଗିବା ନେଇ ଫିଲ୍ମର ଲେଖକ ମନୋଜ ମୁନ୍ତଶର କ୍ଷମା ମାଗିଛନ୍ତି। ଟୁଇଟର ପୋଷ୍ଟ ଜରିଆରେ ମନୋଜ କହିଛନ୍ତି, ଆଦିପୁରୁଷ ଯୋଗୁ ଅନେକ ଲୋକଙ୍କ ଭାବାବେଗକୁ ଆଘାତ ଲାଗିଥିବା ମୁଁ ସ୍ୱୀକାର କରୁଛି। ହାତଯୋଡ଼ି ମୁଁ ସେମାନଙ୍କୁ କ୍ଷମା ମାଗୁଛି। ବଜରଙ୍ଗବଲି ଆମକୁ ଏକାଠି ରଖନ୍ତୁ ଏବଂ ପବିତ୍ର ସନାତନ ଧର୍ମ ଓ ଦେଶର ରକ୍ଷା ପାଇଁ ଆମକୁ ଶକ୍ତି ଦିଅନ୍ତୁ ବୋଲି ସେ ପୋଷ୍ଟ ଜରିଆରେ କହିଛନ୍ତି। ଫିଲ୍ମ ଡାଇଲଗ୍‌ରେ ବ୍ୟବହାର ହୋଇଥିବା ଆପତ୍ତିଜନକ ଶବ୍ଦ ଏବଂ ସିନ୍ ପାଇଁ ଅନେକ ଧର୍ମୀୟ ଗୋଷ୍ଠୀ ଆଦିପୁରୁଷ ବ୍ୟାନ୍ କରିବାକୁ ଦାବି କରୁଥିବାବେଳେ କୋର୍ଟରେ ଏ ନେଇ ଶୁଣାଣି ଜାରି ରହିଛି। ଓମ୍ ରାଉତଙ୍କ ନିର୍ଦ୍ଦେଶିତ ଫିଲ୍ମରେ ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତା ପ୍ରଭାସ ପ୍ରଭୁ ରାମଙ୍କ ଚରିତ୍ରରେ ଅଭିନୟ କରିଥିବାବେଳେ କ୍ରିତି ସାନନ ସୀତା ଏବଂ ସୈଫ ଅଲ୍ଲୀ ଖାନ୍ ରାବଣ ଚରିତ୍ରରେ ଅଭିନୟ କରିଛନ୍ତି।



## ୫୦୦ ଦିନରେ ୟୁକ୍ରେନ୍ ଯୁଦ୍ଧ

# ବଳି ପଡ଼ିଲେଣି ୯ ହଜାରରୁ ଊର୍ଦ୍ଧ୍ୱ



"ଦେଶ ରକ୍ଷା ଉଦ୍ଦେଶ୍ୟରେ ଦୀର୍ଘ ୫୦୦ ଦିନ ଧରି ଲଢ଼େଇ ଜାରି ରଖିଥିବା ପ୍ରତ୍ୟେକ ସୈନ୍ୟଙ୍କୁ ଧନ୍ୟବାଦ। ଯୁଦ୍ଧରେ ୟୁକ୍ରେନ୍‌ର ବିଜୟ ସୁନିଶ୍ଚିତ।

**–ଭୋଲୋଡିମିର ଜେଲେନ୍‌ସ୍କି, ୟୁକ୍ରେନ୍ ରାଷ୍ଟ୍ରପତି**



ରୁଷିଆ ମିସାଇଲ୍ ମାଡ଼ରେ ୟୁକ୍ରେନ୍‌ର ଡୋନେସ୍କଠାରେ କାର୍‌ଗୁଡ଼ିକ ଜଳିଯାଇଛି।

**କିଭ୍/ଜାତିସଂଘ, ୮।୭**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଶନିବାର ୫୦୦ ଦିନ ପୂରିଯାଇଛି। ଦୀର୍ଘ ଦିନ ଧରି ରୁଷିଆ ସେନାର କଡ଼ା ମୁକାବିଲା କରୁଥିବା ୟୁକ୍ରେନୀୟ ସେନା ଯବାନଙ୍କୁ କୃଷ୍ଣ ସାଗର ଦ୍ୱୀପରୁ ଏକ ଭିଡିଓ ଜାରି କରି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଖୁବ୍ ପ୍ରଶଂସା କରିଛନ୍ତି। ଯବାନଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, ସ୍ନେକ୍ ଆଇଲାଣ୍ଡ ବିଜୟର ସ୍ଥାନ ଯାହାକୁ କେବେହେଲେ ବିଜୟ ପ୍ରାପ୍ତ କରାଯାଇ ପାରିବ ନାହିଁ। ଏଠାରେ ଥିବା ଯବାନଙ୍କୁ ରୁଷିଆ ସେନା ପ୍ରଥମେ ଆତ୍ମସମର୍ପଣ କରିବାକୁ କହିଥିବାବେଳେ ସେନା ମୁଣ୍ଡ ନୁଆଁଇଁ ନ ଥିଲା। ରୁଷିଆର ଜବରଦଖଲ ପରେ ମଧ୍ୟ ୟୁକ୍ରେନ୍ ଏବେ ନିଜ ଭୂଖଣ୍ଡକୁ ପୁନଃ ଦଖଲ କରିବାରେ ସଫଳ ହୋଇଛି, ଯାହା ଦେଶ ପାଇଁ ଏକ ବଡ଼ ଉପଲବ୍ଧି। ଏହି ଲଢ଼େଇରେ ସାମିଲ ହୋଇଥିବା ପ୍ରତ୍ୟେକଙ୍କୁ ଜେଲେନ୍‌ସ୍କି ଧନ୍ୟବାଦ ଜଣାଇଛନ୍ତି। ଯୁଦ୍ଧରେ ୟୁକ୍ରେନର ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି। ଜେଲେନ୍‌ସ୍କି ଏବେ ତୁର୍କୀଗସ୍ତରେ ଥିବାବେଳେ ଭିଡିଓ ବାର୍ତ୍ତାକୁ କେତେବେଳେ ରେକର୍ଡ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ୨୦୨୨ ଫେବୃୟାରୀ ୨୪ରେ ରୁଷୀୟ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ। ୟୁକ୍ରେନ୍‌ର ସବୁଠୁ ବଡ଼ ବନ୍ଦର ଓଡେସା ଏବଂ ନୌସେନା ହେଡ୍ କ୍ୱାର୍ଟର୍ସକୁ କବଜା କରିବା ରୁଷିଆର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ୫୦୦ ଦିନରେ ପହଞ୍ଚିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ହେଉ ନ ଥିବାବେଳେ ଅଦ୍ୟାବଧି ୫୦୦ ଶିଶୁଙ୍କ ସମେତ ୯,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍‌ରେ ଥିବା ଜାତିସଂଘର ମାନବାଧିକାର ମନିଟରିଂ ମିଶନ୍ (ଏଚ୍‌ଆର୍‌ଏମ୍‌ଏମ୍‌ୟୁ) ପକ୍ଷରୁ ଶୁକ୍ରବାର କୁହାଯାଇଛି। ଯୁଦ୍ଧରେ ଗତବର୍ଷ ତୁଳନାରେ ଚଳିତ ବର୍ଷ କମ୍ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିଥିବା ଏଚ୍‌ଆର୍‌ଏମ୍‌ଏମ୍‌ୟୁର ଉପମୁଖ୍ୟ କନୋଏଲ କାଲହୋନ୍ କହିଛନ୍ତି। ଶନିବାର ରୁଷିଆ ମିଶାଇଲ ମାଡ଼ରେ ୟୁକ୍ରେନ ଲୀମନରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନୀୟ ଅନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପୂର୍ବାଞ୍ଚଳ ଡୋନେସ୍କର ଗଭର୍ନର ପାଭଲୋ କିରିଲେଙ୍କୋ ରୁଷିଆ ମିଶାଇଲରେ କ୍ଷତିଗ୍ରସ୍ତ ଅଞ୍ଚଳର ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ମୃତ ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ଶରୀରର ଅଙ୍ଗ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ୟୁକ୍ରେନ୍‌ରେ ଯୁଦ୍ଧ ସ୍ଥିତିକୁ ଦେଖିଲେ, ଉତ୍ତର-ଦକ୍ଷିଣାଞ୍ଚଳ ବଖମଟ ଓ ଡୋନେସ୍କ ଅଞ୍ଚଳର କିଛି ଭାଗକୁ ୟୁକ୍ରେନୀୟ ସେନା ଧୀରେ ଧୀରେ କବଜା କରିବା ଆରମ୍ଭ କରିଛନ୍ତି। ଯୁଦ୍ଧ ଭିତରେ ରୁଷିଆ ଅଧୀନରେ ଥିବା ଜାପୋରଝିଆ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟକୁ ଉଦ୍ଦେଶ୍ୟମୂଳକ ଭାବେ ନଷ୍ଟ କରିବାକୁ ଚାହୁଁଥିବା ରୁଷିଆ ଓ ୟୁକ୍ରେନ୍ ପରସ୍ପରକୁ ଦୋଷୀ କରିବାରେ ଲାଗିଛନ୍ତି। ଅନ୍ୟପକ୍ଷେ ଶନିବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଶୋଇଗୁ ଫାୟାରିଂ ରେଞ୍ଜ ପରିଦର୍ଶନ କରିଛନ୍ତି। ନାଟୋ ସମିଟ୍ ଆଲୋଚନାବେଳେ ଆମେରିକା ୟୁକ୍ରେନ୍‌କୁ ଯୁଦ୍ଧ ମୁକାବିଲା ପାଇଁ କ୍ଲଷ୍ଟର ମ୍ୟୁନିଶନ୍ସ ହତିଆର ଯୋଗାଇବା ନେଇ ଘୋଷଣା କରିଛି। ଏ ନେଇ ୟୁକ୍ରେନ ବହିର୍ବ୍ୟାପାର ମନ୍ତ୍ରୀ ଓଲେକ୍ସି ରେଜନିକୋଭ ଆମେରିକାକୁ ପ୍ରଶଂସା କରିବା ସହ ଏହି ଯୁଦ୍ଧାସ୍ତ୍ରକୁ ଗ୍ରାମାଞ୍ଚଳରେ ବ୍ୟବହାର କରାଯିବ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କ୍ଲଷ୍ଟର ମ୍ୟୁନିଶନ୍ସର ପ୍ରଭାବ ମସ୍କୋ ଉପରେ ପଡ଼ିବ ନାହିଁ ବୋଲି ରୁଷିଆ ପକ୍ଷରୁ କୁହାଯାଇଛି।

## ନେଦରଲାଣ୍ଡ୍ସ ସରକାର ଭାଙ୍ଗିଲା



ପ୍ରଧାନମନ୍ତ୍ରୀ ମାର୍କ ରୁଟେ

**ହେଗ୍, ୮।୭**

ନେଦରଲାଣ୍ଡ୍ସର ୪ ଦଳୀୟ ମେଣ୍ଟ ସରକାର ଭାଙ୍ଗିବା ପରେ ଶନିବାର ପ୍ରଧାନମନ୍ତ୍ରୀ ମାର୍କ ରୁଟେ ରାଜାଙ୍କୁ ଭେଟି ଇସ୍ତଫାପତ୍ର ଦେଇଛନ୍ତି। ପରିବାର ସହ ଗ୍ରୀସ୍‌କୁ ଛୁଟି କାଟିବାକୁ ଯାଇଥିବା ରାଜା ୱିଲେମ୍-ଆଲେକ୍‌ଜାଣ୍ଡାର ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ ଜାଣିବା ପରେ ଶନିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଇମିଗ୍ରେଶନ ନୀତିକୁ ନେଇ ମେଣ୍ଟ ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ସହମତି ହୋଇ ନ ପାରିବାରୁ ଶୁକ୍ରବାର ଡଚ୍ ସରକାର ଭାଙ୍ଗିଯାଇଥିଲା। ଇମିଗ୍ରେଶନ ପ୍ରସଙ୍ଗରେ ମତପାର୍ଥକ୍ୟ ଦୂର କରିବାରେ ଦଳଗୁଡ଼ିକ ବିଫଳ ହୋଇଥିଲେ। ଇମିଗ୍ରେଶନକୁ ନେଇ ପ୍ରଧାନମନ୍ତ୍ରୀ ରୁଟେ ନିକଟରେ ଆଣିଥିବା ପ୍ରସ୍ତାବକୁ ନେଇ ୧୮ ମାସ ପୂର୍ବେ ଗଠିତ ମେଣ୍ଟ ସରକାରରେ ମତଭେଦ ଦେଖାଯାଇଥିଲା। ଯୁଦ୍ଧ ଅଞ୍ଚଳର ଶରଣାର୍ଥୀମାନଙ୍କ ପାଇଁ ପରିବାର ସହ ପୁନଃମିଳନ ଅଧିକାର ଲାଗି ପ୍ରଧାନମନ୍ତ୍ରୀ ଧାର୍ଯ୍ୟ କରିଥିବା ସୀମାକୁ ମେଣ୍ଟ ସହଯୋଗୀ ଡି୬୬ ଏବଂ ଖ୍ରୀଷ୍ଟିଆନ ୟୁନିୟନ ଏହାକୁ ଗ୍ରହଣ କରି ନ ଥିଲେ।



ହରିୟାଣାର ସୋନିପତ ଜିଲାରେ ଶନିବାର କୃଷକଙ୍କ ସହିତ ଧାନ ରୋଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ଶେଷ ରାସାୟନିକ ଅସ୍ତ୍ର ଧ୍ୱଂସକଲା ଆମେରିକା

**ୱାଶିଂଟନ, ୮।୭**

ଆମେରିକା ଏହାର ରାସାୟନିକ ଅସ୍ତ୍ର ଭଣ୍ଡାରର ଶେଷ ଅସ୍ତ୍ରକୁ ନିରାପଦର ସହ ଧ୍ୱଂସ କରିଦେଇଥିବା ରାଷ୍ଟ୍ରପତି ଜୋ ବାଇଡେନ୍ ଶୁକ୍ରବାର ଘୋଷଣା କରିଛନ୍ତି। ବିଶ୍ୱକୁ ରାସାୟନିକ ଅସ୍ତ୍ରରୁ ମୁକ୍ତି ଲକ୍ଷ୍ୟର ଆମେ ଗୋଟିଏ ପାଦ ନିକଟତର ହୋଇଛେ ବୋଲି ବାଇଡେନ୍ କହିଛନ୍ତି। ପ୍ରଥମ ବିଶ୍ୱଯୁଦ୍ଧରେ ବହୁଳ ବ୍ୟବହୃତ ଏହି ମାରାତ୍ମକ ଅସ୍ତ୍ରକୁ ଧ୍ୱଂସ କରିଦେବା ଲାଗି ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଉଦ୍ୟମର ଅବସାନ ଘଟିଛି। ରାସାୟନିକ ଅସ୍ତ୍ର ଧ୍ୱଂସ ଲାଗି କେମିକାଲ ୱିପନ୍ କନ୍‌ଭେନ୍‌ଶନରେ ନିଷ୍ପତ୍ତି ହୋଇଥିବାବେଳେ ୧୯୯୭ରେ ଆମେରିକା ସିନେଟ୍ ଏହାକୁ ମଞ୍ଜୁରୀ ଦେଇଥିଲା। ଉକ୍ତ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ରାସାୟନିକ ଅସ୍ତ୍ର ଧ୍ୱଂସ କରିବା ଆବଶ୍ୟକ। କଲରାଡୋର ପୁବ୍ଲୋସ୍ଥିତ ଆମେରିକା ସେନାର ରାସାୟନିକ ଡିପୋ ଏବଂ କେଣ୍ଟୁକିର ରିଚ୍‌ମଣ୍ଡସ୍ଥିତ ବ୍ଲ୍ୟୁ ଗ୍ରାସ୍ ଆର୍ମି ଡିପୋରେ ଥିବା ଅସ୍ତ୍ରଗୁଡ଼ିକୁ ଧ୍ୱଂସ କରାଯାଇଥିଲା। ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ ରିପୋର୍ଟ ଅନୁଯାୟୀ ୧୯୬୮ରେ ଆମେରିକା ପାଖରେ ପାଖାପାଖି ୪୦ ହଜାର ଟନ୍ ରାସାୟନିକ ଅସ୍ତ୍ର ରହିଥିଲା।

## ଝିଅଙ୍କ ଛାତି ମାପିବେ ଖଟ୍ଟାର ସରକାର: କଂଗ୍ରେସ

**ଚଣ୍ଡିଗଡ଼, ୮।୭**

ହରିୟାଣାରେ ଫରେଷ୍ଟ ରେଞ୍ଜର ଏବଂ ଡେପୁଟି ରେଞ୍ଜର ପଦବୀରେ ନିଯୁକ୍ତି ଲାଗି ମହିଳା ପ୍ରାର୍ଥୀମାନଙ୍କ ଛାତି ମାପ ନେବା ପାଇଁ ହରିୟାଣା ସରକାର ନୂଆ ନିୟମ ଆଣି ବିବାଦ ଘେରକୁ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାରଙ୍କ ନେତୃତ୍ୱାଧୀନ ସରକାରଙ୍କ ଏହି ତୋଗଲକି ନିର୍ଦ୍ଦେଶନାମାକୁ ବରିଷ୍ଠ କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା ନିନ୍ଦା କରିଛନ୍ତି। ୧୨ ତାରିଖରୁ ସିଇଟି ପ୍ରାର୍ଥୀମାନଙ୍କ ଶାରୀରିକ ମାପ ଆରମ୍ଭ କରିବା ଲାଗି ହରିୟାଣା ସରକାର ୭ ତାରିଖରେ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଫରେଷ୍ଟ ରେଞ୍ଜର



ରଣଦୀପ୍ ସୁର୍ଜେୱାଲା

ଏବଂ ଡେପୁଟି ରେଞ୍ଜର ଓ ଫରେଷ୍ଟର ପଦବୀ ପାଇଁ ମହିଳା ପ୍ରାର୍ଥୀଙ୍କ ଛାତି ମାପ ନେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରାର୍ଥୀଙ୍କ ଅଣସମ୍ପ୍ରସାରିତ ଛାତି ମାପ ୭୪ ସେଣ୍ଟିମିଟର ଓ ସମ୍ପ୍ରସାରିତ ଛାତି ମାପ ୭୯ ସେଣ୍ଟିମିଟର ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏପରିକି ହରିୟାଣାରେ ମହିଳା ପୋଲିସ କନ୍‌ଷ୍ଟେବଲ ଏବଂ ଏସ୍‌ଆଇ ନିଯୁକ୍ତି ପାଇଁ ଛାତି ମାପ ନିଆଯାଏ ନାହିଁ। ଏହା ଖଟ୍ଟାରଜୀ-ଦୁଷ୍ୟନ୍ତ ଚୌଟାଲା ଜାଣିନାହାନ୍ତି କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳରେ ମଧ୍ୟ ମହିଳାଙ୍କ ଛାତି ମାପ ନେବା ନିୟମ ନାହିଁ। ଏଥିପାଇଁ ବରିଷ୍ଠ କଂଗ୍ରେସ ନେତା କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ରାଜ୍ୟ ସରକାର ଉକ୍ତ ନିୟମ ପ୍ରତ୍ୟାହାର କରିନେବାକୁ ଦାବି କରିଛନ୍ତି। ନିଯୁକ୍ତି ପାଇଁ ହରିୟାଣାର ଝିଅମାନଙ୍କୁ ଅପମାନିତ କରିବା ନିଷ୍ଠୁର, ପିଲାଳିଆମୀ ଏବଂ ନିର୍ବୋଧତା। ଏଥିପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ସୁର୍ଜେୱାଲା କହିଛନ୍ତି।

## ପାକ୍ ମହିଳା ଗୁପ୍ତଚରଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ପ୍ରତିରକ୍ଷା ବିଜ୍ଞାନୀ

**ପୁଣେ, ୮।୭**

ଜରା ଦାସଗୁପ୍ତା ଉପନାମ ବ୍ୟବହାର କରୁଥିବା ପାକିସ୍ତାନୀ ଗୋଇନ୍ଦା ସଂସ୍ଥାର ମହିଳା ଅପରେଟିଭ୍‌ଙ୍କ ପ୍ରତି ଡିଆର୍‌ଡିଓ ବୈଜ୍ଞାନିକ ପ୍ରଦୀପ କୁରୁଲକର ଆକର୍ଷିତ ହୋଇଥିଲେ। ସେ ଉକ୍ତ ମହିଳାଙ୍କ ସହ ଭାରତୀୟ ମିସାଇଲ ସିଷ୍ଟମ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ରୋଜେକ୍ଟ ସମ୍ପର୍କରେ ଚାଟିଂ କରୁଥିଲେ ବୋଲି ଚାର୍ଜଶିଟ୍‌ରେ



ପ୍ରଦୀପ କୁରୁଲକର

କୁହାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର

**ମିସାଇଲ ଗୁପ୍ତ ତଥ୍ୟ ଦେଇଥିଲେ**

ପୁଣେସ୍ଥିତ ଲାବ୍‌ରେ ନିର୍ଦ୍ଦେଶକ ଥିବା କୁରୁଲକରଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଅଭିଯୋଗରେ କୁରୁଲକରଙ୍କୁ ଗତ ମେ' ୩ରେ ଗିରଫ କରାଯାଇଥିଲା। ଏବେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

## ଶିନ୍ଦେ ସେନାର ୪୦, ଉଦ୍ଧବ କ୍ୟାମ୍ପର ୧୪ ବିଧାୟକଙ୍କୁ ବାଚସ୍ପତିଙ୍କ ନୋଟିସ

**ମୁମ୍ବାଇ, ୮।୭**

ଗତବର୍ଷ ଜୁନ୍‌ରେ ମହାରାଷ୍ଟ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଶିବସେନାର ଏକନାଥ ଶିନ୍ଦେ ଓ ଅନ୍ୟ ୧୫ ବିଧାୟକଙ୍କ ବିଦ୍ରୋହ ଫଳରେ ମହାବିକାଶ ଅଘାଡ଼ି ସରକାର ଭାଙ୍ଗିଯାଇଥିଲା। ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ହୋଇଥିବା ଆବେଦନ ଉପରେ ବିଧାନସଭା ବାଚସ୍ପତି ରାହୁଲ ନର୍‌ୱେକର ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ୪୦ ବିଧାୟକ ଏବଂ ଠାକ୍‌ରେ ଗୋଷ୍ଠୀର ୧୪ ବିଧାୟକଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ସେମାନଙ୍କୁ ୭ ଦିନ ମଧ୍ୟରେ ଆବଶ୍ୟକ ତଥ୍ୟ ପ୍ରମାଣ ସହ ଜବାବ ଦାଖଲ କରିବାକୁ କୁହାଯାଇଛି। ତେବେ ଉଦ୍ଧବ ଠାକ୍‌ରେଙ୍କ ପୁଅ ଏବଂ ଅନ୍ଧେରୀ (ପୂର୍ବ) ଆସନରୁ ଶିବସେନା (ୟୁବିଟି) ଟିକେଟରେ ଉପନିର୍ବାଚନ ଜିତିଥିବା ରୁତୁଜା ଲାଟ୍‌କେଙ୍କୁ ନୋଟିସ ପଠାଯାଇ ନାହିଁ। ନିର୍ବାଚନ କମିଶନଙ୍କଠାରୁ ବାଚସ୍ପତି ଶିବସେନା ସମ୍ବିଧାନର ନକଲ ପାଇବା ପରେ ନୋଟିସ ପଠାଇଛନ୍ତି। ୧୬ ଶିବସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଅଦାଲତରେ ଦାଏର ପିଟିଶନ୍‌ର ଖୁବ୍‌ଶୀଘ୍ର ଶୁଣାଣି ହେବାକୁ ଯାଉଛି।

## ଯୁବକଙ୍କୁ ମାଡ଼ ମାରି ପାଦ ଚଟାଇଲେ

**ଗ୍ୱାଲିୟର, ୮।୭**

ମଧ୍ୟପ୍ରଦେଶର ସିଧିରେ ଆଦିବାସୀ ଶ୍ରମିକଙ୍କ ଉପରେ ପରିସ୍ରା କରିବା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ଗ୍ୱାଲିୟର ଜିଲାରେ ଏକ ଚଳନ୍ତା କାର୍‌ରେ ଜଣେ ଯୁବକଙ୍କୁ ମାଡ଼ ମରାଯିବା ସହ ଅନ୍ୟ ଜଣକ ପାଦ ଚଟାଇବାର ଭିଡିଓ ସାମନାକୁ ଆସିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା କହିଛନ୍ତି। ଆକ୍ରମଣକାରୀ ଓ ପୀଡ଼ିତ ଗ୍ୱାଲିୟର ଜିଲା ଡାବ୍ରା ସହରର ବାସିନ୍ଦା। ଅଭିଯୁକ୍ତମାନେ ପୀଡ଼ିତଙ୍କୁ ବାରମ୍ବାର ଚାପୁଡ଼ା ମାରିବା ସହ ଗାଳିଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଅନ୍ୟ ଭିଡିଓରେ ପୀଡ଼ିତଙ୍କୁ ଜୋତାରେ ପିଟାଯାଉଥିବା ଦେଖାଯାଇଛି। ଉକ୍ତ ଭିଡିଓ ଫୋରେନ୍‌ସିକ ପରୀକ୍ଷା ପାଇଁ ପଠାଯାଇଛି। ପୀଡ଼ିତଙ୍କ ପରିବାରର ଅଭିଯୋଗକ୍ରମେ ଅପହରଣ ଓ ମାଡ଼ ମାରିବା ନେଇ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।

# ପ୍ରବଳ ବର୍ଷାରେ ଦିଲ୍ଲୀ ଜଳାର୍ଣ୍ଣବ

**ନୂଆଦିଲ୍ଲୀ/ଶିମଳା/ ଶ୍ରୀନଗର, ୮।୭**

ଜାତୀୟ ରାଜଧାନୀ ଦିଲ୍ଲୀରେ ଶନିବାର ପ୍ରବଳ ବର୍ଷା ଯୋଗୁ ରାସ୍ତା ଜଳାର୍ଣ୍ଣବ ହୋଇଯାଇଥିଲା। ସଫଦରଗଞ୍ଜ ଅଞ୍ଚଳରେ ସକାଳ ୮ଟା ୩୦ ମିନିଟ୍‌ରୁ ଅପରାହ୍ନ ୨ଟା ୩୦ ମିନିଟ୍ ମଧ୍ୟରେ ୯୮.୭ ମିଲିମିଟର (ଏମ୍.ଏମ୍.)ବର୍ଷା ରେକର୍ଡ କରାଯାଇଥିବାବେଳେ ଲୋଧି ରୋଡ୍‌ରେ ୯୨ ଏମ୍.ଏମ୍ ଏବଂ ଦିଲ୍ଲୀ ୟୁନିଭର୍ସିଟି ରୋଡ୍‌ରେ ୧୧୧.୪ ଏମ୍.ଏମ୍.

- ଭୂସ୍ଖଳନରେ ଭାଙ୍ଗିଲା ଜମ୍ମୁ-ଶ୍ରୀନଗର ହାଇୱେ
- ହିମାଚଳ ପ୍ରଦେଶର ୭ ଜିଲାରେ ରେଡ୍ ଆଲର୍ଟ

ବର୍ଷା ହୋଇଥିବା ଦିଲ୍ଲୀ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ରାସ୍ତାଘାଟ ଚାରିଆଡ଼ ବର୍ଷା ଜଳ ଭର୍ତ୍ତି ହୋଇଯିବା ଯୋଗୁ ମିଣ୍ଟୋ ବ୍ରିଜ୍ ନିକଟରେ ବନ୍ୟା ସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ମଞ୍ଜୁ କା ଟିଲା, ରୋହତକ ରୋଡ୍ ଏବଂ ରିଙ୍ଗ ରୋଡ୍‌ରେ ପାଣିଜମିବା ଯୋଗୁ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



ମୌସୁମୀ ବର୍ଷା ଯୋଗୁ ଶନିବାର ଦିଲ୍ଲୀ ରାସ୍ତାରେ ପାଣି ଜମିବା ପରେ ଜଣେ ରିକ୍ସାବାଲା ସେହି ବାଟେ ଯାଉଛନ୍ତି।

ପ୍ରବଳ ବର୍ଷା ଯୋଗୁ ହିମାଚଳ ପ୍ରଦେଶର ୭ ଜିଲା ଉନା, ହାମିରପୁର, ବିଲାସପୁର, ଚମ୍ବା, କଙ୍ଗରା, କୁଲ୍ଲୁ ଏବଂ ମଣ୍ଡିରେ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଶିମଲା, ସୋଲାନ ଏବଂ ସିରମୌରରେ ଓରେଞ୍ଜ ୱାର୍ନିଂ ଏବଂ ଲାହୁଲ, ସ୍ପିତିରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

ପ୍ରବଳ ବର୍ଷା ଯୋଗୁ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ ଘଟି ଜମ୍ମୁ-ଶ୍ରୀନଗର ହାଇୱେ ଭାଙ୍ଗିଯାଇଛି। ଦୁଇ ଟନେଲକୁ ସଂଯୋଗ କରୁଥିବା ସଡ଼କ ବର୍ଷା ପାଣିରେ ଧୋଇ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ରାସ୍ତା ସଫା କାର୍ଯ୍ୟ ଚାଲିଥିବା ଟ୍ରାଫିକ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ମରାମତି କାମ ଶେଷ ନ ହେବା ପର୍ଯ୍ୟନ୍ତ ହାଇୱେରେ ଯାତାୟାତ ନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରଦେଶରେ ରବିବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ସତର୍କ କରିଛି।

## ରେଳ ଲାଇନ୍‌କୁ ଗଡ଼ିଗଲା ବସ୍, ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ

**ସମ୍ବଲପୁର,୮।୭(ଶୁଭାଶିଷ ପାଢ଼ୀ):** ଭୁବନେଶ୍ୱରରୁ ବରଗଡ଼ ଯାଉଥିବା ଏକ ନାଇଟ୍ କୋଚ ବସ୍ ଶନିବାର ଭୋର ସମୟରେ ଦୁର୍ଘଟଣାର ଶିକାର ହୋଇଛି। ସମ୍ବଲପୁର ରେଳ ଷ୍ଟେଶନଠାରୁ ପ୍ରାୟ ୨କି.ମି. ଦୂର ଲକ୍ଷ୍ମୀଡୁଙ୍ଗୁରୀ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ରେଳଲାଇନକୁ ମାଡିଯାଇଥିଲା। ଏଥିରେ ବସ୍‌ର ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଥିବାବେଳେ ୩ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।




# ଚନ୍ଦକା ଥାନାରେ ୩ ଅଭିଯୁକ୍ତଙ୍କୁ ଘନଘନ ଜେରା

**ଖୋଜା ଚାଲିଛି ବାହାନଗା ଟ୍ରେନ୍ ଦୁର୍ଘଟଣା ପଛର ସତ**

- ଆଉଜଣେ ରେଳ କର୍ମଚାରୀଙ୍କୁ ସିବିଆଇର ସମନ
- ସ୍କାନରରେ ଷ୍ଟେଶନ ମାଷ୍ଟର
- ଷଡ଼ଯନ୍ତ୍ର ଦିଗକୁ ନେଇ ଖୋଲତାଡ଼

ଭୁବନେଶ୍ୱର, ୮।୭
(ସୂର୍ଯ୍ୟକାନ୍ତ ବେହେରା/ଅଭିଜିତ୍ ଦାସ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣା ମାମଲାରେ ଗିରଫ ହୋଇଥିବା ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କୁ ୫ଦିନିଆ ରିମାଣ୍ଡରେ ଆଣି ଅଧିକ ଖୋଲତାଡ଼ କରୁଛି ସିବିଆଇ। ଏହି ୩ ଅଭିଯୁକ୍ତଙ୍କଠାରୁ ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ଲାଗି ସିବିଆଇର ୫ ଜଣିଆ ଟିମ୍ ପୂରା ଲାଗି ପଡ଼ିଛି। ଶୁକ୍ରବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ରିମାଣ୍ଡ ଅନୁମତି ପାଇବା ପରେ ଅଭିଯୁକ୍ତମାନଙ୍କୁ ଚନ୍ଦକା ଥାନାକୁ ନିଆଯାଇ ପଚରାଉଚରା ଆରମ୍ଭ କରାଯାଇଥିଲା। ଶନିବାର ଦ୍ୱିତୀୟ ଦିନରେ ସେଠାରେ ସିବିଆଇ ଅଧିକାରୀମାନେ ସମସ୍ତଙ୍କୁ ଘନଘନ ଜେରା କରିଛି। ତ୍ରୁଟି ନିର୍ଦ୍ଦିଷ୍ଟ ଭାବେ କେଉଁଠି ହୋଇଥିଲା? ଦୁର୍ଘଟଣା ପଛରେ ଅନ୍ୟ କେହି ସଂପୃକ୍ତ ଅଛନ୍ତି କି? ବ୍ୟକ୍ତିଗତ ସ୍ତରରେ ଅବହେଳା ନା ଅନ୍ୟ କାହା ପ୍ରଭାବରେ ଅଭିଯୁକ୍ତମାନେ ଏପରି କରିଛନ୍ତି ତା'କୁ ନେଇ ଜୋରଦାର ତଦନ୍ତ କରୁଛି ସିବିଆଇ। ପୁଣି ଅଭିଯୁକ୍ତମାନେ କିପରି ଅବହେଳାର ପ୍ରମାଣ ଲୁଚାଇଥିଲେ ତାହାର ଟିକିନିଖି ତଥ୍ୟ ରଖିବାକୁ ସିବିଆଇ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡିଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୦୪ (ହତ୍ୟା ଉଦ୍ଦେଶ୍ୟ ନ ଥାଇ କାର୍ଯ୍ୟରେ ଅବହେଳା ଯୋଗୁ ଜାଣିଶୁଣି ମରଣ ମୁହଁକୁ ଠେଲି ଦେବା), ୨୦୧ (ପ୍ରମାଣ ନଷ୍ଟ) ଏବଂ ୧୫୩ ରେଲ୍‌ୱେ ଆକ୍ଟ ଲାଗିଛି। ବିଶେଷକରି ୩୦୪ ଓ ୨୦୧ ଦଫାକୁ ସାବ୍ୟସ୍ତ କରିବା ଏବେ ସିବିଆଇ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହୋଇପଡିଛି। ଅପରପକ୍ଷେ ଅଭିଯୁକ୍ତଙ୍କ ବୟାନ ଆଧାରରେ ସିବିଆଇ ଆଉଜଣେ ରେଳ କର୍ମଚାରୀଙ୍କୁ ସମନ କରିଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଉକ୍ତ ଅଧିକାରୀ ସିବିଆଇ ଜେରାର ସମ୍ମୁଖୀନ ହୋଇପାରନ୍ତି। ଏପରିକି ଏତେବଡ଼ ଦୁର୍ଘଟଣା ଘଟିଥିବା ବାହାନଗା ରେଳ ଷ୍ଟେଶନର ଷ୍ଟେଶନର ମାଷ୍ଟରଙ୍କ ଭୂମିକାକୁ ନେଇ ମଧ୍ୟ ଆଲୋଚନା ଚାଲିଥିବାରୁ ସେ ମଧ୍ୟ ସିବିଆଇ ସ୍କାନରରେ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଜୁନ ୨ ସନ୍ଧ୍ୟାରେ ଏହି ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୯୩ ଛୁଇଁଥିବାବେଳେ ଏବେବି ଅନେକ ଆହତ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।



### ଅନ୍ୟ ଅଧିକାରୀଙ୍କ ମନରେ ଛନକା

ଟ୍ରେନ୍ ଦୁର୍ଘଟଣା ମାମଲାରେ ବାହାନଗା ବଜାର ରେଳ ଷ୍ଟେଶନର ୩ଜଣ ଅଧିକାରୀ ଗିରଫ ହେବାପରେ ଦକ୍ଷିଣପୂର୍ବ ରେଳପଥ ଡିଭିଜନର ଅନେକ ଅଧିକାରୀଙ୍କ ମନରେ ଛନକା ପଶିଛି। କେତେବେଳେ ବି ସିବିଆଇ ସେମାନଙ୍କୁ ଡାକିପାରେ ବା ଗିରଫ କରିପାରେ। ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମୀର ଖାନ୍ ଓ ଟେକ୍ନିସିଆନ ପପୁ କୁମାରଙ୍କ ସରକାରୀ ବାସଭବନରେ ତାଲା ଝୁଲୁଥିବାବେଳେ ଅନେକ ଅଧିକାରୀଙ୍କୁ ସିବିଆଇ ନିଜ ସ୍କାନରରେ ରଖିଛି। ଜଣେ ଅବସରପ୍ରାପ୍ତ ରେଳ ଅଧିକାରୀଙ୍କ ସୂଚନା ଅନୁଯାୟୀ. ଇଲେକ୍ଟ୍ରିକ୍ ଲିଫ୍ଟିଙ୍ଗ୍ ବ୍ୟାରିଅର ପରିବର୍ତ୍ତନ କରାଯିବା ପୂର୍ବରୁ ତାହାର ଠିକ୍ ଭାବରେ ବାରମ୍ବାର ପରୀକ୍ଷା କରାଯାଇଥାଏ। ଉକ୍ତ କାର୍ଯ୍ୟରେ ଟେକ୍ନିସିଆନ ସମେତ ସେକ୍ସନ ଇଞ୍ଜିନିୟର, ସିନିୟର ସେକ୍ସନ ଇଞ୍ଜିନିୟର ଓ ଷ୍ଟେଶନ ମାଷ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥାନ୍ତି। ଦୁର୍ଘଟଣା ପାଇଁ କେବଳ ଫିଲ୍ଡ କର୍ମଚାରୀଙ୍କୁ ନୁହେଁ, ଡିଭିଜନାଲ ସିଗ୍‌ନାଲିଂ ଟେଲିକମ୍ୟୁନିକେଶନ ଇଞ୍ଜିନିୟର ଓ ଚିଫ୍ ସିଗ୍‌ନାଲ ଟେଲିକମ୍ୟୁନିକେଶନ ଇଞ୍ଜିନିୟରଙ୍କର ମଧ୍ୟ ପ୍ରମୁଖ ଭୂମିକା ଥାଏ। ପୂର୍ବରୁ ତ୍ରୁଟି ଦେଖାଯାଇଥିବା ସତ୍ତ୍ୱେ ମଧ୍ୟ ଠିକ୍ ଭାବରେ କେହି କାର୍ଯ୍ୟ କରି ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଛି। ତେଣୁ ସିବିଆଇ ଯାହାର ତ୍ରୁଟି ଥିବା ଜାଣିବ ସମସ୍ତଙ୍କୁ ଗୋଟିଗୋଟି କରି ଟାଣିନେବ ବୋଲି ପୂର୍ବତନ ଅଧିକାରୀ କହିଛନ୍ତି।

# ଜାତୀୟ ଶିକ୍ଷା ନୀତିରେ ଦିବ୍ୟାଙ୍ଗଙ୍କ ବିକାଶ ପ୍ରାଥମିକତା: ଧର୍ମେନ୍ଦ୍ର

**ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସକୁ ମିଳିଲା ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା**



ଭୁବନେଶ୍ୱର,୮।୭(ଅନିଲ ଦାସ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସ(ଆଇଏଚ୍‌ଏସ୍) ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଏହି ଅନୁଷ୍ଠାନକୁ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବରେ ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନକୁ ୟୁନିଭରସିଟି ଗ୍ରାଣ୍ଟ୍ କମିଶନ(ୟୁଜିସି) ସ୍ୱତନ୍ତ୍ର ବର୍ଗରେ ଅଟୋନୋମସ କଲେଜ ଭାବରେ ମାନ୍ୟତା ଦେଇଛି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କ୍ୟାମ୍ପସ ପରିସରରେ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଥିବା ମଡେଲ୍ ସେଣ୍ଟର, ଇଣ୍ଟିଗ୍ରେଟେଡ ରିହାବିଲିଟେଶନ ସେଣ୍ଟର, କ୍ଲିନିକ୍ ବ୍ଲକ, ଏକାଡେମିକ ବ୍ଲକ, ବାଲମୁକୁନ୍ଦ ରେହାବ ହସ୍ପିଟାଲ ବୁଲି ଦେଖିବା ସହ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏବଂ ପ୍ରଶିକ୍ଷକମାନଙ୍କୁ ଭେଟିଛନ୍ତି। ସେ କହିଛନ୍ତି, ଶିକ୍ଷାନୁଷ୍ଠାନର ଅନୁକୂଳ ଶୈକ୍ଷିକ ବାତାବରଣରେ ଦିବ୍ୟାଙ୍ଗମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ବିଭିନ୍ନ ଚିକିତ୍ସା, ଥେରାପି ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ ଖୁବ୍ ପ୍ରଶଂସନୀୟ। ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଞ୍ଚଳରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପରିଣତ ହେଉଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସକୁ ୟୁଜିସି ବିଶେଷବର୍ଗରେ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ମାନ୍ୟତା ପ୍ରଦାନ କରାଯିବା ଖୁସିର ବିଷୟ। ୨୫ ବର୍ଷ ଧରି ଦିବ୍ୟାଙ୍ଗମାନଙ୍କୁ ପାଠ ପଢ଼ାଇବା ସହ ମଣିଷ ତିଆରି କାମରେ ଲାଗିଥିବା ଏହି ଅନୁଷ୍ଠାନକୁ ଆଗକୁ ନେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗଙ୍କ ପରିଭାଷା ବଦଳାଇଛନ୍ତି। ମୋଦି ସରକାରରେ ଦିବ୍ୟାଙ୍ଗମାନଙ୍କୁ ଉଚିତ ସମ୍ମାନ ମିଳିଛି। ବିଶେଷ ଭାବରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ହେବା ପରେ ଏହା ଉପରେ ଧ୍ୟାନ ଦେବା ଭାରତ ସରକାରଙ୍କ ପ୍ରାଥମିକତାର ବିଷୟ ହୋଇଛି। ଏହି ଅନୁଷ୍ଠାନରେ ଅଧ୍ୟୟନରତ ଦିବ୍ୟାଙ୍ଗମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ବ୍ୟତୀତ ସମ୍ମାନର ସହ କୁଶଳୀ କରି ସେମାନଙ୍କୁ ରୋଜଗାର ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ବ୍ୟବସ୍ଥା କରାଯିବ। ଶିକ୍ଷକଙ୍କୁ ପ୍ରଶିକ୍ଷଣ ସହ ଭିତ୍ତିଭୂମିର ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ। ଏହି ଅନୁଷ୍ଠାନକୁ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମାଥିଲି: ଅବକାରୀ ଥାନା ହାଜତରେ ମହିଳାଙ୍କ ଆତ୍ମହତ୍ୟା

ମାଲକାନଗିରି/ମାଥିଲି, ୮।୭
(ନୃସିଂହ ଚରଣ ମହାନ୍ତି/ସୁବାସ ଚନ୍ଦ୍ର ଖୁଡୁପିଆ)

ଅବକାରୀ ଥାନା ହାଜତରେ ଶୁକ୍ରବାର ରାତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ କେବଳ ପ୍ରୀତି। ଘର ଏମ୍‌ଭି-୬୬ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଅବକାରୀ ଥାନା ପୋଲିସ ତାଙ୍କୁ ଧରି ଆଣି ହାଜତରେ ରଖିଥିଲା।

ଖବରରୁ ଜଣାପଡ଼ିଛି, ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କମଲାପଦର ନିକଟରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଗୋବିନ୍ଦପାଲି ଘାଟି ରାସ୍ତାରେ ଧରପଗଡ଼ କରୁଥିଲା। ଏହି ସମୟରେ ପ୍ରୀତିଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ତାଙ୍କ ନିକଟରେ ଥିବା ଏକ ବ୍ୟାଗ୍‌କୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୧୦ କେ.ଜି. ବୋଲି ଜଣାପଡ଼ିଛି। ପରେ ପୋଲିସ ପ୍ରୀତିଙ୍କୁ ଗିରଫ କରି ଅବକାରୀ ଥାନାକୁ ଆଣିଥିଲା। ତେବେ ରାତି ହୋଇଯାଇଥିବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇପାରି ନ ଥିଲା। ସେ ଅବକାରୀ ଥାନା ହାଜତରେ ଥିଲେ। ପ୍ରୀତିଙ୍କ ସମ୍ପର୍କରେ ଅଧିକ ସୂଚନା ଦେଇ ଅବକାରୀ ଥାନା ଅଧିକାରୀ ରବୀନ୍ଦ୍ରନାଥପ୍ରଧାନ କହିଛନ୍ତି, କିଛି ବର୍ଷ ତଳେ ପ୍ରୀତି ଉତ୍ତର ପ୍ରଦେଶରେ ସୁରେଶ ନାମକ ଜଣେ ଯୁବକଙ୍କୁ ବିବାହ କରି ସେଠାରେ ରହୁଥିଲେ। ସେ ଦୀର୍ଘ ବର୍ଷ ହେବ ଚିତ୍ରକୋଣ୍ଡା ଅଞ୍ଚଳରୁ ଗଞ୍ଜେଇ ଆଣି ଜୟପୁରର ଏକ ସ୍ଥାନରେ ୨ଜଣ ବ୍ୟକ୍ତିଙ୍କୁ ଦେଇଥାନ୍ତି। ସେମାନଙ୍କଠାରୁ ପ୍ରୀତି ୧୦ହଜାର ଟଙ୍କା ପାଇଥାନ୍ତି। ଅବକାରୀ ପୋଲିସ ପ୍ରୀତିଙ୍କୁ ଗିରଫ ପରେ ମହିଳା ହାଜତରେ ରଖିଥିଲେ। ଶୁକ୍ରବାର ରାତିରେ ପ୍ରୀତି ଖାଇ ସାରିବା ପର୍ଯ୍ୟନ୍ତ ଥାନା ଭିତରେ ବୁଲୁଥିଲେ। ପରେ ତାଙ୍କୁ ରାତିରେ ଶୋଇବା ପାଇଁ କୁହାଯାଇଥିଲା। ସେ ମହିଳା ହାଜତ ଭିତରେ ଶୋଇବା ପରେ ହଜାତ ତାଲା ପକାଇ କର୍ମଚାରୀମାନେ ତାଙ୍କୁ ଜଗି ରହିଥିଲେ। ମାତ୍ର ସକାଳୁ ପ୍ରୀତି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସେ ହଜାତ ଭିତରେ ବେକରେ ଓଢଣୀ ବାନ୍ଧି ଝୁଲୁଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରୀତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥିତି ଅନୁଧ୍ୟାନ ପରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡ଼ିଏସ୍‌ପି ସଚିନ ପଟେଲ ଓ ସାଇଣ୍ଟିଫିକ ଟିମ ମାଥିଲି ଅବକାରୀ ଥାନାରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ପ୍ରୀତଙ୍କ ପରିବାର ଲୋକଙ୍କୁ ଖବର ପଠାଯାଇଛି। ପରିବାର ଲୋକେ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

ଯାଜପୁର ଟାଉନ/ଯାଜପୁର ସଦର,୮।୭(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ସମର ବିଜୟ ଶରଣ)

ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଛନ୍ତି। ଯାଜପୁର ସଦର ଥାନା ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତ କତରାପୁର ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, କତରାପୁରର ବିଷ୍ଣୁଚରଣ ଗୁଇଁଙ୍କ ଝିଅ ମଧୁସ୍ମିତା ୨୦୨୧ରେ ମଲପଡ଼ା ଗ୍ରାମର ଆଲୋକ ମିଶ୍ରଙ୍କୁ ପ୍ରେମବିବାହ କରିଥିଲେ। ସେମାନଙ୍କର ଏକ ୭ ମାସର କନ୍ୟାସନ୍ତାନ ରହିଛି। କିଛି ଦିନ ତଳେ ଉଭୟଙ୍କ ମଧ୍ୟରେ ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଝଗଡ଼ା ଲାଗିଥିଲା। ତେଣୁ ମଧୁସ୍ମିତା ୭ ଦିନ ହେବ ବାପଘରେ ଆସି ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ମଧୁସ୍ମିତା ଓ ଆଲୋକଙ୍କ ମଧ୍ୟରେ ଫୋନ୍‌ରେ ଝଗଡ଼ା ହୋଇଥିଲା। ପରେ ରାତି ପ୍ରାୟ ୧୦ଟାରେ ମଧୁସ୍ମିତା ଆଲୋକଙ୍କୁ ଫୋନ୍‌ରେ ବାପ ଘରକୁ ଡକାଇଥିଲେ। ରାତିରେ ସମସ୍ତ ପରିବାର ସଦସ୍ୟ ଖିଆପିଆ କରି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧ଟାରେ ବିଷ୍ଣୁଚରଣ ବାହାରକୁ ଉଠି ଦେଖିଲା ବେଳକୁ ଝିଅଜ୍ୱାଇଁ ଶୋଇଥିବା ଘର କବାଟ ଖୋଲା ଥିଲା, ହେଲେ ଝିଅ ଜ୍ୱାଇଁ ନ ଥିଲେ। ତେଣୁ ସେ ଆଲୋକଙ୍କୁ ଫୋନ୍‌ରେ ଘରକୁ ଡକାଇ ଝିଅ ଖବର ପଚାରିବାରୁ ଆଲୋକ ମଧୁସ୍ମିତାଙ୍କୁ ମାରି ପାଖ ପୋଖରୀରେ ପକାଇ ଦେଇଥିବା ସ୍ୱୀକାର କରିଥିଲେ। ପରିବାର ଲୋକେ ମଧୁସ୍ମିତାଙ୍କୁ ପୋଖରୀରୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତା ଘୋଷଣା କରିଥିଲେ। ବିଷ୍ଣୁଚରଣଙ୍କ ଏତଲା ପରେ ସଦର ଥାନାରେ ମାମଲା (ନଂ.୧୭୨/୨୩)ରେ ରୁଜୁ ହୋଇଛି।

## ୭ ଜିଲାରେ ବର୍ଷା ସମ୍ଭାବନା

**୧୪ ଜିଲାରେ ନିଅଣ୍ଟିଆ ବର୍ଷା**

**ଭୁବନେଶ୍ୱର,୮।୭(ଅନିଲ ଦାସ):** ଗତ ଦୁଇଦିନ ହେବ ପାଗ ମେଘୁଆ ରହୁଥିଲେ ମଧ ବର୍ଷା ହେଉ ନାହିଁ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୮ ମଧରେ ରାଜ୍ୟରେ ୨୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧରେ ରାଜ୍ୟରେ ସ୍ୱାଭାବିକ ଭାବେ ୨୮୫.୮ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୨୧୭.୨ ମିଲିମିଟର ହୋଇଛି। ୧୪ ଜିଲାରେ ନିଅଣ୍ଟିଆ ଅର୍ଥାତ୍ ୨୦ରୁ ୬୦% କମ୍ ବର୍ଷା ହୋଇଛି। ତେବେ ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍‌ଲାଇନ ଥିବାରୁ ଆସନ୍ତା ୨୪ ଘଣ୍ଟା ମଧରେ ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି ଆଦି ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।






# ସଚେତନତା କାର୍ଯ୍ୟକ୍ରମ ପାଇଁ ଲୋକକଳା କଳାକାରଙ୍କ ପାରିଶ୍ରମିକ ବୃଦ୍ଧି

**ପାଲା-୬୮୦୦, ଦାସକାଠିଆ-୨୪୦୦, ଘୋଡ଼ାନାଚ-୯୦୦୦, ଲୋକନୃତ୍ୟ ପାଇଁ ୯୦୦୦ ଟଙ୍କା**

ଭୁବନେଶ୍ୱର, ୮।୭(ଅନିଲ ଦାସ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମଗୁଡ଼ିକର କଳାକାରମାନଙ୍କ ପ୍ରଦର୍ଶନ ପାଇଁ ପାରିଶ୍ରମିକରେ ବୃଦ୍ଧି ଘୋଷଣା କରାଯାଇଛି। ବିଭିନ୍ନ ଲୋକକଳା ଯଥା ଦାସକାଠିଆ, ପାଲା, ଘୋଡ଼ାନାଚ, ଲୋକନୃତ୍ୟ ଓ ଲୋକସଙ୍ଗୀତ ପାଇଁ ପାରିଶ୍ରମିକ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଲୋକକଳା ପାଇଁ ଗୋଟିଏ ଦିନରେ ୩ ଘଣ୍ଟାରେ ୩ଟି ପ୍ରଦର୍ଶନ ଲାଗି ବର୍ଦ୍ଧିତ ପାରିଶ୍ରମିକ ଘୋଷଣା କରାଯାଇଛି। ଦଳର ମୁଖ୍ୟଙ୍କୁ ଦିନକୁ ୧୦୦୦ ଟଙ୍କା ଓ ଅନ୍ୟ ସଦସ୍ୟମାନଙ୍କୁ ୮୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏଥିସହିତ କଳାକାରମାନଙ୍କ ଗମନାଗମନ ଓ ଖାଦ୍ୟ ପାଇଁ ଜଣ ପିଛା ଦୈନିକ ୩୦୦ ଟଙ୍କା ଲେଖାଏ ଦିଆଯିବ। ଏହି ନୂତନ ପାରିଶ୍ରମିକ ଅନୁଯାୟୀ ଦାସକାଠିଆ ପ୍ରଦର୍ଶନ କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟକ୍ରମ ପିଛା ୨୦୦ ଟଙ୍କା ଦିଆଯାଉଥିବା ବେଳେ ବର୍ତ୍ତମାନ ଏକ ଦୁଇଜଣିଆ ଦଳକୁ ଏକକାଳୀନ ୨୪୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ପାଲା ପ୍ରଦର୍ଶନ କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟକ୍ରମ ପିଛା ୩୫୦ ଟଙ୍କା ଦିଆଯାଉଥିବା ବେଳେ ଏବେ ଏକ ୬ ଜଣିଆ ଦଳକୁ ଏକକାଳୀନ ୬୮୦୦ ଟଙ୍କା ଦିଆଯିବ। ଘୋଡ଼ାନାଚ କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟକ୍ରମ ପିଛା ୩୫୦ ଟଙ୍କା ଦିଆଯାଉଥିବା ବେଳେ ବର୍ତ୍ତମାନ ୮ ଜଣିଆ ଘୋଡ଼ାନାଚ ଦଳକୁ ଏକକାଳୀନ ୯୦୦୦ ଟଙ୍କା ଦିଆଯିବ। ଲୋକନୃତ୍ୟ ଓ ଲୋକସଙ୍ଗୀତ ପାଇଁ ପୂର୍ବରୁ କାର୍ଯ୍ୟକ୍ରମ ପିଛା ୪୦୦ ଟଙ୍କା ଦିଆଯାଉଥିଲା। ଏବେ ଏକ ୮ ଜଣିଆ ଦଳକୁ ଏକକାଳୀନ ୯୦୦୦ ଟଙ୍କା ଦିଆଯିବ। ଲୋକକଳାର ସୁରକ୍ଷା ତଥା କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏହି ପଦକ୍ଷେପ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଲୋକକଳା ଜରିଆରେ ବିଭିନ୍ନ ସୂଚନା, ଶିକ୍ଷା ଓ ସଂଚାର କାର୍ଯ୍ୟକ୍ରମ ତଥା ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଚାର ପ୍ରସାର କରାଯାଇଥାଏ।




**ଆଜିର ମନ୍ତବ୍ୟ**

"ତେଲଙ୍ଗାନା ଏକ ନୂଆ ରାଜ୍ୟ ହୋଇଥିଲେ ସୁଦ୍ଧା ଭାରତର ଇତିହାସ ପ୍ରତି ଏହାର ଅବଦାନ ଅତୁଳନୀୟ। ଆଜି ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ପାଲଟିବାରେ ତେଲଙ୍ଗାନାବାସୀଙ୍କ ବଡ଼ ଭୂମିକା ରହିଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର, ଠକ, ଲାଞ୍ଚୁଆ, ଧାରୁଆ**
**ନ କହନ୍ତି କେବେ ସତ**
**ଯାଙ୍କ ପାଇଁ ସଦା ଲୋଡ଼ା ହେଉଥାଏ**
**ପୋଲିସର ବେତ୍ରାଘାତ।**

ସାଧାରଣତଃ ଚୋର, ଠକ, ଲାଞ୍ଚୁଆ ଓ ଧାରୁଆ ବ୍ୟକ୍ତି କେବେହେଲେ ସତ କହି ନ ଥାନ୍ତି। ଏହି ଧରଣର ଲୋକଙ୍କୁ କେବଳ ପୋଲିସ ହିଁ ସାବାଡ଼ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚାଷୀ ଖାଏ ବାସି ପଖାଳ**
**ବେପାରୀ ଖାଏ ମଣ୍ଡା,**
**ଘୋଡ଼ା ଶୋଇବାକୁ ବଛାଲି ଲୋଡ଼ା**
**ପଙ୍କରେ ଗଡ଼ଇ ପଣ୍ଡା।**

ଚାଷୀ ଅହରହ ଖଟି ତା'ର ଜମିରେ ଶସ୍ୟ ଉତ୍ପାଦନ କରିଥାଏ। କିନ୍ତୁ ଚାଷୀର ଏହି ଉତ୍ପାଦିତ ଶସ୍ୟକୁ ବେପାରୀମାନେ କମ୍ ଦାମ୍‌ରେ ନେଇ ତାହାକୁ ଅଧିକ ଦାମ୍‌ରେ ବିକ୍ରି କରି ଆନନ୍ଦରେ ଚଳିଥାନ୍ତି, ଅଥଚ ଚାଷୀ ଯେଉଁ ଗରିବକୁ ସେଇ ଗରିବ ହୋଇ ରହିଥାଏ। ପଣ୍ଡା ମଇଁଷି ଖଟି ମାଲିକକୁ ଫଳ ଦିଏ ଅଥଚ ସେ ଶୁଏ ପଙ୍କରେ କିନ୍ତୁ ଘୋଡ଼ା କେବଳ ମାଲିକକୁ ବୋହିନିଏ ଅଥଚ ସେ ଶୁଏ ଘୋଡ଼ାଶାଳରେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଗଛକୁ ଛୁଇଁଲେ କରେଣ୍ଟ

## ବ୍ରିଟେନ୍‌କୁ ଆସିଲା ସବୁଠୁ ବିଷାକ୍ତ ବୃକ୍ଷ ଜିମ୍ପି-ଜିମ୍ପି

ଲଣ୍ଡନ, ୮।୭

ବିଶ୍ୱର ସବୁଠୁ ବିଷାକ୍ତ ଗଛ ଜିମ୍ପି-ଜିମ୍ପିକୁ ଛୁଇଁଲେ ବିଦ୍ୟୁତ୍ ଝଟ୍‌କା ମାରୁଛି। ମଣିଷଙ୍କଠାରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି କରୁଥିବା ଏହି ପ୍ଲାଣ୍ଟର ପତ୍ରରେ ଛୋଟ ଛୋଟ ଛୁଞ୍ଚି ପରି ଅନେକ କଣ୍ଟା ରହିଛି। ସେଗୁଡ଼ିକୁ ସ୍ପର୍ଶ କରିବା ମାତ୍ରେ କରେଣ୍ଟ ମାରିବା ଭଳି ଅନୁଭବ ହେଉଛି। 'ଅଷ୍ଟ୍ରେଲୀୟ ବିଷକଣ୍ଟା ଗଛ' ଭାବେ ପରିଚିତ ଜିମ୍ପି-ଜିମ୍ପିକୁ ସ୍କଟ୍‌ଲାଣ୍ଡ ସୀମାନ୍ତ ରାଷ୍ଟ୍ର ନରଥମ୍ବରଲାଣ୍ଡରୁ ବ୍ରିଟେନକୁ ଅଣାଯାଇଛି। ଜିମ୍ପି-ଜିମ୍ପିର କ୍ଷୁଦ୍ରକାୟ କେଶ ସଦୃଶ ବିଷପୂର୍ଣ୍ଣ ଛୁଞ୍ଚିଗୁଡ଼ିକ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାକୁ ଛୁଇଁଲେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିଆଁରେ ପୋଡ଼ିହେବା ଭଳି ଲାଗିଥାଏ। ଏପରି କି କେତେକ ସ୍ଥଳେ ଏହାକୁ ଛୁଇଁଥିବା ବ୍ୟକ୍ତି ଅନେକ ମାସ ଧରି ଝଟ୍‌କା ଅନୁଭବ କରିଚାଲିଥାଆନ୍ତି। ଫଳରେ ସେ ଶଯ୍ୟାଶାୟୀ ହୋଇ ଆତ୍ମହତ୍ୟା କରିବାକୁ ପଛାଇ ନ ଥାନ୍ତି। ଜିମ୍ପି-ଜିମ୍ପି (ଡେନ୍‌ଡ୍ରୋକ୍‌ନାଇଡ୍ ମୋରୋଇଡେସ୍)ର ଉତ୍ପତ୍ତି ଅଷ୍ଟ୍ରେଲିଆରେ ହୋଇଥିଲେ ମଧ୍ୟ ନରଥମ୍ବରଲାଣ୍ଡସ୍ଥିତ ଆଲନଓ୍ୱିକ୍ ଗାର୍ଡେନରେ ଏହାକୁ ପ୍ରଦର୍ଶିତ କରାଯାଇଛି। ଏହି ଗଛ ଏତେ ବିପଜ୍ଜନକ ଯେ, ଏହାକୁ କାଚରେ ଆବଦ୍ଧ କରି ରଖାଯାଇଛି। ଗଛର ଯତ୍ନ ନେବା ପାଇଁ ସ୍ୱତନ୍ତ୍ର ଭାବେ ମାଳୀଙ୍କୁ ନିଯୁକ୍ତ କରାଯାଇଛି। ଏହି ବଗିଚାରେ ୧୦୦ରୁ ଉର୍ଦ୍ଧ୍ୱ ବିଷାକ୍ତ ଏବଂ ନାର୍କୋଟିକ୍ (ମସ୍ତିଷ୍କକୁ ପ୍ରଭାବିତ କରୁଥିବା) ଚାରା ରୋପଣ କରାଯାଇଛି। ଜିମ୍ପି-ଜିମ୍ପିକୁ ଗଞ୍ଜେଇ ଓ ବିଷାକ୍ତ ରିସିନ୍ ପ୍ଲାଣ୍ଟ ନିକଟରେ ରଖାଯିବ। ପୋଇଜନ୍ ଗାର୍ଡେନ୍‌ର ମୁଖ୍ୟ ଟୁର୍ ଗାଇଡ୍ ଜନ୍ ନୋକ୍ସ କହିଛନ୍ତି, ଏହି ଗଛ ୩ ମିଟରରୁ କମ୍ ଉଚ୍ଚତାର ହୋଇଥିବା ସମୟରେ ଏଥିରେ ଫୁଲ ଫୁଟେ ଓ ଫଳ ଧରେ। ଏହାର ସର୍ବାଧିକ ଉଚ୍ଚତା ହେଉଛି ୧୦ ମିଟର। ଗଛଟି ସମ୍ପୂର୍ଣ୍ଣ କଣ୍ଟକିତ ହୋଇଥିବାରୁ ଏହାକୁ ଛୁଇଁବା ସମ୍ଭବ ହୋଇ ନ ଥାଏ। ତେଣୁ କାଚବାକ୍ସରେ ଆବଦ୍ଧ କରି ରଖିବା ପରେ ସେଥିରେ ଉଲ୍ଲେଖ କରାଯାଇଥାଏ 'ଡେଞ୍ଜର'। ନିଜ ବଗିଚାରେ ଏପରି ଏକ ଚାରା ରୋପଣ କରିଥିବା ୪୯ ବର୍ଷୀୟ ଡାନିଏଲ୍ ଏମ୍ଲିନ୍-ଜୋନ୍ସ କହିଛନ୍ତି, ଏପରି ସ୍ୱତନ୍ତ୍ର ଗଛକୁ ପ୍ରୋତ୍ସାହନ ଦିଆଯିବା ଉଚିତ। ଡେନ୍‌ଡ୍ରୋକ୍‌ନାଇଡ୍ ମୋରୋଇଡେସ୍‌କୁ ୧୮୬୬ରେ ପ୍ରଥମ ଥର ପାଇଁ ଠାବ କରାଯାଇଥିଲା। ଜଣେ ବ୍ୟକ୍ତି ଘୋଡ଼ାରେ ଯାଉଥିବାବେଳେ ରାସ୍ତାକଡ଼ରେ ଥିବା ଏହି ଗଛର କଣ୍ଟା ଲାଗିଯାଇଥିଲା। ଫଳରେ ଘୋଡ଼ାଟି ପାଗଳ ହୋଇଯାଇଥିଲା ଏବଂ ୨ ଘଣ୍ଟା ମଧ୍ୟରେ ଆଖି ବୁଜିଦେଇଥିଲା। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲଢ଼େଇ କରିଥିବା ଅଷ୍ଟ୍ରେଲୀୟ ସୈନ୍ୟ ସିରିଲ ବ୍ରୋମ୍ଲି ପ୍ରଶିକ୍ଷଣ ନେବାବେଳେ ଜିମ୍ପି-ଜିମ୍ପି ସଂସ୍ପର୍ଶରେ ଆସି ପାଗଳ ହୋଇଯାଇଥିଲେ। ଆଉ ଜଣେ ବ୍ୟକ୍ତି ଭୁଲ୍‌ରେ ଏହାର ପତ୍ରକୁ ଟଏଲେଟ୍ ପେପର୍ ଭାବେ ବ୍ୟବହାର କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ।




# ୧,୩୧,୨୯୩ ମାମଲା ଫଇସଲା

**ଜିଲାସ୍ତରୀୟ ଲୋକ ଅଦାଲତ**

କଟକ,୮।୭ (କାର୍ତ୍ତିକ ସାହୁ)

ଜାତୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶାର ବିଭିନ୍ନ ଜିଲାସ୍ତରରେ ଚଳିତ ବର୍ଷର ଦ୍ୱିତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧,୩୧,୨୯୩ ମାମଲା ଫଇସଲା କରାଯାଇ ୨୭,୬୩,୦୫,୭୩୪ ଟଙ୍କା ଆଦାୟ ହୋଇଛି। ଫଇସଲା ମାମଲା ମଧ୍ୟରେ ୧,୨୯,୮୧୯ଟି ରାଜସ୍ୱ ଓ ୧୪୭୪ଟି ବିଚାରାଧୀନ ମାମଲା ରହିଛି। ଅଦାଲତ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ମୋଟର ଯାନ ଦୁର୍ଘଟଣା ୧୯୪, ଏନ୍‌ଆଇ ଆକ୍ଟ ୪୮୦, ଖାଉଟି ବିବାଦ ୨୧, ଜମିଜମା ସଂକ୍ରାନ୍ତୀୟ ୯, ପାରିବାରିକ ବିବାଦ ୨୭୨ ଓ ଅନ୍ୟାନ୍ୟ ୪୯୮ ମାମଲା ଫଇସଲା ହୋଇଛି। ରାଜ୍ୟର ସମସ୍ତ ଜିଲା ଓ ତଳକୋର୍ଟଗୁଡ଼ିକରେ ରାଜସ୍ୱ ୧,୪୨,୩୩୭ ଓ ଅଦାଲତରେ ବିଚାରାଧୀନ ଥିବା ୯,୬୨୨ ମାମଲା ଆପୋଷ ସମାଧାନ ପାଇଁ ପଞ୍ଜିକୃତ ହୋଇଥିଲା। ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ-ଇନ୍-ଚିଫ୍ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା।

# ବାଲେଶ୍ୱର ଜିଲା ବିଜେଡି କମିଟି ପୁନର୍ଗଠିତ

## ଅଶ୍ୱିନୀ ପାତ୍ର ସଭାପତି, ୪ ବରିଷ୍ଠ ଉପସଭାପତି, ୯ ଉପସଭାପତି, ୧୬ ସାଧାରଣ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୮।୭(ଅନିଲ ଦାସ)

ବିଜେଡିର ବାଲେଶ୍ୱର ଜିଲା ସାଙ୍ଗଠନିକ କମିଟି ପୁନର୍ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଠନ କରାଯାଇଥିବା ଏହି କମିଟିରେ ଜଣେ ସଭାପତି, ୪ ବରିଷ୍ଠ ଉପସଭାପତିଙ୍କ ସମେତ ୯ ଜଣ ଉପସଭାପତି, ୧୬ ଜଣ ସାଧାରଣ ସମ୍ପାଦକ, ୨୨ ଜଣ ସମ୍ପାଦକ, ୨୩ ଜଣ ଯୁଗ୍ମ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଗଣମାଧ୍ୟମ ସଂଯୋଜକଙ୍କୁ ନିଯୁକ୍ତ କରାଯାଇଛି। ଜିଲା ସଙ୍ଗଠନ ସଭାପତି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବରିଷ୍ଠ ଉପସଭାପତି ଭାବେ ଗୌରୀ କୁମାର ରାଉତ, ବରଦା ପ୍ରସନ୍ନ ପଟ୍ଟନାୟକ, ସନ୍ତୋଷ ଖଟୁଆ ଏବଂ ପ୍ରଭାତ କୁମାର ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଉପସଭାପତି ଭାବେ ତପନ ପଣ୍ଡା, ଯଯାତି ଦାସ, ନଳିନୀ ପଣ୍ଡା, ସୁବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ନରେନ୍ଦ୍ର ବିହାରୀ ଦାସ, ଶୁଭେନ୍ଦୁ ଜେନା, ତପନ କୁମାର ଦାସ ଏବଂ ଅଶୋକ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଅନାଦି ଚରଣ ଦାସ, ଭୁବନ ଦାସ, ଚକ୍ରଧର ଗିରି, ଦେବେନ୍ଦ୍ର ଗିରି, ରଞ୍ଜନ କୁମାର ବାଗ, ଆଲୋକ ସାହୁ, ଭାଗବତ ସାହୁ, ତାପସ ଦାସ ମହାପାତ୍ର, ପ୍ରଦୀପ କୁମାର ବେହେରା, ଅଶ୍ୱିନୀ ମହାପାତ୍ର, ରବୀନ୍ଦ୍ର ନାୟକ, ରାଧାକାନ୍ତ ପାତ୍ର, ଜବଦେଶ ମିଶ୍ର, କିଶୋର ମିଶ୍ର, ଅରୁଣ ସ୍ୱାଇଁ, ଅନିରୁଦ୍ଧ ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ସଙ୍ଗଠନର କୋଷାଧ୍ୟକ୍ଷ ଭାବେ ଗତିକୃଷ୍ଣ ନନ୍ଦ ଏବଂ ଗଣମାଧ୍ୟମ ସଂଯୋଜକ ଭାବେ ସତ୍ୟେନ୍ଦ୍ର ଦାସଙ୍କୁ ନିଯୁକ୍ତି ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ: ଅପରାଜିତା

## ଏମ୍‌ପି ଜାଣିନାହାନ୍ତି ମୁଖ୍ୟମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ: ବିଭୂତି

ଖୋର୍ଦ୍ଧା,୮।୭ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମଳିପଡ଼ାଠାରେ ଶନିବାର ଅନୁଷ୍ଠିତ ଏକ ଜୋନ୍‌ସ୍ତରୀୟ ଦଳୀୟ ସମାବେଶରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ। ରାଜ୍ୟରେ ଶାସନ ବ୍ୟବସ୍ଥା ଠିକ୍ ଭାବେ ଚାଲିନାହିଁ। ମୁଖ୍ୟମନ୍ତ୍ରୀଙ୍କ ବଦଳରେ ୫-ଟି ସଚିବ ସବୁଆଡ଼େ ଗସ୍ତ କରୁଛନ୍ତି। ଯଦି ମୁଖ୍ୟମନ୍ତ୍ରୀ ଅସୁସ୍ଥ ଅଛନ୍ତି ତେବେ ତାଙ୍କ ବଦଳରେ ଏମ୍‌ପି, ଏମ୍‌ଏଲଏ ଓ ବିଭାଗୀୟ ସଚିବମାନଙ୍କୁ ପଠାନ୍ତୁ। ତାହା ନ କରି ୫-ଟି ସଚିବଙ୍କୁ କାହିଁକି ପ୍ରତିନିଧି ଭାବେ ପଠାଉଛନ୍ତି। ସେ ଆହୁରି କହିଥିଲେ ଯେ, ରାଜ୍ୟର ଶାସନ ଦେଖି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ମଧ୍ୟ ଦୁଃଖିତ ହେଉଥିବେ। ତାଙ୍କ ସାଥିରେ ଯେଉଁମାନେ ମିଶି ଏ ଦଳ ତିଆରି କରିଥିଲେ ସେମାନେ ସମସ୍ତେ ଦୁଃଖିତ ଥିବା ଜଣାପଡୁଛି, ଯାହାଙ୍କୁ ଜନତା ନେତା ଭାବେ ବାଛିଛନ୍ତି ସେମାନେ ସମସ୍ତେ ମଧ୍ୟ ଗାଏବ। ଜଣେ ସଚିବ ବିଭିନ୍ନ ସ୍ଥାନ ବୁଲିବା ସହ ସରକାରୀ ଯୋଜନା ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଯଦି ଫୁଲ ଚନ୍ଦନ ଆଉ ହୁଳହୁଳି ଦରକାର, ତେବେ ଚାକିରି ଛାଡ଼ି ଆଗକୁ ଆସିବାକୁ ୫-ଟି ସଚିବଙ୍କୁ ଅପରାଜିତା ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ କହିଛନ୍ତି, ଭୁବନେଶ୍ୱର ଏମ୍‌ପି ଜାଣିନାହାନ୍ତି ଶନିବାର ମୁଖ୍ୟମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ ହେଲେ କିପରି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଶନିବାର ମଞ୍ଚସ୍ଥ ଓଡ଼ିଆ ଶିଶୁ ନାଟକ 'ବିପ୍ଳବୀ ବାଜିଆ' ଦେଖୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ପ୍ରଥମ ପୃଷ୍ଠାରୁ...**

## ଜଗଦୀଶ, ଚନ୍ଦ୍ରଶେଖରଙ୍କୁ ...

ଜଗଦୀଶ, ଚନ୍ଦ୍ରଶେଖର ଓ ଅନ୍ୟ କର୍ମଚାରୀଙ୍କୁ ପୃଥକ୍ ଜେରା କରିଥିବାବେଳେ ଶନିବାର ଉଭୟଙ୍କୁ ମୁହାଁମୁହିଁ ଜେରା କରି ସେମାନଙ୍କ କଥାର ସତ୍ୟତା ପରଖିଛି। କେଉଁ ଉତ୍ସରୁ ଏତେ ପରିମାଣର ଟଙ୍କା ଆସିଥିଲା ? ଟିକସ ଫାଙ୍କିବାକୁ କ'ଣ ସବୁ ପନ୍ଥା ଆପଣାଇଛି କମ୍ପାନୀ ? କମ୍ପାନୀରେ ଆଉ କାହାର ଶେୟାର ରହିଛି ? କମ୍ପାନୀର ମୋଟ ସମ୍ପତ୍ତି, ଆୟ ଓ ବ୍ୟୟର ହିସାବ କରିବାକୁ ଆୟକର ଅଧିକାରୀମାନେ ଏଭଳି ଅନେକ ପ୍ରସଙ୍ଗରେ ଉଭୟଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିବାକୁ ଚେଷ୍ଟା କରିଛନ୍ତି। ହେଲେ ଏ ସମ୍ପର୍କରେ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବିପୁଳ ବେନାମୀ ସମ୍ପତ୍ତି ଠୁଳ କରିବା ଓ ବେଆଇନ ଭାବେ ଆୟକର ଫାଙ୍କିବା ପଛରେ ରାଜନୈତିକ ପ୍ରୋତ୍ସାହନ ରହିଥିବା ଜଣାପଡିଛି। ଏପରିକି ରାଜଧାନୀର ବହୁ ମୂଲ୍ୟବାନ୍ ସରକାରୀ ଜମିକୁ ଡିଏନ୍ ଗ୍ରୁପ୍ ହାତେଇଥିବାରୁ ବଡ଼ କେଳେଙ୍କାରୀ ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏ କ୍ଷେତ୍ରରେ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ନେଇ ସୂଚନା ମିଳୁଛି। ସେହିପରି ଚଢ଼ାଉବେଳେ ମିଳିଥିବା ପେନ୍ ଡ୍ରାଇଭ୍, କମ୍ପ୍ୟୁଟର ହାର୍ଡଡିସ୍କ ଓ କାଗଜପତ୍ରର ଯାଞ୍ଚ କରିଛି ଆୟକର ଟିମ୍। ଏଥିସହ ଘାଟିକିଆରେ ଥିବା ସଂସ୍ଥାର ଏକ କାର୍ଯ୍ୟାଳୟରୁ କିଛି କାଗଜପତ୍ର ଓ ଟଙ୍କା ଜବତ ହୋଇଥିବା କୁହାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ତେବେ ଗତ ପଞ୍ଚାୟତ ନିର୍ବାଚନରେ ଜଗଦୀଶ ବିପୁଳ ଟଙ୍କା ବାଣ୍ଟିଥିବା ନେଇ ଜବତ କାଗଜପତ୍ରରୁ ଆୟକର ଟିମ୍ ସୁରାକ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତଦନ୍ତକାରୀ ଟିମ୍ ହାତରେ ଲାଗିଥିବା ୨୦ରୁ ଅଧିକ ବ୍ୟାଙ୍କ୍ ଆକାଉଣ୍ଟ ଓ ଲକରକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି।

ଅନ୍ୟପଟେ ଡିଏନ୍ ଗ୍ରୁପ୍‌ରେ ଆଇଟି ରେଡ୍ ଓ ବହୁ କୋଟି ଟଙ୍କା ନଗଦ ଜବତ ହେବାପରଠାରୁ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ଡିଏନ୍ ଗ୍ରୁପ୍ ସହ ସମ୍ପର୍କ ଥିବା ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଦଳର ମୁଖପାତ୍ର ରଜନୀ ମହାନ୍ତି ଖବରଦାତା ସମ୍ମିଳନୀରେ ଶହୀଦନଗର ଜମି ଘୋଟାଲା ଉଠାଇବା ସହ ବହୁ କୋଟି ଟଙ୍କାର ପ୍ରୋଜେକ୍ଟକୁ ସରକାର ଶାଗ ମାଛ ଦରରେ ଡିଏନ୍ ଗ୍ରୁପ୍‌ର ଡିଏମ୍ ହୋମ୍‌ସକୁ ଦେଇ ସଂସ୍ଥାର ମାଲିକ ଜଗଦୀଶଙ୍କ ପ୍ରତି ଅନୁକମ୍ପା ଦେଖାଇଛନ୍ତି। ତେଣୁ ଏହାର ବିଚାରବିଭାଗୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ସେହିପରି ଭାଜପା ମଧ୍ୟ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି, ରାଜ୍ୟ ସରକାର ଏଭଳି କଳାବେପାରୀମାନଙ୍କୁ କାହିଁକି ସୁରକ୍ଷା ଦେଉଥିଲେ ଉତ୍ତର ଦିଅନ୍ତୁ। ଏହାର ଜବାବରେ ବିଜେଡି ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ଆଇଟି ଯାହାକୁ ବି ରେଡ୍ କରୁ ଆମର କିଛି ଯା'ଆସ ନାହିଁ। ମୁଖ୍ୟମନ୍ତ୍ରୀ କାହାକୁ ସପୋର୍ଟ ମଧ୍ୟ କରନ୍ତି ନାହିଁ। ଆଇନ ତା' ବାଟରେ ଯିବ ବୋଲି ସେ କହିଛନ୍ତି। ସେପଟେ ଆୟକର ଫାଙ୍କି, କଳାଧନ ଠୁଳ, ଜମି କେଳେଙ୍କାରୀ ଅଭିଯୋଗକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କମ୍ପାନୀର ମୁଖ୍ୟ ଜଗଦୀଶ ସବୁକିଛି ମିଛ ବୋଲି କହି ମଜାଳିଆ ଢଙ୍ଗରେ ଏଡାଇଦେଇଛନ୍ତି।

ସୂଚନା ଅନୁସାରେ, ଡିଏନ୍ ଗ୍ରୁପ୍ ବିରୋଧରେ ଆୟକର ଫାଙ୍କି ନେଇ ଅଭିଯୋଗ ଆସିଥିଲା। ବୁଧବାର ସକାଳେ ୭ଟି ଟିମ୍ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ଅଫିସ, ଘର, କଟକ ସମେତ ୨୦ଟି ସ୍ଥାନରେ ଚଢ଼ାଉ କରିଥିଲା। ୟୁନିଟ୍-୪ ପୋଷ୍ଟାଲ କଲୋନିରେ ରହୁଥିବା ଡିଏନ୍ ଗ୍ରୁପ୍‌ର ଲିଗାଲ ଅଫିସର ଚନ୍ଦ୍ରଶେଖର ପଣ୍ଡାଙ୍କ ଘର ଖଟ ତଳେ ୩ଟି ଟ୍ରଙ୍କ ଓ ଗୋଟିଏ ଆଟାଚିରେ ଥିବା ୩୦କୋଟି ଟଙ୍କା ଜବତ କରାଯାଇଥିଲା। ଏହାପରଠାରୁ ଆୟକର ଟିମ୍ ଚଢ଼ାଉ, ଯାଞ୍ଚ ଓ ଜେରା ଚଳାଇଥିବାବେଳେ କଳାଧନର ହିସାବ ସରୁ ନ ଥିବା ଜଣାପଡିଛି। ତେବେ ତଦନ୍ତ ଚାଲିଥିବାରୁ ବିଭାଗ ପକ୍ଷରୁ ଅଧିକ କିଛି ସୂଚନା ଦିଆଯାଇନାହିଁ।

## ଭୋଟ ବେଳେ ...

ଶୁଭେନ୍ଦୁ ଅଧିକାରୀ ରାଜ୍ୟରେ ରାଷ୍ଟ୍ରପତି ଶାସନ ଦାବି କରିବା ସହ କାଳୀଘାଟରୁ ଶୋଭାଯାତ୍ରା ବାହାର କରିବାକୁ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରହେଳିକା। ଅନୁଚ୍ଛେଦ ୩୫୫ ଅନୁଯାୟୀ କେବଳ ରାଷ୍ଟ୍ରପତି ଶାସନ ଅଧୀନରେ ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ବୋଲି ସେ କହିଛନ୍ତି। ଟିଏମ୍‌ସି ଗୁଣ୍ଡାମାନେ ଲୋକଙ୍କ ମତଦାନ ଅଧିକାରକୁ ଲୁଟିଥିବା କଂଗ୍ରେସ ରାଜ୍ୟ ସଭାପତି ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି। ନିର୍ବାଚନୀ ହିଂସାକୁ ନେଇ କଂଗ୍ରେସ ନେତା କୌସ୍ତୁବ ବାଗ୍‌ଚୀ କାଲ୍‌କାଟା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟରେ ଆବେଦନ କରିଛନ୍ତି। ପିଟିଶନର ଜରୁରୀ ଶୁଣାଣି କରାଯାଇ ହିଂସାକାଣ୍ଡ ମଧ୍ୟରେ ଅନୁଷ୍ଠିତ ନିର୍ବାଚନକୁ ଅବୈଧ ଘୋଷଣା କରିବା ପାଇଁ ବାଗ୍‌ଚୀ ନିବେଦନ କରିଛନ୍ତି। କେନ୍ଦ୍ରୀୟ ବଳକୁ ଉପଯୁକ୍ତ ଭାବେ ନିୟୋଜିତ କରାଯାଇ ନ ଥିବା ସିପିଆଇଏମ୍ ସମ୍ପାଦକ ମହମ୍ମଦ ସଲିମ କହିଛନ୍ତି।

ଅନ୍ୟପକ୍ଷରେ ହିଂସାରେ ୧୦ ଜଣ କର୍ମୀଙ୍କୁ ହରାଇଥିବା ଟିଏମ୍‌ସି ଭୋଟରଙ୍କୁ ସୁରକ୍ଷା ଦେବାରେ କେନ୍ଦ୍ରୀୟ ବଳ ବିଫଳ ହୋଇଥିବା ଅଭିଯୋଗ କରିଛି। କେନ୍ଦ୍ରୀୟ ବଳ ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଥିଲେ। ଟିଏମ୍‌ସି କର୍ମୀମାନଙ୍କୁ ହତ୍ୟା କରାଯାଉଥିବାବେଳେ କେନ୍ଦ୍ରୀୟ ବଳ କୁଆଡ଼େ ଗଲା ବୋଲି ରାଜ୍ୟ ମନ୍ତ୍ରୀ ଶଶୀ ପାଞ୍ଜା କହିଛନ୍ତି। ଜୁନ୍ ୮ରେ ପଞ୍ଚାୟତ ନିର୍ବାଚନ ଘୋଷଣା ହେବାଠାରୁ ଏପର୍ଯ୍ୟନ୍ତ ୩୬ ଜଣଙ୍କ ମୃତ୍ୟୁ ଘଟିଲାଣି। ରାଜ୍ୟପାଳ ଡ. ସି.ଭି. ଆନନ୍ଦ ବୋଷ ନିର୍ବାଚନ ସ୍ଥିତିର ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତର ୨୪ ପ୍ରଗଣାର ବାରସାତ୍-୧ ସବ୍‌ଡିଭିଜନରେ ବୋମା ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ଘରକୁ ରାଜ୍ୟପାଳ ଯାଇଥିଲେ। ଏଥିସହିତ ହସ୍ପିଟାଲ ଯାଇ ସେ ଆହତ ବ୍ୟକ୍ତିଙ୍କୁ ଭେଟିବା ସହିତ ଡାକ୍ତରଙ୍କ ସହ କଥା ହୋଇ ତାଙ୍କୁ ଆର୍‌ଜି କର ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର ବ୍ୟବସ୍ଥା କରିଛନ୍ତି। ୨୨ ଜିଲା ପରିଷଦର ୯୨୮ ଆସନ, ୯,୭୩୦ ପଞ୍ଚାୟତ ସମିତି ଏବଂ ୬୩,୨୨୯ ଗ୍ରାମ ପଞ୍ଚାୟତ ନିର୍ବାଚନ ପାଇଁ ଶନିବାର ସକାଳ ୭ଟାରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ରାଜ୍ୟର ମୋଟ ୫.୬୭ କୋଟି ଭୋଟର ୨.୦୬ ଲକ୍ଷ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ ହିଂସାକାଣ୍ଡ ଘଟି ଲୋକଙ୍କ ଜୀବନ ଯିବା ନୂଆ ଘଟଣା ନୁହେଁ। ଶନିବାର ୧୮ ଜଣଙ୍କ ମୃତ୍ୟୁ ସହ ମାସକ ମଧ୍ୟରେ ନିର୍ବାଚନଜନିତ ହିଂସାରେ ୩୬ ଜଣଙ୍କ ଜୀବନ ଯାଇଛି। ୨୦୦୩ ପଞ୍ଚାୟତ ନିର୍ବାଚନ ବେଳେ ଭୋଟ ଦିନ ୪୦ ଜଣଙ୍କ ମୃତ୍ୟୁ ଘଟିବା ସହ ମୋଟ ୭୬ ଜଣଙ୍କ ଜୀବନ ଯାଇଥିଲା। ୨୦୧୩ ନିର୍ବାଚନ ବେଳେ ୩୯ ଜଣ ଏବଂ ୨୦୧୮ ନିର୍ବାଚନ ବେଳେ ୩୦ ଜଣ ପ୍ରାଣ ହରାଇଥିଲେ।

## ମତଦାନ କଲେ ଓଡ଼ିଶାର ...

ପର୍ଯ୍ୟନ୍ତ ଓଡିଶା ସରକାର ଏହି ଗ୍ରାମରୁ ରାଜସ୍ୱ ଆଦାୟ କରୁଥିବା ବେଳେ ୧୯୭୮ ମସିହାରୁ ଏହି ସୀମାନ୍ତ ଗ୍ରାମ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ରାମନଗର ବ୍ଲକ ଅଧୀନକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ସେବେଠୁ ଏହି ଗ୍ରାମରେ ରାଜସ୍ୱ ଆଦାୟ ବନ୍ଦ ରହିଛି। ୧୯୫୪ ମସିହା ଠାରୁ ଓଡିଶା ସରକାର ଏହି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ, ଗ୍ରାମ ରାସ୍ତା ନିର୍ମାଣ କରିଥିବା ବେଳେ ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟଜଳ, ଶୌଚାଗାର ଓ ରାଶନକାର୍ଡ ଯୋଗାଇ ଦେଇଛନ୍ତି। ଅନୁରୂପ ଭାବେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏହି ଗ୍ରାମକୁ ଅନ୍ୟାନ୍ୟ ମୌଳିକ ସୁବିଧା ସହ ଆବାସ ଯୋଜନା ଯୋଗାଇ ଦେଉଛନ୍ତି। ଓଡିଶା ନୂତନ ଗୃହ ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରମାନେ ଅଦ୍ୟାବଧି ଓଡ଼ିଆରେ ପାଠ ପଢୁଥିବାବେଳେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। କିନ୍ତୁ ଏହି ଗ୍ରାମରୁ ରାଜସ୍ୱ ଆଦାୟ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ଏଭଳି ସ୍ଥିତିରେ ଓଡ଼ିଆ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘବର୍ଷ ଧରି ଶଙ୍ଖାମେଦୀ ଗାଁ ଉଭୟ ରାଜ୍ୟର ଦ୍ୱୈତ୍ୟ ଶାସନ ଚାଲି ଆସୁଥିବା ବେଳେ ଏଠାକାର ଭୋଟରମାନେ ଦୁଇ ରାଜ୍ୟର ଭୋଟର କାର୍ଡ ହାତେଇ ନେଇ ଭୋଟ ଦେଉଛନ୍ତି। ଅପରପକ୍ଷରେ ଭୋଗରାଇ-ଜଳେଶ୍ୱର ପଶ୍ଚିମବଙ୍ଗ ସୀମାନ୍ତ ୧୨ଟି ଗାଁ ଉଣା ଅଧିକେ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ସାମିଲ ହୋଇଥିବା ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଯାହା ଇଚ୍ଛା କରୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ଅବଶ୍ୟ ଫଳପ୍ରଦ ହେବାର ଆଶା ରହିଛି। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଚିନ୍ତା କରିବେ।

**ବୃଷ**
କର୍ମକ୍ଷେତ୍ରରେ ଅଧିକ ପାଇବା ଆଶା ଓ ବିଶ୍ୱାସକୁ ନେଇ ହଇରାଣରେ ପଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ। ଆକସ୍ମିକ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମୃଗଶିରା ନକ୍ଷତ୍ର ଆର୍ଥିକ ଉନ୍ନତି ହେତୁକ କେତେକ ନୂତନ କର୍ମାରମ୍ଭର ଯୋଜନା କରିପାରନ୍ତି।

**ମିଥୁନ**
ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ହଠାତ୍ ସହକର୍ମୀଙ୍କ କଥାକୁ ସ୍ୱୀକାର କରି ବ୍ୟବସାୟକୁ ବଢ଼ାଇ ଦେବା ଚିନ୍ତା କରିବେ। କର୍ମକ୍ଷେତ୍ରରେ ଭଲ ସମ୍ପର୍କ ଥିବା ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ପ୍ରତ୍ୟେକ ପ୍ରକାରର ପରିସ୍ଥିତିକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଥିଲେ ମଧ୍ୟ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ଅପମାନିତ ହେବାକୁ ପଡ଼ିବ। ପୁନର୍ବସୁର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ଅଟକି ରହିଯାଇଥିବା କାମ ପାଇଁ ଅନ୍ୟମାନଙ୍କୁ ଆଦେଶ ଦେଇ ସମାଲୋଚିତ ହୋଇପାରନ୍ତି। ଘର କଥା ବିଶ୍ୱସ୍ତ ମନେକରି ସହକର୍ମୀଙ୍କୁ କହିବା କାରଣରୁ ସମସ୍ୟା ନିମନ୍ତ୍ରଣ କରିବା ପରି ହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଗୃହସୀମାକୁ କେନ୍ଦ୍ରକରି ଥିବା ବିବାଦର ସମାଧାନ ହୋଇଯିବ।

**କନ୍ୟା**
ପାରିବାରିକ କ୍ଷେତ୍ରକୁ ଶୃଙ୍ଖଳିତ କରିବାରେ ସମର୍ଥ ହୋଇପାରିବେ ନାହିଁ। ଅବଶ୍ୟ ଚିତ୍ରା ନକ୍ଷତ୍ରର କାମ ଗୁଡ଼ିକ ଧୀର ମନ୍ଥର ଗତି ଆଗକୁ ଗଡ଼ି ଚାଲିବ। ସଭାସମିତି, ରାଜନୀତି, ପ୍ରଶାସନ କାର୍ଯ୍ୟରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ତୁଳା**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ଅନୁରକ୍ତି ଲାଭ କରି ପାରିବାରିକ ଦୁଃଖକୁ କିଛି ସମୟ ସକାଶେ ଭୁଲିଯିବେ। ସାମାଜିକ ସ୍ତରରେ ବିବାଦୀୟ ଘଟଣାର ଦିଗ ପରିବର୍ତ୍ତନ ହୋଇଯାଇପାରେ। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
ଆଜିର ପୂର୍ବାହ୍ନ ଭଲରେ ଅତିବାହିତ ହେବା ସ୍ଥଳେ ଅପରାହ୍ନରେ ମାନସିକ ସ୍ଥିତି ଭଲ ରହିବ ନାହିଁ। ମୂଲ୍ୟହୀନ କଥାଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର ଧନହାନି କାରଣରୁ ଘରେ ପାଟିତୁଣ୍ଡ ହୋଇପାରେ। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ।

**ଧନୁ**
ଗତକାଲିର କୌଣସି ଛୋଟଘଟଣା ଆଜିର ଦିନଟିକୁ ନିରୁତ୍ସାହିତ କରିବ। ପୂର୍ବବିବାଦର ଦ୍ୱାହି ଦେଇ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପାରିବାରିକ ସ୍ଥିରତା ଆଣିବା ପରିପ୍ରେକ୍ଷୀରେ ପଡ଼ି ଧାର ଉଧାର କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅସଫଳତା କାରଣରୁ ନିଜ ଲୋକଙ୍କୁ ସନ୍ଦେହ କରିବେ।

**ମକର**
ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ଚିଡ଼ିଚିଡ଼ା ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁଙ୍କ ନିକଟରୁ ସୂଚନା ଲାଭ କରି ସରକାରୀ କ୍ଷେତ୍ରରୁ ଲାଭର ଆଶା କରିପାରନ୍ତି। ଆଜିର ସନ୍ଧ୍ୟା ସମୟରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ଲାଘବ ହେବାର ସୂଚନା ରହିଛି। ସତର୍କତା ଅଭାବରୁ ଧନହାନିର ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ବାରମ୍ବାର ମନକୁ ଆନ୍ଦୋଳିତ କରିବା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ। ବ୍ୟବସାୟରେ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ କୌଣସି ଅସୁବିଧା ରହିବ ନାହିଁ।

**ମୀନ**
କର୍ମକ୍ଷେତ୍ରରେ କିନ୍ତୁ ବିଭିନ୍ନ ଦିଗରୁ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ଯୋଗୁ କୌଣସି କାମ ସୁବିଧାରେ ସମ୍ପନ୍ନ ହୋଇପାରିବନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦୂରଯାତ୍ରାର ଯୋଜନା ଫଳପ୍ରଦ ନ ହୋଇପାରେ।

ଆଜି ଶ୍ରାବଣ କୃଷ୍ଣ ସପ୍ତମୀ ରବିବାର, ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୦୨ମି. ଗତେ ଘ.୦୯.୪୦ମି. ମଧ୍ୟେ, ଘ.୦୧.୩୦ମି. ଗତେ ଘ.୦୨.୫୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୪୭ମି. ଗତେ ଘ. ୦୬.୨୫ମି. ମଧ୍ୟେ ରାହୁକାଳ।

# ପ୍ରଶ୍ନ ପଚାରିବା ଅଧିକାର ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ



ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷରେ ଧରିତ୍ରୀର ୫୦ ବର୍ଷ ପଦାର୍ପଣ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।




ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷରେ ଶନିବାର ସନ୍ଧ୍ୟାରେ ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ମୁଖ୍ୟଅତିଥି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ମୁଖ୍ୟବକ୍ତା ଆଇଆଇଏମ୍ ସମ୍ବଲପୁରର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍, ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। **(ଫଟୋ: ସୁନୀଲ ମହାନ୍ତି)**

**ବଲାଙ୍ଗୀର,୮।୭(ବୀରେନ୍ଦ୍ର କୁମାର ଝାଙ୍କର)**

ଗଣତନ୍ତ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏକ ସୁସ୍ଥ ଏବଂ ବଳିଷ୍ଠ ଗଣତନ୍ତ୍ର ସେତିକିବେଳେ ପ୍ରତିଷ୍ଠା ହୋଇପାରିବ ଯେତେବେଳେ ଯୁବପିଢ଼ି ପ୍ରଶ୍ନ ପଚାରିବାର ଆଭିମୁଖ୍ୟକୁ ଆପଣେଇବେ। କାରଣ ପ୍ରଶ୍ନ ପଚାରିବାର ଅଧିକାର ଏକ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ସମ୍ବଲପୁର ଆଇଆଇଏମ୍‌ର ଆସୋସିଏଟ୍ ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ମତବ୍ୟକ୍ତ କରିଛନ୍ତି। ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷରେ ଶନିବାର ସନ୍ଧ୍ୟାରେ ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖ୍ୟବକ୍ତା ଡ. ପୃଷେଠ୍ କହିଥିଲେ, ଛାପା ଗଣମାଧ୍ୟମର ଆଜି ବି ଆବଶ୍ୟକତା ରହିଛି। କାରଣ ଖବରକାଗଜ ପଢ଼ିବା ଦ୍ୱାରା ଆମର ଚିନ୍ତା ଓ ଚେତନା ଜାଗ୍ରତ ହୋଇଥାଏ, ଯାହା ଇଣ୍ଟରନେଟ୍‌ରେ ସମ୍ଭବ ହୋଇ ନ ଥାଏ। ତାହା କେବଳ ତଥ୍ୟ ପ୍ରଦାନ କରିଥାଏ। ଓଡ଼ିଶାର ପ୍ରଥମ ହାତଲେଖା ଖବରକାଗଜ କୁଜିବର ପତ୍ରିକା ୧୮୩୭ ମସିହାରେ ପ୍ରକାଶିତ ହୋଇଥିଲା ; ଯାହାର ମୂଳ ଲକ୍ଷ୍ୟ ଥିଲା ନିଶାରୁ ଦୂରରେ ରହିବା, ଅନ୍ୟର ଜିନିଷକୁ ନିଜର ଭାବିବା ନାହିଁ ଓ ନାରୀକୁ ସମ୍ମାନ ଦେବା ; ଯାହାର ଆଜିବି ସମାଜରେ ପ୍ରାସଙ୍ଗିକତା ରହିଛି। ସାମାଜିକ ବିଧିବ୍ୟବସ୍ଥା ଏପରି ହୋଇଗଲାଣି ଯେ ଗରିବ ଅଧିକ ଗରିବ ହେଉଥିବାବେଳେ ଧନୀ ଅଧିକରୁ ଅଧିକ ଧନୀ ହୋଇଚାଲିଛି। ଏବେ କୁବେର ଧନୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଆର୍ଥିକ ବୈଷମ୍ୟ ଦୂରହେଉନାହିଁ ଏବଂ ଏହା ସୁସ୍ଥ ଗଣତନ୍ତ୍ରର ଲକ୍ଷଣ ନୁହେଁ ବୋଲି ପ୍ରଫେସର ପୃଷେଠ୍ କହିଥିଲେ। ଗଣମାଧ୍ୟମ ନିର୍ଭୀକ ଏବଂ ନିରପେକ୍ଷ ରହିଲେ ସମାଜରେ ପରିବର୍ତ୍ତନ ଆସିପାରିବ ଏବଂ ଧରିତ୍ରୀ ହିଁ ଏହାର ବଳିଷ୍ଠ ଉଦାହରଣ ବୋଲି ସେ କହିଥିଲେ।

ମୁଖ୍ୟ ଅତିଥି ବିଧାୟକ ନରସିଂହ ମିଶ୍ର ତାଙ୍କ ବକ୍ତବ୍ୟରେ

## ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଆଲୋଚନାଚକ୍ର

ବର୍ତ୍ତମାନ ଗଣତନ୍ତ୍ର ବିପଥଗାମୀ ହୋଇଛି ବୋଲି କହିଥିଲେ। ବିଶେଷକରି ବ୍ୟବସ୍ଥାପିକା ସଭାରେ କ'ଣ ଏବଂ କେଉଁ ଆଇନ ଅଣାଯାଉଛି ତାହା ବ୍ୟବସ୍ଥାପକ ଏବଂ ମନ୍ତ୍ରୀମାନେ ଜାଣିପାରୁନାହାନ୍ତି। ସଚିବମାନେ ଯାହା ଲେଖୁଛନ୍ତି ତାହାକୁ ମନ୍ତ୍ରୀମାନେ ପଢୁଛନ୍ତି। ଏପରି କି କେତେକ ଗଣମାଧ୍ୟମ ଅସତ୍ୟ ତଥ୍ୟ ଉପସ୍ଥାପନ କରି ଜନମାନସକୁ ବିଭ୍ରାନ୍ତ କରୁଛନ୍ତି। ଏହା ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ଗଣତନ୍ତ୍ର ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରୁଛି। ହେଲେ ଧରିତ୍ରୀ ନିର୍ଭୀକ ଏବଂ ସତ୍ୟନିଷ୍ଠ ଖବର ପରିବେଷଣକରି ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖି ଆଜି ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି।

ସମ୍ପାଦକ ସତପଥୀ ଆଲୋଚନାଚକ୍ରରେ ନିଜ ବକ୍ତବ୍ୟରେ କହିଥିଲେ, କୌଣସି ବୟସ ନୁହେଁ, ବ୍ୟକ୍ତିର ଚିନ୍ତାଧାରା ହିଁ ପରିବର୍ତ୍ତନ ଆଣିପାରିବ। ବିଶେଷକରି ଯୁବଗୋଷ୍ଠୀ ସାମାଜିକ ଦାୟିତ୍ୱବୋଧକୁ ଗ୍ରହଣକରି ଗଣତନ୍ତ୍ରକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ପ୍ରାରମ୍ଭିକ ବକ୍ତବ୍ୟ ରଖି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ, ଧରିତ୍ରୀ ସବୁବେଳେ ନିରପେକ୍ଷ ଓ ସତ୍ୟତା ଅବଲମ୍ବନ କରି ଆଜି ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ପାଠକଙ୍କ ବିଶ୍ୱାସ ଓ ଭଲ ପାଇବା ଆମର ମୁଖ୍ୟ ପୁଞ୍ଜି ବୋଲି କହିଥିଲେ। ଏହି ଅବସରରେ ବଲାଙ୍ଗୀରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଖବରଦାତା ବୀରେନ୍ଦ୍ର କୁମାର ଝାଙ୍କର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ଉପବାର୍ତ୍ତା ସମ୍ପାଦକ ଲାଲ ସୁନୀଲ କୁମାର ରଥ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧରିତ୍ରୀ ସମ୍ପାଦକ, ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା



ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ



ବଲାଙ୍ଗୀର ନାଗରିକ କମିଟି, ଅବସରପ୍ରାପ୍ତ ସୈନିକ ସଂଘ



ଜିଲା ବ୍ୟାଡ୍‌ମିଣ୍ଟନ ସଂଘ, ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ



ମାହେଶ୍ୱରୀ ସଙ୍ଗଠନ



ଜିଲା କ୍ରୀଡ଼ା ସଙ୍ଗଠନ



ବଲାଙ୍ଗୀର ଆକ୍ସନ କମିଟି, ରେଳ ଉପଭୋକ୍ତା ସଂଘ ଓ ବରିଷ୍ଠ ନାଗରିକ କମିଟି



ଅତିଥିଙ୍କ ଗହଣରେ ବକ୍ତୃତା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ପ୍ରତିଯୋଗୀ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବୁଦ୍ଧିଜୀବୀମାନେ।

“ ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡ଼କୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ। –ଶ୍ରୀଅରବିନ୍ଦ



# ଲକ୍ଷ୍ୟଠୁ ଦୂରରେ



ଆକାର ପଟେଲ

କର୍ତ୍ତବ୍ୟକାଳରେ ଯେହେତୁ ଆମେ ପ୍ରବେଶ କରିଛୁ ସେଥିପାଇଁ ଅମୃତକାଳରେ କ'ଣ ଘଟିଛି ତାହା ଜାଣିବା ଆମ ପାଇଁ ଶିକ୍ଷଣୀୟ ହୋଇପାରେ। ୨୦୧୭ରେ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନ ଆଧାରରେ ନୀତି ଆୟୋଗ ସବୁକ୍ଷେତ୍ରକୁ ଏକାଠି ନେଇ ଏକ ୫ ବର୍ଷିଆ ଯୋଜନା ଆରମ୍ଭ କରିଥିଲେ। ସେହି ବର୍ଷ ଅଗଷ୍ଟରେ ୨୦୨୨ ସୁଦ୍ଧା 'ନ୍ୟୁ ଇଣ୍ଡିଆ' ବା 'ନୂତନ ଭାରତ' ଗଠନ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ କହିଥିଲେ। କ'ଣ ହାସଲ କରାଯିବ ତାହା ଉପରେ ୨୦୦ ପୃଷ୍ଠାର ରିପୋର୍ଟ ଜାରି କରିବା ପୂର୍ବରୁ ନୀତି ଆୟୋଗ ମନ୍ତ୍ରଣାଳୟ ଓ ରାଜ୍ୟଗୁଡ଼ିକର ପରାମର୍ଶ ନେବା ସହ ଅନ୍ୟ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକୁ ନେଇ ବୈଠକ କରିଥିଲେ। ଆଲୋଚନା ପରେ ଏହି ଯୋଜନା ଉପରେ ମୋଦି ମୋହର ଲଗାଇ କହିଥିଲେ ଯେ, ଏଥିରେ ଉଲ୍ଲିଖିତ ଲକ୍ଷ୍ୟ ହାସଲ କରିବାକୁ ଆସନ୍ତୁ ସବୁ ଶକ୍ତି ଲଗାଇଦେବା, ଯାହାଦ୍ୱାରା ଆମ ନାଗରିକ ଆକାଂକ୍ଷା ପୂରଣ ହେବ। ତେବେ ଅର୍ଥ ବ୍ୟବସ୍ଥାର ଲକ୍ଷ୍ୟ ହାସଲ କରିବା ଥିଲା ମୁଖ୍ୟ। ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧିକୁ ୮%ରେ ପହଞ୍ଚାଇବା, ନିବେଶ ହାରକୁ ୩୬%କୁ ବୃଦ୍ଧି କରିବା, ଟ୍ୟାକ୍ସ ଟୁ ଜିଡିପି ଅନୁପାତ (ଦେଶର ଜିଡିପି ଦ୍ୱାରା ମୂଲ୍ୟାଙ୍କିତ ଅର୍ଥ ବ୍ୟବସ୍ଥାର ଆକାର ତୁଳନାରେ ରାଜସ୍ୱ ସଂଗ୍ରହ)କୁ ୨୦%କୁ ବଢ଼ାଇବା, ମହିଳା ଶ୍ରମ ଭାଗୀଦାରି ହାରକୁ ୩୦% ଯାଏ ନେବା ସହ ନିଯୁକ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହରେ ଉନ୍ନତି ଆଣିବା, ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ମାନୁଫାକ୍ଚରିଂ ସେକ୍ଟରର ଅଭିବୃଦ୍ଧି ଏବଂ କୃଷକଙ୍କ ଆୟକୁ ଦୁଇଗୁଣ କରିବା ଥିଲା ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏସବୁ କ୍ଷେତ୍ରରେ କ'ଣ ଘଟିଛି ତାହା ଭଲ ଭାବେ ଜଣା। ଜାନୁୟାରୀ ୨୦୧୮ରୁ ଜିଡିପି ଅଭିବୃଦ୍ଧି ଧିମା ପଡ଼ିବା ସହ ପରବର୍ତ୍ତୀ ତ୍ରୈମାସିକଗୁଡ଼ିକରେ ତାହା ନିମ୍ନଗାମୀ ହେବା ଆରମ୍ଭ ହୋଇଥିଲା। ମହାମାରୀ ପୂର୍ବରୁ ୨୦୧୯–୨୦ର ଶେଷ ତ୍ରୈମାସିକରେ ଏହା ୩.୧%ରେ ପହଞ୍ଚିବା ପୂର୍ବରୁ ୧୩ଟି ତ୍ରୈମାସିକ ନିମ୍ନରେ ରହିଥିଲା। କିନ୍ତୁ ଏ କ୍ଷେତ୍ରରେ ଚତୁରତାର ସହ କିଛି କୁହାଯାଇଥିଲା। ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା କହିଥିଲେ ଯେ, ଏହା ୨% କିମ୍ବା ଏହାଠାରୁ ଅଧିକ ହୋଇଥିଲା। ପରେ ମହାମାରୀ ଆସି ଅର୍ଥ ବ୍ୟବସ୍ଥାକୁ କ୍ଷତି କଲା। ନିବେଶ ହାର ସେତେବେଳେ ୩୦% ଥିଲା ଓ ଏବେ ବି ସେମିତି ରହିଛି। ଟ୍ୟାକ୍ସ ଟୁ ଜିଡିପି ଅନୁପାତ ୨୦୧୯ରେ ୧୧%ରୁ ଖସି ୨୦୨୦ରେ ପାଖାପାଖି ୧୦% ରହିଥିଲା ଏବଂ ତୈଳ ଟିକସ ଅତ୍ୟଧିକ ବୃଦ୍ଧି ଯୋଗୁ ଏହା ପୁଣି ପାଖାପାଖି ୧୧%କୁ ଫେରିଯାଇଛି। ଇକୋନୋମିକ ସର୍ଭେ କହେ ଭାରତର ଏବକାର ଶ୍ରମଶକ୍ତି ଭାଗୀଦାରି ହାର ୪୦%। ଏହା ଦକ୍ଷିଣ ଏସିଆରେ ସବୁଠୁ କମ୍ ଏବଂ ଚାଇନା ଓ ଭିଏତ୍ନାମ୍ (୭୦%ରୁ ଅଧିକ) ତୁଳନାରେ ପାଖାପାଖି ଅଧା। ସରକାରଙ୍କ ନିଜସ୍ୱ ତଥ୍ୟ ମଧ୍ୟ ସମାନ ଦର୍ଶାଏ ଏବଂ ଚିନ୍ତାର ବିଷୟ ହେଉଛି, ଏହି ହାର ଦୀର୍ଘମିଆଦୀ ସୂତ୍ରରେ ହ୍ରାସ ପାଇଆସିଛି, ଯାହାକୁ ସରକାର ଜାଣିପାରିନାହାନ୍ତି କି ତାହାକୁ ସଂଶୋଧନ କରିବାକୁ ଚାହିଁନାହାନ୍ତି। ଅବଶ୍ୟ ମହିଳା ଭାଗୀଦାରି ହାର ଅତି କମ୍ ହିଁ ଏହି ସମସ୍ୟାର ଏକ କାରଣ ହୋଇପାରେ, କିନ୍ତୁ ଏଠାରେ ଚାକିରି ନ ଥିବାରୁ ପୁରୁଷ ଭାଗୀଦାରି ଦୁର୍ବଳ ରହୁଛି ବୋଲି ସ୍ୱୀକାର କରିବାକୁ ପଡ଼ିବ।

ତଥ୍ୟ ସଂଗ୍ରହ ଉପରେ ଏହି ରିପୋର୍ଟ ବିଭିନ୍ନ ବିଷୟ ରେକର୍ଡ କରିଛି, ଯାହା ପୂର୍ବ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ନିବେଦନ ସତ୍ତ୍ୱେ ବି ପ୍ରକାଶ କରାଯାଇ ନାହିଁ। ବିଶେଷକରି ବେରୋଜଗାର ତଥ୍ୟ ସମ୍ପର୍କରେ ନୀତି ଆୟୋଗ ନିଜେ ନ୍ୟାଶନାଲ ସାମ୍ପଲ ସର୍ଭେ ରିପୋର୍ଟକୁ ଅଗ୍ରାହ୍ୟ କରିଥିଲେ। ଏହି ସର୍ଭେ ଦର୍ଶାଇଥିଲା ଯେ, ବେରୋଜଗାର ରେକର୍ଡ ସ୍ତର ୬%କୁ ଛୁଇଁଥିଲା। କିନ୍ତୁ ଏହାକୁ ନିର୍ବାଚନ ପରେ ପ୍ରକାଶ କରାଯାଇଥିଲା ଓ ତଥ୍ୟର ସତ୍ୟତାକୁ ସରକାର ସ୍ୱୀକାର କରିଥିଲେ। ବେରୋଜଗାର ଏବେ ବି ୬%ରୁ ଅଧିକ ରହିଛି। ୨୯ ଡିସେମ୍ବର ୨୦୧୯ରେ ପିଟିଆଇ ପ୍ରକାଶ କରିଥିଲା ଯେ, ତଥ୍ୟର ମାନରେ ଉନ୍ନତି ଆଣିବା ପାଇଁ ପରିସଂଖ୍ୟାନ ମନ୍ତ୍ରଣାଳୟ ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରଣବ ସେନ୍ଙ୍କ ଅଧ୍ୟକ୍ଷତାରେ ଏକ ୨୮ ଜଣିଆ ଷ୍ଟାଣ୍ଡିଂ କମିଟି ଅନ୍ ଷ୍ଟାଟିଷ୍ଟିକ୍ସ (ଏସ୍‌ସିଇଏସ୍)ଗଠନ କରିଛି। ତେବେ ଏହି କମିଟିର ଆଉ କୌଣସି ଖବର ନାହିଁ କି ଏ ସମ୍ପର୍କରେ କିଛି ସୂଚନା ମିଳୁନାହିଁ। ମାନୁଫାକ୍ଚରିଂ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ହେଲାନାହିଁ। ଏହା ପରିବର୍ତ୍ତେ ଜିଡିପିରେ ମାନୁଫାକ୍ଚରିଂ ଶେୟାର ମେକ୍ ଇନ୍ ଇଣ୍ଡିଆ ପୂର୍ବର ୧୬%ରୁ ଖସି ଏବେ ୧୩%ରେ ଅଛି। ମାନୁଫାକ୍ଚରିଂରେ ଚାକିରି କମିଛି। ମାନୁଫାକ୍ଚରିଂର ଅଧା କୁହାଯାଉଥିବା ଅଟୋମୋବାଇଲ ସେକ୍ଟର ଏକ ଦଶନ୍ଧି ହେଲା ମାନ୍ଦା ପଡ଼ିଛି। ୨୦୧୪–୧୫ରେ ଭାରତ ମୋଟ ୩.୪ ମିଲିୟନ ଯାତ୍ରୀବାହୀ ଯାନ ଉତ୍ପାଦନ କରିଥିଲା ଓ ମହାମାରୀ ପୂର୍ବରୁ ୨୦୧୯–୨୦ରେ ଏହି ସଂଖ୍ୟା ସମାନ ଥିଲା। ଗତ ୩ ବର୍ଷରେ ହାରାହାରି ସମାନ ସଂଖ୍ୟକ ଯାନ ଉତ୍ପାଦନ କରାଯାଇଛି। ଦି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ ୨୦୨୧ରେ ପ୍ରକାଶ କରିଥିଲା ଯେ,ଭାରତର ଅଟୋମୋବାଇଲ ଇଣ୍ଡଷ୍ଟ୍ରୀ ମାନ୍ଦା ଅଛି ; ଯାହା ଦୀର୍ଘମିଆଦୀ, ଢାଞ୍ଚାଗତ ଓ ଅତି ଗଭୀର। ଏହି ମାନ୍ଦାବସ୍ଥା ଉପରେ ଅଧିକ ଗବେଷଣା କରାଯିବା ଦରକାର ବୋଲି କୁହାଯାଇଥିଲା, କିନ୍ତୁ ସରକାରଙ୍କ ଅନୁଯାୟୀ ଭାରତରେ କୌଣସି ମାନ୍ଦା ସ୍ଥିତି ନାହିଁ।

ଚାଷୀଙ୍କ ଆୟ ଦୁଇଗୁଣ ହେଲାନାହିଁ। ଅନ୍ୟପକ୍ଷରେ କୋଭିଡ୍ ପରେ ୨୦୨୧–୨୨ରେ ଅର୍ଥ ବ୍ୟବସ୍ଥା ଭଲ ଥିବାବେଳେ ବୈଶ୍ୱିକ ବାଣିଜ୍ୟରେ ରପ୍ତାନି ୨୩% ବଢ଼ିଥିଲା। ଏହି ବୃଦ୍ଧି ଶେଷ ହୋଇଯାଇଛି ଓ ବିକ୍ରିଯୋଗ୍ୟ ସାମଗ୍ରୀଗୁଡ଼ିକର ରପ୍ତାନି ପୁନର୍ବାର ନକାରାତ୍ମକ ହୋଇଯାଇଛି। ଏହା ହିଁ ହେଉଛି ନ୍ୟୁଇଣ୍ଡିଆ@୭୫ର କୀର୍ତ୍ତିମାନ। ଆମେ ୨୦୨୩ର ମଝିରେ ପହଞ୍ଚି ଗଲେଣି। ହେଲେ ଏହି ୫ ବର୍ଷିଆ ଯୋଜନା ସମ୍ପର୍କରେ ଆଉ କୌଣସି ସୂଚନା ନାହିଁ। କେଉଁ ଲକ୍ଷ୍ୟ ହାସଲ ହୋଇଛି କିମ୍ବା ହାସଲ କରିବାକୁ ଚେଷ୍ଟା କରାଯାଇଥିଲା ତାହା ହୋଇ ନାହିଁ କିମ୍ବା ଭବିଷ୍ୟତ ପାଇଁ କେଉଁ ଶିକ୍ଷା ଗ୍ରହଣ କରାଯାଇପାରିବ ତାହା ନୀତି ଆୟୋଗ କହିନାହାନ୍ତି। ଏହା ବଦଳରେ ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଆମ ସମୟର ନାମ ପରିବର୍ତ୍ତନ କରିଛନ୍ତି। ଅମୃତକାଳ, ଅନନ୍ତ ଯୁଗ କହୁଛନ୍ତି। ଏହା ଅନନ୍ତ ନୁହେଁ ବରଂ ଆମ ପାଇଁ କେବଳ କର୍ତ୍ତବ୍ୟର ଯୁଗ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | 9 | 2 |
| | 6 | | | 9 | | 1 | | 4 |
| | | | | 1 | | | | 7 |
| | 2 | | 3 | 7 | | | | |
| | | 4 | | | | 3 | | 1 |
| 8 | | | | 5 | 2 | | | |
| | | | | 3 | | | | |
| | | 1 | | | 8 | 7 | | |
| | 7 | | | | | 4 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 4 | 2 | 3 | 6 | 5 | 1 | 7 |
| 5 | 3 | 6 | 7 | 1 | 9 | 4 | 2 | 8 |
| 7 | 1 | 2 | 5 | 8 | 4 | 6 | 9 | 3 |
| 2 | 9 | 8 | 6 | 7 | 1 | 3 | 5 | 4 |
| 6 | 5 | 3 | 9 | 4 | 8 | 1 | 7 | 2 |
| 4 | 7 | 1 | 3 | 5 | 2 | 9 | 8 | 6 |
| 1 | 2 | 5 | 4 | 6 | 7 | 8 | 3 | 9 |
| 8 | 4 | 7 | 1 | 9 | 3 | 2 | 6 | 5 |
| 3 | 6 | 9 | 8 | 2 | 5 | 7 | 4 | 1 |

ଗତକାଲିର ଉତ୍ତର

# ବିତର୍କରେ ଏକକ ଦେୱାନି ସଂହିତା



ଡ. ଗୌରୀଶଙ୍କର ସାହୁ

'ସୈତାନର ବେଦପାଠ' ସର୍ବଦା ସମାଜରେ ଭ୍ରମ ଓ ଭ୍ରାନ୍ତି ସୃଷ୍ଟିକରେ। ଦେଶର ୨୨ତମ ବିଧି ଆୟୋଗ ସମ୍ବିଧାନର ୪୪ ଧାରାରେ ପ୍ରସ୍ତାବିତ (ରାଜ୍ୟନୀତି ପ୍ରଣୟନ ସମ୍ବନ୍ଧୀୟ ମୌଳିକ ନିୟମାବଳୀ ଅନ୍ତର୍ଗତ) ଏକକ ଦେୱାନି ସଂହିତା ବା ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନା କରିବା ପାଇଁ ଆହ୍ୱାନ ଦେବା ପରେ ଚଳଚଞ୍ଚଳ ହୋଇଉଠିଛି ସାମାଜିକ ଗଣମାଧ୍ୟମ। ଏଥିରେ ନା ନଘା ଅଛି ନା ପଘା। ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ କିଛି ଭ୍ରମାତ୍ମକ ଧାରଣା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି, ଏଇ ଯେମିତି ଏହାଦ୍ୱାରା ସଂରକ୍ଷଣ ଉଠିଯିବ, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଜମିକୁ ଅନ୍ୟ ଜାତିର ଲୋକମାନେ ବିନା ବାଧାରେ କିଣିବା ପାଇଁ ନ୍ୟାୟିକ ସୁବିଧା ପାଇଯିବେ ଇତ୍ୟାଦି ଇତ୍ୟାଦି। ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ୯ ଅଗଷ୍ଟ ଦିନ ବନ୍ଦ ଡାକରା ଦେଲାଣି!

ହେଲେ ଖୋଲା କଥା ହେଲା ଯେ, ଦେଶରେ ୟୁସିସି ଲାଗୁ ହେବାକୁ ଆଲୋଚନା ହେଉଛି, ଏକକ ଦେୱାନି ଆଇନ ନୁହେଁ। ଆଇନ (ଆକ୍ଟ) ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଏକ ବିଧି(ଲ) ଓ ସଂହିତା (କୋଡ୍) ଏକାଧିକ ଆଇନର ସମାହାରରେ ପ୍ରସ୍ତୁତ ଏକ ନିର୍ଦ୍ଦେଶିକା, ନିୟମାବଳୀ। ଦେଶରେ ଅନେକ ଦଣ୍ଡବିଧି ଆଇନ ଅଛି ଓ ଏ ସବୁ ଆଇନକୁ ସାମଗ୍ରିକ ଭାବେ ମାର୍ଗଦର୍ଶନ କରୁଛି ଭାରତୀୟ ଦଣ୍ଡବିଧି ସଂହିତା (ଇଣ୍ଡିଆନ୍ ପେନାଲ୍ କୋଡ୍), ୧୮୬୦।

ସମାନ ଦଣ୍ଡବିଧି ସଂହିତା ରୂପେ ଭାରତୀୟ ଦଣ୍ଡବିଧି ଆଇନ–୧୮୬୦ ଲାଗୁହେବା ପରେ 'ଗୋଟିଏ ଦେଶ, ଗୋଟିଏ ଦଣ୍ଡ ବିଧି ବ୍ୟବସ୍ଥା' ସ୍ୱପ୍ନ ସାକାର ହେଲା। ଏହାଦ୍ୱାରା ଦଣ୍ଡବିଧି ଆଇନ ପ୍ରଣୟନ ବେଳେ ଧାର୍ମିକ ବାଧ୍ୟବାଧକତା ରହିଲା ନାହିଁ। ସମାଜ, ସଂସ୍କୃତି ଓ ବିଜ୍ଞାନ ହିଁ ଦଣ୍ଡ ବିଧି ଆଇନର ଆଧାର ଶିଳା ହେଲା। ସେ ସବୁ ଧାର୍ମିକ ପରମ୍ପରା ରହିଲା ଯାହା ଏ ତିନୋଟିର ପରିପନ୍ଥୀ ନୁହେଁ, ବାକି ପରମ୍ପରା ଦଣ୍ଡବିଧି ଆଇନ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ସମର୍ଥ ହୋଇ ରହିଲେ ନାହିଁ। ଏଇ ଯେମିତି ଅଧିକାଂଶ ଧର୍ମରେ ଘରେ ଅସ୍ତ୍ର ଶସ୍ତ୍ର ରଖିବାର ପରମ୍ପରା ଆବହମାନ କାଳରୁ ରହୁଥିଲା। ପରବର୍ତ୍ତୀ ସମୟରେ ଏ ଅଭ୍ୟାସ ପରିବର୍ତ୍ତନ ହୋଇ ନ ଥିଲା। ପ୍ରଫେଟ୍ (ସଲ୍ଲାଲ୍ଲାହୁ ଅଲୈହି ଓସଲମ୍) ସ୍ୱୟଂ ମାରଣାସ୍ତ୍ର ଧରି ବହୁ ଯୁଦ୍ଧରେ ବିଜୟୀ ହୋଇଛନ୍ତି ମଧ୍ୟ। ଭଗବାନ୍ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର, ଇନ୍ଦ୍ରଙ୍କ ବଜ୍ର, ରାମଚନ୍ଦ୍ରଙ୍କ ଧନୁତୀର, ଶିବଙ୍କ ତ୍ରିଶୂଳ, ଦଶଭୁଜା ଦୁର୍ଗାଙ୍କ ବର୍ଚ୍ଛା ଆପଣ ମୂର୍ତ୍ତି ବା ଫଟୋରେ ଦେଖିଲେ ସେଇ ଏକା ଧାରଣା। ପାଇକ, ଖଣ୍ଡାୟତମାନଙ୍କ ଘରେ ଘରେ ଅସ୍ତ୍ର। ଦୁର୍ଗାପୂଜାରେ ଶସ୍ତ୍ର ପୂଜା ପୁରୁଣା ପରମ୍ପରା। ଶିଖ୍‌ମାନେ ଘରେ ଘରେ କୃପାଣ ରଖିବା ସେମାନଙ୍କ ଧାର୍ମିକ ଅଧିକାର। କିନ୍ତୁ ୧୮୬୦ରେ ଭାରତୀୟ ଦଣ୍ଡବିଧି ସଂହିତା–୧୮୬୦, ଲାଗୁହେବା ପରେ ଆର୍ମସ୍ ଆକ୍ଟ ୧୯୫୯, ଆର୍ମସ ରୁଲ୍–୨୦୧୬, ଆର୍ମସ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯ ପ୍ରଣୟନ ବେଳେ ବ୍ୟବସ୍ଥାପକ ସଭାକୁ ନାଲି ଆଖି ଦେଖାଇପାରିଲେ ନାହିଁ କୌଣସି ଧାର୍ମିକ ପୀଠାଧିଶ ବା ଧର୍ମାନ୍ଧ ରାଜନେତା। ହେଲେ ପନିକି, କଟୁରି, ଶାବଳ, ଟାଙ୍ଗିଆ ପ୍ରଭୃତି ଘରକରଣା କିମ୍ବା ଚାଷବାସରେ ବ୍ୟବହୃତ ଧାରୁଆ ପଦାର୍ଥ ବ୍ୟବହାର କ'ଣ ବନ୍ଦ କରିବାକୁ ହେଲା? ଯଦି ଦେଶରେ ୧୮୬୦ରେ 'ଗୋଟିଏ ଦେଶ ଓ ଗୋଟିଏ ଦଣ୍ଡ ବିଧି ବ୍ୟବସ୍ଥା' ଲାଗୁ ହୋଇ ନ ଥାନ୍ତା, ଧର୍ମର ପଣତକାନି ତଳେ ଧର୍ମାନ୍ଧମାନେ ସମାଜ ଓ ରାଷ୍ଟ୍ରରାଜ୍ୟ ପାଇଁ ଅତି ଆବଶ୍ୟକ ଏପରି ଗୋଟିଏ ସୁସଂହତ ଆଇନ ସମ୍ଭବତଃ ପ୍ରଣୟନ କରାଇ ଦେଇ ନ ଥାନ୍ତେ। ଗଞ୍ଜେଇ, ଭାଙ୍ଗ ପ୍ରଭୃତି ନିଶାଦ୍ରବ୍ୟ କେବଳ ଔଷଧ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାରେ ବ୍ୟବହୃତ ହେବା କଥା। ଘରେ ଘରେ ବ୍ୟକ୍ତିଗତ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ଏହା ଦେଶକୁ ନିଶାଗ୍ରସ୍ତ କରି ରସାତଳକୁ ନେଇଯିବ। କିନ୍ତୁ ପରମ୍ପରା କ୍ରମେ ମନ୍ଦିର, କୋଠଘର, ଚୁଙ୍ଗିଗୁଡ଼ିକରେ ସଞ୍ଜ ନଇଁଲେ ଭାଙ୍ଗପଣା, ଗଞ୍ଜେଇ ଧୂଆଁର ଆସର ଥିଲା। ଯଦି ଦେଶରେ ୧୮୬୦ରେ 'ଗୋଟିଏ ଦେଶ, ଗୋଟିଏ ଦଣ୍ଡବିଧି ବ୍ୟବସ୍ଥା' ପ୍ରଚଳିତ ହୋଇ ନଥାନ୍ତା, ତେବେ ୧୯୮୫ରେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟ, ୧୯୮୫ଲାଗୁ ହୋଇ ପାରିଥାନ୍ତା କି? ବକ୍ରିଇଦ୍ ମୁସଲମାନ୍ ଧର୍ମର ଧାର୍ମିକ ପ୍ରଥା, ଦୁର୍ଗାପୂଜାରେ ବଳିପ୍ରଥା ହିନ୍ଦୁଙ୍କ ଧାର୍ମିକ ପରମ୍ପରା, ବନବାସୀମାନେ ପଶୁବଳି ଦେବା ସେମାନଙ୍କ ଚଳଣି। ପଶୁକୁ କଷ୍ଟ ଦେଇ ମରାଯିବ ବୋଲି ଉପରୋକ୍ତ ଏକ ଧର୍ମରେ କୁହାଯାଇଛି। ଯଦି ଦେଶରେ ୧୮୬୦ରେ 'ଗୋଟିଏ ଦେଶ, ଗୋଟିଏ ଦଣ୍ଡବିଧି ବ୍ୟବସ୍ଥା' ପ୍ରଚଳିତ ହୋଇ ନ ଥାନ୍ତା, ତେବେ ପ୍ରିଭେନ୍‌ସନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ୍ ଆକ୍ଟ–୧୯୬୦ ଲାଗୁ ହୋଇ ପାରିଥାନ୍ତା କି? ସେହିପରି କେଉଁ ଧର୍ମରେ ପ୍ରଥମ ନାରୀ ନିଷେଧ ଫଳ ଖାଇଥିବାରୁ ସମାଜରେ ନାରୀଜାତି ପୁରୁଷର ଅଧସ୍ତନ ହୋଇରହିବ, ସେ ହେବ ପାପର ପ୍ରତୀକ ଓ ସହିବ ସବୁ ଅତ୍ୟାଚାର ଓ ଦୁଃଖ ମଥାପାତି, କେଉଁ ଧର୍ମର ବିଶ୍ୱାସରେ ନାରୀକୁ ଦେବାକୁ ହୁଏ ବାରମ୍ବାର ଅଗ୍ନି ପରୀକ୍ଷା, ଜୁଆରେ ବସ୍ତୁପରି ବାଜି ଲଗାଯାଏ ନିଜ ସ୍ତ୍ରୀକୁ। ତେଣୁ ନାରୀଜାତି ପ୍ରତି ଘରୋଇ ହିଂସା ହେଲେ ହେଉ, କେଉଁ ଧର୍ମରେ ନାରୀକୁ କରାଯାଇପାରେ ଯୌନଦାସୀ। ହେଲେ ୧୮୬୦ରେ 'ଗୋଟିଏ ଦେଶ, ଗୋଟିଏ ଦଣ୍ଡବିଧି ବ୍ୟବସ୍ଥା' ଲାଗୁ ହେବା କାରଣରୁ ସଦ୍ୟ ୨୦୦୫ରେ, ପ୍ରୋଟେକ୍‌ଶନ୍ ଅଫ୍ ଓମେନ୍ ଫ୍ରମ୍ ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟ, ୨୦୦୫ ପ୍ରଣୀତ ହୋଇପାରିଲା। 'ଗୋଟିଏ ଦେଶ, ଗୋଟିଏ ଦଣ୍ଡବିଧି ବ୍ୟବସ୍ଥା' ଆଧାରରେ ଭାରତୀୟ ଦଣ୍ଡବିଧି ସଂହିତା–୧୮୬୦ ଲାଗୁ ହେବା କାରଣରୁ ସାମାଜିକ ସଂସ୍କାର ଓ ଶାନ୍ତି ପାଇଁ ଅଭିପ୍ରେତ ଏହିପରି ଅନେକ ପ୍ରଗତିଶୀଳ ଓ ଯୁଗୋପଯୋଗୀ ଆଇନ ଲାଗୁ ହୋଇପାରିଲା। 'ଗୋଟିଏ ଦେଶ, ଗୋଟିଏ ଦଣ୍ଡ ବିଧି ବ୍ୟବସ୍ଥା' ଆଧାରରେ ଭାରତୀୟ ଦଣ୍ଡବିଧି ବ୍ୟବସ୍ଥା–୧୮୬୦ ଗୋଟାପଣେ ପ୍ରଚଳିତ ଥିବା ସତ୍ତ୍ୱେ ସାମାଜିକ ସୁରକ୍ଷା ଓ ନ୍ୟାୟ ଦୃଷ୍ଟିରୁ ସିଡୁଲ୍ କାଷ୍ଟ ଆଣ୍ଡ ସିଡୁଲ୍ ଟ୍ରାଇବ୍‌ସ (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟିଜ୍) ଆକ୍ଟ, ୧୯୮୯ ପ୍ରଣୟନ ହେଲା ଓ ସମଗ୍ର ଦେଶରେ ଲାଗୁ ହୋଇପାରିଛି। ତେଣୁ ୟୁସିସି ଲାଗୁ ହେଲେ ଯେ ସଂରକ୍ଷଣ ଉଠିଯିବ, ବନବାସୀମାନଙ୍କ ଜମି ଗ୍ରାମବାସୀ ଓ ସହରବାସୀ କିଣିବାର ନ୍ୟାୟିକ ବାଟ ଖୋଲିଯିବ, ସେମାନଙ୍କ ବିଭିନ୍ନ ପରମ୍ପରା ଯାହା ସଂଖ୍ୟାଗରିଷ୍ଠ ଅବଶିଷ୍ଟ ଭାରତର ଚଳଣି ସହ ସମାନ ନୁହେଁ ସେ ସବୁ ବନ୍ଦ ହୋଇଯିବ ବୋଲି ନିରାଧାର ଓ ମିଛ କଥାସବୁ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରି ଯେଉଁମାନେ ମୋ ପରି ପଛୁଆ ବର୍ଗ ଅନୁସୂଚିତ ଜାତି ଓ ଜନଜାତିର ଭାଇଭଉଣୀମାନଙ୍କ ମନରେ ଭୟ ସୃଷ୍ଟିକରି ସମାଜରେ ବିଭାଜନ ଓ ଦେଶରେ ବିଦ୍ରୋହ ସୃଷ୍ଟିକରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଚିହ୍ନିବା ପାଇଁ ସଚେତନ ନାଗରିକମାନେ ଚେଷ୍ଟା କରନ୍ତୁ। ବାଲ୍ୟ ବିବାହ, ବିଧବା ବିବାହ, ସମ୍ପତ୍ତିରେ କନ୍ୟାର ସମାନ ଅଧିକାର ପ୍ରଭୃତି ଯୁଗୋପଯୋଗୀ ଚିନ୍ତାଧାରା ଗ୍ରହଣ, ସତୀପ୍ରଥା, ଯୌତୁକପ୍ରଥା, ଦେବଦାସୀ ପ୍ରଥା ପ୍ରଭୃତି ଅନେକ ପୁରୁଣାକାଳିଆ ପ୍ରଥା ଲୋପ କରିବାରେ ପ୍ରଶାସନ ଓ ବିଧି ବ୍ୟବସ୍ଥାର ସହଯୋଗୀ ହୋଇଛନ୍ତି ହିନ୍ଦୁ ସମାଜ। ଆଜି ଏ ଦେଶର ସଂଖ୍ୟାଗରିଷ୍ଠ ଧର୍ମର ଲୋକମାନଙ୍କୁ ପରସ୍ପର ସହ ଲଢ଼େଇ ନିଜର ସଂକୀର୍ଣ୍ଣ ଓ ଅମାନବୀୟ ସ୍ୱାର୍ଥ ସାଧନ ପାଇଁ ଚେଷ୍ଟା ଆରମ୍ଭ କରିଦେଇଛନ୍ତି କେଉଁମାନେ?



ନିଜ ବୁଦ୍ଧି, ବିବେକ ଖଟାଇ ସମାନ ନାଗରିକ ସଂହିତା ସପକ୍ଷରେ ଓ ବିପକ୍ଷରେ ଆଇନଜ୍ଞମାନେ ଯେଉଁ ଯୁକ୍ତି ରଖୁଛନ୍ତି ତାକୁ ବିଚାର କରନ୍ତୁ ଓ ଆପଣ ଦେଖିବେ ଏକକ ଦେୱାନି ସଂହିତା ହିଁ ଦେଶର ନାରୀ, ଶିଶୁ ଓ ବଞ୍ଚିତ ବର୍ଗର ଲୋକଙ୍କୁ ନ୍ୟାୟ ଦେବା ପାଇଁ ଆଜି ସମୟର ଆବଶ୍ୟକତା। ସରକାର ମଧ୍ୟ ଚିଠା ଦସ୍ତାବିଜ ପ୍ରସ୍ତୁତିବେଳେ ବରିଷ୍ଠ ଆଇନଜ୍ଞମାନଙ୍କ ମଧ୍ୟରୁ ସେହିମାନଙ୍କୁ ସମିତିରେ ନିଅନ୍ତୁ ଯେଉଁମାନଙ୍କ ସେମାନଙ୍କ ନିଜ ଧର୍ମର ଆଇନକାନୁନ୍ ବିଷୟରେ ବ୍ୟାପକ ଅଭିଜ୍ଞତା ଅଛି ବୋଲି ସେମାନଙ୍କ ଅତୀତ ପ୍ରମାଣିତ କରୁଥିବ।

ସମ୍ପାଦକ, 'ସିଦ୍ଧାନ୍ତ'
ମୋ: ୭୯୭୮୪୨୧୮୩୫

# 'ତାରା' ବିଜୟିନୀ

'ଏଲିଫ୍ୟାଣ୍ଟ ହ୍ୱିସ୍‌ପରର୍ସ' ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ପାଇଁ ୨୦୨୩ ଏକାଡେମୀ ପୁରସ୍କାର ପାଇବା ପରେ ଓସ୍କାର ବିଜୟିନୀ ନିର୍ଦ୍ଦେଶିକା କାର୍ତ୍ତିକୀ ଗୋନ୍‌ସାଲ୍‌ଭେସ୍ ଚର୍ଚ୍ଚିତ ହୋଇଥିଲେ। ମଣିଷ ଓ ହାତୀ ମଧ୍ୟରେ ଥିବା ସମ୍ପର୍କକୁ ଅତି ନିଖୁଣ ଭାବେ ଚଳଚ୍ଚିତ୍ରରେ ପ୍ରଦର୍ଶନ କରିବା ଓ ଏହାର ଚିତ୍ରୋତ୍ତୋଳନ ଅତି ଉଚ୍ଚକୋଟୀର ଥିଲା ବୋଲି ସେତେବେଳେ ବିଚାରକମଣ୍ଡଳୀ ମତ ଦେଇଥିଲେ। ଗୋନ୍‌ସାଲ୍‌ଭେସଙ୍କ ନିର୍ଦ୍ଦେଶିତ ଏହି ବୃତ୍ତଚିତ୍ରରେ ଜନଜାତି ଦମ୍ପତି ବୋମନ ଓ ବେଲି ଦଳରୁ ଅଲଗା ହୋଇଯାଇଥିବା ହାତୀ ଶାବକ ରଘୁକୁ ବଞ୍ଚାଇବା ପାଇଁ ସଂଘର୍ଷ କରିଛନ୍ତି। ଜୀବ ସହ ମଣିଷର ସମ୍ପର୍କ ବିଶେଷକରି ବଣପାହାଡ଼ ଘେରା ଅଞ୍ଚଳରେ ଆଦିବାସୀମାନେ କିଭଳି ସେମାନଙ୍କ ସହିତ ନିବିଡ଼ ବନ୍ଧନରେ ଆବଦ୍ଧ ଅଛନ୍ତି ଓ ତାମିଲନାଡୁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏଲିଫ୍ୟାଣ୍ଟ ହ୍ୱିସ୍‌ପରର୍ସରେ ଦର୍ଶାଯାଇଛି। ଭାରତୀୟଙ୍କ ପାଇଁ ଏବେ ଖୁସିର କଥା ଯେ, ଗୋନ୍‌ସାଲ୍‌ଭେସ୍ ପୁନଶ୍ଚ ଅନ୍ତର୍ଜାତୀୟ ସମ୍ମାନ ପାଇ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ନିକଟରେ ଲଣ୍ଡନଠାରେ ବ୍ରିଟେନ ରାଜା କିଙ୍ଗ୍ ଚାର୍ଲସ–୩ୟ ଓ ରାଣୀ କାମିଲା ତାଙ୍କୁ 'ଏଲିଫ୍ୟାଣ୍ଟ ଫ୍ୟାମିଲି' ପରିବେଶ ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାମିଲାଙ୍କ ସ୍ୱର୍ଗବାସୀ ଭାଇ ବ୍ରିଟିଶ ଟ୍ରାଭେଲ ରାଇଟର ତଥା ପରିବେଶ ସୁରକ୍ଷାର ପ୍ରବକ୍ତା ମାର୍କ ଶାନ୍ଦ ୨୦୦୩ରେ ଏହି ସଙ୍ଗଠନ ପ୍ରତିଷ୍ଠା କରିଥିଲେ। ହାତୀ ଓ ଏସୀୟ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ହାତୀ 'ତାରା' ନାମରେ ଉକ୍ତ ପୁରସ୍କାରକୁ ନାମିତ କରାଯାଇଛି। ପ୍ରଥମ ଥର ପାଇଁ ଭାରତୀୟ ଶର୍ଟ ଫିଲ୍ମ ନିର୍ଦ୍ଦେଶକ ଭାବେ ୯୫ତମ ଏକାଡେମୀ ପୁରସ୍କାର ପାଇଥିବା ଗୋନ୍‌ସାଲ୍‌ଭେସ୍ ଅନ୍ତର୍ଜାତୀୟ ସ୍ତରରେ ପରିବେଶ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଚର୍ଚ୍ଚିତ ହୋଇଛି।

ଗୋନ୍‌ସାଲ୍‌ଭେସ ୨ ନଭେମ୍ବର ୧୯୮୬ରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ଟିମୋଥି ଏ. ଗୋନ୍‌ସାଲ୍‌ଭେସ ଓ ପ୍ରିସ୍‌ସିଲା ଟାପ୍‌ଲେ ଗୋନ୍‌ସାଲ୍‌ଭେସଙ୍କ କନିଷ୍ଠା କନ୍ୟା ହେଉଛନ୍ତି କାର୍ତ୍ତିକୀ। ତାଙ୍କ ବଡ଼ ଭଉଣୀ ତାନିକା ଗୋନ୍‌ସାଲ୍‌ଭେସ। କାର୍ତ୍ତିକୀ ଉଟିଠାରେ ବଢ଼ିଥିଲେ। ସେ କୋଏମ୍ବାଟୁରସ୍ଥିତ ଡକ୍ଟର ଜି.ଆର୍. ଦାମୋଦରନ୍ କଲେଜ ଅଫ୍ ସାଇନ୍ସରୁ ୨୦୦୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଉଟିସ୍ଥିତ ଲାଇଟ୍ ଆଣ୍ଡ ଲାଇଫ୍ ଏକାଡେମୀରେ ସେ ଫଟୋଗ୍ରାଫି ପାଠ ପଢ଼ିଥିଲେ। ଇଣ୍ଟରନ୍ୟାଶନାଲ ଲିଗ୍ ଅଫ୍ କଞ୍ଜରଭେଶନ ଫଟୋଗ୍ରାଫର୍ସ (ଆଇଏଲ୍‌ସିପି)ର ଫେଲୋ ହୋଇଥିବା ଗୋନ୍‌ସାଲ୍‌ଭେସ ଭାରତରେ ସୋନି ଆଲ୍‌ଫା ଆର୍ଟିସାନ ଅଫ୍ ଇମେଜେରିର ପ୍ରଥମ ମହିଳା ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ। ବୃତ୍ତିଗତ ଉତ୍କର୍ଷ ପାଇଁ ସେ ଦକ୍ଷିଣ ଭାରତର ପଶ୍ଚିମ ଘାଟ ଓ ଉତ୍ତର ଆମେରିକାର ପାସିଫିକ୍ ନର୍ଥ ୱେଷ୍ଟକୁ ନିୟମିତ ଯାତ୍ରା କରିଥାଆନ୍ତି। ୨୦୧୮ରେ ସେ 'ଆର୍ଥ ସ୍ପେକ୍ଟ୍ରମ୍' ପ୍ରତିଷ୍ଠା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ସଙ୍ଗଠନ ଜରିଆରେ ସେ ଜୈବ ବିବିଧତା ଓ ସଂସ୍କୃତି ଜୀବନ ବିଷୟରେ ଗଳ୍ପ ଜରିଆରେ ସଚେତନତା ସୃଷ୍ଟି କରିଥାଆନ୍ତି। ୨୦୧୮ ଶେଷ ଆଡ଼କୁ ଗୋନ୍‌ସାଲ୍‌ଭେସ ଚଳଚ୍ଚିତ୍ର ପାଇଁ ଚିତ୍ର ଉତ୍ତୋଳନକାରୀ ମହିଳାଙ୍କ ମଧ୍ୟରେ ନିଜର ଏକ ସ୍ଥାନ ରଖିବାରେ ସକ୍ଷମ ହୋଇଥିଲେ। 'ଦି ଏସିଆଟିକ୍ ବ୍ଲାକ୍ ବିଅର' ଏପିସୋଡ୍ ଶୁଟିଂରେ ସେ ଲାଗି ପଡ଼ିଥିଲେ। ସୂଚନା ଦିଆଯାଇପାରେ ଯେ, ଦି ବ୍ରିଙ୍କ ଫର୍ ଡିସ୍କଭରି ଚ୍ୟାନେଲ ଓ ଆନିମଲ ପ୍ଲାନେଟରେ ଏହା ପ୍ରସାରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା। ଏଥିରେ ଭାରତରେ ସଙ୍କଟାପନ୍ନ ଅବସ୍ଥାରେ ଥିବା ବହୁ ପ୍ରଜାତିର ଜୀବଜନ୍ତୁଙ୍କୁ ସ୍ଥାନିତ କରାଯିବା ସହିତ ଏଗୁଡ଼ିକୁ ସୁରକ୍ଷିତ ରଖିବା ଲାଗି କାର୍ଯ୍ୟ କରୁଥିବା ଗବେଷକ ଓ ବୈଜ୍ଞାନିକଙ୍କ କୃତିକୁ ସନ୍ନିବେଶିତ କରାଯାଇଥିଲା। ଚଳଚ୍ଚିତ୍ରରେ କାର୍ଯ୍ୟ କରିବା ସହିତ ଗୋନ୍‌ସାଲ୍‌ଭେସ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖବରକାଗଜ ଓ ପତ୍ରିକା ଲାଗି ମୁକ୍ତବୃତ୍ତି ଫଟୋଗ୍ରାଫର ରହିଆସିଛନ୍ତି। ତାଙ୍କ ସଦ୍ୟ ଚର୍ଚ୍ଚିତ ଫଟୋ ମଧ୍ୟରେ ଭାରତ ଓ ପାକିସ୍ତାନର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ବାସ କରୁଥିବା ମହିଳା ସ୍ଥାନ ପାଇଛନ୍ତି।

ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା ଓ ସେହି ଦିଗରେ ସଚେତନତା ସୃଷ୍ଟି କରୁଥିବା ଗୋନ୍‌ସାଲ୍‌ଭେସଙ୍କ ବୃତ୍ତିଗତ ଯାତ୍ରା ଦୁଃସାହସିକତାରେ ଭରି ରହିଛି। ଅନୁରୂପ ଭାବେ ମହିଳା ଓ ସାଂସ୍କୃତିକ ସୌହାର୍ଦ୍ଦ୍ୟ ବଜାୟ ରଖିବା ଲାଗି ସେ ଯେଉଁଭଳି ତରିକାରେ କାର୍ଯ୍ୟ କରୁଛନ୍ତି, ସେଥିପାଇଁ ଧନ୍ୟବାଦାର୍ହ। ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିବା ଲାଗି ପର୍ଯ୍ୟାପ୍ତ ଭ୍ରମଣ କରି ସେଥିରୁ ସେ ଆନନ୍ଦ ପାଇଥାଆନ୍ତି ବୋଲି କହିଥାଆନ୍ତି।

–ଜିତେନ୍ଦ୍ର କୁମାର ନାୟକ

### ବ୍ୟକ୍ତିତ୍ୱ



କାର୍ତ୍ତିକୀ ଗୋନ୍‌ସାଲ୍‌ଭେସ୍

## ଏଇ ଭାରତରେ

ହିମାଚଳପ୍ରଦେଶର ୭୩ ବର୍ଷ ବୟସ୍କା ଲୁରମା ଦେବୀ ପ୍ରାଣୀପ୍ରେମୀଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି। ନିଜ ପାଇଁ କିଛି ଖାଇବାକୁ ପାଇଲେ କି ନାହିଁ, ଏଥିରେ ତାଙ୍କର କିଛି ଫରକ ପଡ଼େ ନାହିଁ, କିନ୍ତୁ ଭୁଲାପ୍ରାଣୀଙ୍କ ପେଟ ଭରି ସେ ଖୁବ୍ ଆନନ୍ଦିତ ହୋଇଥାନ୍ତି। ଲୁରମା ପ୍ରାଣୀଙ୍କ ପାଇଁ ଘାସ ଏବଂ ପାଣିର ବ୍ୟବସ୍ଥା କରିଥାନ୍ତି। ଘାଟି ଉପରେ ଏକ କିଲୋମିଟର ଦୂରରୁ ପିଠିରେ ପାଣି ବୋହି ନେଇ ସେମାନଙ୍କୁ ପିଇବାକୁ ଦିଅନ୍ତି। ଲୁରମା ଦେବୀ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାର ଲାଭ ପାଇ ନାହାନ୍ତି କିମ୍ବା ଏ ବିଷୟରେ ଅବଗତ ନୁହନ୍ତି। ସେ ଘସି ଓ ଖତରୁ ପାଉଥିବା ସ୍ୱଳ୍ପ ଟଙ୍କାରେ ଚଳନ୍ତି ଓ ଏଥିରେ ପ୍ରାଣୀଙ୍କ ଚିକିତ୍ସାରେ ଖର୍ଚ୍ଚ କରିଥାନ୍ତି। କେହି କିଛି ଖାଇବାକୁ ଦେଲେ ଲୁରମା ଖାଇଥାନ୍ତି। ଆନି ବ୍ଲକର କାମନ୍ଦ ପଞ୍ଚାୟତର ଗାଡ଼ାରୀ ଗାଁର ଲୁରମା ଦେବୀଙ୍କ ନିଜ ଜୀବନ ସଂଘର୍ଷରେ ପରିପୂର୍ଣ୍ଣ। ସ୍ୱାମୀ ଚାଲିଯିବା ପରେ ସେ ଭୁଲା ପ୍ରାଣୀମାନଙ୍କୁ ରଖିବା ଆରମ୍ଭ କଲେ। ପ୍ରଥମେ ୨୫ ଗାଈ, ଷଣ୍ଢ ଏବଂ ବାଛୁରିଙ୍କୁ ଲୁରମା ଏକ ଗୁମ୍ଫାରେ ରଖିଥିଲେ। ଜଙ୍ଗଲର ବନ୍ୟଜନ୍ତୁମାନେ ଲୁରମା ଦେବୀଙ୍କ ୧୪ଟି ପ୍ରାଣୀଙ୍କୁ ଶିକାର କରିଥିଲେ। ବର୍ତ୍ତମାନ ୧୧ଟି ପ୍ରାଣୀଙ୍କୁ ବଞ୍ଚାଇବା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ଲୁରମା ଦେବୀ କହନ୍ତି, ପିଲାଦିନରୁ ପଶୁମାନଙ୍କ ପ୍ରତି ତାଙ୍କର ଏକ ଭଲପାଇବା ଅଛି। ସେ ମଧ୍ୟ ବାକି ଜୀବନ ସେମାନଙ୍କୁ ପାଳନରେ ବିତାଇବାକୁ ଚାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୯୮

- ବାଂଲାଦେଶର ଦକ୍ଷିଣ–ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ଯୋଗୁ କାଛ ଭୁଶୁଡ଼ି ଓ ମାଟି ଅତଡ଼ା ଖସି ୨୪ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ଉତ୍ତର ଏବଂ ପୂର୍ବାଞ୍ଚଳରେ ସୈନ୍ୟ ଓ ବିଦ୍ରୋହୀଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୨୬ ବିଦ୍ରୋହୀ ଗେରିଲାଙ୍କ ସମେତ ୩୫ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ବାୟୁ ପ୍ରଦୂଷଣରେ ଭାରତ ଦ୍ୱିତୀୟ

ମହାଶୟ,

ନେପାଳ ପଛକୁ ଭାରତ ବାୟୁ ପ୍ରଦୂଷଣରେ ବିଶ୍ୱରେ ଦ୍ୱିତୀୟ। ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ୧୦୨ଟି ସହର ମଧ୍ୟରେ ୫ଟି ରହିଛି। ସେହିପରି ଭାରତରେ ୧୨ଟି ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୬ଟି ରହିଛି। ଭାରତରେ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ। ଚିକାଗୋ ବିଶ୍ୱବିଦ୍ୟାଳୟର କେତେଜଣ ଅଧ୍ୟାପକ କରିଥିବା ଗବେଷଣା ଅନୁସାରେ ଉତ୍ତର ଭାରତରେ ପ୍ରଦୂଷଣ ଘାତକ ସ୍ତରରେ ରହୁଥିବାରୁ ଏଠାକାର ଜନସାଧାରଣଙ୍କ ଆୟୁଷ ୭ ବର୍ଷ ହ୍ରାସ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ ଭାରତରେ ୯୮% ଶିଶୁ ପ୍ରଦୂଷଣ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଭାବିତ। ପ୍ରଦୂଷଣ ପାଇଁ ଦେଶରେ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଏଣୁ ପ୍ରଦୂଷଣ ଭାରତରେ ଏକ ଗମ୍ଭୀର ସମସ୍ୟା। ପ୍ରଦୂଷଣମୁକ୍ତ ଭାରତ ଗଠନ ଦେଶ ପାଇଁ ଏକ ବଡ଼ ଆହ୍ୱାନ। ଦେଶବାସୀ ସୁସ୍ଥ ରହିଲେ ଦେଶର ପ୍ରଗତି ତ୍ୱରାନ୍ୱିତ ହେବ। ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବା ସହ ବୃକ୍ଷଚ୍ଛେଦନ ଉପରେ କଠୋର କଟକଣା ଓ ଜଙ୍ଗଲ କ୍ଷୟକୁ ରୋକିବା ଆମ ସମସ୍ତଙ୍କର ଦାୟିତ୍ୱ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପୀରତି ଯଥା କହିବା କଥା
କେବଳ ଦେହ–ତୃଷ୍ଣା
ଅମର ହେବା ତେସନ ଖାଲି ମିଛ,
କବିତା ଯଥା ମାନସ–ଭୁଲା
ଭାଷାର ଏକ ଭୁଷା
ନୋହିଲେ ସେ ଯେ ଗଦ୍ୟ ତହୁଁ ନୀଚ!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୁନିଶ୍ଚିତ ନୁହଁ ଟିକେଟ, ବିଶ୍ୱାସଘାତକ ଚିହ୍ନଟ

## ସମ୍ବଲପୁର ଗସ୍ତରେ ବିଜେଡି ସାଙ୍ଗଠନିକ ସମ୍ପାଦକ

ସମ୍ବଲପୁର,୮।୭(ଶୁଭାଶିଷ ପାଢ଼ୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶକୁ ପ୍ରସଙ୍ଗ କରି ନିର୍ବାଚନ ଲଢିଆସୁଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ମଧ୍ୟ ଦଳର ଆଭିମୁଖ୍ୟ ସମାନ ରହିବ। ପ୍ରଶାସନିକ ଅଧିକାରୀମାନେ ତାଙ୍କ ଦାୟିତ୍ୱ ବହନ କରୁଛନ୍ତି। ଦଳର ନେତୃତ୍ୱ ଓ କର୍ମୀ ପ୍ରଶାସନ ସହ ମିଶି କାମ କରିବା। ଦଳରେ ନେତା, କର୍ମୀ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ଏଠି କୌଣସି ନେତାଙ୍କ ବିଧାୟକ କିମ୍ବା ଏମ୍‌ପି ପ୍ରାର୍ଥୀ ଟିକେଟ ସୁନିଶ୍ଚିତ ନୁହଁ ବୋଲି ଶନିବାର ସମ୍ବଲପୁର ଗସ୍ତରେ ଆସିଥିବା ବିଜେଡ଼ି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) କର୍ମୀମାନଙ୍କୁ କହିଛନ୍ତି। ସର୍କିଟ ହାଉସରେ ଜିଲାର ୪ ବିଧାନସଭାକୁ ନେଇ ପୃଥକ୍ ବୈଠକ ହୋଇଥିଲା। ଗୋଷ୍ଠୀ ବିବାଦ, ନିର୍ବାଚନ ସମୟରେ ବିଶ୍ୱାଘାତକତା ଗତ ଦୁଇଟି ନିର୍ବାଚନରେ ପରାଜୟର ପ୍ରମୁଖ କାରଣ ବୋଲି କେତେଜଣ କର୍ମୀ ଅଭିଯୋଗ କରିଥିଲେ। ଏହାର ଉତ୍ତର ଦେଇ ବବି କହିଥିଲେ, ଗତ ନିର୍ବାଚନରେ ବିଶ୍ୱାସଘାତକଙ୍କୁ ଚିହ୍ନଟ କରାଯାଇଛି। ଆଗାମୀ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କଲେ ସେମାନେ ପରିଣାମ ନିଶ୍ଚୟ ଭୋଗିବେ। ସଙ୍ଗଠନ କରିବା ପ୍ରଥମ ଦାୟିତ୍ୱ। ଅତୀତରେ ଯାହା ଘଟିଥିଲା ତାକୁ ସୁଧାରି ହେବନାହିଁ। ଭବିଷ୍ୟତ ପାଇଁ ଆମକୁ ଏକାଠି କାମ କରି ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ବୈଠକରେ ଜମନକିରା ବ୍ଲକ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ ନିଜ ସମର୍ଥକଙ୍କ ସହ ବବିଙ୍କୁ ଭେଟି ଆଲୋଚନା କରିଥିଲେ। ଜମନକିରା ବ୍ଲକରେ ଦଳୀୟ କାର୍ଯ୍ୟକ୍ରମ, ସଙ୍ଗଠନରେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ ସମସ୍ୟା ହେଉଛି। ସଙ୍ଗଠନ କାର୍ଯ୍ୟ ମଧ୍ୟ କରିହେଉ ନାହିଁ ବୋଲି କହିଥିଲେ। ଏହା ଶୁଣି ବବି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି, ବଚସା ହୋଇ ଉଗ୍ର ରୂପ ନେଇଥିଲା। ଶେଷରେ ଜିଲା ପରିଷଦ ସଭ୍ୟା ଖୁଣ୍ଟିଆ ହାତ ଯୋଡ଼ି ଯେଉଁ ଦଳରେ ଗୁରୁତ୍ୱ ନାହିଁ ବୋଲି କହି ଚାଲିଯାଇଥିଲେ। ବବି ମଧ୍ୟ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ବୈଠକରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ, ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ବୈଠକ ପରେ ଯାଜପୁର ବିଧାୟକ ଦାସ, ଭଟ୍ଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଜିଲାପାଳ ଅନନ୍ୟା ଦାସ ଓ ଆଇଜି ଡ. ଦୀପକ କୁମାରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ଗସ୍ତ ସମ୍ପର୍କରେ ଆଲୋଚନା କରିଥିଲେ।


ବୈଠକରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଅନ୍ୟ ନେତା ଓ କର୍ମୀମାନେ।

■ ବବିଙ୍କ ସହ କଥା କଟାକଟି, ଉଠିଗଲେ ଜିଲା ପରିଷଦ ସଭ୍ୟା

■ ବିକାଶକୁ ନେଇ ନିର୍ବାଚନ, ଏକାଠି କାମ କରିବାକୁ ହେବ

# ଶିକ୍ଷାନୁଷ୍ଠାନ ମୂଲ୍ୟାୟନରେ ରାଜନୀତି ହେଉଛି: ବିଜେଡି

ଭୁବନେଶ୍ୱର,୮।୭(ଅନିଲ ଦାସ)

**ଓଡ଼ିଶାକୁ ବଦନାମ ପାଇଁ କେନ୍ଦ୍ରର ପ୍ରୟାସ**

ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ମୂଲ୍ୟାୟନ କ୍ଷେତ୍ରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ରାଜନୀତି କରୁଛି। ଗ୍ରାମୀଣ ଗୃହ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଦକ୍ଷତା ବିକାଶ, କ୍ରୀଡ଼ା ପ୍ରୋତ୍ସାହନ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓଡ଼ିଶା କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଥିବାବେଳେ ଶିକ୍ଷା କ୍ଷେତ୍ରରେ ଏଭଳି ର୍‍ୟାଙ୍କିଙ୍ଗ୍ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସେ କହିଛନ୍ତି, ଓଡ଼ିଶାରେ ପ୍ରାୟ ୮୦୦୦ ହାଇସ୍କୁଲରେ ରୂପାନ୍ତରଣ କରାଯାଉଛି, ଯାହାକି ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରୁଛି। ଓଡ଼ିଶା ଆରମ୍ଭ କରିଥିବା ମୋ ସ୍କୁଲ ଅଭିଯାନ ଦେଶରେ ଅତୁଳନୀୟ। ଏହାକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଛି। ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟଗୁଡ଼ିକର ପର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ(ପିଜିଆଇ) ରିପୋର୍ଟରେ ଓଡ଼ିଶା ର୍‍ୟାଙ୍କିଙ୍ଗରେ ହ୍ରାସ ଘଟିବା ଆଶ୍ଚର୍ଯ୍ୟଜନକ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଖରାପ ଭାବେ ଦର୍ଶାଇବା ଏବଂ ଓଡ଼ିଶାବାସୀଙ୍କୁ ବଦନାମ କରିବା ପାଇଁ ଏହା ଏକ ସୁଚିନ୍ତିତ ପ୍ରୟାସ। ଆଶ୍ଚର୍ଯ୍ୟର କଥା ଯେ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନର ମାନ୍ୟତାରେ ମଧ୍ୟ ହ୍ରାସ କରାଯାଇଛି। ଏହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ ଯେ ଶିକ୍ଷା ମନ୍ତ୍ରଣାଳୟ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ମୂଲ୍ୟାୟନ କ୍ଷେତ୍ରରେ ଏଭଳି ରାଜନୀତିରେ ଲିପ୍ତ ଅଛି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ମୂଲ୍ୟାୟନକୁ ଆମେ ମାନ୍ୟତା ଦେଉନାହୁଁ । କାରଣ ଏହା ଯୋଗ୍ୟତା ଅପେକ୍ଷା ରାଜନୀତି ସହିତ ଅଧିକ ଜଡ଼ିତ ବୋଲି ସସ୍ମିତ କହିଛନ୍ତି।

# ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରାଯାଉ

ଭୁବନେଶ୍ୱର,୮।୭(ଅନିଲ ଦାସ)



**ଭୁବନେଶ୍ୱର ଏମ୍‌ପି ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ: ବିଜେଡି**

୧୮୧୭ରେ ଘଟିଥିବା ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଉ। ଏହି ବିଦ୍ରୋହ ୧୮୫୭ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଘଟିଥିଲା ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମିଳିତ ଭାବେ କହିଛନ୍ତି ଯେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର କିମ୍ବଦନ୍ତୀ ସହିତ ଓଡ଼ିଶାର ପାଇକ ବିଦ୍ରୋହ ଗତ ୨ ଶତାବ୍ଦୀରୁ ଅଧିକ ସମୟ ଧରି ୪.୫ କୋଟି ଓଡ଼ିଆଙ୍କୁ ପ୍ରେରଣା ଦେଇ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୧୮ଜୁଲାଇ ୨୦୧୭ରେ ଓଡ଼ିଶା କ୍ୟାବିନେଟ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବେ ଘୋଷଣା କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ୨୦୧୭ ଜୁଲାଇ ୧୯ରେ ମୁଖ୍ୟମନ୍ତ୍ରୀ ସେତେବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଏକ ଚିଠି ଲେଖିଥିଲେ। ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବେ ଘୋଷଣା କରିବାକୁ ଅନୁରୋଧ କରିଥିଲେ। ୨୦୧୭ ଜୁଲାଇ ୨୦ରେ ନୂଆଦିଲ୍ଲୀରେ ପାଇକ ବିଦ୍ରୋହର ଶତାବ୍ଦୀ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ୨୦୨୧ ଡିସେମ୍ବର ୬ରେ ବିଜେଡି ଏମ୍‌ପିଙ୍କ ଏକ ପ୍ରତିନିଧିଦଳ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରି ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା ପାଇଁ ଦାବି କରିଥିଲେ। ତେବେ ଆଶ୍ଚର୍ଯ୍ୟର କଥା ଯେ କେନ୍ଦ୍ରରେ ଥିବା ୨ ଓଡ଼ିଆ ମନ୍ତ୍ରୀ ଏବଂ ଓଡ଼ିଶାର ୮ଜଣ ଭାଜପା ଏମ୍‌ପି ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। କେନ୍ଦ୍ରରେ ଏହି ପ୍ରସଙ୍ଗକୁ ଉଠାଉନାହାନ୍ତି। ସଂସଦରେ ଓଡ଼ିଆ ଭାଜପା ଏମ୍‌ପିମାନେ ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ପାଇକ ବିଦ୍ରୋହ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ନ ଥିବା ଦର୍ଶାଉଛି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରର ଭାଜପା ଏମ୍‌ପି ମଧ୍ୟ ଏ ପ୍ରସଙ୍ଗରେ ମୁହଁ ନ ଖୋଲିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହେଉଛି 'ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ଆତିଥ୍ୟ'। କାଳବିଳମ୍ବ ନ କରି ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଭାବରେ କେନ୍ଦ୍ର ସରକାର ଘୋଷଣା କରନ୍ତୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଯେଉଁମାନେ ଆଖିରେ ଅନ୍ଧପୁଟୁଳି ବାନ୍ଧି ଅମୂଳକ କଥା କହିବେ, ତାଙ୍କୁ କ'ଣ କହିବା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୭(ଅନିଲ ଦାସ):** ବିଜେଡି କର୍ମୀମାନେ ଅମୂଳକ କଥା କହୁଛନ୍ତି। ମୋଦି ସରକାରରେ ପାଇକ ସଂଗ୍ରାମକୁ ଯଥୋଚିତ ସମ୍ମାନ ଦିଆଯାଇଛି। ଯେଉଁମାନେ ଅନ୍ଧପୁଟୁଳି ବାନ୍ଧି କଥା କହୁଛନ୍ତି, ସେମାନଙ୍କୁ କ'ଣ କହିବା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟାରେ ଏହା କହିଛନ୍ତି। ସମଗ୍ର ଭାରତବର୍ଷରେ ପାଇକ ବିଦ୍ରୋହ ସଂଗ୍ରାମକୁ ପ୍ରଥମେ ନରେନ୍ଦ୍ର ମୋଦିଙ୍କ ସରକାର ହିଁ ଜାତୀୟ ସ୍ତରକୁ ଆଣିଥିଲେ। ଏହାକୁ କେନ୍ଦ୍ର ବଜେଟରେ ଉଲ୍ଲେଖ କରାଯାଇଥିଲା। ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସମାରୋହ ଏବଂ ପାଇକ ସ୍ମାରକୀ ଭିତ୍ତିପ୍ରସ୍ତର ସମାରୋହରେ ୨ ଜଣ ରାଷ୍ଟ୍ରପତିଙ୍କୁ ଯୋଡ଼ାଯାଇଛି। ପ୍ରଧାନମନ୍ତ୍ରୀ ଖୋଦ୍ ଓଡ଼ିଶା ଗସ୍ତରେ ଆସି ପାଇକ ସଂଗ୍ରାମୀଙ୍କ ଦାୟାଦଙ୍କୁ ଭେଟିଥିଲେ। ତାଙ୍କ ଦିଗ୍‌ଦର୍ଶନରେ ଏନ୍‌ସିଇଆରଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହ ବିଷୟକୁ ସାମିଲ କରାଯାଇଛି। ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ସମସ୍ତଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ଭାବାବେଗ ସହ ସମ୍ପର୍କ ନ ଥିବା ଲୋକମାନେ ପାର୍ଟି ପାଇଁ ଚିଠା ଲେଖୁଛନ୍ତି। ଯାହାଙ୍କ ପାଖରେ ଶାଳୀନତା ନାହିଁ, ତାଙ୍କୁ ମହାପ୍ରଭୁ କ୍ଷମା ଦେବା ସହ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ପ୍ରଧାନ କହିଛନ୍ତି ।

# ୫-ଟି ସଚିବଙ୍କ ଗସ୍ତ ନେଇ ଅଡିଓ ଭାଇରାଲ

**ତାଳଚେର ବିଧାୟକଙ୍କ ସ୍ୱର ହୋଇଥିବା ଚର୍ଚ୍ଚା**

ଅନୁଗୋଳ,୮।୭(ଅମିତ କୁମାର ସାମଲ)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଆସନ୍ତା ୧୦ ତାରିଖ ତାଳଚେର ଗସ୍ତକୁ ନେଇ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଏକ ଅଡିଓ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି। ଉକ୍ତ ଅଡିଓରେ ଥିବା କଣ୍ଠସ୍ୱର ବିଧାୟକ ପ୍ରଧାନଙ୍କର ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ଏହି ଅଡିଓରୁ ଜଣାପଡୁଛି, ଏକ ବୈଠକକୁ ସମ୍ବୋଧନ କରି କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ୧୦ ତାରିଖରେ ଆମ ଗହଣକୁ ଆସୁଛନ୍ତି। ସେ ନବା ପାଇଁ ନୁହଁ, ଦବା ପାଇଁ ଆସୁଛନ୍ତି ତାଳଚେରବାସୀଙ୍କୁ। ତାଳଚେର ମା' ହିଙ୍ଗୁଳାଙ୍କ ପୀଠ। ସମଗ୍ର ଅନୁଗୋଳ ଜିଲାରେ ଆଗାମୀ ଦିନରେ କିପରି ଏହା ପାଇଲଟ ପ୍ରୋଜେକ୍ଟ ଭାବେ ସାମିଲ ହେବ ତା ପାଇଁ ସେ ଚିନ୍ତା କରି ଆସୁଛନ୍ତି। ତେଣୁ ସେଠାରେ ଆମେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା। ଏ ବିଷୟରେ ତାଳଚେର ପୌର ପରିଷଦର ପ୍ରତି ୱାର୍ଡବାସୀଙ୍କୁ ଜଣାଇବାକୁ ପଡ଼ିବ। ଯେଉଁ ୱାର୍ଡକୁ ଯେତେ ଗାଡ଼ି ଦରକାର ତାହା ପଠାଯିବ। ରାଧା ପାଇଁ ଦୋଳି। ଯଦି ସେ ଆମକୁ ଦେଖିଲେ, ଆମେ ପୁଷ୍ପ ବୃଷ୍ଟି କଲେ ମନ ଖୁସି ହେଲା, ତା'ହେଲେ ତାଳଚେରକୁ ଅଧିକ ଫଣ୍ଡ ଆସିବ। ଆମେ ସମୟରେ ନ ଆସିଲେ ବହୁ ପଛରେ ପଡ଼ିଯିବା। ଆପଣମାନଙ୍କୁ କେହି କିଛି କହିବେନି। ଏଠାରେ ପ୍ରଶାସନିକ ଅଧିକାରୀ ଅଛନ୍ତି। ନିର୍ବାଚିତ ପ୍ରତିନିଧି ଅଛନ୍ତି। ଆପଣ ଚାହିଁଲେ ଯୋଗ୍ୟ କରିବେ, ଚାହିଁଲେ ଆଯୋଗ୍ୟ କରିବେ। ତେବେ ଭାଇରାଲ ଅଡିଓରେ ଥିବା ସ୍ୱର ତାଳଚେର ବିଧାୟକଙ୍କର ବୋଲି ଭାଜପା ପକ୍ଷରୁ କୁହାଯାଉଥିବାରୁ ଏ ନେଇ ବିଧାୟକଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## କ୍ଷମା ମାଗନ୍ତୁ ବିଧାୟକ: କାଳନ୍ଦୀ


ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ତାଳଚେର,୮।୭(ମନୋଜ ନନ୍ଦ)

୫-ଟି ସଚିବଙ୍କ ତାଳଚେର ଗସ୍ତକୁ ନେଇ ଏକ ଅଡିଓ ଭାଇରାଲ ହେବା ପରେ ତାଳଚେର ବିଧାୟକଙ୍କୁ ଟାର୍ଗେଟ କରିଛନ୍ତି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ। ଏକ ଖବରଦାତା ସମ୍ମିଳନୀରେ ସାମଲ କହିଛନ୍ତି, ଏଠାରେ ରାଧା କିଏ ଯେ ତାଙ୍କ ପାଇଁ ମହିଳାମାନେ ଦୋଳି ଗୀତ ଗାଇବେ। ମହିଳାମାନଙ୍କ ପ୍ରତି ଆପତ୍ତିଜନକ ଶବ୍ଦ ପ୍ରୟୋଗ କରି ବିଧାୟକ ମହିଳାମାନେ ଠିକ୍ ସମୟରେ ଆସିବାକୁ ତାଗିଦ୍ କରିବା ମହିଳାଙ୍କ ପ୍ରତି ଅପମାନ। ତେଣୁ ବିଧାୟକ ତାଳଚେରବାସୀଙ୍କୁ କ୍ଷମା ମାଗନ୍ତୁ। ୫-ଟି ସଚିବ ଆସିଲେ ବାବୁଙ୍କୁ ପୁଷ୍ପ ବୃଷ୍ଟି କରିବ ବୋଲି କହିବା ତାଳଚେରବାସୀଙ୍କ ପ୍ରତି ଅପମାନ। ସେଥିପାଇଁ ବିଧାୟକ ତାଳଚେରବାସୀଙ୍କୁ କ୍ଷମା ମାଗନ୍ତୁ। ୫-ଟି ସଚିବଙ୍କ କାର୍ଯ୍ୟକ୍ରମରେ ଲୋକ ନ ହେଲେ ଆମେ ସବୁ ଅଯୋଗ୍ୟ ହୋଇଯିବୁ ବୋଲି ବିଧାୟକ କହିବା ବାସ୍ତବରେ ବିଧାୟକଙ୍କର ବସ୍ ମୁଖ୍ୟମନ୍ତ୍ରୀ ନା ସଚିବ ତାହା ସ୍ପଷ୍ଟ ପ୍ରମାଣିତ କରିଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜ୍ୟୋତ୍ସ୍ନା ଦଳେଇ, ବୃନ୍ଦାବନ ବେହେରା, ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, କାଉନସିଲର ସ୍ୱାଧୀନ ଥମ୍ଭ, ସନ୍ତୋଷ ବେହେରା, ଅନିତା ବିଶ୍ୱାଳ, ମନୋଜ ପ୍ରଧାନ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ବରୁଣ ସାହୁ, ରାଜେନ୍ଦ୍ର ସିଂହ, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଅନ୍ୟାନ୍ୟ ଖବର**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛତିଶଗଡ଼ ଗସ୍ତ ବେଳେ ରାୟପୁର-ବିଶାଖାପାଟଣା ଇକୋନୋମିକ୍ କରିଡର ଅନ୍ତର୍ଗତ ୬ଲେନ୍ ବିଶିଷ୍ଟ ନୂତନ ସଡ଼କପଥ ଜାନକୀ-ସରଗୀ ସେକ୍ସନର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ଏହି ଅବସରରେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସମେତ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଏବଂ ଉପମୁଖ୍ୟମନ୍ତ୍ରୀ ଟି.ଏସ୍.ସିଂହଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି। ପ୍ରଧାନମନ୍ତ୍ରୀ ଛତିଶଗଡ଼ର ବିକାଶ ପାଇଁ ପ୍ରାୟ ୭୬୦୦ କୋଟି ଟଙ୍କା ବ୍ୟୟବରାଦରେ ୧୦ଟି ପ୍ରକଳ୍ପର ଶୁଭାରମ୍ଭ ସହ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ।

# ଓପିଏସ୍‌ସିର ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୮।୭(ଅନିଲ ଦାସ)

**୭୫ ବର୍ଷ ପୂର୍ତ୍ତି ସମାରୋହ**

■ ଅଧିକାରୀଙ୍କୁ ସମ୍ମାନିତ କଲେ ରାଜ୍ୟପାଳ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ନିଯୁକ୍ତ ଅନେକ ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ସାଧାରଣ ପ୍ରଶାସନର ବିଭିନ୍ନ କ୍ଷେତ୍ରରେ ରାଜ୍ୟର ବିକାଶ ପାଇଁ ନିଜର ଅବଦାନ ଦେଇଛନ୍ତି। ଭାରତର ସମ୍ବିଧାନ ଦ୍ୱାରା ଗଠିତ ଏହି ସଂସ୍ଥାର ଗତ ୭୫ ବର୍ଷ ଯାତ୍ରା ଅତ୍ୟନ୍ତ କୃତିତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ଓପିଏସ୍‌ସିର ୭୫ତମ ପୂର୍ତ୍ତି ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆୟୋଗର ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ପୂର୍ବତନ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ଅବଦାନକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ। ଗତ କିଛି ବର୍ଷ ହେବ ଆୟୋଗ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ନିଯୁକ୍ତି କ୍ଷେତ୍ରରେ ଆୟୋଗ ଉନ୍ନତ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିବା ସହ ସର୍ବୋତ୍ତମ ସ୍ୱଚ୍ଛତା ଅବଲମ୍ବନ କରିଆସିଛି। ପୂର୍ବରୁ ରହିଆସିଥିବା ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାରୁ ମୁଖ୍ୟମନ୍ତ୍ରୀ ଆୟୋଗ ଏବଂ ସେମାନଙ୍କ ସମସ୍ତ କର୍ମଚାରୀଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସର୍ବଦା ଏହି ଅନୁଷ୍ଠାନକୁ ସୁଦୃଢ଼ କରିବା କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି। ଆୟୋଗର ଭିତ୍ତିଭୂମି ସମସ୍ୟା ଦୂର କରିବାକୁ ୧୪ କୋଟି ଟଙ୍କା ବ୍ୟୟରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆୟୋଗର କ୍ୟାଡର ପୁନର୍ଗଠନ କାର୍ଯ୍ୟ ସରକାରଙ୍କ ବିଚାରାଧୀନ ରହିଛି। ଆଗାମୀ ଦିନରେ ଓଡ଼ିଶାକୁ ଦୃଢ଼ ଓ ବିକାଶଶୀଳ କରିବାରେ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋଭେନିୟର @ ୭୫କୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିଯୁକ୍ତି ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ୨ଟି ପର୍ଯ୍ୟାୟରେ ଆୟୋଜିତ ଅପରାହ୍ନ କାର୍ଯ୍ୟକ୍ରମରେ ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅଜିତ ତ୍ରିପାଠୀ, ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରମୁଖ 'ପବ୍ଲିକ ସର୍ଭିସ କମିଶନ ଗେଟ୍‌ୱେ ଟୁ ଫ୍ୟୁଚର ଲିଡରଶିପ୍ ଆଣ୍ଡ ଚ୍ୟାଲେଞ୍ଜେସ ଇନ୍ ଟୋଣ୍ଟିଫାଷ୍ଟ ସେଞ୍ଚୁରି' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଯୋଗ୍ୟତାଭିତ୍ତିକ ନିଯୁକ୍ତି ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏଥିସହିତ ରାଜ୍ୟପାଳ କମିଶନଙ୍କ ଇ-ଚୟନ ପୋର୍ଟାଲ ଉନ୍ମୋଚନ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଆୟୋଗର ଅଧିକାରୀମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଶନ ସଦସ୍ୟ ସରିତା ସୁପକାର, ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶେଷ ପର୍ଯ୍ୟାୟରେ ହରିଡ଼ାମଡ଼ା ପୋଖରୀ ପୁନରୁଦ୍ଧାର କାର୍ଯ୍ୟ

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)


ପୁନରୁଦ୍ଧାର କରାଯାଉଥିବା ପୋଖରୀ ।


ପୂର୍ବରୁ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ ।

ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାମଡ଼ା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ 'ଧରିତ୍ରୀ' ଓ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ)ର ମିଳିତ ଆନୁକୂଲ୍ୟରେ ଗତ ମେ' ୨୭ ତାରିଖରେ ଆରମ୍ଭ ହୋଇଥିଲା। ତେବେ ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦିନେ ପଙ୍କ କାଦୁଅ, ଅନାବନା ଗଛଲତା ମଧ୍ୟରେ ପୋତି ହୋଇପଡିଥିବା ଏହି ଜଳାଶୟ ଏବେ ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିଛି। ଏନେଇ ଗ୍ରାମବାସୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ହରିଡାମଡ଼ା ଗ୍ରାମରେ ପ୍ରାୟ ଶହେ ପରିବାର ବସବାସ କରନ୍ତି। ଗାଁ ଶେଷମୁଣ୍ଡରେ ରହିଛି ଏହି ପୋଖରୀ। ଦୀର୍ଘଦିନ ଧରି ଏହି ପୋଖରୀ ପୋତିହୋଇ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏହାର ପୁନରୁଦ୍ଧାର ଲାଗି ଗ୍ରାମବାସୀ ଦାବିକରି ଆସୁଥିଲେ। ଏହି ଖବର ପାଇବା ପରେ ସହଯୋଗର ହାତ ବଢ଼ାଇଥିଲା ଧରିତ୍ରୀ। ଇଏଫ୍‌ଆଇ ସହଯୋଗରେ ଆରମ୍ଭ ହୋଇଥିଲା ଏହାର ପୁନରୁଦ୍ଧାର କାର୍ଯ୍ୟ। ଦୀର୍ଘବର୍ଷପରେ ଏହି ଜଳାଶୟର ପୁନରୁଦ୍ଧାର ହୋଇଥିବାରୁ ସ୍ଥାନୀୟ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଧରିତ୍ରୀ ଓ ଇଏଫ୍‌ଆଇର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି।

ଏ ସମ୍ପର୍କରେ ୨୮ନଂ. ଜିଲା ପରିଷଦ ସଦସ୍ୟ ପ୍ରଭାତ ପରିଡା କହିଛନ୍ତି, ଏହି ପୋଖରୀର ପୁନରୁଦ୍ଧାର ଲାଗି ବହୁଥର ଜିଲା ପରିଷଦ ବୈଠକରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲି। କେବଳ ପ୍ରତିଶ୍ରୁତି ମିଳେ, କୌଣସି ପଦକ୍ଷେପ ନିଆଯାଇ ନ ଥିଲା। କିପରି ଏହାର ପୁନରୁଦ୍ଧାର ହେବ ବୋଲି ଚିନ୍ତାରେ ରହିଥିବା ବେଳେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଆମ ଅନୁରୋଧ ରକ୍ଷା କରି ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଏହି ପୋଖରୀର ରୂପ ପରିବର୍ତ୍ତନ ହୋଇଛି। ଏଥିଲାଗି ବହୁତ ଖୁସି ଓ ଆନନ୍ଦ ଲାଗୁଛି। ଗ୍ରାମବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଉଛି। ପୁନରୁଦ୍ଧାର କାର୍ଯ୍ୟ ଦାୟିତ୍ୱରେ ଥିବା ଇଏଫ୍‌ଆଇର ସିଭିଲ ଇଞ୍ଜିନିୟର କୁମାରକାନ୍ତ ଜେନା କହିଛନ୍ତି, ପୂର୍ବରୁ କାମ ଆରମ୍ଭରୁ ବହୁ ବାଧାବିଘ୍ନ ଦେଇ ଗତି କରିବାକୁ ପଡିଥିଲା। ତେବେ ଲକ୍ଷ୍ୟ ଥିଲା ପୁନରୁଦ୍ଧାର। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିଥିଲା। ତାହା ଆଜି ଏକପ୍ରକାର ସଫଳ ହୋଇଛି। କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଖରୀ ଚଲାପଥ ରାସ୍ତାରେ ମୋରମ ପକାଯାଇ ଚଉଡ଼ା କରାଯାଇଛି। ପୂର୍ବରୁ ଉପର ମୁଣ୍ଡରେ ବର୍ଷା ହେଲେ ଡ୍ୟାମ୍ ପାଣି ତଳକୁ ବୋହି ଯାଉଥିବା ବେଳେ ପୋଖରୀରେ ପଡୁ ନ ଥିଲା। ବର୍ଷାଜଳକୁ ବ୍ୟବହାର ଲାଗି ୧୦ଫୁଟ ଲମ୍ବ ଏବଂ ୪.୫ ଫୁଟ ଚଉଡ଼ାରେ ରାସ୍ତା କରାଯାଇଛି। ବର୍ଷାଜଳ ପୋଖରୀରେ ପଡିବା ପାଇଁ କଂକ୍ରିଟ ସିମେଣ୍ଟ ପାଇପ ବିଛାଯାଇଛି। ଏହା ଦ୍ୱାରା ବର୍ଷାଜଳ ଆଉ ନଷ୍ଟ ହେବ ନାହିଁ। ବର୍ଷାଦିନରେ ପୋଖରୀ ଜଳ ଭରପୂର ରହିବା ସହ ଲୋକଙ୍କ ବ୍ୟବହାର ଯୋଗ୍ୟ ହୋଇପାରିବ। ଇଏଫ୍‌ଆଇର ଆବାହକ ଅରୁଣ କୃଷ୍ଣମୂର୍ତ୍ତି କହିଛନ୍ତି, ବୈଜ୍ଞାନିକ ପଦ୍ଧତିରେ ଏହି ପୋଖରୀର ପୁନରୁଦ୍ଧାର କରାଯାଇଛି। ଗ୍ରାମବାସୀ ଏହି ପୋଖରୀ ଉପରେ ନିର୍ଭରଶୀଳ ରହିଥିବା ବେଳେ ଏହା ପୋତିହୋଇ ଯାଇଥିଲା। ଏହାର ପୁନରୁଦ୍ଧାର ଏକ ଛୋଟିଆ ପ୍ରୟାସ ଥିଲା। ଏହାଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଉପକୃତ ହେବେ। ତେବେ ଗ୍ରାମାଞ୍ଚଳଗୁଡିକରେ ବହୁ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହି ପୋତିହୋଇ ସତା ହରାଉଛି। ଏହାର ପୁନରୁଦ୍ଧାର ସହ ପୁଣି ଥରେ ଲୋକଙ୍କ ଉପଯୋଗୀ କରିବା ଉଦ୍ଦେଶ୍ୟରେ ଇଏଫଆଇ ସହ ଧରିତ୍ରୀର ଏକ ମିଳିତ ପ୍ରୟାସ। ଆଗକୁ ଏଭଳି ଅଭିଯାନ ଜାରି ରହିବ। ଅନ୍ୟପକ୍ଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ କହିଛନ୍ତି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଜଳାଶୟର ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବ।

## ସଂକ୍ଷେପରେ

### ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଲେ

**ବାଲିପାଟଣା,୮।୭(ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଅନ୍ତର୍ଗତ ଝିଣ୍ଟିଶାସନ ଗ୍ରାମର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଭାତ କୁମାର ମିଶ୍ର (୪୯)। ସୂଚନା ମୁତାବକ, ପ୍ରଭାତଙ୍କ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଚିନ୍ତାଗ୍ରସ୍ତ ରହୁଥିଲେ। ଶନିବାର ସକାଳେ ଘରେ କେହି ନ ଥିବା ବେଳେ ଏକ ଗାମୁଛା ବେକରେ ଗୁଡ଼ାଇ ଝୁଲି ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩)ରୁଜୁକରି ତଦନ୍ତ ଚଳାଇଛି।

### ମଦ ବୋତଲରେ ଆକ୍ରମଣ, ୨ ଆହତ

**ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ):** ଗତ କିଛିଦିନ ହେବ ବାରଙ୍ଗ କେନାଲବନ୍ଧ ଉପରୁ ଦୁର୍ବୃତ୍ତ ଲୋକଙ୍କଠାରୁ ଭ୍ୟାନିଟି, ସୁନାଚେନ ଆଦି ଛଡ଼ାଇ ନେଇଯାଉଥିବାର ଅଭିଯୋଗ ହେଉଛି। ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କଠାରୁ ଭ୍ୟାନିଟି ଲୁଟ୍, ଶନିବାର ସକାଳେ ପୁରୀ ମୁଖ୍ୟ କେନାଲରେ ଜଣଙ୍କଠାରୁ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ରହିଛି। ଦିନ ଦ୍ୱିପ୍ରହରରେ କିଷାନ ବେହେରା ଏବଂ ତାଙ୍କ ମାଉସୀ ପୁଅ ଭାଇ ଗୁରୁକୃଷ୍ଣ ବେହେରା ବାଇକ୍ ଯୋଗେ ଘରକୁ ଫେରୁଥିଲେ। କଣ୍ଟାପାଟଣା ରେଳ ପୋଲ ବୁଲାଣି ପାଖ ପୁରୀ ମୁଖ୍ୟ କେନାଲ ରାସ୍ତାରେ ୩ ଯୁବକ ଏକ ବାଇକ୍‌ରେ ଆସି ଦୁହିଁଙ୍କୁ ମଦ ବୋତଲରେ ଆକ୍ରମଣ କରିଥିଲେ। ଏଥିରେ କିଷାନଙ୍କ ବାମ ହାତ ଓ ଗୁରୁକୃଷ୍ଣଙ୍କର ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି।

### ମହିଳାଙ୍କ ଭ୍ୟାନିଟି ଛଡ଼ାଇ ଯୁବକ ଗିରଫ

**ବାରଙ୍ଗ,୮।୭(ଲିଙ୍ଗରାଜ ରାଉତ):** ଜଣେ ମହିଳାଙ୍କ ଭ୍ୟାନିଟି ଛଡାଇ ନେଇଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସିଡିଏ ବାଲିବନ୍ଧର ପ୍ରକାଶ ବେହେରା। ପୋଲିସ ୨୫୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଙ୍କଠାରୁ ଏକ ବାଇକ୍ (ଓଡ଼ି୦୫ ଏଜେ ୯୨୩୨), ଭ୍ୟାନିଟି, ୨୦୦ ଟଙ୍କା, ପ୍ୟାନକାର୍ଡ, ମୋବାଇଲକୁ ପୋଲିସ ଜବତ କରିଛି। ସୂଚନା ମୁତାବକ, ସବିତା ମାଝି ଶୁକ୍ରବାର ରାତିରେ ତାଙ୍କ ସମ୍ପର୍କୀୟଙ୍କ ସହ କଟକରୁ ବାଇକ୍ ଯୋଗେ ଫେରୁଥିଲେ। ଗୋଡ଼ିସାହି ଫାଣ୍ଡିଠାରୁ ଅଳ୍ପଦୂର ନେତଲ ଛକରେ ପ୍ରକାଶ ଓ ତାଙ୍କ ସହଯୋଗୀ ସବିତାଙ୍କ ଭ୍ୟାନିଟି ଛଡ଼ାଇ ନେଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସର ଜିମା ଦେଇଥିଲେ। ତେବେ ପ୍ରକାଶ କଟକର ବିଭିନ୍ନ ସ୍ଥାନରେ ଏହିଭଳି କାର୍ଯ୍ୟ କରିଥିବା ତଦନ୍ତବେଳେ ଜଣାପଡ଼ିବାରୁ ତାଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ କୋର୍ଟରେ ଆବେଦନ କରିଛି।

# ରଥ ଉପରେ ଥିଲେ ଅଣସେବାୟତ






ଅଣ ସେବାୟତମାନେ ରଥ ଉପରେ ଚଢ଼ିବା ସମୟର କେତେକ ଭାଇରାଲ୍ ଫଟୋ ।

**ପୁରୀ,୮।୭(ଅଜିତ୍ ମହାନ୍ତି)**

ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ନେଇ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନ ଏବଂ ସେବାୟତମାନେ କହିଥିଲେ। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରାର କିଛିଦିନ ପରେ ଏକ ବିବାଦ ଉଠିଛି। ରଥ ଉପରେ ଶ୍ରୀବିଗ୍ରହ ଥିବାବେଳେ ସେବାୟତଙ୍କ ଗହଣରେ ଅନେକ ଅଣସେବାୟତ ମଧ୍ୟ ରହିଥିବା ଦେଖିବାକୁ ମିଳିଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କେହି ରହିପାରିବେ ନାହିଁ ବୋଲି ନିୟମ ଥିବାବେଳେ ଚଳିତ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରଥରେ ଅଣସେବାୟତମାନେ ରହିଥିବା ନେଇ ଅଭିଯୋଗ ହେଉଛି। ଏପରିକି ରଥ ଉପରେ ଅନେକ ଅଣସେବାୟତ ସେବାୟତଙ୍କ ପରି ପୋଷାକ ପରିଧାନ କରି ବସିଥିବାର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଣସେବାୟତମାନେ ରଥ ଉପରେ ଚଢ଼ି ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଛୁଇଁବା ସହ ଶ୍ରୀବିଗ୍ରହଙ୍କ ପାଖରେ ବସି ଫଟୋ ଓ ରିଲ୍ସ କରି ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କାହାକୁ ଚଢ଼ିବାକୁ ନିର୍ଦ୍ଦେଶ ନ ଥିବାବେଳେ କିଭଳି ଓ କେମିତି ଏତେସଂଖ୍ୟକ ଅଣସେବାୟତ ସେବାୟତ ବେଶରେ ରଥ ଉପରକୁ ଗଲେ ଓ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହା ଅନୁମତିରେ ଏବଂ କେଉଁମାନଙ୍କ ସହଯୋଗରେ ସେମାନେ ରଥ ଉପରକୁ ଗଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ରଥ ଉପରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଲାଗିଥିବାବେଳେ ଅନେକ ସେବାୟତ ମୋବାଇଲ ନେଇ ଯିବାକୁ ମଧ୍ୟ ନାପସନ୍ଦ କରାଯାଉଛି। ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ, ସେବାୟତଙ୍କ ସହ ଆଲୋଚନା, ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ମଧ୍ୟ ସୁରକ୍ଷାରେ ଏତେ ଢିଲା କିପରି ହେଲା ତାହାକୁ ନେଇ ଅନେକ ସେବାୟତ ଉଦ୍‌ବେଗ ପ୍ରକାଶ କରିବା ସହ ଉକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ କଡ଼ା ନିୟମାବଳୀ ପ୍ରସ୍ତୁତ କରିଥିଲା ଶ୍ରୀମନ୍ଦିର ପ୍ରଶାସନ।

**ରଥଯାତ୍ରା ସମୟର ବିବାଦ**
- ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ, ରିଲ୍ସ କଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ନିୟମ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

ଏପରିକି ଅନେକଥର ଦଇତାପତି ନିଯୋଗ ବିଭିନ୍ନ ନିଯୋଗ ସହ ବାରମ୍ବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ପରିସରରେ ବୈଠକ କରିଥିଲା। ଏପରିକି ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମାବଳୀକୁ ସେବାୟତମାନଙ୍କୁ ଦିଆଯାଇଥିଲା। ରଥ ଉପରେ ଅଧିକ ସେବାୟତ ନ ରହିବା, ତିନି ରଥରେ କେତେ ସେବକ ରହିବେ, ରଥର କେଉଁ ସ୍ଥାନରେ ସେବକମାନେ ରହିବେ, କେଉଁ ସ୍ଥାନରେ ରହିବେ ନାହିଁ। ମୋବାଇଲ ନେଇପାରିବେ ନାହିଁ କି ବ୍ୟବହାର କରିପାରିବେ ନାହିଁ ଆଦି ସବୁ ନିୟମ ନେଇ ସେବାୟତ ସଂଘକୁ ସୂଚନା ଦିଆଯାଇଥିଲା। ତଥାପି ପ୍ରଶାସନର ନିୟମକୁ ଫୁ କରିଦେଇଥିଲେ ସମସ୍ତେ। ଫଳରେ ରଥ ଉପରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ସେବକ ରହିବା ସହ ମୋବାଇଲର ବ୍ୟବହାର ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଅନେକ ଅଣସେବାୟତ ସେବାୟତଙ୍କ ବେଶରେ ରଥ ଉପରକୁ ଯାଇ ମହାପ୍ରଭୁଙ୍କୁ ଛୁଇଁବା ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଏଥିପାଇଁ ମହାପ୍ରଭୁଙ୍କ ବାଡ଼ଗ୍ରାହୀ, ଦଇତାପତି ସେବାୟତ ଓ ଜେଟିପିଙ୍କୁ ସିଧାସଳଖ ଅନ୍ୟ ସେବକମାନେ ଦାୟୀ କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ରଥ ଉପରକୁ ଅଣସେବାୟତ ଯିବା ଓ ଠାକୁରଙ୍କ ଶ୍ରୀଅଙ୍ଗକୁ ସ୍ପର୍ଶ କରିବା ନିନ୍ଦାଜନକ ଘଟଣା। ଯେଉଁମାନେ ନିୟମ ଭାଙ୍ଗିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଯେପରି ଶ୍ରୀମନ୍ଦିର ରତ୍ନସିଂହାସନ ନିକଟରେ ଖୁଣ୍ଟିଆ ସେବାୟତମାନେ ଠାକୁରଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାନ୍ତି, ଠିକ୍ ସେହିପରି ବାଡ଼ଗ୍ରାହୀମାନେ ରଥ ଉପରେ ମୁତୟନ ରହି ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଅନ୍ତି। ଶ୍ରୀମନ୍ଦିର ହେଉ ବା ରଥ କେହି ମୋବାଇଲ ନେଇପାରିବେ ନାହିଁ ବୋଲି ବାରମ୍ବାର ଚିଠି ହେଉଛି। ମାତ୍ର କୌଣସି ସୁଫଳ ମିଳିପାରୁନାହିଁ। ରଥ ଉପରେ ସେବାୟତଙ୍କୁ ଚିହ୍ନଟ କରିବା ବାଡ଼ଗ୍ରାହୀମାନଙ୍କ ଦାୟିତ୍ୱ। ତେବେ ଅଣସେବାୟତମାନେ ଯେଉଁଭଳି ରଥ ଉପରକୁ ଯାଇ ଫଟୋ ଉଠାଇ ରିଲ୍ସ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯାଉ। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ମତାମତ ମିଳିପାରି ନାହିଁ।

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

**କଣ୍ଟାପଡା,୮।୭, (ସୁରନାରାୟଣ ସାହୁ):** କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ଉତ୍ତାଡ଼ ପଞ୍ଚାୟତର ବ୍ରହ୍ମପୁର ଗ୍ରାମରେ ଯୋଗେନ୍ଦ୍ର ପ୍ରହରାଜ ନାମକ ଯୁବକଙ୍କୁ ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଠେଙ୍ଗା ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମପୁର ଗ୍ରାମର ଅଜୟ ସାମନ୍ତରାୟ ଓ ତାଙ୍କ ଭାଇ ରାଜକିଶୋର ସାମନ୍ତରାୟ ମିଶି ଯୋଗେନ୍ଦ୍ରଙ୍କୁ ଠେଙ୍ଗା ଏବଂ ମାରଣାସ୍ତ୍ରରେ ହତ୍ୟା କରିବା ପରେ ଉକ୍ତ ଘରେ ପକାଇ ଦେଇଥିବା ତାଙ୍କ ମା' ଚନ୍ଦ୍ରମା ପ୍ରହରାଜ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ହତ୍ୟା ମାମଲା (ନଂ.୧୩୩/୨୩) ରୁଜୁ କରିଛି। ଶୁକ୍ରବାର ରାତି ସାଢେ ୯ଟାରେ ଯୋଗେନ୍ଦ୍ର ନିଜ କୁକୁଡା ଫାର୍ମ ନିକଟରେ ଥିବା ଏକ ଘରକୁ ଶୋଇବାକୁ ଯାଇଥିଲେ। ଶନିବାର ସକାଳେ ସେ ଘରକୁ ଫେରି ନ ଥିଲେ। ଅପରାହ୍ନ ପ୍ରାୟ ୧ଟାରେ ଖାଇବା ପାଇଁ ଚନ୍ଦ୍ରମା ପୁଅକୁ ଡାକିବାକୁ ଯାଇଥିବାବେଳେ ଉକ୍ତ ଘରର ବାହାରପଟୁ କବାଟ ଦିଆଯାଇଥିବା ଦେଖିଥିଲେ। ସେ କବାଟ ଖୋଲିବାପରେ ଘର ଭିତର ଚଟାଣରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୋଗେନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଏପରି କି ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଚନ୍ଦ୍ରମା ଡାକ ପକାଇବାରୁ ପଡୋସୀ ସେଠାରେ ପହଞ୍ଚିଥିଲେ। ଖବରପାଇ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ସାହୁ ଓ ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତଙ୍କ ପରିବାର ଲୋକେ ଫେରାର ହୋଇଯାଇଛନ୍ତି।

## ଭାରତୀୟ ସଂସ୍କୃତିରେ ବୃକ୍ଷ ହେଉଛନ୍ତି ଦେବତା




ପ୍ରତାପଶାସନ ଡିଗ୍ରୀ କଲେଜ ପରିସରରେ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଉଛି।

**ବାଲକାଟୀ,୮।୭(ମନୋଜ)**

ଭାରତୀୟ ସଂସ୍କୃତିରେ ଆମେ ବୃକ୍ଷକୁ ଦେବତା ପୂଜା କରିଥାଉ। ଆମ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ବ୍ୟାପକ ଚାରାରୋପଣ ଆବଶ୍ୟକ। ୭୪ତମ ବନ ମହୋତ୍ସବ ବାଲକାଟୀସ୍ଥିତ ପ୍ରତାପଶାସନ ଡିଗ୍ରୀ କଲେଜ ପରିସରରେ ଶନିବାର ପାଳନ କରାଯାଇଛି। ଜାତୀୟ ସେବା ଯୋଜନା ବାଳକ ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସିନେ ବ୍ୟକ୍ତିତ୍ୱ ତଥା ଶିକ୍ଷାବିତ୍ ଡ. ରଜନୀ ରଞ୍ଜନ ଦାଶ ଛାତ୍ରୀଛାତ୍ରଙ୍କୁ ଏହା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. କାଳନ୍ଦୀ ଚରଣ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପରିବେଶବିତ୍ ତଥା ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାହାର ପଟୁ ତାଲା ପକାଇ ନେଇଗଲେ ସୁନା,ଟଙ୍କା

**ଭୁବନେଶ୍ୱର,୮।୭ (ସୂର୍ଯ୍ୟକାନ୍ତ ବେହେରା):** ରାଜଧାନୀ ଉପକଣ୍ଠରେ ପୁଣି ମାତିଲେ ଲୁଟେରା । ଶୁକ୍ରବାର ରାତିରେ ଧଉଳି ଥାନା ଅଞ୍ଚଳରୁ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଘର ଭିତରୁ ୨ ଭରି ସୁନା ଓ ୪ ଲକ୍ଷ ଟଙ୍କା ଓ ଅନ୍ୟାନ ଜିନିଷ ନେଇ ଫେରାର ହୋଇଯାଇଛନ୍ତି । ଏନେଇ ଥାନାରେ ଦୟାନନ୍ଦୀ ବିହାର ଲେନ-୨ ରେ ରହୁଥିବା ସନ୍ଧ୍ୟାରାଣୀ ଶତପଥି ଅଭିଯୋଗ କରିଛନ୍ତି । ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଲୁଟେରାଙ୍କ ଟେର ପାଇ ପାରିନାହିଁ। ସୂଚନା ଅନୁସାରେ ଅଭିଯୋଗକାରୀଙ୍କ ପରିବାର ଲୋକେ ଖାଇ ସାରି ଶୋଇଥିବା ବେଳେ ବିଳମ୍ବିତ ରାତିରେ ୪ ଜଣ ଲୁଟେରା ଝରକା ଗ୍ରୀଲ ତାଡି ଭିତରେ ପଶିଥିଲେ। ଘର ଲୋକ ଶୋଇଥିବା ରୁମକୁ ବାହାର ପଟୁ ବନ୍ଦ କରିଦେଇଥିଲେ। ପରେ ଅନ୍ୟ ରୁମରେ ଥିବା ଆଲମାରୀ ଭାଙ୍ଗି ସେଥିରେ ଥିବା ୨ ଭରି ସୁନା ଓ ୪ ଲକ୍ଷ ଟଙ୍କା ଚୋରି କରିନେଇଛନ୍ତି। ରାତି ପ୍ରାୟ ୪ ଟା ବେଳେ ପରିବାର ଲୋକେ ଉଠି ଘରୁ ଚୋରି ହୋଇଥିବା ଜାଣିବାକୁ ପାଖଇଥିଲେ।

**ରାଜଧାନୀ ଉପକଣ୍ଠ ଧଉଳିରେ ପୁଣି ମାତିଲେ ଲୁଟେରା**

## ‘ଉଚ୍ଚସ୍ତରୀୟ କମିଟି ଗଠନ କରି ରାଜ୍ୟ ସରକାର ତର୍ଜମା କରନ୍ତୁ’

**ଭୁବନେଶ୍ୱର,୮।୭(ଅନୁରାଧା ମହାରଣା):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ପରଫରମାନ୍ସ ଗ୍ରେଡିଂ ଇଣ୍ଡେକ୍ସ(ପିଜିଆଇ) ରିପୋର୍ଟ ଅନୁସାରେ ୨୦୨୦-୨୧ ଶିକ୍ଷାବର୍ଷରେ ଓଡ଼ିଶା ୧୦ମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୧୪ଟି ସ୍ଥାନ ତଳକୁ ଖସି ୨୪ତମ ସ୍ଥାନରେ ରହିଛି । ଶିକ୍ଷାର ଗୁଣବତ୍ତା, ବିଦ୍ୟାଳୟକୁ ପ୍ରବେଶ ସୁବିଧା, ଭିତ୍ତିଭୂମି, ଶିକ୍ଷକ, ଶିକ୍ଷା ଓ ତାଲିମ ନେଇ ସାରା ଦେଶରେ କରାଯାଇଥିବା ସର୍ଭେରେ ଓ ପଛରେ ରହିଛି। ଏଥିପାଇଁ ରାଜ୍ୟ ଶିକ୍ଷା ବିଭାଗକୁ ଅଭିଭାବକ ମହାସଂଘ ପକ୍ଷରୁ ଦାୟୀ କରାଯାଇଛି। ବର୍ତ୍ତମାନ ରାଜ୍ୟ ସରକାର ତୁରନ୍ତ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି, ଏହାର ତର୍ଜମା କରି ବିହିତ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ମଧ୍ୟରୁ ଶୀର୍ଷରେ ଚଣ୍ଡିଗଡ଼ ରହିଥିବାବେଳେ ଓଡ଼ିଶା ୨୪ ତମ ସ୍ଥାନରେ ରହିଛି। ରାଜ୍ୟର ଜଗତସିଂହପୁର, କଟକ, ଭଦ୍ରକ, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାର ଗ୍ରେଡ ଅତି ଉତ୍ତମ ରହିଛି। ୨୨ଟି ଜିଲାର ଗ୍ରେଡ ଉତ୍ତମ ରହିଛି। ରାୟଗଡ଼ା ଓ କୋରାପୁଟର ଗ୍ରେଡ ରାଜ୍ୟରେ ସବୁଠାରୁ ତଳେ ରହିଛି। ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ସଂଘ କହିଛି । ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ । ୫-ଟି ଦ୍ୱାରା ସ୍କୁଲ ରୂପାନ୍ତୀକରଣ କରାଗଲା । ମାତ୍ର ଶିକ୍ଷାର ଗୁଣାତ୍ମକ ଓ ଶିକ୍ଷକ ଅଭାବରୁ ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବାରେ ବିଫଳ। ବିଶେଷ ଭାବେ କୋଭିଡ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି । ସରକାର ପିଲାଙ୍କୁ ପାଠରେ ମନ ଲଗେଇବା ପାଇଁ କିଛି ନୂଆ ଚିନ୍ତା କଲେନାହିଁ କହି ସଂଘ କ୍ଷୋଭ ପ୍ରକାଶ କରିଛି। ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ନେଇ ଏକ ବଡ଼ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି । ଏକ ଜରୁରୀ ବୈଠକରେ ଅଭିଭାବକ ମହାସଂଘ ଏହାକୁ ସୁଧାରିବା ପାଇଁ ତୁରନ୍ତ ଓ ତ୍ୱରିତ ପଦକ୍ଷେପ ନେବାପାଇଁ ଓଡ଼ିଶା ଅଭିଭାବକ ମହାସଂଘର ସହ ଅଧ୍ୟକ୍ଷ୍ୟ ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି।

**ପିଜିଆଇ ରିପୋର୍ଟରେ ଓଡ଼ିଶା ପଛୁଆ**

## ରାସ୍ତାକୁ ମଇଳା ନ ଛାଡ଼ିବାକୁ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷଙ୍କୁ ଆର୍‌ଆଣ୍ଡ୍‌ବିର ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)**

ରଘୁନାଥପୁରସ୍ଥିତ ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କୁ ଭୁବନେଶ୍ୱର ରାସ୍ତା ଏବଂ ନିର୍ମାଣ ବିଭାଗ (ଆର୍‌ଆଣ୍ଡ୍‌ବି ଡିଭିଜନ୍) ନଂ. ୩ର ଅଧୀକ୍ଷଣ ଯନ୍ତ୍ରୀ କଠିନ ବର୍ଜ୍ୟ ଏବଂ ନର୍ଦ୍ଦମା ପାଣି ଡ୍ରେନ୍‌କୁ ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୭ରେ ପତ୍ର ସଂଖ୍ୟା ୪୬୫୯ ଦ୍ୱାରା ଏହି ନିର୍ଦ୍ଦେଶ ଦିଆଯାଇଛି। ରୟାଲ୍ ଲାଗୁନ୍ ରେସିଡେଣ୍ଟ ୱେଲ୍‌ଫେୟାର୍ ଆସୋସିଏଶନର ସେକ୍ରେଟାରୀଙ୍କ ନାମରେ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ, ସଂପୃକ୍ତ ଆପାର୍ଟମେଣ୍ଟ ସାମ୍ନାରେ ପିଡବ୍ଲ୍ୟୁଡି ଡ୍ରେନ୍ ଜାମ୍ ହୋଇଯାଉଛି। ଆପାର୍ଟମେଣ୍ଟରୁ ଛଡ଼ାଯାଉଥିବା କଠିନ ବର୍ଜ୍ୟ ଓ ନର୍ଦ୍ଦମା ପାଣି ଯୋଗୁ ଏପରି ପରିସ୍ଥିତି ଉପୁଜୁଛି। ପିଡବ୍ଲ୍ୟୁଡି ଡ୍ରେନ୍ କେବଳ ରାସ୍ତା କଡ଼ରୁ ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ। ତେଣୁ ଆପାର୍ଟମେଣ୍ଟ କର୍ତ୍ତୃପକ୍ଷ ସ୍ୱେରେଜ ପରିଚାଳନା କରିବା ସହ ମଇଳା ରାସ୍ତାକଡ଼ ଡ୍ରେନ୍‌କୁ ନ ଛାଡ଼ିବା ପାଇଁ ଏଥିରେ ତାଗିଦ୍ କରାଯାଇଛି। ସେହିପରି ଆପାର୍ଟମେଣ୍ଟ ପକ୍ଷରୁ ଡ୍ରେନ୍‌କୁ ନର୍ଦ୍ଦମା ପାଣି ଛାଡିବା ପାଇଁ ୧୦ ଇଞ୍ଚିଆ ପାଇପ୍ ଯୋଡା ଯାଇଥିବାରୁ ତାହାକୁ ତୁରନ୍ତ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ପାଳନ ନ କଲେ ଆଇନ ଅନୁଯାୟୀ ସମ୍ପୃକ୍ତ ଆପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷଙ୍କ ଏପରି ବେପରୁଆ ମନୋଭାବ ପାଇଁ ସ୍ଥାନୀୟ ଅଞ୍ଚଳ ନର୍ଦ୍ଦମା ପାଣିରେ ବୁଡ଼ି ରହୁଛି। ଉକ୍ତ ଆପାର୍ଟମେଣ୍ଟରେ ୭୧୦ଫ୍ଲାଟ୍ ରହିଛି ଏବଂ ପ୍ରାୟ ୬ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। କିନ୍ତୁ ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଦୃଷ୍ଟି ଦିଆଯାଉନାହିଁ। ଏହାର ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ି ରହିଥିବାବେଳେ ଏହାକୁ ମରାମତି ନ କରି ଆପାର୍ଟମେଣ୍ଟ କର୍ତ୍ତୃପକ୍ଷ ତରଳ ଓ କଠିନ ବର୍ଜ୍ୟକୁ ବର୍ଷା ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ପିଡବ୍ଲ୍ୟୁଡି ଡ୍ରେନ୍‌ରେ ଛାଡୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ସ୍ୱଚ୍ଛ ସର୍ଭେକ୍ଷଣରେ ଭଲ ର୍‌ୟାଙ୍କ୍ ପାଇବାକୁ ତତ୍ପରତା

- ସହରର ସ୍ୱଚ୍ଛତା ନେଇ ମତାମତ ଦେବାକୁ ଜନସାଧାରଣଙ୍କୁ ଅପିଲ୍ କଲା ବିଏମ୍‌ସି
- ମତାମତ ଆଧାରରେ ମିଳିବ ର୍‌ୟାଙ୍କ୍

**ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)**







କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ସର୍ଭେକ୍ଷଣର ଅଷ୍ଟମ ସଂସ୍କରଣ ନିମନ୍ତେ ଘୋଷଣା ହୋଇ ସାରିଛି। ଏହିକ୍ରମରେ ସହରର ସ୍ୱଚ୍ଛତା ନେଇ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଭୋଟିଂ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଯାଇଛି। ବିଏମ୍‌ସି ପକ୍ଷରୁ ଏ ନେଇ ଟୁଇଟ୍ କରି ଜନସାଧାରଣଙ୍କୁ ସେମାନଙ୍କର ଫିଡ୍‌ବ୍ୟାକ୍ ବା ମତାମତ ଜଣାଇବାକୁ ସୂଚନା ଦିଆଯାଇଛି। ଏହି ଆଧାରରେ ଭୁବନେଶ୍ୱରକୁ ସର୍ଭେକ୍ଷଣରେ ଭଲ ର୍‌ୟାଙ୍କ୍ ମିଳି ପାରିବ। ଏଥିପାଇଁ ଦିଆଯାଇଥିବା ଲିଙ୍କ୍ କିମ୍ବା ସ୍କାନରରେ ସ୍କାନ୍ କରି ଭୁବନେଶ୍ୱରବାସୀ ନିଜର ମତାମତ ଦେଇପାରିବେ। ମୋଟ୍ ୯ଟି ପ୍ରଶ୍ନ ଥିବାବେଳେ ସେଥିରୁ ୭ଟି ପ୍ରଶ୍ନର ଉତ୍ତର କେବଳ ହଁ କିମ୍ବା ନାହିଁରେ ଦେବାର ବ୍ୟବସ୍ଥା ରହିଛି। ବାକି ୨ଟି ପ୍ରଶ୍ନର ଉତ୍ତରରେ ଜନସାଧାରଣ ଅତି ସନ୍ତୁଷ୍ଟ, ସନ୍ତୁଷ୍ଟ, ନିରପେକ୍ଷ, ଅସନ୍ତୁଷ୍ଟ, ଖୁବ୍ ଅସନ୍ତୁଷ୍ଟ ଭଳି ୫ଟି ଅପ୍‌ସନ ଦିଆଯାଇଛି। ସେହିପରି ସହରରେ ପରିମଳ ଅବସ୍ଥା, ନାଳ ଓ ଡ୍ରେନ୍ ସଫେଇ, ସୁଲଭ ଶୌଚାଳୟ, ଘରୁ ବର୍ଜ୍ୟ ସଂଗ୍ରହ ଆଦି କାର୍ଯ୍ୟକୁ ନେଇ ପ୍ରଶ୍ନ କରାଯାଇଛି। ଜୁଲାଇ ୭ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଏହି ମତାମତ ସଂଗ୍ରହ କରାଯିବା ନେଇ ସୂଚନା ଦିଆଯାଇଛି। ତେବେ ରାଜଧାନୀର ରାସ୍ତାଘାଟର ଅବସ୍ଥା ଦେଖିଲେ ଏହାକୁ ଏକ ସ୍ୱଚ୍ଛ ସହର ଭାବେ ବିବେଚନା କରିବା କଷ୍ଟକର। ସହରକୁ ସଫା କରିବାକୁ ୨ହଜାରରୁ ଊର୍ଦ୍ଧ୍ୱ ସଫେଇ କର୍ମୀ ନିୟୋଜିତ ହୋଇଥିବାବେଳେ ୬ଟି ସଫେଇ ସଂସ୍ଥା ନିଯୁକ୍ତ ହୋଇଛନ୍ତି। ଏହାବାଦ୍ ବିଭିନ୍ନ ଏନ୍‌ଜିଓ ମଧ୍ୟ ସଫେଇ କାମରେ ନିୟୋଜିତ ହୋଇଛନ୍ତି। ରାତ୍ରି ସଫେଇ, ଜଟାୟୁ ମେଶିନ୍ ଦ୍ୱାରା ମୁଖ୍ୟ ରାସ୍ତା ସଫେଇ ଆଦି ବିଭିନ୍ନ କାର୍ଯ୍ୟରେ ବର୍ଷକୁ ପ୍ରାୟ ଶହେ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପରିମଳ ବ୍ୟବସ୍ଥା ତଦାରଖ କରିବାକୁ ପ୍ରତି ୱାର୍ଡରେ ୱାର୍ଡ ଅଫିସର, ସାନିଟାରି ଇନ୍ସପେକ୍ଟର ଅଛନ୍ତି। ବିଏମ୍‌ସି, ବିଡିଏ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସମେତ ନଗର ସ୍ୱାସ୍ଥ୍ୟ ଅଧିକାରୀ ପଦବୀରେ ଜଣେ ଡାକ୍ତର ଅଛନ୍ତି। ଏସବୁକୁ ତଦାରଖ କରିବା ଓ ତ୍ୱରିତ ପଦକ୍ଷେପ ନେବାକୁ ଜଣେ ବରିଷ୍ଠ ଓଏଏସ ଅଧିକାରୀ ଡେପୁଟି କମିଶନର (ପରିମଳ) ଓ ତାଙ୍କ ଉପରେ ଜଣେ ଅତିରିକ୍ତ କମିଶନର ଦାୟିତ୍ୱରେ ଅଛନ୍ତି। ମାତ୍ର ଏତେ ଅଧିକାରୀ, କର୍ମଚାରୀ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ବି ସହରର ବିଭିନ୍ନ ରାସ୍ତାକଡ଼, ଗଳିକନ୍ଦିରେ ଅଳିଆ, ଆବର୍ଜନା, ନିର୍ମାଣଜନିତ ବର୍ଜ୍ୟ ଗଦା ହୋଇ ରହୁଛି। ନିୟମିତ ସଫେଇ ହେଉ ନଥିବାରୁ ପରିବେଶ ଆବର୍ଜନାମୟ ହେବା ସହ ଦୁର୍ଗନ୍ଧ ଜାତ ହେଉଛି। ନା ସଫେଇ ସଂସ୍ଥା ଅଳିଆ ଉଠାଉଛନ୍ତି ନା ବିଏମ୍‌ସି ଅଧିକାରୀ ତାଗିଦ କରୁଛନ୍ତି। କେବଳ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି। ସେହିଭଳି ଭୁଆଶୁଣିକୁ ଅଳିଆ ଯିବା ବନ୍ଦ ହେବା ପରେ ଆବର୍ଜନା ପରିଚାଳନା କରିବା ବିଏମ୍‌ସି ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଭୁବନେଶ୍ୱର ମଳମୁକ୍ତ ସହର ବୋଲି ଘୋଷଣା ହେବା ସହ ଏବେ ଓଡିଏଫ୍ ପ୍ଲସ୍ ଶ୍ରେଣୀରେ ରହିଛି। କିନ୍ତୁ ବିଭିନ୍ନ ସମୟରେ ଏଠାରେ ସଫେଇ କର୍ମଚାରୀ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିବାରୁ ଆବର୍ଜନା ଗଦା ହୋଇରହୁଛି। ଏହାସହ ତ୍ରୁଟିପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ପାଇଁ ମଧ୍ୟ ପରିମଳ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ରହିଥିବାରୁ ଭୋଟିଂରେ ବିଏମ୍‌ସି ପଛରେ ପଡ଼ିବା ଆଶଙ୍କା କରାଯାଉଛି। ଅପରପକ୍ଷେ ସ୍ୱଚ୍ଛ ସର୍ଭେକ୍ଷଣ ୨୦୧୭ରେ ଭୁବନେଶ୍ୱରକୁ ୯୪ତମ ର୍‌ୟାଙ୍କ ମିଳିଥିବା ବେଳେ ୨୦୧୮ରେ ୨୪୩ତମ, ୨୦୧୯ରେ ୨୮୮ତମ, ୨୦୨୦ରେ ୨୩୩ତମ ଓ ୨୦୨୧ରେ ୧୪୮ତମ ଏବଂ ୨୦୨୨ରେ ୮୦ତମ ର୍‌ୟାଙ୍କ୍ ମିଳିଥିଲା। ତେଣୁ ଏଥର କିଭଳି ଆହୁରି ଭଲ ର୍‌ୟାଙ୍କ୍ ମିଳିବ ସେଥିପାଇଁ ଜୋରଦାର ଉଦ୍ୟମ ଚାଲିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଯେଉଁ କାଟାଗୋରିରେ ପୂର୍ବ ବର୍ଷଗୁଡ଼ିକରେ ମାର୍କ କମିଥିଲା ସେହି କ୍ଷେତ୍ରରେ ବ୍ୟାପକ ସୁଧାର ଅଣାଯାଇଛି।

## ସଂକ୍ଷେପରେ

### ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ



ବେଗୁନିଆ,୮।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଓ ଏନ୍‌ସିସି କ୍ୟାଡେଟ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଡିଓ ଲକ୍ଷ୍ମୀଧର ସାହୁ, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ, ବିଇଓ ଭାସ୍କର ଚନ୍ଦ୍ର ଲେଙ୍କା, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ। ଚାରାରୋପଣ କଲେ କି ଉପକାର ମିଳିଥାଏ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ।

### ବିଜେଡି ମହିଳା ସଭାପତି, ସମ୍ପାଦକଙ୍କ ନାମ ଘୋଷଣା

**ଗମ୍ଭାରୀମୁଣ୍ଡା,୮।୭(ଦିଲୀପ ସ୍ୱାଇଁ):** ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳ ପକ୍ଷରୁ ବାଣପୁର ବ୍ଲକ, ବିଜ୍ଞାପିତ ଅଞ୍ଚଳ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ଓ ଚିଲିକା ବ୍ଲକ ପାଇଁ ମହିଳା ସଭାପତି ଓ ସମ୍ପାଦକଙ୍କ ନାମ ଘୋଷଣା କରାଯାଇଛି। ବାଣପୁର ବ୍ଲକର କବିତା ରାଣୀ ମହାପାତ୍ର, ବାଣପୁର ବିଜ୍ଞାପିତ ଅଞ୍ଚଳର ପୁଷ୍ପାଞ୍ଜଳି ଜେନା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳର ସୁଜାତା ପଣ୍ଡା ଓ ଚାଲିକା ବ୍ଲକର ଅମ୍ରିତା ବେହେରାଙ୍କୁ ସଭାପତିଭାବେ ନିଯୁକ୍ତ କରାଯାଇଛି। ସେହିପରି ଜେନେରାଲ ସେକ୍ରେଟାରୀ ଭାବେ ବାଣପୁରର ବେବିନା ତ୍ରିପାଠୀ, ସେକ୍ରେଟାରୀ ଭାବେ ବାଣପୁରର ରିନା ବଡ଼ଜେନା ଓ କଳ୍ପନା ସେଣଙ୍କ ନାମ ଘୋଷଣା କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ଚକ୍ଷୁ ଚିକିତ୍ସା ଶିବିର

ବେଗୁନିଆ,୮।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ବାଘମାରୀ ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୪୭ଜଣ ଚକ୍ଷୁ ରୋଗୀ ଚିକିତ୍ସା ପାଇଁ ନାମ ପଞ୍ଜୀକରଣ କରିଥିଲେ। ୩୭ଜଣଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଅନ୍ୟ ୧୦ଜଣଙ୍କୁ ଅସ୍ତ୍ରୋପଚାର କରିବା ପାଇଁ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶଥାଉ କି, ଗାୟକ ସୌରଭ ବିଜୟ ବଳିୟାରସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଡା. ସତ୍ୟରଞ୍ଜନ ମହାନ୍ତି ରୋଗୀଙ୍କୁ ସେବା ଯୋଗାଇଦେଇଥିଲେ। ବୋଲଗଡ ବ୍ଲକ ଏଏପି ସଭାପତି କିଶୋର ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଳ୍ପତରୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସତ୍ୟାନନ୍ଦ ଚମ୍ପତି, ଅକ୍ଷୟ ବଳିୟାରସିଂହ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ସମ୍ପର୍କରୁ ସମର୍ଥନ ଅଭିଯାନ

**ବାଣପୁର,୮।୭(ଶଙ୍କର ବସ୍ତି):** ଚିଲିକା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମ୍ପର୍କରୁ ସମର୍ଥନ ଅଭିଯାନ ପଦଯାତ୍ରା ମୋରାମରିରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲାର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ। ମୋରାମରିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବିଷୟରେ ପ୍ରଚାରପତ୍ର ଘରେ ଘରେ ବଣ୍ଟନ ସହ ଅବଗତ କରାଯାଇଥିଲା।

### ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ

ଗମ୍ଭାରୀମୁଣ୍ଡା,୮।୭(ଦିଲୀପ ସ୍ୱାଇଁ): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନରେ ଥିବା ୮ଟି ସେକ୍ଟରର ୧୯୧ଟି ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୬ବର୍ଷ ଶିଶୁ ପର୍ଯ୍ୟନ୍ତ ଓଜନ ସହ ଉଚ୍ଚତା ମାପ କରାଯାଇଛି। ଏହି ଓଜନ ଉତ୍ସବରେ ଚିଲିକା ବ୍ଲକ ବିଡିଓ ଜଗଦୀଶ ଷଡ଼ଙ୍ଗୀ, ସିଡିପିଓ ଅନୁସୟା ମିଶ୍ରଙ୍କ ସମେତ ୬ଜଣ ସୁପରଭାଇଜର, ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲ୍ଲୀ, ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମି ରେଖା ଜେନା, ଏସ୍ଏଚ୍‌ଜି ସଦସ୍ୟ, ୧୭ଟି ପଞ୍ଚାୟତର ସରପଞ୍ଚ, ଅଙ୍ଗନୱାଡି କର୍ମୀ ଏବଂ ଶିଶୁମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ।

# ରଥ ଉପରେ ଥିଲେ ଅଣସେବାୟତ

ପୁରୀ,୮।୭(ଅଜିତ୍ ମହାନ୍ତି)

**ରଥଯାତ୍ରା ସମୟର ବିବାଦ**
- ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ, ରିଲ୍ସ କଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ନିୟମ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ନେଇ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନ ଏବଂ ସେବାୟତମାନେ କହିଥିଲେ। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରାର କିଛିଦିନ ପରେ ଏକ ବିବାଦ ଉଠିଛି। ରଥ ଉପରେ ଶ୍ରୀବିଗ୍ରହ ଥିବାବେଳେ ସେବାୟତଙ୍କ ଗହଣରେ ଅନେକ ଅଣସେବାୟତ ମଧ୍ୟ ରହିଥିବା ଦେଖିବାକୁ ମିଳିଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କେହି ରହିପାରିବେ ନାହିଁ ବୋଲି ନିୟମ ଥିବାବେଳେ ଚଳିତ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରଥରେ ଅଣସେବାୟତମାନେ ରହିଥିବା ନେଇ ଅଭିଯୋଗ ହେଉଛି। ଏପରିକି ରଥ ଉପରେ ଅନେକ ଅଣସେବାୟତ ସେବାୟତଙ୍କ ପରି ପୋଷାକ ପରିଧାନ କରି ବସିଥିବାର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଣସେବାୟତମାନେ ରଥ ଉପରେ ଚଢ଼ି ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଛୁଇଁବା ସହ ଶ୍ରୀବିଗ୍ରହଙ୍କ ପାଖରେ ବସି ଫଟୋ ଓ ରିଲ୍ସ କରି ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କାହାକୁ ଚଢ଼ିବାକୁ ନିର୍ଦ୍ଦେଶ ନ ଥିବାବେଳେ କିଭଳି ଓ କେମିତି ଏତେସଂଖ୍ୟକ ଅଣସେବାୟତ ସେବାୟତ ବେଶରେ ରଥ ଉପରକୁ ଗଲେ ଓ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହା ଅନୁମତିରେ ଏବଂ କେଉଁମାନଙ୍କ ସହଯୋଗରେ ସେମାନେ ରଥ ଉପରକୁ ଗଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ରଥ ଉପରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଲାଗିଥିବାବେଳେ ଅନେକ ସେବାୟତ ମୋବାଇଲ ନେଇ ଯିବାକୁ ମଧ୍ୟ ନାପସନ୍ଦ କରାଯାଉଛି। ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ, ସେବାୟତଙ୍କ ସହ ଆଲୋଚନା, ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ମଧ୍ୟ ସୁରକ୍ଷାରେ ଏତେ ଢିଲା କିପରି ହେଲା ତାହାକୁ ନେଇ ଅନେକ ସେବାୟତ ଉଦ୍‌ବେଗ ପ୍ରକାଶ କରିବା ସହ ଉକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ କଡ଼ା ନିୟମାବଳୀ ପ୍ରସ୍ତୁତ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଏପରିକି ଅନେକଥର ଦଇତାପତି ନିଯୋଗ ବିଭିନ୍ନ ନିଯୋଗ ସହ ବାରମ୍ବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ପରିସରରେ ବୈଠକ କରିଥିଲା। ଏପରିକି ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମାବଳୀକୁ ସେବାୟତମାନଙ୍କୁ ଦିଆଯାଇଥିଲା। ରଥ ଉପରେ ଅଧିକ ସେବାୟତ ନ ରହିବା, ତିନି ରଥରେ କେତେ ସେବକ ରହିବେ, ରଥର କେଉଁ ସ୍ଥାନରେ ସେବକମାନେ ରହିବେ, କେଉଁ ସ୍ଥାନରେ ରହିବେ ନାହିଁ। ମୋବାଇଲ ନେଇପାରିବେ ନାହିଁ କି ବ୍ୟବହାର କରିପାରିବେ ନାହିଁ ଆଦି ସବୁ ନିୟମ ନେଇ ସେବାୟତ ସଂଘକୁ ସୂଚନା ଦିଆଯାଇଥିଲା। ତଥାପି ପ୍ରଶାସନର ନିୟମକୁ ଫୁ କରିଦେଇଥିଲେ ସମସ୍ତେ। ଫଳରେ ରଥ ଉପରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ସେବକ ରହିବା ସହ ମୋବାଇଲର ବ୍ୟବହାର ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଅନେକ ଅଣସେବାୟତ ସେବାୟତଙ୍କ ବେଶରେ ରଥ ଉପରକୁ ଯାଇ ମହାପ୍ରଭୁଙ୍କୁ ଛୁଇଁବା ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଏଥିପାଇଁ ମହାପ୍ରଭୁଙ୍କ ବାଡ଼ଗ୍ରାହୀ, ଦଇତାପତି ସେବାୟତ ଓ ଜେଟିପିଙ୍କୁ ସିଧାସଳଖ ଅନ୍ୟ ସେବକମାନେ ଦାୟୀ କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ରଥ ଉପରକୁ ଅଣସେବାୟତ ଯିବା ଓ ଠାକୁରଙ୍କ ଶ୍ରୀଅଙ୍ଗକୁ ସ୍ପର୍ଶ କରିବା ନିନ୍ଦାଜନକ ଘଟଣା। ଯେଉଁମାନେ ନିୟମ ଭାଙ୍ଗିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଯେପରି ଶ୍ରୀମନ୍ଦିର ରତ୍ନସିଂହାସନ ନିକଟରେ ଖୁଣ୍ଟିଆ ସେବାୟତମାନେ ଠାକୁରଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାନ୍ତି, ଠିକ୍ ସେହିପରି ବାଡ଼ଗ୍ରାହୀମାନେ ରଥ ଉପରେ ମୁତୟନ ରହି ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଅନ୍ତି। ଶ୍ରୀମନ୍ଦିର ହେଉ ବା ରଥ କେହି ମୋବାଇଲ ନେଇପାରିବେ ନାହିଁ ବୋଲି ବାରମ୍ବାର ଚିଠି ହେଉଛି। ମାତ୍ର କୌଣସି ସୁଫଳ ମିଳିପାରୁନାହିଁ। ରଥ ଉପରେ ସେବାୟତଙ୍କୁ ଚିହ୍ନଟ କରିବା ବାଡ଼ଗ୍ରାହୀମାନଙ୍କ ଦାୟିତ୍ୱ। ତେବେ ଅଣସେବାୟତମାନେ ଯେଉଁଭଳି ରଥ ଉପରକୁ ଯାଇ ଫଟୋ ଉଠାଇ ରିଲ୍ସ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯାଉ। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ମତାମତ ମିଳିପାରି ନାହିଁ।



## ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ଆଉ ଜଣେ ଗିରଫ



ବାଣପୁର (ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା, ୮।୭ (ଦିଲୀପ ସ୍ୱାଇଁ)

ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ଆଉ ଜଣେ ଅଭିଯୁକ୍ତଙ୍କୁ ଶନିବାର ପୋଲିସ ବାଲୁଗାଁ ରେଳ ଷ୍ଟେଶନ ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିରାକାରପୁର ଥାନା ନିକଟ ଖଜୁରିଆପଡ଼ା ଅଞ୍ଚଳର ବବୁଲ ଖାଁ। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାର ବାଣପୁର, ବାଲୁଗାଁ ଓ ନାଚୁଣୀ ଥାନା ଅଞ୍ଚଳରେ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଏନେଇ ଅଭିଯୋଗ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା। ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ଗତ ବୁଧବାର ରାତିରେ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଏହି ଟିମ୍ ଚଢ଼ାଉ କରି ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ହୋଇଯାଇଥିଲେ।



ବନ ମହୋତ୍ସବ ଅବସରରେ ଶନିବାର ବୋଲଗଡ଼ ପିଟୁକୁଳି ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ।

## ପିଟୁକୁଳି ହାଇସ୍କୁଲରେ ବନ ମହୋତ୍ସବ

ବୋଲଗଡ଼,୮।୭(ଦେବବ୍ରତ ହୋତା)

ପିଟୁକୁଳି ଶ୍ରୀରଘୁନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର ଚାରାରୋପଣ ମାଧ୍ୟମରେ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା ପାଇଁ ସମସ୍ତେ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ମାନସ ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ବିଭିନ୍ନ କିସମର ଚରାରୋପଣ କରିଥିଲେ। ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ସମସ୍ତେ ସବୁଜ ପୃଥିବୀ ଗଠନ ପାଇଁ ସଙ୍କଳ୍ପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ଓ କବିତା ଲିଖନ ତଥା ପଠନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗ ବକ୍ତୃତାରେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ମହାପାତ୍ର(ପ୍ରଥମ), ରାଜଶ୍ରୀ ବେହେରା (ଦ୍ୱିତୀୟ), ଶୁଭମ ଖାଡ଼ଙ୍ଗା ଓ ଶୁଭମ ପ୍ରତୀକ ମହାପାତ୍ର (ତୃତୀୟ), ସେହିପରି କନିଷ୍ଠ ବିଭାଗରେ ଲିପ୍ସା ବଳିୟାରସିଂ, ମଧୁସ୍ମିତା ବେହେରା, ମୃତ୍ୟୁଞ୍ଜୟ ସାହୁ ଏବଂ କବିତା ଲିଖନରେ ଆଶୁତୋଷ ଛୁଆଳସିଂ ନନ୍ଦୀନି ଜଗଦ୍ଦେବ, ବିଜୟ ଲକ୍ଷ୍ମୀ ପଟ୍ଟଯୋଶୀ କୃତିତ୍ୱ ହାସଲ କରିଛନ୍ତି । ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ୫ହଜାର ଲିଟର ପୋଚ ନଷ୍ଟ, ମଦ ଜବତ: ୨ ଗିରଫ

ବେଗୁନିଆ,୮।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ପୋଲିସ ପକ୍ଷରୁ ଶନିବାର ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ଏଥିସହ ୯୦ ଲିଟର ଦେଶୀ ୭ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଦୁଇଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ବୋରିକ ନୁଆଗାଁ ନିକଟ ଏକ ଜଙ୍ଗଲିଆ ସ୍ଥାନରେ ଦେଶୀ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ୭ଜଣିଆ ଏକ ଟିମ୍ ଗଠନ କରାଯାଇ ଉକ୍ତ ସ୍ଥାନରେ ଶନିବାର ଭୋରରୁ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ମାଫିଆମାନେ ଛତ୍ର ଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ୫ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ପ୍ୟାକେଟ ହୋଇଥିବା ୮୦ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ଦେଶୀ ମଦ ବେଆଇନ କାରବାର କରୁଥିବା କୋଦବେରେଣି ଗ୍ରାମର ଜଗନ୍ନାଥ ଦେହୁରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୬/୨୩) ରୁଜୁ ହୋଇଛି। ସେହିପରି ଏକଡାଳିଆ ଗ୍ରାମର ଅଶୋକ ପରିଡାଙ୍କୁ ଗିରଫ କରାଯାଇ ତାଙ୍କ ଠାରୁ ବିଦେଶୀ ମଦ ୭ ଲିଟର ଜବତ କରାଯାଇଛି। ଥାନାରେ ଏକ ମାମଲା ନଂ.୨୨୭/୨୩ ରୁଜୁ ହୋଇଛି।

## ମଦ, ବାଇକ୍ ଜବତ: ୨ଗିରଫ

ନିରାକାରପୁର,୮।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୦ ଲିଟର ଦେଶୀମଦ, ଗୋଟିଏ ବାଇକ୍ ସହ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଅଞ୍ଚଳର ନବ ସାମନ୍ତସିଂହାର ଓ ଚଣ୍ଡେଶ୍ୱର ଗ୍ରାମର ସୁବାସ ସାହୁ। ଏନେଇ ଦୁଇଟି ମାମଲା (ନଂ. ୬୨, ୬୩/୨୩) ରୁଜୁ ହୋଇଛି। ଚଢ଼ାଉରେ ଟାଙ୍ଗୀ ଅବକାରୀ ଇନ୍‌ସ୍ପେକ୍ଟର ଆଲୋକ କୁମାର ପ୍ରଧାନ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

## ବୋତଲମା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ପଞ୍ଚାୟତର ବୋତଲମାରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ। ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ସରପଞ୍ଚ ପ୍ରମୋଦ କୁମାର ଦଳେଇ, ନିବାସ ସୁନ୍ଦରାୟ , ବିରଞ୍ଚି ନାରାୟଣ ମଙ୍ଗରାଜ, ହିରାପୁର ସମିତି ସଭ୍ୟ ଭଗବାନ ପ୍ରଧାନ, ଦୁର୍ଗାଚରଣ ମଙ୍ଗରାଜ, ଅଞ୍ଜଳି ସାହୁ, ଜାଗେଶ୍ୱର ମାଝି, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଗା ଚରଣ ସ୍ୱାଇଁ, ରୁପକାନ୍ତି ସାହୁ, ଶାନ୍ତିଲତା ରଣସିଂହ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅଞ୍ଚଳବାସୀ ଜମିଜମା ମାମଲାରେ ସିକୋ ଓ ବେଗୁନିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିଲେ। ତେବେ ଘର ପାଖରେ କାର୍ଯ୍ୟାଳୟ ହେବା ନେଇ ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# 'ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ'

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନା, ସ୍କାଉଟ୍ ଆଣ୍ଡ ଗାଇଡ୍, ଯୁବ ରେଡ୍‌କ୍ରସ ଓ ଏନ୍‌ସିସିର ମିଳିତ ସହଯୋଗରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତରୁଣକାନ୍ତି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ରେଡକ୍ରସ ଅଧିକାରୀ ଡ. ଜନ୍ମେଜୟ ଚୌଧୁରୀ, ଅଧ୍ୟାପକ ପ୍ରତାପ ଛୋଟରାୟ, ସ୍କାଉଟ୍ ଓ ଗାଇଡ୍ ଅଧିକାରୀ ମାନସ ଜୟସିଂହ ଓ ସ୍ୱୟଂପ୍ରଜ୍ଞା ମାନ୍ଧାତା, ଏନ୍‌ସିସି ଅଧିକାରୀ ତପନ ପୃଷ୍ଟି, ସୁଧାଂଶୁ ଶେଖର ରଣସିଂହ, ଅଧ୍ୟାପିକା ସଚଳା ସାମନ୍ତରାୟ, ସୁଜ୍ଞାନୀ ଭଞ୍ଜସାମନ୍ତ, ଡ.ସଞ୍ଜୁକ୍ତା ପଟ୍ଟନାୟକ, ଭୁବନେଶ୍ୱର ନାୟକ ପ୍ରମୁଖ ବୃକ୍ଷରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ମହାବିଦ୍ୟାଳୟ ପରିସରରେ ଚାରା ଲଗାଇ ତାକୁ ବଞ୍ଚାଇ ରଖିବା ପାଇଁ ସଙ୍କଳ୍ପ ନେଇଥିଲେ।

ଗୟାବନ୍ଧ ଗ୍ରାମର ବାପୁଜୀ ଯୁବକ ସଂଘ ଓ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ମିଳିତ ଉଦ୍ୟମରେ ଗ୍ରୀନ୍ ଗୟାବନ୍ଧ ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରତ୍ୟେକ ଗ୍ରାମବାସୀ ନିଜ ବଗିଚାରେ ଫଳ ଗଛଟିଏ ଲଗାଇବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଫଳଚାରା ବଣ୍ଟନ କରାଯାଇଥିଲା। ଗୟାବନ୍ଧ ବାପୁଜୀ କ୍ଲବର ସଭାପତି ଅବଦୁଲ୍ ଇବ୍ରାହିମ୍ ଖାଁ, ନବ କିଶୋର ଭୂଜବଳ, ରଜାକ ଖାନ, ଗୟାବନ୍ଧ ସ୍କୁଲର ପ୍ରଧାନ ଶିକ୍ଷକ ଡ.ଶରତ ଚଉରୀ, ସହକାରୀ ଶିକ୍ଷକ ଗୋପାଳ ଚନ୍ଦ୍ର ରଥ ଓ ରଞ୍ଜନ ଭୋଳଙ୍କ ସମେତ ଏକାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ବାହାରି ସଚେତନ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା ।




ବନ ମହୋତ୍ସବ ଅବସରରେ ଖୋର୍ଦ୍ଧା କାଇପଦର ଶ୍ରୀଜଗନ୍ନାଥ କଲେଜ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।



ଗୟାବନ୍ଧ ଗ୍ରାମର ବାପୁଜୀ ଯୁବକ ସଂଘ ଓ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ଚାରାରୋପଣ କରାଯାଉଛି।

**ବଦଳିଲେ ପିପିଲି ଥାନା ଅଧିକାରୀ**

ପିପିଲି,(ପ୍ରଭାତ ମହାପାତ୍ର)- ପିପିଲି ଏସ୍‌ଡିପିଓଙ୍କ ପରେ ବଦଳିଲେ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ। ପୁରୀରୁ ଜଗତ୍‌ସିଂହପୁର ଜିଲାକୁ ବଦଳି ହୋଇଛି। ଶୁକ୍ରବାର ଗୃହ ବିଭାଗ କେନ୍ଦ୍ରାଞ୍ଚଳ ଜୋନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ପୁରୀ ଜିଲାରୁ ୧୯ଜଣ ଇନ୍ସପେକ୍ଟରଙ୍କ ଜିଲା ବାହାରକୁ ବଦଳି କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଛି ବଦଳି ପ୍ରକ୍ରିୟା। ତେବେ ଥାନା ଅଧିକାରୀ ନାୟକ ପିପିଲିରେ ୨ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିବା ସହିତ ପିପିଲି ଉପନିର୍ବାଚନ, ପଞ୍ଚାୟତ ଓ ପୌର ନିର୍ବାଚନକୁ ଶୃଙ୍ଖଳାର ସହ ସମାପନ କରିଥିଲେ। ନିଜର ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପାଇଁ କିଛିଦିନ ପୂର୍ବେ ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ସମ୍ମାନଜନକ ପଦକ ହାସଲ କରି ସମ୍ମାନିତ ହୋଇଥିଲେ। କିଛିଦିନ ପୂର୍ବେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ମଧ ପଦୋନ୍ନତି ଘଟି କଟକ ଜିଲା ଅତିରିକ୍ତ ଏସ୍‌ପି ଭାବେ ବଦଳି ହୋଇଥିଲା।



# ରଥ ଉପରେ ଥିଲେ ଅଣସେବାୟତ

ପୁରୀ,୮।୭(ଅଜିତ୍ ମହାନ୍ତି)






ଅଣ ସେବାୟତମାନେ ରଥ ଉପରେ ଚଢିବା ସମୟରେ ଉଠିଥିବା କେତେକ ଭାଇରାଲ୍ ଫଟୋ ।

ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ନେଇ ସରକାରଙ୍କଠାରୁ ଆରମ୍ଭ କରି ପ୍ରଶାସନ ଏବଂ ସେବାୟତମାନେ କହିଥିଲେ। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରାର କିଛିଦିନ ପରେ ଏକ ବିବାଦ ଉଠିଛି। ରଥ ଉପରେ ଶ୍ରୀବିଗ୍ରହ ଥିବାବେଳେ ସେବାୟତଙ୍କ ଗହଣରେ ଅନେକ ଅଣସେବାୟତ ମଧ ରହିଥିବା ଦେଖିବାକୁ ମିଳିଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କେହି ରହିପାରିବେ ନାହିଁ ବୋଲି ନିୟମ ଥିବାବେଳେ ଚଳିତ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରଥରେ ଅଣସେବାୟତମାନେ ରହିଥିବା ନେଇ ଅଭିଯୋଗ ହେଉଛି। ଏପରିକି ରଥ ଉପରେ ଅନେକ ଅଣସେବାୟତ ସେବାୟତଙ୍କ ପରି ପୋଷାକ ପରିଧାନ କରି ବସିଥିବାର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଣସେବାୟତମାନେ ରଥ ଉପରେ ଚଢ଼ି ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଛୁଇଁବା ସହ ଶ୍ରୀବିଗ୍ରହଙ୍କ ପାଖରେ ବସି ଫଟୋ ଓ ରିଲ୍ସ କରି ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି, ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ରଥ ଉପରେ ସେବାୟତଙ୍କ ବ୍ୟତୀତ ଅନ୍ୟ କାହାକୁ ଚଢ଼ିବାକୁ ନିର୍ଦ୍ଦେଶ ନ ଥିବାବେଳେ କିଭଳି ଓ କେମିତି ଏତେସଂଖ୍ୟକ ଅଣସେବାୟତ ସେବାୟତ ବେଶରେ ରଥ ଉପରକୁ ଗଲେ ଓ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହା ଅନୁମତିରେ ଏବଂ କେଉଁମାନଙ୍କ ସହଯୋଗରେ ସେମାନେ ରଥ ଉପରକୁ ଗଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

ଅପରପକ୍ଷେ ରଥ ଉପରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଲାଗିଥିବାବେଳେ ଅନେକ ସେବାୟତ ମୋବାଇଲ ନେଇ ଯିବାକୁ ମଧ ନାପସନ୍ଦ କରାଯାଉଛି। ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ, ସେବାୟତଙ୍କ ସହ ଆଲୋଚନା, ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ମଧ ସୁରକ୍ଷାରେ ଏତେ ଢିଲା କିପରି ହେଲା ତାହାକୁ ନେଇ ଅନେକ ସେବାୟତ ଉଦ୍‌ବେଗ ପ୍ରକାଶ କରିବା ସହ ଉକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ କଡ଼ା ନିୟମାବଳୀ ପ୍ରସ୍ତୁତ କରିଥିଲା ଶ୍ରୀମନ୍ଦିର ପ୍ରଶାସନ।

**ରଥଯାତ୍ରା ସମୟର ବିବାଦ**
- ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଛୁଇଁଲେ, ରିଲ୍ସ କଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ନିୟମ ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

ଏପରିକି ଅନେକଥର ଦଇତାପତି ନିଯୋଗ ବିଭିନ୍ନ ନିଯୋଗ ସହ ବାରମ୍ବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ପରିସରରେ ବୈଠକ କରିଥିଲା। ଏପରିକି ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମାବଳୀକୁ ସେବାୟତମାନଙ୍କୁ ଦିଆଯାଇଥିଲା। ରଥ ଉପରେ ଅଧିକ ସେବାୟତ ନ ରହିବା, ତିନି ରଥରେ କେତେ ସେବକ ରହିବେ, ରଥର କେଉଁ ସ୍ଥାନରେ ସେବକମାନେ ରହିବେ, କେଉଁ ସ୍ଥାନରେ ରହିବେ ନାହିଁ। ମୋବାଇଲ ନେଇପାରିବେ ନାହିଁ କି ବ୍ୟବହାର କରିପାରିବେ ନାହିଁ ଆଦି ସବୁ ନିୟମ ନେଇ ସେବାୟତ ସଂଘକୁ ସୂଚନା ଦିଆଯାଇଥିଲା। ତଥାପି ପ୍ରଶାସନର ନିୟମକୁ ଫୁ କରିଦେଇଥିଲେ ସମସ୍ତେ। ଫଳରେ ରଥ ଉପରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ସେବକ ରହିବା ସହ ମୋବାଇଲର ବ୍ୟବହାର ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଅନେକ ଅଣସେବାୟତ ସେବାୟତଙ୍କ ବେଶରେ ରଥ ଉପରକୁ ଯାଇ ମହାପ୍ରଭୁଙ୍କୁ ଛୁଇଁବା ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଏଥିପାଇଁ ମହାପ୍ରଭୁଙ୍କ ବାଡ଼ଗ୍ରାହୀ, ଦଇତାପତି ସେବାୟତ ଓ ଜେଟିପିଙ୍କୁ ସିଧାସଳଖ ଅନ୍ୟ ସେବକମାନେ ଦାୟୀ କରିଛନ୍ତି। ଏ ନେଇ ଶ୍ରୀମନ୍ଦିର ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ରଥ ଉପରକୁ ଅଣସେବାୟତ ଯିବା ଓ ଠାକୁରଙ୍କ ଶ୍ରୀଅଙ୍ଗକୁ ସ୍ପର୍ଶ କରିବା ନିନ୍ଦାଜନକ ଘଟଣା। ଯେଉଁମାନେ ନିୟମ ଭାଙ୍ଗିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଯେପରି ଶ୍ରୀମନ୍ଦିର ରତ୍ନସିଂହାସନ ନିକଟରେ ଖୁଣ୍ଟିଆ ସେବାୟତମାନେ ଠାକୁରଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାନ୍ତି, ଠିକ୍ ସେହିପରି ବାଡ଼ଗ୍ରାହୀମାନେ ରଥ ଉପରେ ମୁତୟନ ରହି ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଅନ୍ତି। ଶ୍ରୀମନ୍ଦିର ହେଉ ବା ରଥ କେହି ମୋବାଇଲ ନେଇପାରିବେ ନାହିଁ ବୋଲି ବାରମ୍ବାର ଚିଠି ହେଉଛି। ମାତ୍ର କୌଣସି ସୁଫଳ ମିଳିପାରୁନାହିଁ। ରଥ ଉପରେ ସେବାୟତଙ୍କୁ ଚିହ୍ନଟ କରିବା ବାଡ଼ଗ୍ରାହୀମାନଙ୍କ ଦ୍ୱାୟିତ୍ୱ। ତେବେ ଅଣସେବାୟତମାନେ ଯେଉଁଭଳି ରଥ ଉପରକୁ ଯାଇ ଫଟୋ ଉଠାଇ ରିଲ୍ସ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯାଉ। ଅପରପକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ମତାମତ ମିଳିପାରି ନାହିଁ।

## ସେବାୟତ, ଭକ୍ତଙ୍କ ମହଲରେ ଅସନ୍ତୋଷ

ପୁରୀ,୮।୭(ଅଜିତ୍ ମହାନ୍ତି)

**ରଥଯାତ୍ରା ସରିବାର କିଛିଦିନ ପରେ ରଥ ଉପରେ ସେବାୟତଙ୍କ ବ୍ୟତୀତ ଅଣ ସେବାୟତମାନେ ଚଢ଼ିଥିବାର ଭିଡିଓ ଭାଇରାଲ ହେଉଛି। ସେବାୟତଙ୍କ ବେଶରେ କେତେଜଣ ଅଣସେବାୟତ ରଥ ଉପରେ ଚଢ଼ି ଶ୍ରୀବିଗ୍ରହଙ୍କ ନିକଟରେ ବସିବା ସହ ଫଟୋ, ଭିଡିଓ ଉଠାଇ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି । ଯାହାକୁ ନେଇ ସେବାୟତ ସଂଘ ଓ କୋଟି କୋଟି ଭକ୍ତଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ରଥ ଉପରେ ଅଣସେବାୟତଙ୍କ ଯିବାକୁ ଅନେକେ ନାପସନ୍ଦ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି ।**

### ଏମାନେ ଯାହା କୁହନ୍ତି...

“ ଚଳିତବର୍ଷ ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ନୀତିକାନ୍ତି ମଧ ଠିକ୍ ଭାବେ ହୋଇଥିଲା। ତେବେ ସେବାୟତଙ୍କ ବ୍ୟତୀତ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କୁ ସହାୟକ ଭାବେ ପାସ୍ ଦିଆଯାଇଥାଏ। ସେମାନେ ରଥଯାତ୍ରା ସମୟରେ ଦଇତାପତିମାନଙ୍କୁ ରଥ ଉପରେ ସାହାଯ୍ୟ କରିଥାନ୍ତି। ସେହିଭଳି କେତେଜଣ କୌଳିକ ପଣ୍ଡାଙ୍କର ଯାତ୍ରୀ ଗୁମାସ୍ତାଙ୍କୁ ମଧ କିଛି ପାସ୍ ଦିଆଯାଇଥାଏ। ସେମାନେ ଯିବାଆସିବା କରିଛନ୍ତି। ତେଣୁ କେଉଁଠାରେ କିଏ କେତେବେଳେ ଯାଇଛି, ଏପରି ଘଟଣାକୁ ନେଇ ଆଲୋଚନା କରିବା ଠିକ୍ ନୁହେଁ। ୨୦୧୪ ପୂର୍ବରୁ ସମସ୍ତ ଭକ୍ତ ରଥ ଉପରକୁ ଚଢ଼ି ମହାପ୍ରଭୁଙ୍କ ସ୍ପର୍ଶ କରିପାରୁଥିଲେ। ମାତ୍ର କିଛି କୁଚକ୍ରୀ ଗୋଷ୍ଠୀ କୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁକରି ଏହି ଦର୍ଶନ ବନ୍ଦ କରାଇଲେ। ୨୦୧୪ ପରଠାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯାତ୍ରୀମାନେ ରଥ ଉପରକୁ ଯାଉନାହାନ୍ତି। କେବଳ ସେବାୟତ ପାସ୍‌ଧାରୀମାନେ ରଥ ଉପରକୁ ଯାଉଛନ୍ତି। ତେଣୁ କୌଣସି ବ୍ୟତିକ୍ରମ ହୋଇନାହିଁ। ଯାହା ବି କିଛି ବ୍ୟତିକ୍ରମ ହୋଇଛି, ତାହା ଆଗାମୀ ରଥଯାତ୍ରାରେ ସୁଧାର ଆସିବ। ରଥ ଛୁଇଁବା ଉପରେ ଭକ୍ତଙ୍କୁ କୌଣସି କଟକଣା ନାହିଁ, ମାତ୍ର ପୋଲିସ ଭକ୍ତମାନଙ୍କୁ ରଥ ଛୁଆଁଇ ଦେଉନାହିଁ। ପୋଲିସ ବ୍ୟାରିକେଡ କରି ରଥ ଛୁଇଁବାରୁ ଭକ୍ତଙ୍କୁ ଅଟକାଉଛି।

**-ବିନାୟକ ଦାସ ମହାପାତ୍ର, ବରିଷ୍ଠ ଦଇତାପତି ସେବକ**

“ ଶ୍ରୀମନ୍ଦିରକୁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ବାରଣ ଥିବାବେଳେ ରଥ ଉପରକୁ ମୋବାଇଲ୍ ଫୋନ୍ ନେବା ମଧ ଠିକ୍ ନୁହେଁ। ଯଦି କିଛି ଅଣସେବାୟତ ରଥକୁ ଯାଇ ମହାପ୍ରଭୁଙ୍କ ସ୍ପର୍ଶ କରିଛନ୍ତି, ସେଥିପାଇଁ କିଛି ବରିଷ୍ଠ ସେବାୟତଙ୍କ ଭୂମିକା ରହିଛି। ତେଣୁ ଏହି ଘଟଣାର ତଦନ୍ତ କରାଯାଉ। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

**-ବିକାଶ ପ୍ରଧାନ, ପୁରୀ ବାସିନ୍ଦା**

“ ଚଳିତ ବର୍ଷ ରଥ ନିକଟରେ ଏପରିକି ପହଣ୍ଡି ସମୟରେ ଅନେକ ବ୍ୟକ୍ତି ଅଣସେବାୟତ ବେଶରେ ରହିଥିଲେ। ଫଳରେ ମହାପ୍ରଭୁଙ୍କୁ ପହଣ୍ଡି କରିବାରେ ସମସ୍ୟା ଦେଖାଦେଇଥିଲା। ଏବେ ପୁଣି ରଥ ଉପରେ ଅଣସେବାୟତ ଚଢ଼ି ଫଟୋ, ଭିଡିଓ କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି, ଯାହା ନିନ୍ଦନୀୟ। ତେବେ ପ୍ରଶ୍ନ ଉଠୁଛି ଅଣସେବାୟତମାନଙ୍କୁ ପାସ୍ କିଏ ପ୍ରଦାନ କରୁଛି। ତାହାର ତଦନ୍ତ କରାଯିବା ଆବଶ୍ୟକ ।

**-ରାମକୃଷ୍ଣ ଦାସ ମହାପାତ୍ର, ଦଇତାପତି ନିଯୋଗର ସମ୍ପାଦକ**

## ସଂକ୍ଷେପରେ

### ମୃତ ଅଭୟଙ୍କ ଚକ୍ଷୁ ଦାନକଲେ ପରିବାର

ଡେଲାଙ୍ଗ,୮।୭(ରଶ୍ମିରଞ୍ଜନ ପ୍ରଧାନ)-ଡେଲାଙ୍ଗ ଥାନା ଅଧୀନ ଡଁପୁର ଗ୍ରାମରେ ସାନ ଭାଇଙ୍କୁ ହତ୍ୟା କରିଥିବା ନେଇ ବଡ଼ଭାଇଙ୍କୁ ପୋଲିସ ଗିରଫ କରି ଡାକ୍ତରୀ ମାଇନା ପରେ ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବିଜୟ ପ୍ରଧାନ(୪୨)। ଅନ୍ୟପଟେ ପରିବାର ଲୋକେ ପୁରୀରେ ମୃତ ଅଭୟ ପ୍ରଧାନଙ୍କ ଚକ୍ଷୁଦାନ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ମଝିଆ ଭାଇ ସଞ୍ଜୟ ପ୍ରଧାନଙ୍କ ଏହି ପରୋପକାରୀ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକ କୃତଜ୍ଞତା ଜଣାଇଛନ୍ତି।

### ଜାହାଁନିଆ ପୀଠର ପ୍ରଥମ ପୂଜକଙ୍କ ପରଲୋକ

ଅସ୍ତରଙ୍ଗ,୮।୭(ମମତା ଜେନା)- ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଶିଷ୍ଟ ବ୍ୟକ୍ତି ତଥା ପାଟଳଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ଫର୍ଦ୍ଦୁନ ଅଲ୍ଲୀ ସାହା (୧୦୦)ଙ୍କ ପରଲୋକ ହୋଇଛି। ସେ ୧୯୨୩ ମସିହା ନଭେମ୍ବର ୨୧ରେ ଜନ୍ମଗ୍ରହଣ କରିଥିଲେ। ସେ ପୀର ଜାହାଁନିଆ ପୀଠର ପ୍ରଥମ ପୂଜକ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ ଶରୀରକୁ କବର ଦିଆଯିବା ପୂର୍ବରୁ ନିଜ ଗ୍ରାମ ସୁଧିକେଶ୍ୱର (ବଳଭଦ୍ରପୁର) ଗ୍ରାମ ଦାଣ୍ଡରେ ତାଙ୍କ ମର ଶରୀରକୁ ଗ୍ରାମବାସୀଙ୍କ ଶେଷ ଦର୍ଶନ ପାଇଁ ରଖାଯିବା ପରେ ବେଳାଭୂମି ସାହିତ୍ୟ ସଂସଦର କର୍ମକର୍ତ୍ତାମାନେ ମର ଶରୀରକୁ ସମ୍ମାନ ଜଣାଇଥିଲେ। ନିଜ ବାସସ୍ଥାନ ନିକଟ ଏକ ସ୍ଥାନରେ କବର ଦିଆଯାଇଅଛି। ତାଙ୍କ ମୃତ୍ୟୁରେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଓଡ଼ିଶୀ ଓ ମାହାରୀ ନୃତ୍ୟ ଉତ୍ସବର ଉତ୍କଳଶ୍ରୀ ସମ୍ମାନ

ପୁରୀ,୮।୭ ( ଅଜିତ ମହାନ୍ତି)- ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ପକ୍ଷରୁ ଦୁଇଦିନ ବ୍ୟାପି ଓଡ଼ିଶୀ ଓ ମାହାରୀ ନୃତ୍ୟ ଉତ୍ସବର ଉତ୍କଳଶ୍ରୀ ସମ୍ମାନ - ୨୦୨୩ ସଂସ୍କୃତି ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୁରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଭାଜପାର ସମ୍ବିତ ପାତ୍ର, ଜୟନ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ପାଗଳ ସ୍ୱାଇଁ ଏବଂ ଚକ୍ରଧର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ମୀରା ଦାସ, ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଅଶୋକ ଦାସ ଓ ଗୁରୁ ସୁରେନ୍ଦ୍ର ନାୟକଙ୍କ ସଂଯୋଜନାରେ ଶ୍ୟାମପ୍ରକାଶ ସେନାପତି, ଗଙ୍ଗାଧର ବାରିକ, ସୁଧାଂଶୁ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ସୁସ୍ଥ ଜୀବନ ପାଇଁ ଗୋ ସୁରକ୍ଷାକୁ ଧ୍ୟାନଦେବା ଜରୁରୀ

**ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର**

ସାକ୍ଷୀଗୋପାଳ,୮।୭
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)




ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ଚାରାରୋପଣ କରାଯାଉଛି ।

ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ ଓଡ଼ିଶା ତରଫରୁ ଶନିବାର ପରିବେଶ ଓ ଗୋ ଆଧାରିତ କୃଷି ସଚେତନତା ସହିତ ଗୋ ସୁରକ୍ଷା ପାଇଁ ଏକ ଆଲୋଚନାଚକ୍ର ସତ୍ୟବାଦୀ ବ୍ଲକରେ ଥିବା ଅଳଗୁମ ପଞ୍ଚାୟତର କାଠି ପଡିଆଠାରେ ଆୟୋଜନ କରାଯାଇଥିଲା। ସତ୍ୟବାଦୀ ବରାଳ ବାଲୁଙ୍କେଶ୍ୱର ଦେବ ଚାରିଟେବଲ ଟ୍ରଷ୍ଟ ଗୋଶାଳା ସଭାପତି ମହେଶ୍ୱର ପ୍ରଧାନ ଏବଂ ସଂଗଠନ ଆବାହକ ପ୍ରଭାତ କୁମାର ମହାପାତ୍ର ଏଥିରେ ଯୋଗଦେଇ ବିଭିନ୍ନ ମାର୍ଗ ଦର୍ଶନ କରାଇଥିଲେ। ସଦସ୍ୟ ତିରୁପତି ଜେନା, ଆକାଶ ପ୍ରଧାନ, ଅବକାଶ ପ୍ରଧାନ, ଅନାମ ଚରଣ ପ୍ରଧାନ, ସଚିକାନ୍ତ ଜେନା, ହରିହର ପ୍ରଧାନ, ପ୍ରୀତିଶ ସାହୁ, ତ୍ରିଲୋଚନ ଜେନା, ବିରଞ୍ଚି ଜେନା, ପଶିଆ ବିଶ୍ୱାଳ,ପଞ୍ଚାନନ ବିଶ୍ୱାଳ, ସୁନୀଲ ବିଶ୍ୱାଳ, ସୌମ୍ୟରଞ୍ଜନ ପରିଡା, ଅବିନାଶ ବରାଳ, ବାବିନା ବାରିକଙ୍କ ସହିତ ଗ୍ରାମର ଅନେକ ଲୋକଙ୍କୁ ନେଇ ନିମ୍ବ, କରଞ୍ଜ, ବଉଳ, ଜାମୁ ଓ ଅର୍ଜୁନ ଗଛର ଚାରା କାଠିଯାତ୍ରା ପଡ଼ିଆ ରାସ୍ତାରେ ଲଗାଯାଇଥିଲା। ସମସ୍ତ ବୃକ୍ଷ ସୁରକ୍ଷିତ ଭାବେ ଲଗାଯିବା ପରେ ସ୍ୱାସ୍ଥ୍ୟ ଓ ପରିବେଶର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଗଲା। ପ୍ରତ୍ୟେକ ମାନବ ଜୀବନର ସୁଖ ସମୃଦ୍ଧି ପାଇଁ ଗଛ ଓ ଗୋ ସମ୍ପଦର ଆବଶ୍ୟକତା ଉପରେ ଏକ ଆଲୋଚନା ଚକ୍ର କରାଯାଇଥିଲା। ଏଥିରେ ମୁଖ୍ୟତଃ ସୁସ୍ଥ ଜୀବନଯାପନ ନିମନ୍ତେ ପରିବେଶ ଓ ଗୋ ସୁରକ୍ଷାକୁ ଅଧିକ ଧ୍ୟାନ ଦେବା ସମୟ ଆସିଛି। ଜୀବଜଗତକୁ ଆଜି ଏହି ବିଷମ ସଂକଟରୁ ରକ୍ଷାକରିବାକୁ ହେଲେ, ମୃତ୍ତିକାର ଜୈବ ବିବିଧତା ତଥା ଉର୍ବରତା ଫେରାଇ ଆଣି ଗୋ ଆଧାରିତ ପାରମ୍ପରିକ କୃଷି ଦ୍ୱାରା ବିଷମୁକ୍ତ ସୁଷମ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ସହିତ ପରିବେଶକୁ ସୁରକ୍ଷିତ ରଖାଯାଇପାରିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ସେଥିପାଇଁ ପ୍ରତ୍ୟେକ ପଞ୍ଚାୟତର ଗାଁ ଗାଁରେ ଜନ ସଚେତନତା ଅଭିଯାନ ଚାଲୁ ରହିବା ଆବଶ୍ୟକ। ଏଥିନିମନ୍ତେ ଏକ ଗ୍ରାମ ସ୍ତରୀୟ କମିଟି ଗଠନ କରାଯାଇଥିଲା ଏବଂ ଜେନାସାହି ଗ୍ରାମରେ ଏକ ଗୋ ଆଧାରିତ ପ୍ରକଳ୍ପ ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏଥିପାଇଁ ରବିବାର ପିପିଲି ବ୍ଲକର ଭାରତୀପୁରଠାରେ ଅନ୍ୟ ଏକ ଗୋ ଓ ବୃକ୍ଷ ଆଧାରିତ ସମାବେଶ ଅନୁଷ୍ଠିତ ହେବ ବୋଲି ସଭାପତି ମହେଶ୍ୱର ପ୍ରଧାନ ଓ ଆବାହକ ପ୍ରଭାତ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

## ଏନ୍‌ଏସି ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା

ନିମାପଡ଼ା, ୮।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିପକ୍ଷରୁ ଏକ ଦକ୍ଷତା ବିକାଶ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଏନ୍‌ଏସିର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମୁକ୍ତା ଯୋଜନାରେ ମିଶନଶକ୍ତି ଗୋଷ୍ଠୀ ଓ ପୌରସଂସ୍ଥାର ଅଧିକାରୀଙ୍କ ମଧରେ ଦକ୍ଷତା ବିକାଶ ସମ୍ପର୍କରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୱାର୍ଡ ଅଫିସ ପରିଚାଳକ କମିଟି ଓ ୱାର୍ଡ ସଂଯୋଜିକାଙ୍କୁ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କର୍ମତତ୍ପରତା ଅଭିଯାନ ମୁକ୍ତା ଯୋଜନା ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ, ଅଭିନବ ଯୋଜନା ଓ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାରୋହରେ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଏମ୍‌ପିଙ୍କ ପ୍ରତିନିଧି ତଥା ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, ମୁକ୍ତାର ପ୍ରୋଗ୍ରାମ କୋଅର୍ଡିନେଟର ରୋହନ ରାକେଶ ରାୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ଅନାଥ ଚରଣ ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରର ଓ କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ଏନ୍‌ଏସିର ସମସ୍ତ କାଉନ୍‌ସିଲର, ୨୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

## ‘ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ସମାଜ ଲାଗି ମହତ୍ତ୍ୱ’




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡ. ସୂର୍ଯ୍ୟ ପ୍ରକାଶ ଦାସ ଓ ଅନ୍ୟ ଅତିଥିମାନେ ।

ଗୋପ,୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ସମାଜ ଲାଗି ନିତ୍ୟାନ୍ତ ଜରୁରୀ। କାରଣ ସେମାନେ ଆମ ଭବିଷ୍ୟତ ଓ ଆଗାମୀ ପିଢି ଲାଗି ଭବିଷ୍ୟତ ସଦୃଶ୍ୟ ଅଟନ୍ତି ବୋଲି ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଆୟୁଷ୍ମାନ ଭାରତ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ଆରୋଗ୍ୟ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଆମ୍ବାସାଡର ଡ. ସୂର୍ଯ୍ୟ ପ୍ରକାଶ ଦାସ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲାର ଏହି ସ୍ମାର୍ଟ ସ୍କୁଲରେ ଶୁଭାରମ୍ଭ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ ବ୍ରହ୍ମା, ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ତା'ର ଫଳାଫଳ ସହିତ ଆଉ କେତେକ ତଥ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରକାଶ ଯେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାରା ଦ୍ୱାରା ଆୟୋଜିତ ଓ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ୬ରୁ ୧୮ ବର୍ଷ ବୟସର ପିଲାଙ୍କୁ କିପରି ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇ ଦିଆଯିବ ଓ ସେ ସମ୍ପର୍କରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଅନୁଯାୟୀ ଏକ କାର୍ଡ କରାଯିବ ତାକୁ ନେଇ ମଧ ସଚେତନତା କରାଯାଇଥିଲା। ପ୍ରତ୍ୟେକ ସ୍କୁଲରେ ତାଲିମ ନେଇଥିବା ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଏହି ସ୍ୱାସ୍ଥ୍ୟ ଯୋଜନା ଉପରେ ପ୍ରତ୍ୟେକ ମାସରେ ତଥ୍ୟ ରଖିବେ। କାର୍ଯ୍ୟକ୍ରମରେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ କିପରି ସ୍ୱାସ୍ଥ୍ୟ ଚିକିତ୍ସା ଓ ଔଷଧ ବଣ୍ଟନ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି, ସେ ସମ୍ପର୍କରେ ଅଧିକାରୀମାନେ ମତ ରଖିଥିଲେ। ପରେ ଗଣେଶ୍ୱରପୁର ସରକାରୀ ବିଦ୍ୟାଳୟରେ ଏପରି କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। ଆମ୍ବାସାଡର ଡ. ସୂର୍ଯ୍ୟ ପ୍ରକାଶ ଦାସ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଜୀବନ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ

ବଲଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗାର କୋଠକୁସାଙ୍ଗ ପଞ୍ଚାୟତରେ ଥିବା ଧନୁଆ ହାଇସ୍କୁଲ ଓ ବାପୁଜୀ ଉପ୍ରା ବିଦ୍ୟାଳୟ ତରଫରୁ ବନ ମହୋତ୍ସବ ଧନୁଆ ହାଇସ୍କୁଲ ପଡ଼ିଆରେ ପାଳିତ ହୋଇଯାଇଛି। ଧନୁଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ରଥ ଓ ବାପୁଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗରାଜ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରପଞ୍ଚ ଜୟନ୍ତୀ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଛନ୍ତି। ପରେ ଏକ ସଚେତନତା ଶୋଭାଯାତ୍ରା କରି ମନୁଷ୍ୟ ଜୀବନ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ଶିକ୍ଷକ ଗଣେଶ ମଙ୍ଗରାଜ, ଜଗବନ୍ଧୁ ନାୟକ, ଗୌରୀମଣି ବେହେରା ପରିଚାଳନା କରିଥିଲେ।

## ଜମି ମାଲିକଙ୍କୁ ପଟ୍ଟା ବଣ୍ଟନ

ପୁରୀ,୮।୭(ଅଜିତ୍ ମହାନ୍ତି)

ଗୋପ ବ୍ଲକ ଅଧୀନ ତରକୋରା ଗ୍ରାମର କୋଠଘରଠାରେ ଅତିରିକ୍ତ ଉପଜିଲାପାଳ(ଚକବନ୍ଦୀ) ଙ୍କ କାର୍ଯ୍ୟାଳୟ ତରଫରୁ ତରକୋଇ ରାଜସ୍ୱ ଗ୍ରାମରେ ଚକବନ୍ଦୀ ଫାଇନାଲ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯିବା ପରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ପଟ୍ଟା ବଣ୍ଟନ ସମ୍ବନ୍ଧରେ ଲୋକମାନଙ୍କୁ ସୂଚନା ଦେଇଥିଲେ। ଶେଷରେ ଜମି ମାଲିକମାନେ ମନ୍ତ୍ରୀ ବେହେରାଙ୍କଠାରୁ ତାଙ୍କର ଜମି ପଟ୍ଟା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ପରିଡା, ୧୨ ନଂ. ଜୋନ୍ ଜିଲାପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ ଯୋଗଦେଇଥିଲେ। ଅପରପକ୍ଷେ ଚକବନ୍ଦୀ କାର୍ଯ୍ୟାଳୟର ସହକାରୀ ଚକବନ୍ଦୀ ଅଧିକାରୀ ଜୟଦେବ ଦଳାଇ ଓ ଏମ୍. ଶିବ ଶଙ୍କର ରାଓ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ ସଭାପତି ଦୁର୍ଯ୍ୟୋଧନ ଖଟେଇ ଧନ୍ୟବାଦ ଦେଇଥିଲେ।

## ୧୩ବର୍ଷ ହେବ ନିର୍ଯାତନା ଦେଉଛି କଙ୍ଗାରୁ କୋର୍ଟ

ପିପିଲି,୮।୭(ପ୍ରଭାତ ମହାପାତ୍ର)

- ପରିବାରକୁ ଗାଁରୁ ବାସନ୍ଦ
- ପରିବାରର ବିବାହରେ ଯୋଗଦେବାରୁ ୭ ପରିବାରଙ୍କୁ ଦଣ୍ଡାଦେଶ
- ପୀଡ଼ିତ ପରିବାରଙ୍କୁ ଭେଟିଲେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ

ପିପିଲି ଥାନା ଅଞ୍ଚଳରେ ଚାଲିଛି କଙ୍ଗାରୁ କୋର୍ଟ। ବାହିଲିପଡା ଗ୍ରାମର ଦିଲୀପ ପାଟ୍ଟସାହାଣୀ ଦୀର୍ଘ ୧୩ବର୍ଷ ହେଲା ଗାଁରୁ ନିଆଁପାଣି ବାସନ୍ଦର ଶିକାର ହୋଇ ଅନେକ ନିର୍ଯାତନା ଭୋଗୁଛୁ। ଏପରିକି ତାଙ୍କ ବଡ଼ଭାଇ ସ୍ନେହକର ପାଟ୍ଟସାହାଣୀ ଓ କିଛି ସମ୍ପର୍କୀୟ ଦିଲୀପଙ୍କ ଝିଅ ବିବାହ ଗତ ମାର୍ଚ୍ଚ ୧୦ରେ ଯୋଗଦେଇଥିଲେ ବୋଲି ଗ୍ରାମର କିଛି ମୁଷ୍ଟିମେୟ ଲୋକେ ଗ୍ରାମସଭା କରି ସେମାନଙ୍କୁ ଗ୍ରାମରୁ ବାସନ୍ଦ ଓ ୫ହଜାର ଟଙ୍କା ଜାରିମାନା କରି ସର୍ବସମ୍ମୁଖରେ ଭୁଲ ମଗାଇଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ଆହୁରି ନିର୍ଯାତନା ଦିଆଯିବ ବୋଲି ସଭାର ନେତୃବୃନ୍ଦମାନେ ଧମକ ଦେଇଛନ୍ତି। ଏ ନେଇ ସ୍ନେହକର ଉକ୍ତ ଗ୍ରାମର କେତେଜଣଙ୍କ ନାମରେ ଗତ ଏପ୍ରିଲ୨୬ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାସହ ପୁରୀ ଜିଲାପାଳ ଓ ମାନବ ଅଧିକାର କମିଶନଙ୍କୁ ମଧ ଅଭିଯୋଗ କରିଥିବା ସ୍ନେହକର ପାଟ୍ଟସାହାଣୀ କହିଛନ୍ତି। ହେଲେ ଅଭିଯୋଗକୁ ଏତେ ଦିନ ବିତିଯାଇଥିଲେ ବି ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ସେହ୍ନକର କହିଛନ୍ତି। ଖବରପାଇ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଶନିବାର ଉକ୍ତ ବାହିଲିପଡା ଗ୍ରାମକୁ ଯାଇ କଙ୍ଗାରୁ କୋର୍ଟର ଶିକାର ହୋଇଥିବା ପରିବାରଙ୍କୁ ଭେଟିଥିଲେ। ଘଟଣା ସମ୍ପର୍କରେ ପଚାରି ବୁଝି ସମାଧାନ ପାଇଁ ପିପିଲି ପୋଲିସ ଓ ପୁରୀ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଯଦି ପ୍ରଶାସନ ଏଦିଗରେ ପଦକ୍ଷେପ ନ ନେଇ ପୀଡ଼ିତମାନଙ୍କୁ ନ୍ୟାୟ ନ ଦିଏ, ତେବେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ମାନବ ଅଧିକାର କମିଶନ ନିକଟରେ ଅଭିଯୋଗ କରିବେ ବୋଲି ମିଶ୍ର କହିଥିଲେ।

ସୂଚନା ଥାଉକି, ବାହିଲିପଡା ଗ୍ରାମର ଦିଲୀପ ପାଟ୍ଟସାହାଣୀ ୧୩ବର୍ଷ ତଳେ ଗ୍ରାମସଭାରେ ଯୋଗ ଦେଇ ନଥିଲେ ବୋଲି ଗ୍ରାମରେ ସଭା କରାଯାଇ (କଙ୍ଗାରୁ କୋର୍ଟ) ତାଙ୍କୁ ଗ୍ରାମରୁ ବାସନ୍ଦ କରିଥିଲେ ଗ୍ରାମବାସୀ। ସେହିଦିନଠାରୁ ଏପର୍ଯ୍ୟନ୍ତ ନିର୍ଯାତନା ପାଇ ଆସୁଥିବା ବେଳେ ପିପିଲି ପୋଲିସରେ ୨ଥର ଅଭିଯୋଗ କରିବା ସତ୍ତ୍ୱେ ନ୍ୟାୟ ମିଳି ନାହିଁ। ଏହାରି ଭିତରେ ଗତ ଜାନୁୟାରୀ ୭ରେ ଦିଲୀପଙ୍କ ଝିଅ ନିର୍ବନ୍ଧ କାର୍ଯ୍ୟରେ ଉକ୍ତ ଗ୍ରାମର ୭ଟି ପରିବାର ଯୋଗଦେଇଥିଲେ ବୋଲି ସେମାନଙ୍କୁ ଗ୍ରାମରେ ଲୋକ ସଭା କରି ଭୁଲ ମଗାଇଥିଲେ। ପରେ ସେହି ଝିଅର ବିବାହ ଉତ୍ସବରେ ଉକ୍ତ ୭ଟି ପରିବାର ଯୋଗଦେଇଥିଲେ ବୋଲି ଗ୍ରାମସଭା କରାଯାଇ ସେମାନଙ୍କ ମଧରୁ ତାଙ୍କ ବଡଭାଇ ସ୍ନେହକର ଓ ସାମଲଙ୍କୁ ମଧ ଗ୍ରାମରୁ ବାସନ୍ଦ କରାଯାଇଛି। ଅନ୍ୟ ୫ଟି ପରିବାରଙ୍କୁ ଭୁଲ ମଗାଇବା ସହ ୫ହଜାର ଟଙ୍କା ଜରିମାନା ଦେବା ପାଇଁ ବାଧ କରାଯାଇଛି ବୋଲି ଦିଲୀପ ପାଟ୍ଟସାହାଣୀ କହିଛନ୍ତି।



ବାସନ୍ଦ ପରିବାରଙ୍କୁ ଭେଟୁଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଓ ଅନ୍ୟମାନେ ।

## ସଂକ୍ଷେପରେ

### ପ୍ରତ୍ୟେକ ମଣିଷ ଚାରା ରୋପଣ କରନ୍ତୁ

**ମଙ୍ଗୁଳି-ଜଗତପୁର,୮।୭(ମାନସ ସାମଲ):** ଜଗତପୁର ଥାନା ଅଧୀନ ନୂଆସାହି ମିନି ଷ୍ଟାଡିୟମ ପରିସରରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବନ ମହୋତ୍ସବ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ପ୍ରତ୍ୟେକ ମଣିଷ ନିଜ ଦୈନନ୍ଦିନ ଜୀବନରୁ ସମୟ କାଢି ଚାରା ରୋପଣ କରି ତାର ଯତ୍ନ ନିଅନ୍ତୁ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସିର ପ୍ଲାଣ୍ଟେସନ ଅଧିକାରୀ ବୃନ୍ଦାବନ ସାହୁ, ପୂର୍ବତନ କର୍ପୋରେଟର ନବକିଶୋର ସ୍ୱାଇଁ, ଦିଲ୍ଲିପ ଜେନା, ଅଶୋକ ମିଶ୍ର, କଳ୍ପନା ଜେନା, ବିଳାସ ଚନ୍ଦ୍ର ବିଶ୍ୱାଳ, ମଳୟ ବିଶ୍ୱାଳ, ମାଧବାନନ୍ଦ ବିଶ୍ୱାଳ, ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।

### ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**କଟକ ସଦର,୮।୭(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ ରଉତ୍ରାପୁର ଗ୍ରାମର ଗଣେଶ ଓଝା ନାମକ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଦହି ଗାଁ ଗ୍ରାମର ଜଗା ଭୋଇ। ଗତ ଏପ୍ରିଲ ୯ ତାରିଖରେ ଅଭିଯୁକ୍ତ ଓ ତାଙ୍କ ଭାଇ ଅଶୋକ ଜୀବନରୁ ମାରିଦେବା ପାଇଁ ଗଣେଶଙ୍କୁ ଉଦ୍ୟମ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୮/୨୩) ରୁଜୁ କରିବା ସହ ଅଶୋକଙ୍କୁ ଗିରଫ କରିଥିଲା। ହେଲେ ଜଗା ଫେରାର ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଆନ୍ତଃଜିଲା ମହିଳା କ୍ରିକେଟ: ଯାଜପୁର-ଭୁବନେଶ୍ୱର ଫାଇନାଲ ଆଜି

**କଟକ,୮।୭(ସୁପ୍ରିୟା ପ୍ରିୟଦର୍ଶିନୀ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଅନୁଷ୍ଠିତ ଅନ୍ତଃଜିଲା ମହିଳା କ୍ରିକେଟରେ ରବିବାର ଫାଇନାଲ ମ୍ୟାଚ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଯାଜପୁର ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ସୁପରଲିଗ ପର୍ଯ୍ୟାୟର ଶେଷ ରାଉଣ୍ଡରେ ୪ଟି ମ୍ୟାଚ ଖେଳାଯାଇଥିଲା। ସନ୍‌ସାଇନ ପଡ଼ିଆରେ ଅବଶିଷ୍ଟ ଓଡ଼ିଶା-ଏ'କୁ ସୁପର ଓଭରରେ ହରାଇ ଦେଇଛି ଭୁବନେଶ୍ୱର। ରେଭେନ୍‌ଶା ପଡିଆ-୧ରେ ଖେଳାଯାଇଥିବା ମୁକାବିଲାରେ ବଲାଙ୍ଗୀର କିଟ୍‌କୁ ସୁପରଓଭରରେ ପରାସ୍ତ କରିଛି। ରେଭେନ୍‌ଶା ପଡିଆ-୨ରେ ଅବଶିଷ୍ଟ ଓଡ଼ିଶା-ବି' ୮ ଉଇକେଟରେ କଟକକୁ ପରାସ୍ତ କରିଥିବା ବେଳେ ସନ୍‌ସାଇନ ପଡିଆରେ ଯାଜପୁର ୫୯ ରନରେ ରାଉରକେଲାକୁ ହରାଇଦେଇଛି।

# ସିଡିଏ, ରିଂ ବନ୍ଧ ରାସ୍ତାରେ ଗର୍ତ୍ତ



ସିଡିଏ ସେକ୍ଟର-୮ ଅଞ୍ଚଳ ରାସ୍ତାରେ ସୃଷ୍ଟି ହୋଇଥିବା ବିରାଟ ଗର୍ତ୍ତ।



କଟକ ଚହଟା ପାର୍କ ସମ୍ମୁଖ ପେଭର ବ୍ଲକ ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହୋଇଛି।

**କଟକ,୮।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

### ବର୍ଷା ବଢ଼ିଲେ ବିପଦ ବଢିବା ଆଶଙ୍କା

କଟକ ଚହଟାସ୍ଥିତ ରିଂବନ୍ଧ ରାସ୍ତାପାର୍ଶ୍ୱ ଓ ସିଡିଏ ଅଞ୍ଚଳ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହାଛଡା ସହରର ଅନେକ ସ୍ଥାନରେ ରାସ୍ତା ଦବିବା ଆରମ୍ଭ କଲାଣି। ମୌସୁମୀ ବର୍ଷାରେ ସହରର ସ୍ଥିତି ବିଗିଡିବାରେ ଲାଗିଛି। ଜଳବନ୍ଦୀ ପରେ ରାସ୍ତା ଧସି ବିରାଟ ଗର୍ତ୍ତ ହେବା ଆଉ ଏକ ସମସ୍ୟା ଭାବେ ମୁଣ୍ଡ ଟେକିଲାଣି। ଗତବର୍ଷ ସହରର ଅନେକ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଚଳିତବର୍ଷ ଉପରୋକ୍ତ ଦୁଇଟି ସ୍ଥାନରେ ଗର୍ତ୍ତ ହୋଇଥିବାବେଳେ ବର୍ଷା ବଢ଼ିବା ସହ ଗର୍ତ୍ତ ସଂଖ୍ୟା ମଧ୍ୟ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚଳିତବର୍ଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ କଟକ ସହରର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏଥିପାଇଁ ପ୍ରାୟ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ଏବେ ବିଭିନ୍ନ ସ୍ଥାନରେ ରାସ୍ତା ଦବିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଚହଟା ପାର୍କ ସମ୍ମୁଖରେ ପେଭର ବ୍ଲକ ରାସ୍ତା ଦବିବା ଆରମ୍ଭ କରିଥିଲା। ଶୁକ୍ରବାର ଜୋର୍‌ରେ ବର୍ଷା ହେବାରୁ ସେଠାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏହା ସହରର ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ବହୁସଂଖ୍ୟକ ଲୋକ ଯାତାୟାତ କରିଥାନ୍ତି। ତେବେ ଏଭଳି ସ୍ଥିତି ବିପଦକୁ ଆମନ୍ତ୍ରଣ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିରାମ କର କହିଛନ୍ତି । ସେହିପରି ସିଡିଏ ସେକ୍ଟର-୮ସ୍ଥିତ ରାସ୍ତାରେ ଏକ ବିରାଟ ଗର୍ତ୍ତ ହୋଇଛି। ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଗର୍ତ୍ତ ଚତୁଃପାର୍ଶ୍ୱକୁ ଇଟା ଓ ଗଛଡାଳ ଦ୍ୱାରା ଆବଦ୍ଧ କରାଯାଇଛି। ମଙ୍ଗଳାବାଗ, ନୂଆପାଟଣା, ବାଦାମବାଡି, ନୂଆବଜାର ଆଦି ସ୍ଥାନରେ ମଧ୍ୟ ଏଭିଳି ସ୍ଥିତି ଦେଖିବାକୁ ମିଳିଛି।

ସହରର ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସ୍ୱେରେଜ ବ୍ୟବସ୍ଥା କରାଗଲା। ଗତବର୍ଷ ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ରାସ୍ତା ତଳ ମାଟି ଧୋଇ ହୋଇ ବିରାଟ ଗର୍ତ୍ତ ସୃଷ୍ଟ ହୋଇଥିଲା। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେବା ପରେ ସିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ମେୟର ସୁବାସ ସିଂ ଗର୍ତ୍ତ ହେବା ସ୍ଥାନରେ ଖଟିଆ ପକାଇ ମରାମତି କାର୍ଯ୍ୟ ତଦାରଖ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ହୋଇଥିଲା କି ନିର୍ମାଣ କରାଯାଇଥିବା ଚାମ୍ବରଗୁଡିକର ସ୍ଥିତି କ'ଣ ରହିଛି ସେ ସମ୍ପର୍କରେ ଆସନ୍ତା ୭ ଦିନ ମଧ୍ୟରେ ଜାଇକା କର୍ତ୍ତୃପକ୍ଷ ରିପୋର୍ଟ ପ୍ରଦାନ କରିବେ। ଏଥିସହ ବିନା ଇଞ୍ଜିନିୟରରେ କୌଣସି ଠିକାଦାର କାର୍ଯ୍ୟ କରିପାରିବେ ନାହିଁ। ଏଥିରେ ଖିଲାପ ହେଲେ କଠୋର ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ହେଲେ ଗତ ମୌସୁମୀ ଯାଇ ଆଉଏକ ମୌସୁମୀ ଆସିଲାଣି କିନ୍ତୁ ଭୂତଳ ଚାମ୍ବରଗୁଡିକ ସ୍ଥିତି ସମ୍ପର୍କିତ ରିପୋର୍ଟ ଲୋକଲୋଚନକୁ ଆସିଲା ନାହିଁ। ଏନେଇ ମେୟର ସିଂ କହିଛନ୍ତି, ଚଳିତବର୍ଷ ସହରର ଦୁଇଟି ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ମୁଁ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଟେକ୍ନିକାଲ ଟିମ୍ ମଧ୍ୟ ଯାଞ୍ଚ କରିଛି। ଖୁବ୍‌ଶୀଘ୍ର ମରାମତି କାମ ଆରମ୍ଭ ହେବ। ତେବେ ନିମ୍ନମାନର କାର୍ଯ୍ୟ ପାଇଁ ଏପରି ହୋଇନାହିଁ । ପ୍ରବଳ ବର୍ଷା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

**କଟକ ସଦର,୮।୭ (ସୁଶାନ୍ତ କୁମାର ଜେନା)**

### ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କୂଳସରିଚୁଆ ଗ୍ରାମରେ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ଉତ୍ସର୍ଗୀକୃତ ଭାବେ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ଦଳର କୂଳସରିଚୁଆ ପଞ୍ଚାୟତ ସଭାପତି ଭାବେ ତ୍ରିଲୋଚନ ପଟ୍ଟନାୟକ ଓ ସମ୍ପାଦକ ଭାବେ ଉମାକାନ୍ତ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଛାୟତ, କଂଗ୍ରେସ ନେତା ଆନନ୍ଦ ଚନ୍ଦ୍ର ବେଉରା, ଚନ୍ଦ୍ରକାନ୍ତ ନାୟକ, ଉଗ୍ରସେନ ଭୂୟାଁ, ବିଜୟ କୁମାର ମଲ୍ଲିକ, ଆଲୋକ ସାହୁ, ରଞ୍ଜନ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ସରୋଜ ପ୍ରଧାନ, ଅଖିଳ ସ୍ୱାଇଁ, ଚିନ୍ମୟ ମହାପାତ୍ର, ବିଜୁ କାଣ୍ଡି ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ବାପା ମୋ' ପାଇଁ ପ୍ରଥମ ସୁପର ହିରୋ




କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ଛାତ୍ରୀଛାତ୍ର।

**ଫୁଲନଖରା,୮।୭ (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକସଦର ଥାନା ଅନ୍ତର୍ଗତ ଅଡାଳିଆସ୍ଥିତ ଡିପିଏସ କଳିଙ୍ଗରେ ଶନିବାର ପିତୃ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ଅଧ୍ୟୟନରତ କୁନି କୁନି ଛାତ୍ରୀଛାତ୍ରମାନେ ହର୍ଷଉଲ୍ଲାସମୟ ପରିବେଶରେ ବାପାଙ୍କ ସହ ଖେଳିବା, ବେଲୁନ ଫୁଟାଇବା, ସେଲ୍ଫି ନେବା, ପୋଷ୍ଟର ତିଆରି କରିଥିଲେ। ଏହି ଉପଲକ୍ଷେ ପିଲାମାନଙ୍କ ଦ୍ୱାରା ନିଜ ପ୍ରିୟ ତଥା ପ୍ରଥମ ସୁପର ହିରୋ ବାପା ଉଦ୍ଦେଶ୍ୟରେ ଅତ୍ୟନ୍ତ ହୃଦୟସ୍ପର୍ଶୀ ଗୀତ ପରିବେଷଣ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷା ଅନୁରାଧା ରକ୍ଷିତ୍ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ବାର୍ଷିକ ଉତ୍ସବ



ସହିଦ ଭବନରେ ଅନୁଷ୍ଠିତ ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ,୮।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ୧୩ତମ ବାର୍ଷିକ ଉତ୍ସବ 'ପଞ୍ଚମ' କଟକ ସହିଦ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ସୁରେଶ ରାଉତରାୟ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପ୍ରଭାତ ତ୍ରିପାଠୀ ଯୋଗଦେଇଥିଲେ। ଜନକଲ୍ୟାଣରେ ବିଶେଷ ଅବଦାନ ପାଇଁ ଗାୟିକା ସ୍ୱରୂପା ଚକ୍ରବର୍ତ୍ତୀ, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ଓ ସାମାଜିକ କର୍ମୀ ଡ. ଓଁକାର ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରୁ ସଂଗୃହୀତ ଅର୍ଥକୁ ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଟି. ସୌରୀ, ଶକ୍ତି ମିଶ୍ର, ତାରିକ ଅଜିଜ ପ୍ରମୁଖ ସଙ୍ଗୀତ ଓ ରକ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନିଲୁ ମହାନ୍ତି ବିବରଣୀ ପାଠ, ସୁଲଗ୍ନା ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା ଓ ସଭାପତି ଶ୍ୟାମ କୁମାର ଧନ୍ୟବାଦ ଦେଇଥିଲେ।

### ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟସ୍‌କୁ ହରାଇଲା ରାଧାରମଣ

**କଟକ,୮।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ବାରବାଟୀ ଷ୍ଟାଡିୟମରେ ଶନିବାର ଫାଓ ଲିଗ୍‌ର ଦୁଇଟି ମ୍ୟାଚ ଖେଳାଯାଇଛି। ଜୟଦୁର୍ଗା ଓ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଡ୍ର' ହୋଇଥିଲା। ଖେଳର ୨୧ତମ ମିନିଟରେ କିଶୋର କ୍ଲବର ଜଗଦୀଶ ଓରାମ ଏକ ଫିଲ୍ଡ ଗୋଲ ସହାୟତାରେ ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଦଳ ୧-୦ ଗୋଲରେ ଆଗରେ ରହିଥିଲା ଦ୍ୱିତୀୟାର୍ଦ୍ଧରେ ଖେଳର ୫୬ ତମ ମିନିଟ୍‌ରେ ଜନ୍ମୋ ଖେସ୍‌ଙ୍କ ଗୋଲ ସହାୟତାରେ ଜୟଦୁର୍ଗା ମ୍ୟାଚକୁ ଡ୍ର ରଖିଥିଲା। ଦ୍ୱିତୀୟ ମ୍ୟାଚରେ ରାଧାରମଣ କ୍ଲବ ୨-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟସ୍‌କୁ ପରାସ୍ତ କରିଥିଲା। ବିନୟ କିଶନ ୧୮ ମିନିଟରେ ଓ ବଦଳି ଖେଳାଳି ତୋଫାନ ନାୟକ ୬୧ତମ ମିନିଟରେ ବିଜୟୀ ଦଳ ତରଫରୁ ଗୋଲ ସ୍କୋର କରିଥିଲେ। ୩୬ତମ ମିନିଟ୍‌ରେ ରାଇଜିଂଷ୍ଟୁଡେଣ୍ଟସ୍‌ର ଏଓଜିନ ର୍ତିକୀ ଗୋଟିଏ ଗୋଲ କରିବାକୁ ସକ୍ଷମ ହୋଇଥିଲେ।

# ୧୪,୦୮୪ ମାମଲା ଫଇସଲା



କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଲୋକ ଅଦାଲତ।

**କଟକ,୮।୭ (କାର୍ତ୍ତିକ ସାହୁ)**

### ଜିଲାସ୍ତରୀୟ ଲୋକ ଅଦାଲତ

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତବର୍ଷର ଦ୍ୱିତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଜିଲା ଓ ଦୌରାଜଜ୍‌ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ବିଚାରପତିମାନେ ନିଜ ନିଜ କୋର୍ଟରେ ମାମଲାଗୁଡ଼ିକର ଫଇସଲା କରିଥିଲେ। ଲୋକ ଅଦାଲତରେ ଆଗତ ମୋଟ ୧୪,୯୫୪ଟି ମାମଲାରୁ ୧୪,୦୮୪ ଫଇସଲା ହୋଇଥିଲା। ମୋଟ ୫,୫୦,୮୯,୨୮୮ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ଭାବେ ଆଦାୟ ପାଇଁ ସ୍ଥିର ହୋଇଥିଲା। ମୋଟର ଯାନ ଦୁର୍ଘଟଣାଜନିତ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ, ଉପଭୋକ୍ତା ଏବଂ ଆଇପିଆର୍‌ଜନିତ ମାମଲାର ଫଇସଲା ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଲୋକ ଅଦାଲତ ପରିଚାଳନା କରିଥିଲେ।

# ଉତ୍କଳୀୟ ନୌବାଣିଜ୍ୟରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ,୮।୭ (କାର୍ତ୍ତିକ ସାହୁ)**

ସାହିତ୍ୟରେ ଉତ୍କଳୀୟ ନୌବାଣିଜ୍ୟର ପ୍ରସଙ୍ଗ ଅଧିକ ରହିଛି। କୌଣସି ଶିଳାଲେଖରେ ଏ ସମ୍ପର୍କରେ ସୂଚନା ମିଳୁନାହିଁ। ହେଲେ କୋଣାର୍କର ସ୍ଥାପତ୍ୟରେ ଅଙ୍କିତ ଜିରାଫର ଛବିହିଁ ଆମ ନୌବାଣିଜ୍ୟକୁ ଦର୍ଶାଉଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ଦ୍ୱିମାସିକ ଭାଷାସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଡ. ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ପଟ୍ଟନାୟକ କହିଥିଲେ, ସାରଳା ମହାଭାରତରେ 'ଆ-କା-ମା-ବୈ' ସଂପର୍କରେ ଉଲ୍ଲେଖ ରହିଛି। ସେହିପରି ଦୀନକୃଷ୍ଣ ଦାସଙ୍କ କାବ୍ୟରେ ପୋତ ଗଠନ, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ବୋଇତ ସଂହଳ ଦ୍ୱୀପରେ ଲାଗିବାର କଥା, ଯଶୋବନ୍ତ ଦାସଙ୍କ 'ଟୀକାଗୋବିନ୍ଦ ଚନ୍ଦ୍ର'ରେ ନୌବାଣିଜ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି। ଏସବୁରୁ ଉତ୍କଳୀୟ ନୌବାଣିଜ୍ୟ ସଂପର୍କରେ ଆଲେଚନା କରିବାବେଳେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସାହିତ୍ୟ ଆଲୋଚନା ସମ୍ପାଦକ ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋରଞ୍ଜନ ବେହୁରା, ତ୍ରିଲୋଚନ ମହାକୁଳ, ଉମାଶଙ୍କର ମିଶ୍ର, ରାଜକୁମାର ପୃଷ୍ଟି ଓ ତପନ ରାଉତରାୟ ପ୍ରଶ୍ନୋତ୍ତରରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ଦିଲ୍ଲୀପ କୁମାର ଦାସ, ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ରାଧାଶ୍ୟାମ ରାଉଳ ଧନ୍ୟବାଦ ଦେଇଥିଲେ।

### ବିବାହ ପ୍ରତିଶ୍ରୁତି ଦେଇ ଭଲ ସମ୍ପର୍କରେ ଶାରୀରିକ ସମ୍ବନ୍ଧ ବଳାତ୍କାର ନୁହେଁ ରାୟ ସବୁବର୍ଗର ଲୋକଙ୍କୁ ସଚେତନ କରିବ

# 'ବୈବାହିକ ସମ୍ପର୍କ ନ ଥିଲେ ସଂଯମୀ ହୁଅନ୍ତୁ ମହିଳା'

**କଟକ,୮।୭ (କାର୍ତ୍ତିକ ସାହୁ):** ପରସ୍ପର ମଧ୍ୟରେ ଭଲ ସମ୍ପର୍କ ଥାଇ ସହମତି ଭିତ୍ତିରେ ଶାରୀରିକ ସମ୍ପର୍କ ରଖିବା ବଳାତ୍କାର ନୁହେଁ ବୋଲି ହାଇକୋର୍ଟ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଏହି ରାୟ ପ୍ରଦାନ କରିବା ପରେ ଆବେଦନକାରୀ ମନୋରଞ୍ଜନ ଦାସ ଏଭଳି ଆପରାଧିକ ମାମଲାରୁ ବର୍ତ୍ତିଛନ୍ତି। ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଜଣେ ମହିଳାଙ୍କ ପକ୍ଷରୁ ରୁଜୁ ମାମଲା ବିରୋଧରେ ଅପରପକ୍ଷର ମନୋରଞ୍ଜନ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳାଙ୍କ ସହ ମନୋରଞ୍ଜନଙ୍କ ନିବିଡ଼ ସମ୍ପର୍କରୁ ବିବାହର ପ୍ରତିଶ୍ରୁତି ପରେ ଶାରୀରିକ ସମ୍ପର୍କ ହୋଇଥିଲା। ମହିଳା ଜଣକ ବିବାହିତା ଓ ତାଙ୍କ ସ୍ୱାମୀଙ୍କ ସହ ଛାଡ଼ପତ୍ର ହୋଇ ନ ଥିବାବେଳେ ମନୋରଞ୍ଜନ ପରବର୍ତ୍ତୀ ସମୟରେ ମହିଳାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ମହିଳା ଜଣକ ଥାନାରେ ମନୋରଞ୍ଜନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ପୋଲିସ ମନୋରଞ୍ଜନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ମନୋରଞ୍ଜନ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ବିଚାର କରି ଉପରୋକ୍ତ ରାୟ ପ୍ରଦାନ କରିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି। ତେବେ ଏଭଳି ପରିସ୍ଥିତିରୁ ବର୍ତ୍ତିବା ପାଇଁ ବୈବାହିକ ସମ୍ପର୍କ ନ ଥିଲେ ମହିଳାମାନେ ସଂଯମୀ ହେବାକୁ ମତପ୍ରକାଶ ପାଇଛି।

" ପ୍ରାପ୍ତବୟସ୍କ ପୁରୁଷ ଓ ମହିଳା ଯଦି ସହମତି ଭିତ୍ତିରେ ଶାରୀରିକ ସମ୍ପର୍କ ରଖନ୍ତି ଓ ଏହି ସମ୍ପର୍କ ପୁରୁଷଙ୍କ ବିବାହ ପ୍ରତିଶ୍ରୁତି ଆଧାରରେ ଗଢ଼ିଉଠେ ଏବଂ ମହିଳା ଜଣକ ସ୍ୱଇଚ୍ଛାରେ ନିଜର ସମ୍ମତି ପ୍ରଦାନ କରିଥାନ୍ତି, ଆଉ ପରବର୍ତ୍ତୀ ଅବସ୍ଥାରେ ପୁରୁଷ ଜଣକ ଯଦି ବିବାହ ପ୍ରତିଶ୍ରୁତିରୁ ଓହରି ଯାଆନ୍ତି ତେବେ ଏହା ବଳାତ୍କାର ମାମଲା ପରିସରକୁ ଆସିପାରିବ ନାହିଁ। ଏ ନେଇ ସୁପ୍ରିମକୋର୍ଟ ପ୍ରମୋଦ ସୂର୍ଯ୍ୟବନ ପଓ୍ୱାର ବନାମ ମହାରାଷ୍ଟ୍ର ସରକାର ମାମଲାରେ ୨୦୧୯ରେ ରାୟ ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ୨୦୨୦ରେ ଜି. ଅଚ୍ୟୁତ କୁମାର ବନାମ ଓଡ଼ିଶା ସରକାରଙ୍କ ମାମଲାରେ ମଧ୍ୟ ଏହି ରାୟ ପ୍ରଦାନ କରିଛନ୍ତି। ଏଥିସହ ୨୦୨୨ରେ ସନ୍ତୋଷ ନାୟକ ବନାମ ଓଡ଼ିଶା ସରକାରଙ୍କ ମାମଲାରେ ମଧ୍ୟ ହାଇକୋର୍ଟ ସମାନ ରାୟ ପ୍ରଦାନ କରିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ୩୭୫ ଧାରାରେ ବଳାତ୍କାର ସଂଜ୍ଞା ନିରୂପଣ ଆଧାରରେ ଯେଉଁ ୭ଟି ବର୍ଣ୍ଣନା ରହିଛି ସେଥିରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରକ୍ଷା କରି ବଳାତ୍କାର ପରିସରକୁ ଆସୁ ନ ଥିବାରୁ ଏହି ରାୟଗୁଡ଼ିକ ସମାଜରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ଆଇନ୍‌ର ଦିଗ ପ୍ରତି ସଚେତନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।



**-ଦେବସ୍ମାନ ଦାସ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**

" ପ୍ରାପ୍ତବୟସ୍କ ହେବା ପରେ କୌଣସି ମହିଳା, ପୁରୁଷ ସହମତିରେ ଶାରୀରିକ ସମ୍ପର୍କ ରଖିଲେ ଏହାକୁ ବଳାତ୍କାର କୁହାଯାଇପାରିବ ନାହିଁ। ଏନେଇ ଏକାଧିକ ଅଦାଲତି ରାୟ ରହିଛି। ହେଲେ ବିବାହ ହୋଇ ନ ଥିବା ଯାଏ ସହମତି ଭିତ୍ତିରେ ଶାରୀରିକ ସମ୍ପର୍କ ଦ୍ୱାରା ଭବିଷ୍ୟତରେ କୌଣସି ବିବାଦୀୟ ସ୍ଥିତି ସୃଷ୍ଟିରୁ ନିଜକୁ ରକ୍ଷା କରିବା ପାଇଁ ମହିଳାମାନେ ଚାହିଁଲେ ଏହାକୁ ଏଡ଼େଇପାରିବେ। ବିବାହିତା ମହିଳାଙ୍କ କ୍ଷେତ୍ରରେ ଏଭଳି କାର୍ଯ୍ୟ ଅନେକ ଗୁରୁତ୍ୱ ବହନ କରେ। ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେଲେ ଯଥାସମ୍ଭବ ତାକୁ ଦୂର କରିବା ପାଇଁ ଚେଷ୍ଟା କରାଯିବା ଆବଶ୍ୟକ। ପର ପୁରୁଷ ସହ ଶାରୀରିକ ସମ୍ପର୍କ ସୃଷ୍ଟି କରିବା ପୂର୍ବରୁ ନିଜର ଭବିଷ୍ୟତ ପ୍ରତି ଦୃଷ୍ଟି ଦେଇ ନିରାପଦ ଦୂରତ୍ୱ ରଖିବା ବୁଦ୍ଧିମାନର କାର୍ଯ୍ୟ।



**-ନିବେଦିତା ମହାନ୍ତି, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**

" ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ମନା କରିଦେବା ଏକ ଠକାମି, ବଳାତ୍କାର ନୁହେଁ। ଯୁବତୀଯୁବକମାନେ ସାଙ୍ଗ ହୁଅନ୍ତୁ, ହେଲେ ପରସ୍ପର ମଧ୍ୟରେ ସଂଯମତା ରକ୍ଷା କରନ୍ତୁ। ଝିଅପୁଅଙ୍କ ମଧ୍ୟରେ ସମ୍ପର୍କ ଯେତେ ବି ଘନିଷ୍ଠ ହେଉ ବିବାହ ନ ହେବା ପର୍ଯ୍ୟନ୍ତ ଶାରୀରିକ ସମ୍ପର୍କ ରଖିବା ଉଚିତ ନୁହେଁ। ଏହାକୁ ଆମ ସମାଜ ଗ୍ରହଣ କରେ ନାହିଁ। ବିଶେଷକରି ଝିଅମାନେ ଏପରି ଠକାମିର ଶିକାର ହେଉଛନ୍ତି। ବିବାହ ପୂର୍ବରୁ ଏପରି ପରିସ୍ଥିତିରୁ ସେମାନେ ଯଥାସମ୍ଭବ ନିଜକୁ ଦୂରେଇ ରଖନ୍ତୁ। ମା'ବାପାମାନେ ଛୋଟବେଳୁ ପିଲାମାନଙ୍କ ମନରେ ମୂଲ୍ୟବୋଧ ଜାଗ୍ରତ କରାଇବା ଆବଶ୍ୟକ। ଝିଅମାନେ ଯେପରି କାହାରି କାମନାର ଶିକାର ନ ହେବେ ସେଥିପ୍ରତି ସଜାଗ ରହିବା ଦରକାର।



**-ଡ. ସତ୍ୟକାମ ମିଶ୍ର, ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀ, କଟକ**

# ପ୍ରସ୍ତାବରେ ରହିଗଲା ଲୋକକଳା ଏକାଡେମୀ

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଲୋକକଳା ଆମ ରାଜ୍ୟର ପରିଚୟ। ଆମ ପରମ୍ପରା, ସଂସ୍କୃତିର ପ୍ରତୀକ। ବର୍ତ୍ତମାନର ସମାଜ ପାଶ୍ଚାତ୍ୟ ମୁହାଁ ହେଉଥିବାବେଳେ ଲୋକକଳାକୁ ବଞ୍ଚାଇ ରଖିବା ଆମ ପାଇଁ ଏକ ବଡ଼ ଆହ୍ୱାନ। ଇତିମଧ୍ୟରେ କିଛି ଲୋକକଳା ସତ୍ତା ହରାଇଥିବାବେଳେ ଆଉକିଛି ବିଲୁପ୍ତ ହେବାକୁ ମଧ୍ୟ ବସିଲାଣି। ବର୍ତ୍ତମାନ ରାଜ୍ୟରେ ପାଖାପାଖି ୪୭୧ଲୋକକଳା ଓ ୧୦୦ରୁ ଅଧିକ ଲୋକନୃତ୍ୟ ଥିବାବେଳେ ୧ ଲକ୍ଷରୁ ଅଧିକ ଲୋକକଳା କଳାକାର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ହଜାର କଳାକାରଙ୍କୁ ମାସିକ ୧୨୦୦ଟଙ୍କା ଦିଆଯାଉଥିବାବେଳେ ଶନିବାର ରାଜ୍ୟ ସରକାର ପାରିଶ୍ରମିକରେ ବୃଦ୍ଧି କରିଛନ୍ତି। ମାତ୍ର ବର୍ଷସାରା କାର୍ଯ୍ୟକ୍ରମ ନ ଥିବାରୁ ଏହି କଳାକାରମାନେ ମାସିକ ଭତ୍ତାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ବାକି ୫୦ହଜାରରୁ ଊର୍ଦ୍ଧ୍ୱ କଳାକାର ସରକାରୀ ସ୍ୱୀକୃତି ପାଇ ନ ଥିବାରୁ ଏଥିପ୍ରତି ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଲୋକକଳାର ସୁପରିଚାଳନା ଓ କଳାକାରଙ୍କୁ ପେଟପୋଷିବା ଭଳି ରୋଜଗାର ଦେବାକୁ ଏଯାଏ ସେପରି ସଫଳ ପଦକ୍ଷେପ ହୋଇନାହିଁ। ରାଜ୍ୟ ସଂସ୍କୃତି ବିଭାଗ କେବଳ କ୍ୟାଲେଣ୍ଡର ଅନୁଯାୟୀ କେତେକ କାର୍ଯ୍ୟକ୍ରମ ଆୟୋଜନ କରି ଦାୟିତ୍ୱ ସାରିଦେଉଛି। ସେହିପରି ବିଭିନ୍ନ ବିଭାଗ ପକ୍ଷରୁ କେତେବେଳେ କେମିତି କାର୍ଯ୍ୟକ୍ରମ ଆୟୋଜନ ହେଲେ ସେହି ନିର୍ଦ୍ଦିଷ୍ଟ ତଥା ବିଶିଷ୍ଟ କଳାକାରଙ୍କ ଭାଗ ପଡିଥାଏ। ତେଣୁ ରାଜ୍ୟର ଲୋକକଳାକାରଙ୍କ ମଧ୍ୟରେ ପାର୍ଥକ୍ୟ ମଧ୍ୟ ବଢ଼ି ଚାଲିଛି। ଲୋକ କଳାକାରଙ୍କ ସମସ୍ୟା ଦୂର କରି

## ପଦକ୍ଷେପ ନେଉ ସଂସ୍କୃତି ବିଭାଗ

ସେମାନଙ୍କ ସାମାଜିକ, ଆର୍ଥିକ ତଥା ସର୍ବାଙ୍ଗୀନ ବିକାଶ ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ଦେବାକୁ ଅନ୍ୟ ବିଭାଗ ପରି ସ୍ୱତନ୍ତ୍ର ଏକାଡେମୀ ବା ପ୍ରତିଷ୍ଠାନ ଗଠନ କରିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହା କେବଳ ପ୍ରସ୍ତାବରେ ରହିଯାଇଛି। ୨୦୨୧ରେ ଲୋକକଳାର ଭବିଷ୍ୟତ ଓ ଏହାର ଆବଶ୍ୟକତାକୁ ଦେଖି ଲୋକକଳା ଏକାଡେମୀ କରାଯିବାର ଯୋଜନା ହୋଇଥିଲା। ସେତେବେଳେ ଏ ନେଇ ସଂସ୍କୃତି ବିଭାଗ ସହ ଜଡ଼ିତ ଥିବା ପାଖାପଖି ୫ରୁ ଅଧିକ ଜଣଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ବାଇ ଲ' ପ୍ରସ୍ତୁତ କରାଯାଇଥିଲା। ଏହାର କାର୍ଯ୍ୟକାରିତା, କିଏ କେଉଁ ଦାୟିତ୍ୱରେ ରହିବ ସେନେଇ ମଧ୍ୟ ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପରେ ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇଁ ମଧ୍ୟ ଯାଇଥିଲା। କିନ୍ତୁ ଏହା କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଲା କି ସ୍ଥଗିତ ରହିଲା, ତାହା କିଛି ଜଣାପଡ଼ିଲା ନାହିଁ। ଲୋକକଳା କଳାକାରଙ୍କ ପାଇଁ ପ୍ରସ୍ତାବିତ ଏକାଡେମୀ ଏକ ପ୍ରକାର ଶୀତଳ ଭଣ୍ଡାରକୁ ଚାଲିଯାଇଛି। ଏକାଡେମୀ ପ୍ରତିଷ୍ଠା ପାଇଁ ଏବେ ଆଉ କୌଣସି ଆଲୋଚନା ନାହିଁ। ଲୋକକଳା ଏକାଡେମୀ ଗଠନ ପ୍ରସ୍ତାବ କଥା ମଧ୍ୟ ସଂସ୍କୃତି ବିଭାଗ ଭୁଲିଗଲାଣି। ଅନ୍ୟପକ୍ଷେ ୨୦୧୧ରେ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ କରାଯାଇଛି। ଏଥିରେ ମଧ୍ୟ ଅନେକ ଅନିୟମିତତା ଦେଖାଦେଇଛି। ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ଆଭାସି ମାଧ୍ୟମରେ ଲୋକକଳା ଓ ପାମ୍ପରିକ କଳା ପରିବେଷଣ ମାଧ୍ୟମରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକୁ ସମାଜର ସବୁ ସ୍ତରରେ ସବୁ ଅଞ୍ଚଳରେ ପହଞ୍ଚାଇବା ପାଇଁ ଜିଲା ସଂସ୍କୃତି ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ତୃଣମୂଳ ସ୍ତରରେ କଳାକାରଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ନାହିଁ କି ଉପଲବ୍ଧ ସୁବିଧା, ସୁଯୋଗ ସେମାନେ ପାଉଛନ୍ତି କି ନାହିଁ ସେ ନେଇ କୌଣସି ତର୍ଜମା କରାଯାଉନାହିଁ। ସେମାନଙ୍କୁ କିଛି ଦିନର ଉତ୍ସବରେ ପାରିଶ୍ରମିକ ପ୍ରଦାନ କରି ବିଭାଗ ଚୁପ୍ ନ ବସି ସେମାନଙ୍କ ନିୟମିତ ରୋଜଗାର ପାଇଁ ଯୋଜନା ଗ୍ରହଣ କରିବା ସହ ଲୋକକଳା ଏକାଡେମୀ ନେଇ ସ୍ଥାପନ ପ୍ରକ୍ରିୟା ପୁନଃ ଆରମ୍ଭ ହେଉ ବୋଲି ସଂସ୍କୃତି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ୫ଜଣ ପାଇବେ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ'

#### ସାରଦା ଲାହାଙ୍ଗୀରଙ୍କୁ ପ୍ରତିଭା ପଟ୍ଟନାୟକ ଉତ୍କର୍ଷ ସାମ୍ବାଦିକତା ପୁରସ୍କାର

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)- ଦିଲ୍ଲୀର ଅଗ୍ରଣୀ ଓଡ଼ିଆ ପ୍ରତିଷ୍ଠାନ ପଲ୍ଲୀବାଣୀ ମିଶନ ପକ୍ଷରୁ ଆସନ୍ତା ୨୨ତାରିଖରେ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ' ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରରେ ପ୍ରଦାନ କରାଯିବ। ଚଳିତ ବର୍ଷ କଳିଙ୍ଗ ଟିଭିର ସମ୍ପାଦକ ସୌମ୍ୟଜିତ୍ ପଟ୍ଟନାୟକ, ଅର୍ଗସ ନ୍ୟୁଜ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଶିଷ, ସମ୍ବାଦର ଡିଜିଏମ୍ ନ୍ୟୁଜ୍ ଭବାନୀ ଶଙ୍କର ତ୍ରିପାଠୀ, ଓଟିଭିର ପଶ୍ଚିମ ଓଡ଼ିଶା ବ୍ୟୁରୋ ମୁଖ୍ୟ ମନୋରଞ୍ଜନ ଜୋଷୀ ଏବଂ ପ୍ରମେୟର ମୁଖ୍ୟ ନ୍ୟୁଜ୍ କୋଅର୍ଡିନେଟର ସୁଦୀପ କୁମାର ରାଉତଙ୍କୁ ପୁରସ୍କୃତ କରାଯିବ। ସେହିପରି ଚଳିତ ବର୍ଷଠାରୁ ଆରମ୍ଭ ହେବାକୁ ଥିବା 'ପ୍ରତିଭା ପଟ୍ଟନାୟକ ଉତ୍କର୍ଷ ସାମ୍ବାଦିକତା ପୁରସ୍କାର' ବିଶିଷ୍ଟ ସାମ୍ବାଦିକା ସାରଦା ଲାହାଙ୍ଗୀରଙ୍କୁ ଦିଆଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସୂଚନା ଓ ପ୍ରସାରଣ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଏବଂ ପତଞ୍ଜଳି ଆୟୁର୍ବେଦର ଅଧ୍ୟକ୍ଷ ଆଚାର୍ଯ୍ୟ ବାଲକ୍ରିଷ୍ଣ ବିଶିଷ୍ଟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ନ୍ୟୁଜ ଏଙ୍କର ସମ୍ପାଦିକା ପ୍ରିୟା ସେହେଗାଲ ସଞ୍ଚାଳନ କରିବେ ବୋଲି ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି।

### ଗଞ୍ଜେଇ ସହ ନଗଦ ୧.୬୫ ଲକ୍ଷ ଟଙ୍କା ଜବତ,୩ ଗିରଫ

ଭୁବନେଶ୍ୱର,୮।୭ (ସୂର୍ଯ୍ୟକାନ୍ତ ବେହେରା): ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟ ପାନ ଦୋକାନରେ ଦୀର୍ଘଦିନ ହେଲା ଗଞ୍ଜେଇ ବେପାର ଚାଲିଥିବାବେଳେ ଖଣ୍ଡଗିରି ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପଞ୍ଚଶଖା ନଗରରେ ରହୁଥିବା ଜଗତ୍‌ସିଂହପୁରର ମାନସ ସାହୁ। ତାଙ୍କଠାରୁ ୨୧କେଜି ଗଞ୍ଜେଇ ଓ ୧ ଲକ୍ଷ ୬୦ ହଜାର ନଗଦ ଟଙ୍କା ଜବତ କରାଯାଇଛି। ତେବେ ସେ ନୟାଗଡରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ସେହିପରି ଇନ୍‌ଫୋସିଟି ଥାନା ପୋଲିସ ସ୍ଥାନୀୟ ଚୁନୁକୁଲି ବସ୍ତିରେ ଚଢାଉ କରି ଦୁଇ ନିଶା ବେପାରିଙ୍କୁ ଗିରଫ କରିଛି। ସେମାନେ ହେଲେ କାହ୍ନୁ ଚରଣ ମହାରଣା ଓ ଧରମା ଆଚାରି। ଏମାନଙ୍କଠାରୁ ୨ କେଜି ୩୦୦ ଗ୍ରାମ ଗଞ୍ଜେଇ ଓ ନଗତ ୫ ହଜାର ଟଙ୍କା ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଯୁକ୍ତ ୨: ନାମଲେଖାଇଲେଣି ୧ଲକ୍ଷ ୪୭ ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର,୮।୭(ଅନୁରାଧା ମହାରଣା)

ଶୁକ୍ରବାରଠାରୁ ଯୁକ୍ତ୨ ପ୍ରଥମ ବର୍ଷରେ ଶ୍ରେଣୀରେ ନାମଲେଖା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ପ୍ରାୟ ୬୦ହଜାର ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ଦ୍ୱିତୀୟ ଦିନରେ ଏହି ସଂଖ୍ୟା ୧ ଲକ୍ଷ ୪୭ ହଜାରରେ ପହଞ୍ଚିଛି। କଳାରେ ୮୮୨୫୪ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୪୩୫୦୪ ଜଣ, ବାଣିଜ୍ୟରେ ୧୦୭୩୪ଜଣ, ସଂସ୍କୃତରେ୨୩୧୫ ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୦୪୫ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ଜଣାପଡିଛି। ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୯ ତାରିଖରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୨୨ ତାରିଖ ସୁଦ୍ଧା ସରିବ। ସେହିପରି ଅନ୍‌ଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୧ରୁ ଆରମ୍ଭ ହୋଇ ଜୁଲାଇ ୨୭ ତାରିଖ ସୁଦ୍ଧା ସରିବ। ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ।

## ଦେଶପ୍ରେମ ସୃଷ୍ଟି କଲା 'ବିପ୍ଳବୀ ବାଜିଆ'


ନାଟକ 'ବିପ୍ଳବୀ ବାଜିଆ'ର ଏକ ଦୃଶ୍ୟ। (ଫଟୋ: ମୌସମ୍ ନନ୍ଦ)

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସେ ଥିଲେ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ। ମାତ୍ର ୧୨ ବର୍ଷ ବୟସରେ ସେ ବ୍ରିଟିଶ ବନ୍ଧୁକର ସାମ୍ନା କରି ପ୍ରାଣ ତ୍ୟାଗ କରିଥିଲେ। ଢେଙ୍କାନାଳର ନୀଳକଣ୍ଠପୁରଠାରେ ୧୯୩୮ ଅକ୍ଟୋବର ୧୧ରେ ବ୍ରିଟିଶ ସୈନିକଙ୍କୁ ବ୍ରାହ୍ମଣୀ ନଦୀ ପାର କରିବାକୁ ମନା କରିବା ସହ ଦେଶପାଇଁ ବଳିଦାନ ଦେଇଥିଲେ। ସେବେଠୁ ବିପ୍ଳବୀ ବାଜି ରାଉତ ସମସ୍ତଙ୍କର ସ୍ମରଣୀୟ ହୋଇରହିଛନ୍ତି ବୋଲି ଅତିଥିମାନେ କହିଛନ୍ତି। ରସୁଲଗଡ ବ୍ରହ୍ମେଶ୍ୱର କଲୋନିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟତା ଏବଂ ଦେଶପ୍ରେମର ଭାବନା ସୃଷ୍ଟି କରିବା ଲକ୍ଷ୍ୟରେ ଶନିବାର ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବିପ୍ଳବୀ ବାଜିଆ'। ନାଟକର ସମସ୍ତ ୭ଟି ଦୃଶ୍ୟ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟ ଦର୍ଶକଙ୍କ ଦେହରେ ସାହସ ଭରିଦେଇଥିଲା। ପିଙ୍କ୍‌ଉଡ୍ କ୍ରିଏଶନ ଏବଂ ପେସ୍ ଫାଉଣ୍ଡେଶନ ପକ୍ଷରୁ ଏହି ନାଟକ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିଶୁ ସାହିତ୍ୟିକ ଦାଶ ବେନହୁର, ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ସିନେ ସାମ୍ବାଦିକ ସୂର୍ଯ୍ୟ ଦେଓ, ଅଭିନେତା ସ୍ୱରାଜ ବାରିକ, ପିଙ୍କି ପ୍ରଧାନ, ସସ୍ମିତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲା ଭୁବନ ବ୍ଳକରେ ବାଜି ରାଉତଙ୍କ ଉତ୍ତରାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା।

### ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ଆଉ ଜଣେ ଗିରଫ

**ବାଣପୁର (ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା, ୮।୭ (ଦିଲୀପ ସ୍ୱାଇଁ):** ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ଆଉ ଜଣେ ଅଭିଯୁକ୍ତଙ୍କୁ ଶନିବାର ପୋଲିସ ବାଲୁଗାଁ ରେଳ ଷ୍ଟେଶନ ନିକଟରୁ ଗିରଫ କରିଛି। ସେ ହେଲେ ନିରାକାରପୁର ଥାନା ନିକଟ ଖଜୁରିଆପଡ଼ା ଅଞ୍ଚଳର ବବୁଲ ଖାଁ। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାର ବାଣପୁର, ବାଲୁଗାଁ ଓ ନାରୁଣୀ ଥାନା ଅଞ୍ଚଳରେ ଡକାୟତଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଡକାୟତ ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ଗତ ବୁଧବାର ରାତିରେ ଶାଳିଆ ଡ୍ୟାମ ନିକଟ ଏକ ପରିତ୍ୟକ୍ତ ଘରେ ଏହି ଟିମ୍ ଚଢ଼ାଉ କରି ୬ ଆନ୍ତଃଜିଲା ଡକାୟତଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ହୋଇଯାଇଥିଲେ।

### ଓଡ଼ିଶା ଚଳଚ୍ଚିତ୍ର ଓ ଟେଲିଭିଜନ ଲେଖକ ସଂଘର ନୂତନ କର୍ମକର୍ତ୍ତା



ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)– ଓଡ଼ିଶା ଚଳଚ୍ଚିତ୍ର ଏବଂ ଟେଲିଭିଜନ ଲେଖକ ସଂଘ ପକ୍ଷରୁ ଶନିବାର ନବ ନିର୍ବାଚିତ ସଦସ୍ୟ ଚୟନ ହୋଇଛନ୍ତି। ସଭାପତି ଭାବେ ଡ. ରଜନୀ ରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ଶଙ୍କର ତ୍ରିପାଠୀ, ଉପ ସଭାପତି ବିଜୟ ମଲ୍ଲ, ଦିଲୀପ ଚୌଧୁରୀ, ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ, କାର୍ଯ୍ୟକାରୀ ସମ୍ପାଦକ ଅରୁଣ କୁମାର ନାୟକ, ପ୍ରିୟବ୍ରତ ପଣ୍ଡା, ଯୁଗ୍ମ ସମ୍ପାଦକ ଭରଦ୍ୱାଜ ପଣ୍ଡା, କୋଷାଧ୍ୟକ୍ଷ ବାପୁ ଗୋସ୍ୱାମୀ ରହିଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଶ୍ରୀହର୍ଷ କର, ପ୍ରଦୀପ୍ତ ନନ୍ଦ, ବସନ୍ତରାଜ ସାମଲ, ଡ. ନିର୍ମଳ ନାୟକ, ଆଲୋକ ରାୟ, ସଞ୍ଜିତା ରଥ, ବିଜୟ ରାଉଳ, ଶରଣାରବିନ୍ଦ ଓଝା, ମାନସ ମଲ୍ଲିକ ପ୍ରମୁଖ ମନୋନୀତ ହୋଇଛନ୍ତି।

## ବୃଦ୍ଧା ଶାଶୁ ଗୋଡ଼ରେ ବୋହୂ ପକାଇଲେ ବେଡ଼ି

### ଭିଡିଓ ଭାଇରାଲ ପରେ ପୋଲିସର ତନାଘନା

ଭୁବନେଶ୍ୱର,୮।୭ (ସୂର୍ଯ୍ୟକାନ୍ତ ବେହେରା)

ଶାଶୁ ଗୋଡ଼ରେ ବେଡି ପକାଇଛନ୍ତି ବୋହୂ। ହଇରାଣ କରୁଥିବାରୁ ମାଡ଼ ମଧ୍ୟ ମାରୁଛନ୍ତି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ବିଏମ୍‌ସି କଲୋନୀରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଜଣେ ବୃଦ୍ଧା ଶାଶୁଙ୍କ ଗୋଡ଼ରେ ବେଡି ପକାଇ ବାରଣ୍ଡାରେ ବାନ୍ଧି ରଖିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଏପରିକି ବୋହୂ ଜଣକ ଶାଶୁଙ୍କୁ ଝାଡୁରେ ମାଡ ମାରୁଥିବାର ଦୃଶ୍ୟ ସେଥିରେ ରହିଛି। ଲୋକେ ଏହାକୁ ଦେଖିବା ପରେ ଥାନାକୁ ଖବର ଦେଇଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଏନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁ କହିଛନ୍ତି। ବୃଦ୍ଧା ଜଣଙ୍କ ମାନସିକ ଅବସ୍ଥା ଠିକ ନ ଥିବା ଜଣାପଡିଛି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିର୍ଯାତନା ଦେଉଥିବା ସମ୍ପୃକ୍ତ ମହିଳାଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ କହିଛନ୍ତି, ଶାଶୁ ମାନସିକ ରୋଗୀ ଓ ସେ ଅଧିକାଂଶ ସମୟରେ ଘରୁ କେଉଁ ଆଡ଼େ ଚାଲିଯାଉଥିବାରୁ ଗୋଡ଼କୁ ବାନ୍ଧି ରଖିଛି। ତେବେ ଝାଡୁରେ ମାଡ଼ ମାରୁଥିବା ବିଷୟରେ ପଚାରିବାରୁ ସେ ଆଉ ଏଭଳି କରିବେ ନାହିଁ ବୋଲି କହିଛନ୍ତି।



## ବୃକ୍ଷରୋପଣ ଏକ ଆନ୍ଦୋଳନ ହେବା ଆବଶ୍ୟକ

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ଜନସଂଖ୍ୟାର ଅନିୟନ୍ତ୍ରିତ ବୃଦ୍ଧି ଏବଂ ମାନବଜାତିର ବିଭିନ୍ନ ନକାରାତ୍ମକ କାର୍ଯ୍ୟକଳାପର ପରିଣାମରେ ବହୁବିଧ ପରିବେଶଜନିତ ସମସ୍ୟା ବୃଦ୍ଧି ପାଇ ଚାଲିଛି। ଏ ସବୁର ପ୍ରତିଫଳରେ ପୃଥିବୀର ଜଙ୍ଗଲ ସମ୍ପଦ ଓ ବୃକ୍ଷରାଜି ଚାପଗ୍ରସ୍ତ ହେବା ସହ ସେମାନଙ୍କର ଅବକ୍ଷୟ ବୃଦ୍ଧି ପାଉଛି। ପ୍ରତ୍ୟେକ ବର୍ଷ ଏକ ହଜାର କୋଟି ହେକ୍ଟର ଜଙ୍ଗଲ ଅବକ୍ଷୟିତ ହେବା ସହ ଗୁଣାତ୍ମକ ମାନ ମଧ୍ୟ ନିମ୍ନଗାମୀ ହେଉଛି। ବିଭିନ୍ନ ପରିବେଶ ସମସ୍ୟାର ସମାଧାନ ନିମନ୍ତେ ବୃହତ୍ ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ବିସ୍ତାର କରିବା ଆବଶ୍ୟକ। ଏଥିପାଇଁ ବୃକ୍ଷରୋପଣକୁ

### ଓଇଏସ୍ ପକ୍ଷରୁ ବନ ମହୋତ୍ସବ ପାଳିତ

ଏକ ଆନ୍ଦୋଳନ ଭାବେ ନେବାକୁ ପଡିବ ବୋଲି ବନ ମହୋତ୍ସବ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଓଡ଼ିଶା ପରିବେଶ ସମିତି (ଓଇଏସ), ରାଜଧାନୀ ଇଞ୍ଜିନିୟରିଂ କଲେଜ (ଆର୍‌ଇସି) ଏବଂ ଗୀତା ଇଞ୍ଜିନିୟରିଂ କଲେଜ ପକ୍ଷରୁ ପୃଥକ ଭାବେ ବନ ମହୋତ୍ସବ ପାଳନ କରାଯାଇଥିଲା। ରାଜଧାନୀ ଇଞ୍ଜିନିୟରିଂ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାମ୍ପସରେ ବିଭିନ୍ନ ପ୍ରକାର ଚାରା ଚାରାରୋପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ବିମଳ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ପୂର୍ବତନ ଭୁବନେଶ୍ୱର ଆର୍‌ସିସିଏଫ ମନୋଜ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଙ୍ଗଲ ଓ ଅନ୍ୟ ପ୍ରାକୃତିକ ପରିସଂସ୍ଥାର ଗୁରୁତ୍ୱ ଏବଂ ମାନବଜାତିର ସେମାନଙ୍କ ଉପରେ ଥିବା ନିର୍ଭରଶୀଳତା ଉପରେ ଆଲୋକପାତ କରିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଏବଂ ଆଜୀବନ ସଦସ୍ୟା ସ୍ୱପ୍ନା ବେହେରା ଜଙ୍ଗଲ ସୁରକ୍ଷା ଓ ଠିକ ଚାରରୋପଣ ପଦ୍ଧତିର ବିଭିନ୍ନ ଦିଗ ଉପରେ ମତପ୍ରଦାନ କରିଥିଲେ। କଲେଜର ନିର୍ଦ୍ଦେଶକ ପ୍ରଫେସର ଗୌରୀଶଙ୍କର ମିଶ୍ର ଓ ଯୁକ୍ତ୨ କଲେଜ ଅଧ୍ୟକ୍ଷା ଡ଼. ଉଷାରାଣୀ ଦାଶ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ପ୍ରଫେସର ପ୍ରଦ୍ୟୁମ୍ନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ମନ୍ମଥ କୁମାର ରାଉଳଙ୍କ ସଭାପତିତ୍ୱରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଜର ସୁରକ୍ଷା ପାଇଁ ପ୍ରାକୃତିକ ଜଙ୍ଗଲ ଓ ପରିବେଶର ସବୁଜିମା ସୁରକ୍ଷିତ ରଖାଯିବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଉଭୟ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ଉପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ 'ଗୋଲ୍ଡେନ ହିରୋ' ସମ୍ମାନ ପ୍ରଦାନ କରାଯାଇଛି।

## ସିଦ୍ଧାନ୍ତ ମହାପାତ୍ରଙ୍କୁ 'ଗୋଲ୍ଡେନ ହିରୋ ସମ୍ମାନ'

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଶୁଶ୍ରୁତ ହସ୍ପିଟାଲ ଆଣ୍ଡ୍ ଟ୍ରମା କେୟାର ପକ୍ଷରୁ ଭୁବନେଶ୍ୱର କ୍ଲବରେ ଡାକ୍ତର ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର ଏବଂ ସୁଲତା ଦେଓ ଯୋଗଦେଇଥିଲେ। ଏହି ଅବସରରେ ପାହାଳଠାରେ ଦୁର୍ଘଟଣାରେ ଜଣେ ଯୁବକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ତାଙ୍କ ସେବାକାର୍ଯ୍ୟ ନିମନ୍ତେ ଅନୁଷ୍ଠାନ ତରଫରୁ 'ଗୋଲ୍ଡେନ ହିରୋ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା 'ମେଡିକାଲ ଟୁରିଜମ୍' ଉପରେ ଏକ ୱେବ୍‌ସାଇଟ୍ ଉନ୍ମୋଚନ କରାଯାଇଥିଲା।

**PANCHAYAT SAMITI, KHAIRPUT, DIST.: MALKANGIRI**

**TENDER CALL NOTICE No. 02/2023-24, Dt.06.07.2023**

The Block Development Officer, Khairput invites sealed percentage rate tenders vide Letter No. 2047 dated: 06.07.2023 on behalf of Governor of Odisha from registered & eligible registered contractors of Odisha State PWD/CPWD having experience in construction of road, bridges and building works in conformity with detailed tender call notice for execution of 09 Nos. of work under CM-Special Assistance scheme on drawal of agreement in PS contract forms of Govt. of Odisha. Tender papers will be sold from 10.07.2023 to 20.07.2023 in office hour (working days only from 10.00 A.M. to 5.30 P.M.) from Block Office, Khairput and received on 21.07.2023 in office hour (working days only from 10.00 A.M. to 5.30 P.M.) in the office of the BDO, Khairput through Registered Post/Speed Post only. The tender shall be opened on 24.07.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

**Sd./- 06.07.2023**
**Block Development Officer, Khairput**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Painting-23-24-13
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଲୱେ BG କୋଚ୍‌ଗୁଡ଼ିକର ବାହ୍ୟ ଓ ଆଭ୍ୟନ୍ତରୀଣ ପେଣ୍ଟିଙ୍ଗ୍ ଏବଂ ICF ବଗି ଫ୍ରେମ୍ ଏବଂ ତାହାର କମ୍ପୋନେଣ୍ଟଗୁଡ଼ିକର ପେଣ୍ଟିଙ୍ଗ୍।
ବିଜ୍ଞାପିତ ମୂଲ୍ୟ : ₹1,58,55,178.20, EMD : ₹2,29,300/-, ଶେଷ ହେବା ଅବଧି: 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.11.07.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.07.2023ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), CRW/ମଞ୍ଚେଶ୍ୱର
PR-324/O/23-24

**ପୂର୍ବ ତଟ ରେଳପଥ**

ଫାଇଲ ନଂ.: DRM/Engg/KUR/23-24/ E-Tender/43, ତା.03.07.2023ରିଖ

(1) ଟେଣ୍ଡର ସଂ.: e-Tender-CENTKUR-128-2023,, ତା.26.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ଲିଙ୍ଗରାଜ ଟେମ୍ପୁଲ ରୋଡ ଷ୍ଟେସନର ପ୍ରସ୍ତାବିତ ଉନ୍ନତିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.531.70 ଲକ୍ଷ
EMD (ଟଙ୍କାରେ): 4,15,900/-

(2) ଟେଣ୍ଡର ସଂ.: e-Tender-CENT-KUR-129-2023, ତା. 26.06.2023 ରିଖ
ବିବରଣୀ: ଭୁବନେଶ୍ୱର ଷ୍ଟେସନ୍‌ରେ କୋଚିଂ ଡିପୋରେ କୋଚ୍ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତିକରଣ ଏବଂ ଟଏଲେଟ୍ ବ୍ଲକର ପୁନଃନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.439.44 ଲକ୍ଷ
EMD (ଟଙ୍କାରେ): 3,69,700 /-

(3) ଟେଣ୍ଡର ସଂ.: e-Tender-CentKUR-128-2023, ତା.28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ମଞ୍ଚେଶ୍ୱର-ରେତଙ୍ଗ ସେକ୍ସନ୍ ମଧ୍ୟରେ 6.80 କି.ମି. ଦୈର୍ଘ୍ୟ ବିଶିଷ୍ଟ ପ୍ୟାଚେସ୍ ପାଇଁ ସିଟିଆର (ପି) କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.212.92 ଲକ୍ଷ
EMD (ଟଙ୍କାରେ): 2,56,500/-

(4) ଟେଣ୍ଡର ସଂ.: e-Tender-CENT-KUR-132-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ୟାର୍ଡରେ କେତେକ ରୁଟ୍‌ରେ 700 ମି. x 1.5 ମି. ଆକାରର 11 ଟି ପାଥୱେର ବ୍ୟବସ୍ଥା ସହିତ ଲାଇଟିଂ ଏବଂ ଶ୍ୱେଡିଙ୍ଗ ସୁବିଧା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.363.97 ଲକ୍ଷ
EMD (ଟଙ୍କାରେ): 3,32,000 /-

(5) ଟେଣ୍ଡର ସଂ.: e-Tender-South-KUR-133-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳ ପାଇଁ ସୋମପେଟା ଡିପୋରେ 50 ମି.ମି. ଆକାରର ମେସିନ୍ କ୍ରସ୍ଡ ବାଲାଷ୍ଟର 50,000 ସିୟୁଏମ୍ କଠିନ ପଥର ଯୋଗାଣ ଏବଂ ତାହାକୁ କୌଣସି ରେଲୱେ ୱାଗନରେ ଲୋଡ୍ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.664.01 ଲକ୍ଷ
EMD (ଟଙ୍କାରେ): 4,82,000 /-

ଶେଷ ହେବା ଅବଧି : 6 (ଛଅ) ମାସ (କ୍ର.ସଂ 1,3 ଏବଂ 4 ପାଇଁ), 10 (ଦଶ) ମାସ (କ୍ର.ସଂ 2 ପାଇଁ), 15 (ପନ୍ଦର) ମାସ (କ୍ର.ସଂ 5 ପାଇଁ)
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.19.07.2023 ରିଖ 1500 ଘଟିକାରେ। (ସମସ୍ତ ଟେଣ୍ଡର ପାଇଁ)
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଯଦ୍ୟପି ଏଗୁଡିକ ଫାର୍ମର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ୱେବ୍‌ସାଇଟ୍ : http://www.ireps.gov.in
ମଣ୍ଡଳ ରେଳ ପ୍ରବନ୍ଧକ(ଇଂ), ଖୋର୍ଦ୍ଧା ରୋଡ୍
PR-325/O/23-24

## ସଂକ୍ଷେପରେ

### ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଲେ

ବାଲିପାଟଣା,୮।୭(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅନ୍ତର୍ଗତ ଝିଣ୍ଟିଶାସନ ଗ୍ରାମର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଭାତ କୁମାର ମିଶ୍ର (୪୯)। ସୂଚନା ମୁତାବକ, ପ୍ରଭାତଙ୍କ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଚିନ୍ତାଗ୍ରସ୍ତ ରହୁଥିଲେ। ଶନିବାର ସକାଳେ ଘରେ କେହି ନ ଥିବା ବେଳେ ଏକ ଗାମୁଛା ବେକରେ ଗୁଡ଼ାଇ ଝୁଲି ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩)ରୁଜୁକରି ତଦନ୍ତ ଚଳାଇଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ଗଣ୍ଡଗୋଳ, ୪ ଆହତ

ନିମାପଡ଼ା, ୮।୭(ବିଚିତ୍ରାନନ୍ଦ ସାହୁ): ପୂର୍ବ ବିବାଦକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଶନିବାର ଗଣ୍ଡଗୋଳ, ରକ୍ତ ସଂଘର୍ଷ ଓ ଲୁଟପାଟ୍ ହୋଇଛି। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗ ଭିତ୍ତି କରି ୬ ଜଣରୁ ଉର୍ଦ୍ଧ୍ୱ ଆକ୍ରମଣକାରୀଙ୍କ ବିରୋଧରେ ୨୩୨/୨୩, ୨୩୩/୨୩ରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ମୁତାବକ, ନଢଣା ଗ୍ରାମର ଅଜିତ୍ ବସ୍ତିଆ ଓ ତାଙ୍କ ଭାଇ ଦୀପକ ବସ୍ତିଆଙ୍କୁ କାଦୁଅପାଟଣା ଗ୍ରାମର ବିଭୂତି ନାୟକ, ସହଦେବ ବେହେରା, ସିଲୁ ବେହେରା, ଭୀମ ବେହେରା ପ୍ରମୁଖ ସଂଘବଦ୍ଧ ଭାବେ ମାଡ଼ମାରି ବିଭିନ୍ନ ଧମକଚମକ ଦେଇ ଗୋଟେ ସୁନା ଚେନ୍, ୬ ହଜାର ୩ ଶହ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟେ ଭୀମ ବ୍ୟବସାୟ ପାଇଁ ଯିବାବେଳେ ତାଙ୍କୁ ଗ୍ରାମ ରାସ୍ତାରେ ବାବେନା ଦାଶ, ମିଲୁ ଖୁଣ୍ଟିଆ ଓ ତାଙ୍କ ୮/୧୦ ଜଣ ସହଯୋଗୀ ଅଟକାଇ ମାଡ଼ ମାରି ଗାଳିଗୁଲଜ କରି ବାଇକ୍ ସହ ତାଙ୍କ ଛେନା ସବୁ ଫିଙ୍ଗିଦେଇଥିଲେ। ପାଟିତୁଣ୍ଡ ଶୁଣି ଭୀମଙ୍କ ସ୍ତ୍ରୀ ସୁକାନ୍ତି ଆସି ଏଥିରେ ପ୍ରତିବାଦ କରିଥିଲେ। । ଆକ୍ରମଣକାରୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସ୍ୱାମୀ ଭୀମଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ସୁକାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି।

### ଚନ୍ଦ୍ରଭାଗାରେ ୨ କାର୍ ଦୁର୍ଘଟଣାଗ୍ରସ୍ତ, ୨ ଆହତ

କୋଣାର୍କ,୮।୭(ଜ୍ୟୋତିରାଜ ମହାନ୍ତି): ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ନିକଟରେ ଶନିବାର ସନ୍ଧ୍ୟା ୬ଟା ସମୟରେ ୨ କାର୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଯୁବକ ଆହତ ହୋଇଛନ୍ତି। ପର୍ଯ୍ୟଟକଙ୍କୁ ନେଇ ପୁରୀରୁ କୋଣାର୍କ ଆସୁଥିବା ଏକ ଧଳା ରଙ୍ଗର କାର୍‌କୁ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ଏକ କଳା ରଙ୍ଗର କାର୍ ଚନ୍ଦ୍ରଭାଗା ମେରାଇନ ଥାନା ନିକଟରେ ଧକ୍କା ଦେଇଛି। ଧଳା ରଙ୍ଗ କାର୍‌ରେ ଥିବା ୨ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା କଳା ରଙ୍ଗର କାର୍ ଚାଳକ ଷ୍ଟାଇଲରେ ଗାଡ଼ି ଚଳାଉଥିବାରୁ ଏପରି ହୋଇଥିବା ଜଣାପଡ଼ିଛି। କାର୍‌ରେ ଥିବା ୪ ଜଣ ଯୁବକ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଜଙ୍ଗଲ ଭିତରକୁ ପଳାଇଥିଲେ। ଖବରପାଇ କୋଣାର୍କ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ୨ ଗାଡ଼ିକୁ ଜବତ କରିବା ସହ ଆହତ ଦ୍ୱୟଙ୍କୁ ମେଡିକାଲ ପଠାଇଥିଲା। ଦୁର୍ଘଟଣା ଘଟାଇ ସେଠାରୁ ଫେରାର ହୋଇଯାଇଥିବା ଯୁବକଙ୍କୁ ପୋଲିସ ଖୋଜିବା ସହ ଘଟଣାର ତଦନ୍ତ ଚଳାଇଛି।

### ଅଗଷ୍ଟ ୯ରେ ଉପନିର୍ବାଚନ

ଡେଲାଙ୍ଗ,୮।୭(ରଶ୍ମିରଞ୍ଜନ ପ୍ରଧାନ): ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପନିର୍ବାଚନ ନିମନ୍ତେ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସମିତିସଭ୍ୟ ପଦବୀ ଡେଲାଙ୍ଗ ବ୍ଲକର ସୁଜନପୁର ପଞ୍ଚାୟତର ସମିତିସଭ୍ୟ ଅଜୟ ରାଉତରାୟଙ୍କ ବିୟୋଗ ଯୋଗୁ ଖାଲି ପଡିଥିଲା। ନିର୍ବାଚନ ନିମନ୍ତେ ପ୍ରକାଶିତ ଦିନ ଧାର୍ଯ୍ୟ ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଉପନିର୍ବାଚନ ନିମନ୍ତେ ୧୪, ୧୫ ଓ ୧୭ ତାରିଖରେ ମନୋନୟନ ପତ୍ର ପ୍ରଦାନ କରାଯିବ। ୧୮ ତାରିଖରେ ପ୍ରାର୍ଥୀଙ୍କ ମନୋନୟନ ପତ୍ର ଯାଞ୍ଚ ହୋଇ ସେହିଦିନ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ସୁଜନପୁରର ୧୪ ବୁଥ୍‌ରେ ସମିତିସଭ୍ୟ ପଦବୀ ପାଇଁ ଭୋଟ ଗ୍ରହଣ ବ୍ୟବସ୍ଥା କରାଯିବ। ଅଗଷ୍ଟ ୧୧ରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ୧୪ରେ ବିଜୟୀ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ।

# 'ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ଚେତନାର ପ୍ରତୀକ'

## ଶ୍ରୀଜଗନ୍ନାଥ ଶୀର୍ଷକ ଦିବ୍ୟ ଆଲୋଚନାଚକ୍ର

ପୁରୀ,୮।୭(ଅଜିତ୍ ମହାନ୍ତି)



ଶ୍ରୀ ରାଧାରମଣ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ଶ୍ରୀ ରାଧାରମଣ ଫାଉଣ୍ଡେଶନ ପୁରୀ ଆନୁକୂଲ୍ୟରେ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟା ମମତା ଦାସଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ମଧୁବନ ଟାଇଟାନିକ ହାଉସଠାରେ ମହିମାମୟ ଶ୍ରୀଜଗନ୍ନାଥ ଶୀର୍ଷକ ଦିବ୍ୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ତଥା ଟାଟା ମେନ ହସ୍ପିଟାଲ ଜାମସେଦପୁରର ଚିକିତ୍ସକ ଡା. ଜଗନ୍ନାଥ ଆଚାର୍ଯ୍ୟ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ପୁରୀ ରାମକୃଷ୍ଣ ମଠର ସଭାପତି ସ୍ୱାମୀ ସୋମ ଦେବା ନନ୍ଦଜି ମହାରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର, ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କଲେ ମହାପ୍ରଭୁଙ୍କ ଅପାର ମହିମାର ଭାବନା ଭକ୍ତଙ୍କ ନିକଟରେ ପ୍ରକଟିତ ହୋଇଥାଏ। ମୁଖ୍ୟ ଅତିଥିଭାବେ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ଓଡ଼ିଶାର ସମ୍ପାଦକ ଭକ୍ତି ଚୈତନ୍ୟ ଦାସ ମହାରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ସକଳ ଶକ୍ତିର ଆଧାର ଓ ଦିବ୍ୟ ଚେତନାର ପ୍ରତୀକ। ଯଦି ଜଣେ ଭକ୍ତ ଭକ୍ତି ଓ ସମର୍ପଣ ଭାବରେ ତାଙ୍କ ନିକଟରେ ନିଜକୁ ସମର୍ପଣ କରେ, ସେଠି ପ୍ରଭୁ ତାହା ସମର୍ପଣ ଭାବକୁ ଗ୍ରହଣ କରିନିଅନ୍ତି। କୁହାଯାଇଛି ମାନବ ସେବା ହିଁ ମାଧବ ସେବା। ଭଗବାନ ଯୁଗେ ଯୁଗେ ଭକ୍ତର ଅଧୀନ। ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଡ.ହରିହର ହୋତା ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ଅପାର କରୁଣାରୁ ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତ ତାଙ୍କ ନିକଟରେ ଉତ୍ସର୍ଗ କଲେ ଜୀବନର ବାଧାବିଘ୍ନ ସବୁ ଦୂର ହେବା ସହ ପ୍ରଭୁଙ୍କର ଅପାର କରୁଣା ପ୍ରାପ୍ତ ହୋଇଥାଏ। ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ର, ଆୟୁର୍ବେଦ ଶିରୋମଣି ଡ. ଏ. ନାରାୟଣ ଆଚାରୀ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ବରିଷ୍ଠ ପ୍ରଶାସକ ବିନୋଦ କୁମାର ପଣ୍ଡା, ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟା ପ୍ରମୋଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ରାହୁଲ ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଦିଲୀପ ପଟ୍ଟନାୟକ, ଲଳିତେନ୍ଦୁ ଦାସ, ସୂର୍ଯ୍ୟ ନାରାୟଣ ରଥ, ନୀଳମଣି ଗୁରୁ ଓ ପଣ୍ଡିତ ସଦାଶିବ ମିଶ୍ର ପ୍ରମୁଖ ସାମିଲ ଥିଲେ। ଆଲୋଚନାଚକ୍ରର ସ୍ୱତନ୍ତ୍ର ଲୋଗୋ ଉନ୍ମୋଚନ ହେବା ସହିତ ୟୁଅନ ଫାଉଣ୍ଡେଶନ ଅଧ୍ୟକ୍ଷ ଏ.ଜଗନ୍ନାଥ ଆଚାରୀ, ପ୍ରଦ୍ୟୁମ୍ନ ମଲ୍ଲିକ, ମନୋରଞ୍ଜନ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି, ଲଳିତେନ୍ଦୁ ଦାସ, ପ୍ରଶାନ୍ତ ପଟ୍ଟନାୟକ, ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ଫଟୋ ସାମ୍ବାଦିକ ଯଜ୍ଞେଶ୍ୱର ମହାନ୍ତି, ଦେବୀ ପ୍ରସାଦ ଦାସ ଓ ରେବତୀ ରାଉତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ସ୍ତମ୍ଭକାର ହରିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ଉତ୍ସବ ଇଣ୍ଡିଆ ୨୦୪୭




ଯୁବଉତ୍ସବ ଇଣ୍ଡିଆ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡ୍ଡୁ, ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ ।

ପୁରୀ,୮।୭( ଅଜିତ୍ ମହାନ୍ତି)

ନେହେରୁ ଯୁବ କେନ୍ଦ୍ର ଓ ଶ୍ରୀସଦାଶିବ ପରିସରର ମିଳିତ ଆନୁକୂଲ୍ୟରେ ଯୁବଉତ୍ସବ ଇଣ୍ଡିଆ ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପର ଓ ଜଳ ସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡ୍ଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସଦାଶିବ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ୨୦୪୭ରେ ଭାରତ ବିଶ୍ୱଗୁରୁର ମାନ୍ୟତା ପାଇବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜୟ ଶଙ୍କର ଯୋଶୀ ଓ ସହ ସଂଯୋଜକ ରୁଦ୍ର ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସ୍ୱାଗତିକା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଆବାହାକ ପ୍ରଫେସର ସୁଶାନ୍ତ କୁମାର ରାୟ, ଜଗନ୍ନାଥ ବେଦ କର୍ମକାଣ୍ଡର ଅଧ୍ୟକ୍ଷ ଡ.ଜଗବନ୍ଧୁ ପାଢୀ, ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି, ସାମାଜିକ କର୍ମୀ ବଦ୍ରିମିଶ୍ର ପ୍ରମୁଖ ଯୋଗାଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପୁରୀ ଜିଲା ସ୍କୁଲ ଆଲୁମନି ସୁନୀଲ ମିଶ୍ର ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# 'ଛାତ୍ରୀଛାତ୍ର ନିଜକୁ ଗୁଣୀଜ୍ଞାନୀ ଭାବେ ତିଆରି କରନ୍ତୁ'

## ସୁନୀଲ ମିଶ୍ର ଫାଉଣ୍ଡେଶନ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପୁରୀ, ୮।୭( ଅଜିତ ମହାନ୍ତି)

ପୁରୀ ଜିଲା ସ୍କୁଲ ୧୯୮୪ ମସିହା ଛାତ୍ରୀଛାତ୍ରଙ୍କ ତରଫରୁ ଗଠିତ ସୁନୀଲ ମିଶ୍ର ଫାଉଣ୍ଡେଶନ ତରଫରୁ ୨୦୨୨ରେ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରୀକ୍ଷାରେ ଯଥାକ୍ରମେ ପ୍ରଥମ ସ୍ଥାନ ରହିଥିବା ଅଂଶୁମାନ ସ୍ୱାଇଁ, ଦ୍ୱିତୀୟ ସ୍ଥାନରେ କୃଷ୍ଣଚନ୍ଦ୍ର ପ୍ରଧାନ ଓ ତୃତୀୟରେ ଥିବା ନର୍ମଦା ପ୍ରଧାନଙ୍କୁ ପୁରୀ ଜିଲା ସ୍କୁଲ ସଭା ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏ୧ ଗ୍ରେଡ୍ ପାଇଥିବା ଅନ୍ୟ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷେ ୨୦୨୩ ମସିହା ମାଟ୍ରିକରେ ଜିଲା ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶୁଭମ ପରିଡା, ଦ୍ୱିତୀୟ ସ୍ଥାନ ଦୀପକ ନାୟକ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏ୧ ଗ୍ରେଡ୍ ପାଇଥିବା ଅନ୍ୟ ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ବାବଦରେ କୃତୀ ଛାତ୍ରୀଛାତ୍ରଙ୍କୁ ଫାଉଣ୍ଡେଶନ ତରଫରୁ ଟ ୭,୦୦୦, ଟ ୬,୦୦୦, ଓ ଟ ୫,୦୦୦ ର ଚେକ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କୁ ଭଲ ପଢିବା ସହିତ ସୁସ୍ଥ ସମାଜ ଗଠନରେ ସହାୟକ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହାବ୍ୟତୀତ ଉଭୟ ୨୦୨୨ ଓ ୨୦୨୩ର ଏ୧ ଗ୍ରେଡ୍ ପାଇଥିବା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ସାର୍ଟିଫିକେଟ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୯୮୪ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା ସ୍କୁଲରେ ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଗତ ସୁନୀଲ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଫାଉଣ୍ଡେଶନ ଗଠନ କରାଯାଇଛି। ୨୦୧୩ ମସିହାରୁ ଏହି ଫାଉଣ୍ଡେଶନ ସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ସହ ସ୍କୁଲର ଆନୁଷଙ୍ଗିକ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ସଭାପତି ଶୁଭେନ୍ଦୁ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ସ୍କୁଲର ପୂର୍ବତନ ଛାତ୍ର ପଞ୍ଚସଖାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ବ୍ରତୀ ହେବା ପାଇଁ ଆହ୍ୱାନ କରିବା ସହ ସୁନୀଲ ମିଶ୍ର ଫାଉଣ୍ଡେଶନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ନିଜକୁ ଜଣେ ଗୁଣୀଜ୍ଞାନୀ ମଣିଷ ଭାବେ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ଫାଉଣ୍ଡେଶନ ତରଫରୁ ସମରେନ୍ଦ୍ର ମିଶ୍ର ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଆଶିଷ ଚକ୍ରବର୍ତ୍ତୀ, ଅମିୟ ମହାପାତ୍ର, ଘନଶ୍ୟାମ ସେଠୀ, ନିରୁପମା ପଣ୍ଡା, ଭାରତୀ ସାହୁ, ସିଦ୍ଧାର୍ଥ ମହାନ୍ତି ଓ ସୀମାଞ୍ଚଳ ପାତ୍ର ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ରବି ନାରାୟଣ ସାହୁ ସ୍କୁଲର ଶିକ୍ଷକ, କର୍ମଚାରୀ, ଛାତ୍ର, ସାମ୍ବାଦିକ ବନ୍ଧୁ ଓ ଫାଉଣ୍ଡେଶନର ସଭ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଡମ୍ପର ଚାପାରେ ମାଲିକଙ୍କ ମୃତ୍ୟୁ

ବଳଙ୍ଗା(କେଦାରେଶ୍ୱର ନନ୍ଦ)/ଗୋପ, ୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବଳଙ୍ଗା ଥାନା ନିକଟସ୍ଥ ଦୁବେଇପୁର ଗ୍ରାମରେ ଶନିବାର ଏକ ଡମ୍ପର ଚାପାରେ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଉଭରା ପଞ୍ଚାୟତ ଶର୍ଙ୍ଗତିରା ଗ୍ରାମର ଦୀପକ କୁମାର ପରିଡା(୪୬)। ପ୍ରକାଶ ଯେ, ସକାଳେ ଦୀପକ ତାଙ୍କର ଡମ୍ପର ଯୋଗେ ବାଲି ନେଇ ବଳଙ୍ଗାସ୍ଥିତ ଦୁବେଇପୁର ଗ୍ରାମକୁ ଆସିଥିଲେ। ବାଲି ଭାଙ୍ଗି ଫେରୁଥିବା ସମୟରେ ହଠାତ୍ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଦୀପକ ଗାଡ଼ିରୁ ତଳକୁ ଓହ୍ଲାଇ ବନେଟକୁ ଟେକି ଏକ ପେଚକସ୍ ସାହାଯ୍ୟରେ ଷ୍ଟାର୍ଟ କରୁଥିବା ବେଳେ ଅଚାନକ ଗାଡ଼ିଟି ଷ୍ଟାର୍ଟ ହେବା ସହିତ ଗିୟର ଉପରେ ଥିବାରୁ ଗାଡ଼ିଟି ଆଗକୁ ଗଡ଼ିଯାଇଥିଲା। ଦୀପକ ଗାଡ଼ି ସମ୍ମୁଖରୁ ସାଇଡ୍‌ହେବାକୁଚେଷ୍ଟା କରୁଥିବା ବେଳେ ଏକ ନଡ଼ିଆ ଗଛରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୀପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦୀପକଙ୍କ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ଚାରିଛକ ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି। ଦୀପକ ଅତ୍ୟନ୍ତ ଗରିବ ପରିବାରର ହୋଇ ଥିବାବେଳେ ଏକ ପୁରୁଣା ଗାଡ଼ି କରି ପରିବାର ପୋଷଣ କରୁଥିଲେ। ତେଣୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଥିବା ବେଳେ ଡ୍ରାଇଭର ମହାସଂଘ ଦାବି ଦାବି କରିଛନ୍ତି।

# ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

- ଅଠରନଳା ନିକଟରେ ପୋଲ ନିର୍ମାଣ ପ୍ରସଙ୍ଗ
- ୨୮ରେ ପରବର୍ତ୍ତୀ ଶୁଣାଣି

ପୁରୀ,୮।୭(ଅଜିତ୍ ମହାନ୍ତି)

ଜିଲା ପ୍ରଶାସନ ପକ୍ଷରୁ ବାଟଗାଁ-ମେଡିକାଲ ଛକର ଚାରିଥାକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପୁରୀ ଅଠରନଳା ନିକଟରେ ନିର୍ମାଣ ହେଉଥିବା ଦୁଇଟି ପୋଲରେ ପଥଚାରୀଙ୍କ ପାଇଁ ପାଦଚଲା ରାସ୍ତା ବ୍ୟବସ୍ଥା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ଦାୟର କରିଥିଲା ଅଠରନଳା ଉନ୍ନୟନ ମଣ୍ଡଳୀ। ଉକ୍ତ ମାମଲାକୁ ବିଚାର କରି ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ଦୁଇଟି ପୋଲ ନିର୍ମାଣ ସରିଛି କି? ଯଦି ପୋଲ ନିର୍ମାଣ ଚାଲିଥାଏ ତେବେ ସେଥିରେ କିଛି ପରିବର୍ତ୍ତନ କରାଯାଇ ପାଦଚଲା ରାସ୍ତାକୁ ସାମିଲ କରାଯାଇପାରିବ କି? ଏହିପାଦଚଲା ରାସ୍ତାକୁ ସାମିଲ ପାଇଁ ପୂର୍ବ ଢାଞ୍ଚା ପରିବର୍ତ୍ତନ ହୋଇପାରିବ କି ନାହିଁ, ସେ ସମ୍ପର୍କରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜୁଲାଇ ୨୮ ପୂର୍ବରୁ ଆଫିଡେଭିଟ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଠରନଳା ଉନ୍ନୟନ ମଣ୍ଡଳୀର ସମ୍ପାଦକ କେଳୁଚରଣ ପାଇକରାୟ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଇଣ୍ଡିଆନ ରୋଡ୍ କଂଗ୍ରେସ-୫(୨୦୧୫)ର ମାନକ ଅନୁଯାୟୀ ଏକ ଚାରିଥାକିଆ ରାସ୍ତାରେ ୨ଲେନ ବିଶିଷ୍ଟ ଗାଡି ଚଳାଚଳ ବ୍ୟବସ୍ଥା, ୨ଟି ପାଦଚଲା ରାସ୍ତା, ୧ଟି ମେଡିଆନ, ସର୍ଭିସ ଲେନ ରହିବା ଜରୁରୀ। କିନ୍ତୁ ମୂଷା ନଈ ଉପରେ ଦେଇ ପ୍ରସ୍ତାବିତ ରାସ୍ତା ଆଇଆରସି -୫ (୨୦୧୫) ମାନକ ଅନୁଯାୟୀ ହେବ ନାହିଁ ବୋଲି ଦର୍ଶାଇଛନ୍ତି। ବାବା ବୈଦ୍ୟନାଥ ଓ ମା' ଅଲାମଚଣ୍ଡୀ ମନ୍ଦିର ପାଖରେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ଜମି ଅଧିଗ୍ରହଣ କରାଯାଇ ନଥିବାରୁ ସେଠାରେ ପୋଲ ହୋଇପାରିବ ନାହିଁ। କିନ୍ତୁ ଗରୁଡ ଛକଠାରେ ଥିବା ଦୁଇ ପୁରୁଣା ପୋଲ, କୁମ୍ଭାରପଡା ଥାନା ସମ୍ମୁଖ ପ୍ରସ୍ତାବିତ ପୋଲ ଓ ଫିସେରି ବନ୍ଧକୁ ନେଇ ଏକ ଦୁଇଥାକିଆ ରିଂ ରୋର୍ଡ ନିର୍ମାଣ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ପାଇକରାୟ ମତ ରଖିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ବଳଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ବଳଙ୍ଗା ଭାର୍ଗବୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପୂର୍ବତନ ସମିତି ସଭ୍ୟ ସତ୍ୟବାଦୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଚାୟତର ପ୍ରତ୍ୟେକ ଗାଁରେ ଲୋକମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତି କରାଇ ପଞ୍ଚାୟତରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ଥଇଥାନ ଦାବିରେ ଉଚ୍ଛେଦ ଦୋକାନୀଙ୍କ ଧାରଣା

ପୁରୀ, ୮।୭( ଅଜିତ୍ ମହାନ୍ତି)



ପୁରୀ ଏକ ପର୍ଯ୍ୟଟନ ଏବଂ ଧାର୍ମିକ ସ୍ଥଳ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ପର୍ଯ୍ୟଟକଙ୍କ ଗମାନଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟ ହରିହର ଛକ ନିକଟ ତଥା ମହିଳା କୁଟୀର ପାର୍ଶ୍ୱରେ ଥିବା ଉଠା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ମାତ୍ର ବିନା ଥଇଥାନରେ ଉଚ୍ଛେଦକୁ ନେଇ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରି ଉଚ୍ଛେଦ ହୋଇଥିବା ସ୍ଥାନରେ ଶନିବାର ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ କରାଯାଇଥିବା ବେଆଇନ ଭାବରେ ଉଚ୍ଛେଦକୁ ନେଇ ସମସ୍ତ ଦୋକାନୀ ନ୍ୟାୟ ଦେବା ସହ ତାଙ୍କୁ ପ୍ରଶାସନ ଥଇଥାନ କରିବାକୁ ଦୋକାନୀମାନେ ଦାବି କରିଛନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ସ୍ଥାନରେ ବ୍ୟବସାୟ କରି ନିଜ ପରିବାର ଚଳାଇଆସୁଥିବା ବେଳେ ବର୍ତ୍ତମାନ ଦୋକାନଗୁଡିକ ଉଚ୍ଛେଦ ହେବା ଯୋଗୁ ସେମାନେ କିପରି ପରିବାର ଚଳାଇବେ ସେନେଇ ଚିନ୍ତା କରିଛନ୍ତି। ଉଚ୍ଛେଦକୁ ନେଇ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ପ୍ରସନ୍ନ କୁମାର ପାଣିଗ୍ରାହୀ କହିଛନ୍ତି, କିଛି ଅସାଧୁବ୍ୟକ୍ତି, ଜମିମାଫିଆ ଷଡଯନ୍ତ୍ର କରି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କର ଦୋକାନକୁ ଉଚ୍ଛେଦ କରିଛନ୍ତି। ଏପରିକି କୋର୍ଟରେ ଷ୍ଟେ ଅର୍ଡର ଥିବା ସ୍ୱତ୍ତେ ପ୍ରଶାସନ ପକ୍ଷରୁ କୌଣସି ନୋଟିସ୍ ଜାରି ନ କରି ଅଚାନକ ଦୋକାନକୁ ଉଚ୍ଛେଦ କରାଯାଇଛି। ଏ ନେଇ ଜିଲା ପ୍ରଶାସନକୁ ଜଣାଇବାରେ ସେ କୌଣସି ପଦକ୍ଷପ ଗ୍ରହଣ କରୁନାହାନ୍ତି। ସରକାରଙ୍କ ରାସ୍ତାର ୫୦ ଫୁଟ ପଛକୁ ଦୋକାନ ରହିଥିଲା, ତେଣୁ କୌଣସି ଟ୍ରାଫିକର ସମସ୍ୟା ନଥିଲା। ତେଣୁ ଉଚ୍ଛେଦ ହୋଇଥିବା ସମସ୍ତ ଦୋକାନୀଙ୍କୁ ନ୍ୟାୟ ଦେବା ସହ ଥଇଥାନ ପାଇଁ କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି।

# ପୁରୀରେ 'ଘରେଘରେ ଭାଗବତ' ଆରମ୍ଭ

ପୁରୀ,୮।୭(ଅଜିତ ମହାନ୍ତି)

ଭାଗବତ ପାଠ ମଣିଷକୁ ଶୃଙ୍ଖଳିତ କରେ। ସମାଜରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହୁଏ। ଏଣୁ ପାଶ୍ଚାତ୍ୟ ସଂସ୍କୃତି କବଳରୁ ଖସିଯିବା ସହ ମୋବାଇଲ୍ ଓ ଟିଭି ବ୍ୟବହାର ହ୍ରାସ କରିବାକୁ, ପ୍ରତିଟି ପରିବାରରେ ପ୍ରତ୍ୟହ ଭାଗବତ ପାଠ କରିବା ପାଇଁ ପରାମର୍ଶ ଦେଇଛନ୍ତି ବଦ୍ରି ମିଶ୍ର। ପୁରୀ ସର୍ବୋଦୟ ନଗରରେ 'ଘରେଘରେ ଭାଗବତ'କୁ ଉଦ୍‌ଘାଟନ କରି ମିଶ୍ର ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ଜାଗରଣ ଆରମ୍ଭ ହେବ। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ସୁଲୋଚନା ମିଶ୍ର, ଦେବୀପ୍ରସାଦ ରାଜଗୁରୁ, ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚିକା ନିର୍ମଳା ଫତେସିଂହ ଶୁକ-ପରୀକ୍ଷିତ ସମ୍ବାଦ ଆଧାରିତ ଭାଗବତ ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଲ୍ୟ ସମ୍ପାଦକ ବିଶ୍ୱନାଥ ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ପଣ୍ଡିତ ଗଦାଧର ଦାଶ, ଭକ୍ତି ନିର୍ମାଲ୍ୟ ସମ୍ପାଦକ ରାଜେନ୍ଦ୍ର ମିଶ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ଅଧିବକ୍ତା ଦେବାଶିଷ ଦାସ ଓ ରଶ୍ମିରଞ୍ଜନ ଦାଶ, ଶିବରାମ ପ୍ରଧାନ, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ସୁନନ୍ଦା ପଟ୍ଟନାୟକ, କାଞ୍ଚନବାଳା ଦଳାଇ, ଗୋବିନ୍ଦ ପାତ୍ର, ସରସ୍ୱତୀ ମହାନ୍ତି, ଗୋବିନ୍ଦ ଗୋପାଳ ମିଶ୍ର, ମିନତୀ ମହାନ୍ତି, ରାଜଲକ୍ଷ୍ମୀ ମିଶ୍ର, ଜଗତଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**PANCHAYAT SAMITI, KHAIRPUT, DIST.: MALKANGIRI**

**TENDER CALL NOTICE No. 02/2023-24, Dt.06.07.2023**

The Block Development Officer, Khairput invites sealed percentage rate tenders vide Letter No. 2047 dated: 06.07.2023 on behalf of Governor of Odisha from registered & eligible registered contractors of Odisha State PWD/CPWD having experience in construction of road, bridges and building works in conformity with detailed tender call notice for execution of 09 Nos. of work under CM-Special Assistance scheme on drawal of agreement in PS contract forms of Govt. of Odisha. Tender papers will be sold from 10.07.2023 to 20.07.2023 in office hour (working days only from 10.00 A.M. to 5.30 P.M.) from Block Office, Khairput and received on 21.07.2023 in office hour (working days only from 10.00 A.M. to 5.30 P.M.) in the office of the BDO, Khairput through Registered Post/Speed Post only. The tender shall be opened on 24.07.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. https://malkangiri.nic.in. Purchasing & depositing of tender paper is the sole responsibility of the tender applicant within the due time.

Sd./- 06.07.2023
Block Development Officer, Khairput

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Painting-23-24-13

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଲୱେ BG କୋଚ୍‌ଗୁଡ଼ିକର ବାହ୍ୟ ଓ ଆଭ୍ୟନ୍ତରୀଣ ପେଣ୍ଟିଙ୍ଗ୍ ଏବଂ ICF ବଗି ଫ୍ରେମ୍ ଏବଂ ତାହାର କମ୍ପୋନେଣ୍ଟଗୁଡ଼ିକର ପେଣ୍ଟିଙ୍ଗ୍।

ବିଜ୍ଞାପିତ ମୂଲ୍ୟ : ₹ 1,58,55,178.20, EMD : ₹ 2,29,300/-, ଶେଷ ହେବା ଅବଧି: 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.07.2023ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.07.2023ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), CRW/ମଞ୍ଚେଶ୍ୱର
PR-324/O/23-24

**ପୂର୍ବ ତଟ ରେଳପଥ**

ଫାଇଲ ନଂ.: DRM/Engg/KUR/23-24/E-Tender/43, ତା.03.07.2023ରିଖ

(1) ଟେଣ୍ଡର ସଂ.: e-Tender-CENTKUR-128-2023,, ତା.26.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ଲିଙ୍ଗରାଜ ଟେମ୍ପୁଲ ରୋଡ ଷ୍ଟେସନର ପ୍ରସ୍ତାବିତ ଉନ୍ନତିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.531.70 ଲକ୍ଷ
EMD (ଟଙ୍କାରେ): 4,15,900/-

(2) ଟେଣ୍ଡର ସଂ.: e-Tender-CENT-KUR-129-2023, ତା. 26.06.2023 ରିଖ
ବିବରଣୀ: ଭୁବନେଶ୍ୱର ଷ୍ଟେସନ୍‌ରେ କୋଚିଂ ଡିପୋରେ କୋଚ୍ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତିକରଣ ଏବଂ ଟଏଲେଟ୍ ବ୍ଲକର ପୁନଃନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.439.44 ଲକ୍ଷ
EMD (ଟଙ୍କାରେ): 3,69,700 /-

(3) ଟେଣ୍ଡର ସଂ.: e-Tender-CentKUR-128-2023, ତା.28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ମଞ୍ଚେଶ୍ୱର-ରେଙ୍ଗାଳି ସେକ୍ସନ୍ ମଧ୍ୟରେ 6.80 କି.ମି. ଦୈର୍ଘ୍ୟ ବିଶିଷ୍ଟ ପ୍ୟାଚେସ୍ ପାଇଁ ସିଟିଆର୍ (ପି) କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.212.92 ଲକ୍ଷ
EMD (ଟଙ୍କାରେ): 2,56,500/-

(4) ଟେଣ୍ଡର ସଂ.: e-Tender-CENT-KUR-132-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ୟାର୍ଡରେ କେତେକ ରୁଟ୍‌ରେ 700 ମି. x 1.5 ମି. ଆକାରର 11 ଟି ପାଥଓ୍ୱେ ବ୍ୟବସ୍ଥା ସହିତ ଲାଇଟିଂ ଏବଂ ଡ୍ରେନେଜ୍ ସୁବିଧା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.363.97 ଲକ୍ଷ
EMD (ଟଙ୍କାରେ): 3,32,000 /-

(5) ଟେଣ୍ଡର ସଂ.: e-Tender-South-KUR-133-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳ ପାଇଁ ସୋମପେଟା ଡିପୋରେ 50 ମି.ମି. ଆକାରର ମେସିନ୍ କ୍ରସ୍ଡ ବାଲାଷ୍ଟର 50,000 ସିୟୁଏମ୍ କଠିନ ପଥର ଯୋଗାଣ ଏବଂ ତାହାକୁ କୌଣସି ରେଲୱେ ୱାଗନରେ ଲୋଡ୍ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.664.01 ଲକ୍ଷ
EMD (ଟଙ୍କାରେ): 4,82,000 /-

ଶେଷ ହେବା ଅବଧି : 6 (ଛଅ) ମାସ (କ୍ର.ସଂ 1,3 ଏବଂ 4 ପାଇଁ), 10 (ଦଶ) ମାସ (କ୍ର.ସଂ 2 ପାଇଁ), 15 (ପନ୍ଦର) ମାସ (କ୍ର.ସଂ 5 ପାଇଁ)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.19.07.2023 ରିଖ 1500 ଘଟିକାରେ। (ସମସ୍ତ ଟେଣ୍ଡର ପାଇଁ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଯଦ୍ୟପି ଏଗୁଡ଼ିକ ଫାର୍ମର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ୱେବସାଇଟ୍ : http://www.ireps.gov.in

ମଣ୍ଡଳ ରେଳ ପ୍ରବନ୍ଧକ(ଇଂ), ଖୋର୍ଦ୍ଧା ରୋଡ୍
PR-325/O/23-24

**୧୦ରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ଅଭିଯୋଗ ଶୁଣାଣି**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କରେ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ୧୦ତାରିଖ କଣାସ ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବାକୁ ଥିବା ଏହି ଶିବିରରେ ଜିଲାସ୍ତରୀୟ ଅଧିକାରୀ ଯୋଗଦେବେ। ଯଦି କୌଣସି ବ୍ୟକ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କୌଣସି ଅଭିଯୋଗ ଥାଏ, ତାହାଲେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଅଭିଯୋଗ କରିବାକୁ ବିଡିଓ ପବିତ୍ର ବେହେରା ଅନୁରୋଧ କରିଛନ୍ତି।




୮।୭।୨୦୨୩

| | |
|---|---|
| ୫,୧୦,୫୫୩ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୭୨ ଗ୍ରାମ୍ |

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଷ୍ଠୀ ଗଣ୍ଡଗୋଳ, ୪ ଆହତ

ନିମାପଡ଼ା, ୮।୭(ବିଚିତ୍ରାନନ୍ଦ ସାହୁ)- ପୂର୍ବ ବିବାଦକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଶନିବାର ଗଣ୍ଡଗୋଳ, ରକ୍ତ ସଂଘର୍ଷ ଓ ଲୁଟପାଟ୍ ହୋଇଛି। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ପୋଲିସ ଉଭୟ ପକ୍ଷର ଅଭିଯୋଗ ଭିତ୍ତି କରି ୬ ଜଣରୁ ଊର୍ଦ୍ଧ୍ୱ ଆକ୍ରମଣକାରୀଙ୍କ ବିରୋଧରେ ୨୩୨/୨୩, ୨୩୩/୨୩ରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ମୁତାବକ, ନଡ଼ଣା ଗ୍ରାମର ଅଜିତ୍ ବସ୍ତିଆ ଓ ତାଙ୍କ ଭାଇ ଦୀପକ ବସ୍ତିଆଙ୍କୁ କାଦୁଅପାଟଣା ଗ୍ରାମର ବିଭୂତି ନାୟକ, ସହଦେବ ବେହେରା, ସିଲୁ ବେହେରା, ଭୀମ ବେହେରା ପ୍ରମୁଖ ସଂଘବଦ୍ଧ ଭାବେ ମାଡ଼ମାରି ବିଭିନ୍ନ ଧମକଚମକ ଦେଇ ଗୋଟେ ସୁନା ଚେନ୍, ୬ ହଜାର ୩ ଶହ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟେ ଭୀମ ବ୍ୟବସାୟ ପାଇଁ ଯିବାବେଳେ ତାଙ୍କୁ ଗ୍ରାମ ରାସ୍ତାରେ ବାବେନା ଦାଶ, ମିଲୁ ଖୁଣ୍ଟିଆ ଓ ତାଙ୍କ ୮/୧୦ ଜଣ ସହଯୋଗୀ ଅଟକାଇ ମାଡ଼ ମାରି ଗାଳିଗୁଲଜ କରି ବାଇକ୍ ସହ ତାଙ୍କ ଛେନା ସବୁ ଫିଙ୍ଗିଦେଇଥିଲେ। ପାଟିତୁଣ୍ଡ ଶୁଣି ଭୀମଙ୍କ ସ୍ତ୍ରୀ ସୁକାନ୍ତି ଆସି ଏଥିରେ ପ୍ରତିବାଦ କରିଥିଲେ। । ଆକ୍ରମଣକାରୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସ୍ୱାମୀ ଭୀମଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ସୁକାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି।

### ଅଗଷ୍ଟ ୯ରେ ଉପନିର୍ବାଚନ

ଡେଲାଙ୍ଗ,୮।୭(ରଶ୍ମିରଞ୍ଜନ ପ୍ରଧାନ)- ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପନିର୍ବାଚନ ନିମନ୍ତେ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସମିତିସଭ୍ୟ ପଦବୀ ଡେଲାଙ୍ଗ ବ୍ଲକର ସୁଜନପୁର ପଞ୍ଚାୟତର ସମିତିସଭ୍ୟ ଅଜୟ ରାଉତରାୟଙ୍କ ବିୟୋଗ ଯୋଗୁ ଖାଲି ପଡ଼ିଥିଲା। ନିର୍ବାଚନ ନିମନ୍ତେ ପ୍ରକାଶିତ ଦିନ ଧାର୍ଯ୍ୟ ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଉପନିର୍ବାଚନ ନିମନ୍ତେ ୧୪, ୧୫ ଓ ୧୭ ତାରିଖରେ ମନୋନୟନ ପତ୍ର ପ୍ରଦାନ କରାଯିବ। ୧୮ ତାରିଖରେ ପ୍ରାର୍ଥୀଙ୍କ ମନୋନୟନ ପତ୍ର ଯାଞ୍ଚ ହୋଇ ସେହିଦିନ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ସୁଜନପୁର ପଞ୍ଚାୟତର ୧୪ ବୁଥ୍‌ରେ ସମିତିସଭ୍ୟ ପଦବୀ ପାଇଁ ଭୋଟ ଗ୍ରହଣ ବ୍ୟବସ୍ଥା କରାଯିବ। ଅଗଷ୍ଟ ୧୧ରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା ହେବ। ଅଗଷ୍ଟ ୧୪ରେ ସରକାରୀ ଭାବେ ବିଜୟ ଲାଭ କରିଥିବା ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ୧୬ ତାରିଖରେ ଏହି ଉପନିର୍ବାଚନ ଫଳାଫଳ ରିପୋର୍ଟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ ବୋଲି ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ଚନ୍ଦ୍ରଭାଗାରେ ୨ କାର୍ ଦୁର୍ଘଟଣାଗ୍ରସ୍ତ, ୨ ଆହତ

କୋଣାର୍କ,୮।୭(ଜ୍ୟୋତିରାଜ ମହାନ୍ତି)- ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ନିକଟରେ ଶନିବାର ସନ୍ଧ୍ୟା ୬ଟା ସମୟରେ ୨ କାର୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଯୁବକ ଆହତ ହୋଇଛନ୍ତି। ପର୍ଯ୍ୟଟକଙ୍କୁ ନେଇ ପୁରୀରୁ କୋଣାର୍କ ଆସୁଥିବା ଏକ ଧଳା ରଙ୍ଗର କାର୍‌କୁ କୋଣାର୍କରୁ ପୁରୀ ଅଭିମୁଖେ ଯାଉଥିବା ଏକ କଳା ରଙ୍ଗର କାର୍ ଚନ୍ଦ୍ରଭାଗା ମେରାଇନ ଥାନା ନିକଟରେ ଧକ୍କା ଦେଇଛି। ଧଳା ରଙ୍ଗ କାର୍‌ରେ ଥିବା ୨ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା କଳା ରଙ୍ଗର କାର୍ ଚାଳକ ଷ୍ଟାଇଲରେ ଗାଡ଼ି ଚଳାଉଥିବାରୁ ଏପରି ହୋଇଥିବା ଜଣାପଡ଼ିଛି। କାର୍‌ରେ ଥିବା ୪ ଜଣ ଯୁବକ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଜଙ୍ଗଲ ଭିତରକୁ ପଳାଇଥିଲେ। ଖବରପାଇ କୋଣାର୍କ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିବା ସହ ଆହତ ଦ୍ୱୟଙ୍କୁ ମେଡିକାଲ ପଠାଇଥିଲା। ଦୁର୍ଘଟଣା ଘଟାଇ ସେଠାରୁ ଫେରାର ହୋଇଯାଇଥିବା ଯୁବକଙ୍କୁ ପୋଲିସ ଖୋଜିବା ସହ ଘଟଣାର ତଦନ୍ତ ଚଳାଇଛି।

# ‘ଶ୍ରୀଜଗନ୍ନାଥ ହେଉଛନ୍ତି ଦିବ୍ୟ ଚେତନାର ପ୍ରତୀକ’

**ଶ୍ରୀଜଗନ୍ନାଥ ଶୀର୍ଷକ ଦିବ୍ୟ ଆଲୋଚନାଚକ୍ର**

ପୁରୀ,୮।୭(ଅଜିତ୍ ମହାନ୍ତି)

ଶ୍ରୀ ରାଧାରମଣ ଫାଉଣ୍ଡେଶନ ପୁରୀ ଆନୁକୂଲ୍ୟରେ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟା ମମତା ଦାସଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ମଧୁବନ ଟାଇଟାନିକ ହାଉସଠାରେ ମହିମାମୟ ଶ୍ରୀଜଗନ୍ନାଥ ଶୀର୍ଷକ ଦିବ୍ୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ସଭାପତି ତଥା ଟାଟା ମେନ ହସ୍ପିଟାଲ ଜାମସେଦପୁରର ଚିକିତ୍ସକ ଡା. ଜଗନ୍ନାଥ ଆଚାର୍ଯ୍ୟ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ପୁରୀ ରାମକୃଷ୍ଣ ମଠର ସଭାପତି ସ୍ୱାମୀ ସୋମଦେବା ନନ୍ଦଜି ମହାରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର, ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କଲେ ମହାପ୍ରଭୁଙ୍କ ଅପାର ମହିମାର ଭାବନା ଭକ୍ତଙ୍କ ନିକଟରେ ପ୍ରକଟିତ ହୋଇଥାଏ। ମୁଖ୍ୟ ଅତିଥିଭାବେ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ଓଡ଼ିଶାର ସମ୍ପାଦକ ଭକ୍ତି ଚୈତନ୍ୟ ଦାସ ମହାରାଜ ଯୋଗଦେଇ କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ସକଳ ଶକ୍ତିର ଆଧାର ଓ ଦିବ୍ୟ ଚେତନାର ପ୍ରତୀକ। ଯଦି ଜଣେ ଭକ୍ତ ଭକ୍ତି ଓ ସମର୍ପଣ ଭାବରେ ତାଙ୍କ ନିକଟରେ ନିଜକୁ ସମର୍ପଣ କରେ, ସେଠି ପ୍ରଭୁ ତାହା ସମର୍ପଣ ଭାବକୁ ଗ୍ରହଣ କରିନିଅନ୍ତି। କୁହାଯାଇଛି ମାନବ ସେବା ହିଁ ମାଧବ ସେବା। ଭଗବାନ ଯୁଗେ ଯୁଗେ ଭକ୍ତର ଅଧୀନ। ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଡ.ହରିହର ହୋତା ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ଅପାର କରୁଣାରୁ ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତ ତାଙ୍କ ନିକଟରେ ଉତ୍ସର୍ଗ କଲେ ଜୀବନର ବାଧାବିଘ୍ନ ସବୁ ଦୂର ହେବା ସହ ପ୍ରଭୁଙ୍କର ଅପାର କରୁଣା ପ୍ରାପ୍ତ ହୋଇଥାଏ। ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ର, ଆୟୁର୍ବେଦ ଶିରୋମଣି ଡ. ଏ. ନାରାୟଣ ଆଚାରୀ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ବରିଷ୍ଠ ପ୍ରଶାସକ ବିନୋଦ କୁମାର ପଣ୍ଡା, ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ଫାଉଣ୍ଡେଶନର ବରିଷ୍ଠ ସଦସ୍ୟା ପ୍ରମୋଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ରାହୁଲ ରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଦିଲୀପ ପଟ୍ଟନାୟକ, ରେଡକ୍ରସର ନିର୍ଦ୍ଦେଶକ ଲଳିତେନ୍ଦୁ ଦାସ, ସୂର୍ଯ୍ୟ ନାରାୟଣ ରଥ, ନୀଳମଣି ଗୁରୁ ଓ ପଣ୍ଡିତ ସଦାଶିବ ମିଶ୍ର ପ୍ରମୁଖ ସାମିଲ ଥିଲେ। ଆଲୋଚନାଚକ୍ରର ସ୍ୱତନ୍ତ୍ର ଲୋଗୋ ଉନ୍ମୋଚନ ହେବା ସହିତ ଯୁଅନ ଫାଉଣ୍ଡେଶନ ଅଧ୍ୟକ୍ଷ ଏ.ଜଗନ୍ନାଥ ଆଚାରୀ, ପ୍ରଦ୍ୟୁମ୍ନ ମଲ୍ଲିକ, ମନୋରଞ୍ଜନ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତି, ଲଳିତେନ୍ଦୁ ଦାସ, ପ୍ରଶାନ୍ତ ପଟ୍ଟନାୟକ, ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ଫଟୋ ସାମ୍ବାଦିକ ଯଜ୍ଞେଶ୍ୱର ମହାନ୍ତି, ଦେବୀ ପ୍ରସାଦ ଦାସ ଓ ରେବତୀ ରାଉତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ସ୍ତମ୍ଭକାର ହରିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରୀ ରାଧାରମଣ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

# ଯୁବ ଉତ୍ସବ ଇଣ୍ଡିଆ ୨୦୪୭




ଯୁବଉତ୍ସବ ଇଣ୍ଡିଆ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟମାନେ ।

ପୁରୀ,୮।୭( ଅଜିତ୍ ମହାନ୍ତି)

ନେହରୁ ଯୁବ କେନ୍ଦ୍ର ଓ ଶ୍ରୀସଦାଶିବ ପରିସରର ମିଳିତ ଆନୁକୂଲ୍ୟରେ ଯୁବଉତ୍ସବ ଇଣ୍ଡିଆ ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପର ଓ ଜଳ ସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସଦାଶିବ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ୨୦୪୭ରେ ଭାରତ ବିଶ୍ୱଗୁରୁର ମାନ୍ୟତା ପାଇବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜୟ ଶଙ୍କର ଯୋଶୀ ଓ ସହ ସଂଯୋଜକ ରୁଦ୍ର ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସ୍ୱାଗତିକା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଆବହାକ ପ୍ରଫେସର ସୁଶାନ୍ତ କୁମାର ରାୟ, ଜଗନ୍ନାଥ ବେଦ କର୍ମକାଣ୍ଡର ଅଧ୍ୟକ୍ଷ ଡ.ଜଗବନ୍ଧୁ ପାଢୀ, ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି, ସାମାଜିକ କର୍ମୀ ବଦ୍ରିମିଶ୍ର ପ୍ରମୁଖ ଯୋଗାଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପୁରୀ ଜିଲା ସ୍କୁଲ ଆଲୁମ୍‌ନି ସୁନୀଲ ମିଶ୍ରଙ୍କ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# ‘ଛାତ୍ରୀଛାତ୍ର ନିଜକୁ ଗୁଣୀଜ୍ଞାନୀ ଭାବେ ତିଆରି କରନ୍ତୁ’

**ସୁନୀଲ ମିଶ୍ର ଫାଉଣ୍ଡେଶନ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

ପୁରୀ, ୮।୭( ଅଜିତ ମହାନ୍ତି)

ପୁରୀ ଜିଲା ସ୍କୁଲ ୧୯୮୪ ମସିହା ଛାତ୍ରୀଛାତ୍ରଙ୍କ ତରଫରୁ ଗଠିତ ସୁନୀଲ ମିଶ୍ର ଫାଉଣ୍ଡେଶନ ତରଫରୁ ୨୦୨୨ରେ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରୀକ୍ଷାରେ ଯଥାକ୍ରମେ ପ୍ରଥମ ସ୍ଥାନ ରହିଥିବା ଅଂଶୁମାନ ସ୍ୱାଇଁ, ଦ୍ୱିତୀୟ ସ୍ଥାନରେ କୃଷ୍ଣଚନ୍ଦ୍ର ପ୍ରଧାନ ଓ ତୃତୀୟରେ ଥିବା ନର୍ମଦା ପ୍ରଧାନଙ୍କୁ ପୁରୀ ଜିଲା ସ୍କୁଲ ସଭା ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏ୧ ଗ୍ରେଡ୍ ପାଇଥିବା ଅନ୍ୟ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷେ ୨୦୨୩ ମସିହା ମାଟ୍ରିକରେ ଜିଲା ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶୁଭମ ପରିଡା, ଦ୍ୱିତୀୟ ସ୍ଥାନ ଦୀପକ ନାୟକ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦୀପକ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏ୧ ଗ୍ରେଡ୍ ପାଇଥିବା ଅନ୍ୟ ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ବାବଦରେ କୃତୀ ଛାତ୍ରୀଛାତ୍ରଙ୍କୁ ଫାଉଣ୍ଡେଶନ ତରଫରୁ ଟ ୭,୦୦୦, ଟ ୬,୦୦୦, ଓ ଟ ୫,୦୦୦ର ଚେକ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କୁ ଭଲ ପଢିବା ସହିତ ସୁସ୍ଥ ସମାଜ ଗଠନରେ ସହାୟକ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହାବ୍ୟତୀତ ଉଭୟ ୨୦୨୨ ଓ ୨୦୨୩ର ଏ୧ ଗ୍ରେଡ୍ ପାଇଥିବା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ସାର୍ଟିଫିକେଟ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୯୮୪ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା ସ୍କୁଲରେ ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଗତ ସୁନୀଲ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଫାଉଣ୍ଡେଶନ ଗଠନ କରାଯାଇଛି। ୨୦୧୩ ମସିହାରୁ ଏହି ଫାଉଣ୍ଡେଶନ ସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ସହ ସ୍କୁଲର ଆନୁଷଙ୍ଗିକ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ସଭାପତି ଶୁଭେନ୍ଦୁ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ସ୍କୁଲର ପୂର୍ବତନ ଛାତ୍ର ପଞ୍ଚସଖାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବ ବ୍ରତୀ ହେବା ପାଇଁ ଆହ୍ୱାନ କରିବା ସହ ସୁନୀଲ ମିଶ୍ର ଫାଉଣ୍ଡେଶନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ନିଜକୁ ଜଣେ ଗୁଣୀଜ୍ଞାନୀ ମଣିଷ ଭାବେ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ଫାଉଣ୍ଡେଶନ ତରଫରୁ ସମରେନ୍ଦ୍ର ମିଶ୍ର ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଆଶିଷ ଚକ୍ରବର୍ତ୍ତୀ, ଅମିୟ ମହାପାତ୍ର, ଘନଶ୍ୟାମ ସେଠୀ, ନିରୁପମା ପଣ୍ଡା, ଭାରତୀ ସାହୁ, ସିଦ୍ଧାର୍ଥ ମହାନ୍ତି ଓ ସୀମାଞ୍ଚଳ ପାତ୍ର ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ରବି ନାରାୟଣ ସାହୁ ସ୍କୁଲର ଶିକ୍ଷକ, କର୍ମଚାରୀ, ଛାତ୍ର, ସାମ୍ବାଦିକ ବନ୍ଧୁ ଓ ଫାଉଣ୍ଡେଶନର ସଭ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଡମ୍ଫର ଚାପାରେ ମାଲିକଙ୍କ ମୃତ୍ୟୁ

ବଳଙ୍ଗା(କେଦାରେଶ୍ୱର ନନ୍ଦ)/ଗୋପ, ୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ବଳଙ୍ଗା ଥାନା ନିକଟସ୍ଥ ଦୁବେଇପୁର ଗ୍ରାମରେ ଶନିବାର ଏକ ଡମ୍ଫର ଚାପାରେ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଉଭରା ପଞ୍ଚାୟତ ଶଙ୍ଖତିରା ଗ୍ରାମର ଦୀପକ କୁମାର ପରିଡା(୪୬)। ପ୍ରକାଶ ଯେ, ସକାଳେ ଦୀପକ ତାଙ୍କର ଡମ୍ଫର ଯୋଗେ ବାଲି ନେଇ ବଳଙ୍ଗାସ୍ଥିତ ଦୁବେଇପୁର ଗ୍ରାମକୁ ଆସିଥିଲେ। ବାଲି ଭାଙ୍ଗି ଫେରୁଥିବା ସମୟରେ ହଠାତ୍ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଦୀପକ ଗାଡ଼ିରୁ ତଳକୁ ଓହ୍ଲାଇ ବନେଟକୁ ଟେକି ଏକ ପେଚକସ୍ ସାହାଯ୍ୟରେ ଷ୍ଟାର୍ଟ କରୁଥିବା ବେଳେ ଅଚାନକ ଗାଡ଼ିଟି ଷ୍ଟାର୍ଟ ହେବା ସହିତ ଗିୟର ଉପରେ ଥିବାରୁ ଗାଡ଼ିଟି ଆଗକୁ ଗଡ଼ିଯାଇଥିଲା। ଦୀପକ ଗାଡ଼ି ସମ୍ମୁଖରୁ ସାଇଡ୍‌ହେବାକୁଚେଷ୍ଟା କରୁଥିବା ବେଳେ ଏକ ନଡ଼ିଆ ଗଛରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୀପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦୀପକଙ୍କ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ଚାରିଛକ ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି। ଦୀପକ ଅତ୍ୟନ୍ତ ଗରିବ ପରିବାରର ହୋଇ ଥିବାବେଳେ ଏକ ପୁରୁଣା ଗାଡ଼ି କରି ପରିବାର ପୋଷଣ କରୁଥିଲେ। ତେଣୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଥିବା ବେଳେ ଡ୍ରାଇଭର ମହାସଂଘ ଦାବି ଦାବି କରିଛନ୍ତି।

# ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

- ଅଠରନଳା ନିକଟରେ ପୋଲ ନିର୍ମାଣ ପ୍ରସଙ୍ଗ
- ୨୮ରେ ପରବର୍ତ୍ତୀ ଶୁଣାଣି

ପୁରୀ,୮।୭(ଅଜିତ୍ ମହାନ୍ତି)

ଜିଲା ପ୍ରଶାସନ ପକ୍ଷରୁ ବାଟଗାଁ-ମେଡିକାଲ ଛକର ଚାରିଥାକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ପୁରୀ ଅଠରନଳା ନିକଟରେ ନିର୍ମାଣ ହେଉଥିବା ଦୁଇଟି ପୋଲରେ ପଥଚାରୀଙ୍କ ପାଇଁ ପାଦଚଲା ରାସ୍ତା ବ୍ୟବସ୍ଥା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ଦାଏର କରିଥିଲା ଅଠରନଳା ଉନ୍ନୟନ ମଣ୍ଡଳୀ। ଉକ୍ତ ମାମଲାକୁ ବିଚାର କରି ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ଦୁଇଟି ପୋଲ ନିର୍ମାଣ ସରିଛି କି? ଯଦି ପୋଲ ନିର୍ମାଣ ଚାଲିଥାଏ ତା’ହେଲେ ସେଥିରେ କିଛି ପରିବର୍ତ୍ତନ କରାଯାଇ ପାଦଚଲା ରାସ୍ତାକୁ ସାମିଲ କରାଯାଇପାରିବ କି? ଏହି ପାଦଚଲା ରାସ୍ତାକୁ ସାମିଲ ପାଇଁ ପୂର୍ବ ଡାଞ୍ଚା ପରିବର୍ତ୍ତନ ହୋଇପାରିବ କି ନାହିଁ, ସେ ସମ୍ପର୍କରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜୁଲାଇ ୨୮ ପୂର୍ବରୁ ଆଫିଡାଭିଟ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଠରନଳା ଉନ୍ନୟନ ମଣ୍ଡଳୀର ସମ୍ପାଦକ କେଳୁଚରଣ ପାଇକରାୟ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଇଣ୍ଡିଆନ ରୋଡ୍ କଂଗ୍ରେସ-୫(୨୦୧୫)ର ମାନକ ଅନୁଯାୟୀ ଏକ ଚାରିଥାକିଆ ରାସ୍ତାରେ ୨ଲେନ୍ ବିଶିଷ୍ଟ ଗାଡି ଚଳାଚଳ ବ୍ୟବସ୍ଥା, ୨ଟି ପାଦଚଲା ରାସ୍ତା, ୧ଟି ମେଡିଆନ, ସର୍ଭିସ ଲେନ ରହିବା ଜରୁରୀ। କିନ୍ତୁ ମୂଷା ନଈ ଉପରେ ଦେଇ ପ୍ରସ୍ତାବିତ ରାସ୍ତା ଆଇଆରସି -୫ (୨୦୧୫) ମାନକ ଅନୁଯାୟୀ ହେବନାହିଁ ବୋଲି ଦର୍ଶାଇଛନ୍ତି। ବାବା ବୈଦ୍ୟନାଥ ଓ ମା’ ଅଲାମଚଣ୍ଡୀ ମନ୍ଦିର ପାଖରେ ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ଜମି ଅଧିଗ୍ରହଣ କରାଯାଇ ନ ଥିବାରୁ ସେଠାରେ ପୋଲ ହୋଇପାରିବ ନାହିଁ। କିନ୍ତୁ ଗରୁଡ଼ ଛକଠାରେ ଥିବା ଦୁଇ ପୁରୁଣା ପୋଲ, କୁମ୍ଭାରପଡା ଥାନା ସମ୍ମୁଖ ପ୍ରସ୍ତାବିତ ପୋଲ ଓ ଫିଶେରି ବନ୍ଧକୁ ନେଇ ଏକ ଦୁଇଥାକିଆ ରିଂ ରୋଡ୍ ନିର୍ମାଣ ହେଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ପାଇକରାୟ ମତ ରଖିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ବଳଙ୍ଗା,୮।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ବଳଙ୍ଗା ଭାର୍ଗବୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ପଞ୍ଚାୟତ ପର୍ଯ୍ୟବେକ୍ଷକ ତଥା ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପୂର୍ବତନ ସମିତି ସଭ୍ୟ ସତ୍ୟବାଦୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଚାୟତର ପ୍ରତ୍ୟେକ ଗାଁରେ ଲୋକମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତି କରାଇ ପଞ୍ଚାୟତରେ ଦଳ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ଥଇଥାନ ଦାବିରେ ଉଚ୍ଛେଦ ଦୋକାନୀଙ୍କ ଧାରଣା

ପୁରୀ, ୮।୭( ଅଜିତ୍ ମହାନ୍ତି)



ପୁରୀ ଏକ ପର୍ଯ୍ୟଟନ ଏବଂ ଧାର୍ମିକ ସ୍ଥଳ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ପର୍ଯ୍ୟଟକଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟ ହରିହର ଛକ ନିକଟ ତଥା ମହିଳା କୁଟୀର ପାର୍ଶ୍ୱରେ ଥିବା ଉଠା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ମାତ୍ର ବିନା ଥଇଥାନରେ ଉଚ୍ଛେଦକୁ ନେଇ ଦୋକାନୀମାନେ ଅସନ୍ତୋଷ ପ୍ରକାଶ କରି ଉଚ୍ଛେଦ ହୋଇଥିବା ସ୍ଥାନରେ ଶନିବାର ଧାରଣା ଦେଇଥିଲେ। ପ୍ରଶାସନ ପକ୍ଷରୁ କରାଯାଇଥିବା ବେଆଇନ ଭାବରେ ଉଚ୍ଛେଦକୁ ନେଇ ସମସ୍ତ ଦୋକାନୀ ନ୍ୟାୟ ଦେବା ସହ ତାଙ୍କୁ ପ୍ରଶାସନ ଥଇଥାନ କରିବାକୁ ଦୋକାନୀମାନେ ଦାବି କରିଛନ୍ତି। ଦୀର୍ଘ ବର୍ଷ ହେବ ଉକ୍ତ ସ୍ଥାନରେ ବ୍ୟବସାୟ କରି ନିଜ ପରିବାର ଚଳାଇଆସୁଥିବା ବେଳେ ବର୍ତ୍ତମାନ ଦୋକାନଗୁଡିକ ଉଚ୍ଛେଦ ହେବା ଯୋଗୁ ସେମାନେ କିପରି ପରିବାର ଚଳାଇବେ ସେନେଇ ଚିନ୍ତା କରିଛନ୍ତି। ଉଚ୍ଛେଦକୁ ନେଇ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ପ୍ରସନ୍ନ କୁମାର ପାଣିଗ୍ରାହୀ କହିଛନ୍ତି, କିଛି ଅସାଧୁବ୍ୟକ୍ତି, ଜମିମାଫିଆ ଷଡଯନ୍ତ୍ର କରି ଉଦ୍ଦେଶ୍ୟମୂଳକ ଭାବେ ତାଙ୍କର ଦୋକାନକୁ ଉଚ୍ଛେଦ କରିଛନ୍ତି। ଏପରିକି କୋର୍ଟରେ ଷ୍ଟେ ଅର୍ଡର ଥିବା ସ୍ୱତ୍ତେ ପ୍ରଶାସନ ପକ୍ଷରୁ କୌଣସି ନୋଟିସ୍ ଜାରି ନ କରି ଅଚାନକ ଦୋକାନକୁ ଉଚ୍ଛେଦ କରାଯାଇଛି। ଏ ନେଇ ଜିଲା ପ୍ରଶାସନକୁ ଜଣାଇବାରେ ସେ କୌଣସି ପଦକ୍ଷପ ଗ୍ରହଣ କରୁନାହାନ୍ତି। ସରକାରଙ୍କ ରାସ୍ତାର ୫୦ ଫୁଟ ପଛକୁ ଦୋକାନ ରହିଥିଲା, ତେଣୁ କୌଣସି ଟ୍ରାଫିକର ସମସ୍ୟା ନଥିଲା। ତେଣୁ ଉଚ୍ଛେଦ ହୋଇଥିବା ସମସ୍ତ ଦୋକାନୀଙ୍କୁ ନ୍ୟାୟ ଦେବା ସହ ଥଇଥାନ ପାଇଁ କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି।

# ପୁରୀରେ ‘ଘରେଘରେ ଭାଗବତ’ ଆରମ୍ଭ

ପୁରୀ,୮।୭(ଅଜିତ ମହାନ୍ତି)

ଭାଗବତ ପାଠ ମଣିଷକୁ ଶୃଙ୍ଖଳିତ କରେ। ସମାଜରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହୁଏ। ଏଣୁ ପାଶ୍ଚାତ୍ୟ ସଂସ୍କୃତି କବଳରୁ ଖସିଯିବା ସହ ମୋବାଇଲ୍ ଓ ଟିଭି ବ୍ୟବହାର ହ୍ରାସ କରିବାକୁ, ପ୍ରତିଟି ପରିବାରରେ ପ୍ରତ୍ୟହ ଭାଗବତ ପାଠ କରିବା ପାଇଁ ପରାମର୍ଶ ଦେଇଛନ୍ତି ବଦ୍ରି ମିଶ୍ର। ପୁରୀ ସର୍ବୋଦୟ ନଗରରେ ‘ଘରେଘରେ ଭାଗବତ’କୁ ଉଦ୍‌ଘାଟନ କରି ମିଶ୍ର ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ଜାଗରଣ ଆରମ୍ଭ ହେବ। ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ସୁଲୋଚନା ମିଶ୍ର, ଦେବୀପ୍ରସାଦ ରାଜଗୁରୁ, ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚିକା ନିର୍ମଳା ଫତେସିଂହ ଶୁକ-ପରୀକ୍ଷିତ ସମ୍ବାଦ ଆଧାରିତ ଭାଗବତ ବ୍ୟାଖ୍ୟା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ମାଲ୍ୟ ସମ୍ପାଦକ ବିଶ୍ୱନାଥ ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ପଣ୍ଡିତ ଗଦାଧର ଦାଶ, ଭକ୍ତି ନିର୍ମାଲ୍ୟ ସମ୍ପାଦକ ରାଜେନ୍ଦ୍ର ମିଶ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ଅଧିବକ୍ତା ଦେବାଶିଷ ଦାସ ଓ ରଶ୍ମିରଞ୍ଜନ ଦାଶ, ଶିବରାମ ପ୍ରଧାନ, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ସୁନନ୍ଦା ପଟ୍ଟନାୟକ, କାଞ୍ଚନବାଳା ଦଳାଇ, ଗୋବିନ୍ଦ ପାତ୍ର, ସରସ୍ୱତୀ ମହାନ୍ତି, ଗୋବିନ୍ଦ ଗୋପାଳ ମିଶ୍ର, ମିନତୀ ମହାନ୍ତି, ରାଜଲକ୍ଷ୍ମୀ ମିଶ୍ର, ଜଗତଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**PANCHAYAT SAMITI, KHAIRPUT, DIST.: MALKANGIRI**
**TENDER CALL NOTICE No. 02/2023-24, Dt.06.07.2023**

The Block Development Officer, Khairput invites sealed percentage rate tenders vide Letter No. 2047 dated: 06.07.2023 on behalf of Governor of Odisha from registered & eligible registered contractors of Odisha State PWD/CPWD having experience in construction of road, bridges and building works in conformity with detailed tender call notice for execution of 09 Nos. of work under CM-Special Assistance scheme on drawal of agreement in PS contract forms of Govt. of Odisha. Tender papers will be sold from 10.07.2023 to 20.07.2023 in office hour (working days only from 10.00 A.M. to 5.30 P.M.) from Block Office, Khairput and received on 21.07.2023 in office hour (working days only from 10.00 A.M. to 5.30 P.M.) in the office of the BDO, Khairput through Registered Post/Speed Post only. The tender shall be opened on 24.07.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

Sd./- 06.07.2023
Block Development Officer, Khairput

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Painting-23-24-13
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଲୱେ BG କୋଚ୍‌ଗୁଡ଼ିକର ବାହ୍ୟ ଓ ଆଭ୍ୟନ୍ତରୀଣ ପେଣ୍ଟିଙ୍ଗ ଏବଂ ICF ବଗି ଫ୍ରେମ୍ ଏବଂ ତାହାର କମ୍ପୋନେଣ୍ଟଗୁଡ଼ିକର ପେଣ୍ଟିଙ୍ଗ୍।
ବିଜ୍ଞାପିତ ମୂଲ୍ୟ : ₹ 1,58,55,178.20, EMD : ₹ 2,29,300/-, ଶେଷ ହେବା ଅବଧି: 12 ମାସ।
ବିକ୍ରି ଆରମ୍ଭ ହେବା ତାରିଖ : ତା.11.07.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.07.2023ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), CRW/ମଞ୍ଚେଶ୍ୱର
PR-324/O/23-24

**ପୂର୍ବ ତଟ ରେଳପଥ**

ଫାଇଲ ନଂ.: DRM/Engg/KUR/23-24/E-Tender/43, ତା.03.07.2023ରିଖ

(1) ଟେଣ୍ଡର ସଂ.: e-Tender-CENTKUR-128-2023,, ତା.26.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ଲିଙ୍ଗରାଜ ଟେମ୍ପୁଲ ରୋଡ ଷ୍ଟେସନର ପ୍ରସ୍ତାବିତ ଉନ୍ନତିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.531.70 ଲକ୍ଷ
EMD (ଟଙ୍କାରେ): 4,15,900/-

(2) ଟେଣ୍ଡର ସଂ.: e-Tender-CENT-KUR-129-2023, ତା. 26.06.2023 ରିଖ
ବିବରଣୀ: ଭୁବନେଶ୍ୱର ଷ୍ଟେସନ୍‌ରେ କୋଚିଂ ଡିପୋରେ କୋଚ୍ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତିକରଣ ଏବଂ ଟଏଲେଟ୍ ବ୍ଲକର ପୁନଃନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.439.44 ଲକ୍ଷ
EMD (ଟଙ୍କାରେ): 3,69,700 /-

(3) ଟେଣ୍ଡର ସଂ.: e-Tender-CentKUR-128-2023, ତା.28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳର ମଞ୍ଚେଶ୍ୱର-ରେଢଙ୍ଗ ସେକ୍ସନ୍ ମଧ୍ୟରେ 6.80 କି.ମି. ଦୈର୍ଘ୍ୟ ବିଶିଷ୍ଟ ପ୍ୟାଚେସ୍ ପାଇଁ ସିଟିଆର୍ (ପି) କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.212.92 ଲକ୍ଷ
EMD (ଟଙ୍କାରେ): 2,56,500/-

(4) ଟେଣ୍ଡର ସଂ.: e-Tender-CENT-KUR-132-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ୟାର୍ଡରେ କେତେକ ରୁଟ୍‌ରେ 700 ମି. x 1.5 ମି. ଆକାରର 11 ଟି ପାଥୱେର ବ୍ୟବସ୍ଥା ସହିତ ଲାଇଟିଂ ଏବଂ ସ୍ୱେଇଡିଂ ସୁବିଧା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.363.97 ଲକ୍ଷ
EMD (ଟଙ୍କାରେ): 3,32,000 /-

(5) ଟେଣ୍ଡର ସଂ.: e-Tender-South-KUR-133-2023, ତା. 28.06.2023 ରିଖ
ବିବରଣୀ: ଖୋର୍ଦ୍ଧା ରୋଡ ମଣ୍ଡଳ ପାଇଁ ସୋମପେଟା ଡିପୋରେ 50 ମି.ମି. ଆକାରର ମେସିନ୍ କ୍ରସ୍ଡ ବାଲାଷ୍ଟର 50,000 ସିୟୁଏମ୍ କଠିନ ପଥର ଯୋଗାଣ ଏବଂ ତାହାକୁ କୌଣସି ରେଲୱେ ୱାଗନରେ ଲୋଡ୍ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.664.01 ଲକ୍ଷ
EMD (ଟଙ୍କାରେ): 4,82,000 /-

ଶେଷ ହେବା ଅବଧି : 6 (ଛଅ) ମାସ (କ୍ର.ସଂ 1,3 ଏବଂ 4 ପାଇଁ), 10 (ଦଶ) ମାସ (କ୍ର.ସଂ 2 ପାଇଁ), 15 (ପନ୍ଦର) ମାସ (କ୍ର.ସଂ 5 ପାଇଁ)
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.19.07.2023 ରିଖ 1500 ଘଟିକାରେ। (ସମସ୍ତ ଟେଣ୍ଡର ପାଇଁ)
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଯଦ୍ୟପି ଏଗୁଡ଼ିକ ଫାର୍ମର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ୱେବସାଇଟ୍ : http://www.ireps.gov.in
ମଣ୍ଡଳ ରେଳ ପ୍ରବନ୍ଧକ(ଇଂ), ଖୋର୍ଦ୍ଧା ରୋଡ୍
PR-325/O/23-24

# କ୍ୟୁଆର୍ କୋଡ୍ ଚଞ୍ଚକତା କରି ୧୪ କୋଟି ଠକେଇ

ଭୁବନେଶ୍ୱର,୮।୭
(ସୂର୍ଯ୍ୟକାନ୍ତ ବେହେରା)

## ୟୁପିରୁ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ


କରଣ କୁମାର ସିଂହ

ଏକ କମ୍ପାନୀର କ୍ୟୁଆର୍ କୋଡ୍‌କୁ ଚଞ୍ଚକତା କରି ୧୪ କୋଟି ଟଙ୍କା ଠକିନେବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉତ୍ତର ପ୍ରଦେଶ ନୋଏଡାର କରଣ କୁମାର ସିଂହଙ୍କୁ ଗିରଫ କରିବାରେ ସଫଳ ହୋଇଛି। କରଣ ହେଉଛନ୍ତି ପେ’ ୱାନ୍ ଡିଜିଟାଲ ସର୍ଭିସେସ୍ ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ। ଗିରଫ ପରେ ତାଙ୍କୁ ସେଠାକାର ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ଅଭିଯୁକ୍ତ କରଣଙ୍କୁ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି କଟକ ଓପିଆଇଡି କୋର୍ଟରେ ହାଜର କରିବ ଇଓଡବ୍ଲ୍ୟୁ। ତେବେ ଏଭଳି ତରିକାରେ ଠକେଇ ସାଧାରଣତଃ କମ୍ ଦେଖାଯାଇଥାଏ। ଏହି ଠକେଇର ଶିକାର ହୋଇଛି ଭୁବନେଶ୍ୱରରେ ଥିବା ‘ଆଇ ସର୍ଭ ୟୁ’ ନାମକ ଏକ ଘରୋଇ ସଂସ୍ଥା। କମ୍ପାନୀର ମୁଖ୍ୟ ବୈଷୟିକ ଅଧିକାରୀ ସଞ୍ଜୀବ କୁମାର ପରିଡ଼ାଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇଓଡବ୍ଲ୍ୟୁର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, ଚଳିତ ବର୍ଷ ଏପ୍ରିଲ–ମେ’ରେ ନୋଏଡାସ୍ଥିତ ପେ’ ୱାନ୍ ଡିଜିଟାଲ ସର୍ଭିସେସ୍ ସଂସ୍ଥା ସହିତ ‘ଆଇ ସର୍ଭ ୟୁ’ର ଏକ ଟେକ୍ନୋଲୋଜି ଇଣ୍ଟିଗ୍ରେଶନ ଚୁକ୍ତି ହୋଇଥିଲା। ସଂସ୍ଥାର ନିର୍ଦ୍ଦେଶକ ଅଭିଯୁକ୍ତ କରଣ ଓ ତାଙ୍କ ଭାଇ ଲାଲୁ ସିଂହଙ୍କ ସହ ଏହି ଚୁକ୍ତି ହୋଇଥିଲା। ଉକ୍ତ କମ୍ପାନୀ ଡିଜିଟାଲ ପେମେଣ୍ଟ ସେବା ଯୋଗାଇ ଦେଇଥାଏ। ଚୁକ୍ତି ଅନୁସାରେ ବ୍ୟବସାୟିକ ଉପଯୋଗ ପାଇଁ ଉକ୍ତ କମ୍ପାନୀକୁ ‘ଆଇ ସର୍ଭ ୟୁ’ ପକ୍ଷରୁ ୟୁପିଆଇ ଏପିଆଇ ଯୋଗାଇ ଦିଆଯାଇଥିଲା। ଗତ ଜୁନ୍ ୬ରେ ଅଭିଯୋଗକାରୀ ତଥା କମ୍ପାନୀର ମୁଖ୍ୟ ବୈଷୟିକ ଅଧିକାରୀ ସଞ୍ଜୀବ କୁମାର ପରିଡ଼ା ଜାଣିବାକୁ ପାଇଥିଲେ ଯେ ଏକ ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କା ଅସ୍ୱାଭାବିକ ଭାବେ ହ୍ରାସ ପାଇଛି। ଖୋଳତାଡ଼ କରିବା ପରେ ଜଣାପଡିଥିଲା ଯେ, କରଣ ଓ ଲାଲୁ ‘ଆଇ ସର୍ଭ ୟୁ’ର କ୍ୟୁଆର କୋଡ୍‌ରେ ଚଞ୍ଚକତା କରି ୧୪.୩୩ କୋଟି ଟଙ୍କା ହଡ଼ପ କରି ନେଇଛନ୍ତି। ଉକ୍ତ ଟଙ୍କାକୁ ସେମାନେ ଭିନ୍ନ ଭିନ୍ନ ୧୨୫ଟି ଆକାଉଣ୍ଟକୁ ଟ୍ରାନ୍ସଫର କରିଛନ୍ତି। ଏହା ଜଣାପଡିବା ପରେ ସଞ୍ଜୀବ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଏବେ ମୁଖ୍ୟ ଅଭିଯୁକ୍ତ କରଣଙ୍କୁ ଗିରଫ କରିଥିବାବେଳେ ଭାଇ ଲାଲୁଙ୍କୁ ଖୋଜୁଛି। ଟେକ୍ନୋଲୋଜି ସହାୟତା ନେଇ ହୋଇଥିବା ଏହି ଠକେଇରେ ଆହୁରି ଅନେକ ଲୋକଙ୍କ ସଂପୃକ୍ତି ଥାଇପାରେ ବୋଲି ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। ପୂର୍ବରୁ ଏଭଳି ମାମଲା ସାମ୍ନାକୁ ଆସି ନ ଥିବାରୁ ଇଓଡବ୍ଲ୍ୟୁ ମାମଲାଟିର ଠିକ ତଦନ୍ତ ପାଇଁ ବିଶେଷଜ୍ଞଙ୍କ ସହାୟତା ନେଉଛି।

# ପିଙ୍କ୍ ହ୍ୱାଟ୍ସଆପ୍‌କୁ ସାବଧାନ

ଭୁବନେଶ୍ୱର,୮।୭
(ସୂର୍ଯ୍ୟକାନ୍ତ ବେହେରା)

## ସତର୍କ କଲା ଓଡ଼ିଶା ପୋଲିସ




ଆପଣଙ୍କ ମୋବାଇଲକୁ ପିଙ୍କ୍ ହ୍ୱାଟ୍ସଆପ୍ ଲିଙ୍କ ଆସୁଛି କି ? ତା’ହେଲେ ସାବଧାନ ରୁହନ୍ତୁ। ନ ହେଲେ ଠକ ପଠାଇଥିବା ଲିଙ୍କ୍‌ରେ କ୍ଲିକ କଲେ କ୍ଷଣିକ ଭିତରେ ଆପଣଙ୍କ ମୋବାଇଲକୁ ନିଜ ନିୟନ୍ତ୍ରଣକୁ ନେଇଯିବେ ସାଇବର ହ୍ୟାକର। ଫଳରେ ଆପଣଙ୍କ ଫୋନ୍‌ରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗୋପନୀୟ ତଥ୍ୟ ଚୋରି ହେବାର ସମ୍ଭାବନା ରହିଛି। ସାଇବର ଠକମାନେ ଏଭଳି ତରିକାରେ ମୋବାଇଲକୁ ହ୍ୱାଟ୍ସଆପ୍ ଅପଡେଟ୍ କରିବା ଆଳରେ ପିଙ୍କ୍ ହ୍ୱାଟ୍ସଆପ୍ ଲିଙ୍କ ପଠାଇ ନୂଆ କୌଶଳରେ ଚକମା ଦେବାକୁ ଉଦ୍ୟମ କରୁଛନ୍ତି। ତେଣୁ ଭୁଲରେ ବି ସେହି ଲିଙ୍କରେ କ୍ଲିକ କରନ୍ତୁ ନାହିଁ। ଏନେଇ ଓଡିଶା ପୋଲିସ ପକ୍ଷରୁ ଟୁଇଟ୍ କରି ରାଜ୍ୟବାସୀଙ୍କୁ ସତର୍କ କରାଯାଇଛି। ଏହା ପୂର୍ବରୁ ମଧ୍ୟ ମୁମ୍ବାଇ ପୋଲିସ ପକ୍ଷରୁ ଏନେଇ ସତର୍କତା ଜାରି କରାଯାଇଥିଲା।

### ପିଙ୍କ୍ ହ୍ୱାଟ୍ସଆପ୍ କ’ଣ?

ପିଙ୍କ୍ ହ୍ୱାଟ୍ସଆପ୍ ଗୁଗଲ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ନୁହେଁ। ହ୍ୟାକରମାନେ ଏହି ଆପ୍‌କୁ ଏକ ଲିଙ୍କ୍ ବା ୟୁଆର୍‌ଏଲ ମାଧ୍ୟମରେ ଭାଇରାଲ କରିଥାନ୍ତି। ତେବେ ହ୍ୱାଟ୍ସଆପ୍ ଭଳି ଏହା ଅବିକଳ ଦେଖାଯାଇଥିଲେ ମଧ୍ୟ ଏହାର ରଙ୍ଗ ପିଙ୍କ୍ ବା ଗୋଲାପି ହୋଇଥିବାରୁ ଏହାକୁ ହ୍ୟାକର ପିଙ୍କ ନାଁ ଦେଇଛନ୍ତି। ଏହାକୁ ଡାଉନ୍‌ଲୋଡ କରିବା ପାଇଁ ଲୋକଙ୍କୁ ହ୍ୟାକରମାନେ ପ୍ରବର୍ତ୍ତାଇଥାନ୍ତି। କେହି ଯଦି ଏହାକୁ ନିଜ ମୋବାଇଲରେ ଡାଉନ୍‌ଲୋଡ କରିଥାନ୍ତି, ତା’ହେଲେ ମୋବାଇଲ ହ୍ୟାକରଙ୍କ ନିୟନ୍ତ୍ରଣକୁ ଚାଲିଯାଏ। ଫଳରେ ଅନାୟାସରେ ମୋବାଇଲର ଇନବକ୍ସ ମେସେଜ ପଢିବାଠାରୁ ଆରମ୍ଭ କରି କଣ୍ଟାକ୍ଟ ନମ୍ବର ସବୁକିଛି ପାଇଥାନ୍ତି ହ୍ୟାକର। ତେଣୁ ଏଭଳି ଲିଙ୍କ୍ କ୍ଲିକ ନ କରିବା ଲାଗି ସାଇବର ବିଶେଷଜ୍ଞମାନେ ମଧ୍ୟ ପରାମର୍ଶ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିପିନ


@ ସୁପ୍ରିୟା


@ ପିଣ୍ଟୁ


@ ପବିତ୍ର


@ ରିଙ୍କୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ଗୀତା ପରିବାର ପକ୍ଷରୁ ଗୀତା ମୈତ୍ରୀ ମିଳନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର, ରେଲ ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ବିଆଇଆଇପିବିଏସ୍‌ଏଆର୍ ଓ ୱାନ୍ ହେଲ୍ଥ ଫାଉଣ୍ଡେଶନ ଅଫ୍ ଓଡ଼ିଶା ପକ୍ଷରୁ ୱାର୍କଶପ୍, ହୋଟେଲ ସୂର୍ଯ୍ୟାଂଶ, ପୂର୍ବାହ୍ନ ୧୧ଟା ୩୦।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ଭୁବନେଶ୍ୱରୀ ମନ୍ଦିର, ଭିଏସ୍‌ଏସ୍ ନଗର, ଅପରାହ୍ନ ୪ଟା।
- ବିଭାବନା ପରିବାର ପକ୍ଷରୁ ଖବରଦାତା, ସମ୍ପାଦକ ତଥା କବି ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ୬ଷ୍ଠ ଶ୍ରାଦ୍ଧମାସିକ ସ୍ମୃତିସଭା, ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହ, ଅପରାହ୍ନ ୪ଟା।
- ଭଦ୍ରକ ସମ୍ମିଳନୀ, ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ୟୁନିଟ୍– ୯, ଅପରାହ୍ନ ୫ଟା।
- ଆୟୁର୍ବେଦ ଭେଷଜ ଜଗତର ପ୍ରବାଦପୁରୁଷ ଡା. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସୂଚନା ଭବନ, ଅପରାହ୍ନ ୫ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ଆର୍ଯ୍ୟ ପ୍ୟାଲେସ୍, ଅଶୋକ ନଗର, ଅପରାହ୍ନ ୫ଟା ୩୦।
- ଦି ବେଲଗାଡ଼ିଆ ପ୍ୟାଲେସ୍ ଏକ୍ସ ବିଡ୍‌ସର ଶୁଭ ଉଦ୍‌ଘାଟନ, ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସନ୍ଧ୍ୟା ୬ଟା।
- ପଶୁ–ପକ୍ଷୀ ଆମର ପଡ଼ୋଶୀ ବୈଠକ, ହୋଟେଲ ଏମ୍ପାୟର୍ସ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ସେବା ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ସମାବେଶ, ଗାନ୍ଧୀ ଭବନ, ପୂର୍ବାହ୍ନ ୧୧ଟା ୩୦।
- ବନ୍ଦେ ଉତ୍କଳ ପକ୍ଷରୁ ଦେଶପ୍ରାଣ ମୁକୁର ପତ୍ରିକାର ପ୍ରତିଷ୍ଠାତା ବ୍ରଜସୁନ୍ଦର ଦାସଙ୍କ ଜୟନ୍ତୀ, ମା’ ଶାରଳା ସଦନ, ବଙ୍ଗାଳିସାହି, ସନ୍ଧ୍ୟା ୬ଟା ୩୦।


ଭୁବନେଶ୍ୱରସ୍ଥିତ ବ୍ଲାଇଣ୍ଡ୍ ଆସୋସିଏଶନଠାରେ ଶନିବାର ଏସ୍‌ଏସ୍ କ୍ରିଏଟିଭ୍ ଫିଲ୍ମର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ‘ଇନ୍ସପେକ୍ଟର ସନା’ର ପୋଷ୍ଟର ଓ ଟିଜର ରିଲିଜ୍।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଡିଲର ଗିରଫ

ଖୋର୍ଦ୍ଧା,୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଧଳାଜହର ଆସୁଛି। ଶନିବାର ଖୋର୍ଦ୍ଧା ବାଘମାରୀ ଅଞ୍ଚଳରୁ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜଣେ ବ୍ରାଉନ୍‌ସୁଗାର ଡିଲରଙ୍କୁ ଗିରଫ କରିଛି। ସେ ହେଲେ ସୁରେଶ ମହାପାତ୍ର। ତାଙ୍କ ନିକଟରୁ ୧୧୦୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସୂଚନା ମୁତାବକ, ବାଘମାରୀ ଅଞ୍ଚଳରେ ବ୍ରାଉନ୍‌ସୁଗାର ଡିଲ୍ ହେଉଥିବା ନେଇ ଏସଟିଏଫ୍‌କୁ ସୂଚନା ମିଳିଥିଲା। ଏହା ପରେ ଏସ୍‌ଟିଏଫର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସୁରେଶଙ୍କୁ ଧରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲା।

# ଜଙ୍ଗଲରୁ ଅଚିହ୍ନା ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୮।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ–ପୁରୀ ବେଳାଭୂମି ମାର୍ଗ ମୁଖ୍ୟରାସ୍ତା ଲିଆଖିଆ ବ୍ରିଜ୍ ନିକଟ ରାସ୍ତାକଡ଼ ଜଙ୍ଗଲରୁ ଶନିବାର ରାମଚଣ୍ଡୀ ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ଜଙ୍ଗଲରୁ କୋଳି ତୋଳିବାକୁ ଯାଇଥିବାବେଳେ ଏକ ଜାମୁକୋଳି ଗଛରେ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତଦେହ ମୁହଁରେ କଳା ଜରି, ବେକରେ ଏକ ବେଲ୍ଟ ଗୁଡ଼ାହୋଇ ଗଛରେ ଝୁଲି ରହିଥିବା ମୃତଦେହରେ ଏକ ଗୋଲାପି ରଙ୍ଗର ରେନ୍‌କୋଟ୍ ପରି ଡ୍ରେସ୍ ରହିଛି। ମୃତଦେହଟି ପଚିଶଢ଼ି ଯାଇଥିବାବେଳେ ପାଦରୁ ଅଣ୍ଟା ପର୍ଯ୍ୟନ୍ତ ମାଂସ ଗଳି ପଡ଼ିଥିବା ପରି ଦିଶୁଛି। କିଛି ଦୂରରେ ଏକ ନୀଳରଙ୍ଗର ଜୋତା ମିଳିଛି। ହତ୍ୟା ସନ୍ଦେହ କରାଯାଉଥିବାବେଳେ ମୃତଦେହଟି ପୁରୁଷ କି ମହିଳାଙ୍କର ତାହା ଚିହ୍ନଟ ହୋଇପାରି ନ ଥିବା ଥାନା ଅଧିକାରୀ ନାରାୟଣ ଲେଙ୍କା କହିଛନ୍ତି।

# ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ବିରଳ ପ୍ରତିଭା ଉମାକାନ୍ତ

## ‘କଲେଇଡୋସ୍କୋପ ଅଫ୍ ଲାଇଫ୍’ ଉନ୍ମୋଚିତ

ଭୁବନେଶ୍ୱର,୮।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଅତିଥିମାନେ ଉମାକାନ୍ତ ମହାପାତ୍ରଙ୍କ ପୁସ୍ତକ ‘କଲେଇଡୋସ୍କୋପ୍ ଅଫ୍ ଲାଇଫ୍’କୁ ଉନ୍ମୋଚନ କରୁଛନ୍ତି। (ଫଟୋ– ମୌସମ ନନ୍ଦ)

ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ଉମାକାନ୍ତ ମହାପାତ୍ର ଜଣେ ବିରଳ ପ୍ରତିଭା। ସାହିତ୍ୟ ଚର୍ଚ୍ଚା ଭିତରକୁ ସେ ଆକସ୍ମିକ ଭାବେ ପଶିଆସିଥିଲେ। ବିଜ୍ଞାନ ଦିଗରେ ଜଡ଼ିତ ଥିଲେ। କିନ୍ତୁ ବିଜ୍ଞାନ ଅପେକ୍ଷା ଗଳ୍ପ ରଚନା କ୍ଷେତ୍ରରେ ସେ ସ୍ୱତନ୍ତ୍ର ଥିଲେ। ମଣିଷର ସମ୍ବେଦନଶୀଳତା ଓ ସମ୍ପର୍କକୁ ସେ ନିଖୁଣ ଭାବେ ଗଳ୍ପ ମାଧ୍ୟମରେ ପ୍ରକାଶ କରୁଥିଲେ। ଗଳ୍ପରେ ଅନନ୍ୟ ଚରିତ୍ର ସୃଷ୍ଟି କରିଥିବାରୁ ସେ ସଦା ଚିରସ୍ମରଣୀୟ ହୋଇ ରହିବେ ବୋଲି ବିଶିଷ୍ଟ ସାହିତ୍ୟିକ ରମାକାନ୍ତ ରଥ ପ୍ରକାଶ କରିଛନ୍ତି। ଶନିବାର ୟୁଏ କଥାଚିତ୍ର ପକ୍ଷରୁ ଉମାକାନ୍ତ ମହାପାତ୍ରଙ୍କ ପୁସ୍ତକ ‘କଲେଇଡୋସ୍କୋପ ଅଫ୍ ଲାଇଫ୍’ର ଉନ୍ମୋଚନ ଉତ୍ସବ ପ୍ରେସ୍‌କ୍ଲବଠାରେ ଶନିବାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରଫେସର ଯତୀନ ନାୟକ କହିଲେ, ଜୀବନ ଘଟଣା ବହୁଳ। ଆଉ ଏହି ଘଟଣାକୁ ସରଳ ଭାବେ ଗଳ୍ପ ମାଧ୍ୟମରେ ଉମାକାନ୍ତ ସ୍ଥାନିତ କରୁଥିଲେ। କ୍ଷୁଦ୍ରତା ତାଙ୍କ ଗଳ୍ପର ବିଶେଷତ୍ୱ ଥିଲା। ପଢ଼ିବାକୁ ସରଳ ଓ ସହଜ ଲାଗୁଥିଲା। ଆଉ ଏହି ଗଳ୍ପରେ ଗଭୀରତା ମଧ୍ୟ ରହୁଥିଲା। ଜୀବନର ପ୍ରତିଟି ଦୃଷ୍ଟିକୋଣକୁ ସେ ଗଳ୍ପ ମାଧ୍ୟମରେ ପ୍ରକାଶ କରୁଥିଲେ। ଚରିତ୍ର ଓ ଘଟଣା ତାଙ୍କ ଗଳ୍ପ ଅନନ୍ୟ ବିଶେଷତ୍ୱ ଥିଲା। ଏହି ଅବସରରେ ନାଟ୍ୟକାର ଅନନ୍ତ ମହାପାତ୍ର ‘ମା ମେରି ମା କାଳି’ କବିତାବୃତ୍ତି କରିଥିଲେ। ଉମାକାନ୍ତଙ୍କ ଜ୍ୟେଷ୍ଠପୁତ୍ର ଅଶୋକ ମହାପାତ୍ର ସ୍ୱାଗତ ଭାଷଣ ଓ କନିଷ୍ଠ ପୁତ୍ର ପୁଶନ୍ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧରିତ୍ରୀ ମିଡିଆ ପାର୍ଟନର ରହିଥିଲା।

# ଓଡ଼ିଶାର ପ୍ରଥମ କିନ୍ନର ଭାବେ ପିଏଚ୍.ଡି. କରିବେ ଦୀପା

କଟକ,୮।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶାର ପ୍ରଥମ କିନ୍ନର ଭାବେ ପିଏଚ୍.ଡି କରିବେ କଟକ ହରିପୁର ଅଞ୍ଚଳର ଦୀପା ସାହୁ। କଠିନ ପରିଶ୍ରମ ଓ ନିଜର ଦୃଢ଼ ମନୋବଳ ଆଗରେ ହାର ମାନିଛି ସମାଜର ଟାହି ଟାପରା। ଆଜିର ସମାଜରେ କିନ୍ନରମାନେ ଚଳିବା ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବାବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଦୀପା। ଓଡ଼ିଶାର ପ୍ରଥମ କିନ୍ନର ଭାବେ ରାଜ୍ୟ ତଥା ସମଗ୍ର କିନ୍ନର ସମାଜ ପାଇଁ ଦୀପା ଗର୍ବ ଏବଂ ଗୌରବ ଆଣିଛନ୍ତି। ସେ ଉଦ୍ଭିଦ ବିଜ୍ଞାନରେ ପିଏଚ୍.ଡି ଡିଗ୍ରୀ ପାଇଁ ପ୍ରଥମ କିନ୍ନର ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଛନ୍ତି।

ଦୀପାଙ୍କ ପାଇଁ ପରିବାର ଲୋକେ ବେଶ୍ ଖୁସି ଥିଲେ। କିନ୍ତୁ ଭଗବାନଙ୍କ ସୃଷ୍ଟି କିଛି ଅଲଗା। ପୁଅ ହେଲେ ମଧ୍ୟ ଦୀପାଙ୍କୁ ପୁଅଙ୍କ ପୋଷାକ ପିନ୍ଧିବା ପାଇଁ ଭଲ ଲାଗୁ ନଥିଲା। ସେ ଷଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଲକ୍ଷଣରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସଂକୀର୍ଣ୍ଣ ମାନସିକତାର ଲୋକେ ତାଙ୍କୁ ଉପହାସ କଲେ। ହେଲେ ସେ ନିଜ ଲକ୍ଷ୍ୟ ପଥରୁ ଓହରି ନ ଥିଲେ। ପିଏଚ୍.ଡି କରିବା ପାଇଁ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ସେ ନାମ ଲେଖାଇଛନ୍ତି। କଠିନ ପରିଶ୍ରମ ଓ ନିଷ୍ଠା ହିଁ ତାଙ୍କୁ ଏହି ସଫଳତା ଆଣିଦେଇଛି। ୮ ବର୍ଷ ତଳେ ଏକ ଦୁର୍ଘଟଣାର ଶିକାର ହୋଇ ସେ ବାକ୍ ଶକ୍ତି ହରାଇଥିଲେ। ହେଲେ ପାଠ ପଢ଼ିବାର ଆଗ୍ରହ ତାଙ୍କର କମି ନ ଥିଲା। ଦୀପାଙ୍କୁ ଭଲ କରିବା ପାଇଁ ଗଣମାଧ୍ୟମ ଜରିଆରେ ସରକାର ସାହାଯ୍ୟ କରିବା ନିମନ୍ତେ ଅନୁରୋଧ କରିଛନ୍ତି ସାଥୀ ମିଠି କିନ୍ନର। ସେ ବିଭିନ୍ନ ଘରୋଇ ସଂସ୍ଥାରେ କାମ କରିଛନ୍ତି। ବର୍ତ୍ତମାନ କଟକ ମହାନଗର ନିଗମ ଅଧୀନରେ ଠିକାରେ କାର୍ଯ୍ୟ କରୁଛନ୍ତି। ପ୍ରଥମ କିନ୍ନର ଭାବେ ଏହି ସଫଳତା ହାସଲ କରିଥିବା ହେତୁ ସମଗ୍ର କିନ୍ନରମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।


ଦୀପା ସାହୁ



ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅଭିକ୍ଷା ଟ୍ରଷ୍ଟର ୧୧ତମ ଉତ୍କର୍ଷ ସମ୍ମାନ ଉତ୍ସବରେ ଦୁଇ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ– ମନୋରଞ୍ଜନ ମିଶ୍ର)



ସଙ୍ଗୀତ ଶିକ୍ଷାକେନ୍ଦ୍ର ପକ୍ଷରୁ ପୁରୀ ସଂସ୍କୃତି ଭବନ ପରିସରରେ ଶନିବାର ଆୟୋଜିତ ନୃତ୍ୟାଞ୍ଜଳି ଉତ୍ସବରେ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ସୁଲଭ ହେବ ଏସି ଟ୍ରେନ୍ ଯାତ୍ରା

ଭୁବନେଶ୍ୱର,୮।୭ (ଅଭୟ ଦାଶ)




ଭାରତୀୟ ରେଳରେ ସବୁ ବର୍ଗର ଯାତ୍ରୀ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥାନ୍ତି। ବିଶେଷକରି ଦୂରଯାତ୍ରା ପାଇଁ ରେଳଯାତ୍ରୀମାନେ ଟ୍ରେନ୍‌ର ଏୟାର କଣ୍ଡିସନର (ଏସି) ଯାତ୍ର କରିବା ପାଇଁ ପସନ୍ଦ କରିଥାନ୍ତି। ଏପରିକି ଯାତ୍ରୀ ଟ୍ରେନ୍‌ରେ ବସିବା ପାଇଁ ରହିଥିବା ସୁବିଧାର ସର୍ବୋତ୍ତମ ଉପଯୋଗକୁ ଦୃଷ୍ଟିରେ ରଖି ଭାରତୀୟ ରେଳର ଏସି ସିଟ୍ ଥିବା ଟ୍ରେନ୍‌ରେ ରିହାତି ଭଡ଼ା ଯୋଜନା କାର୍ଯ୍ୟକାରୀ କରିବା ଲାଗି ଜୋନ୍‌ସ୍ତରୀୟ ରେଳପଥକୁ କ୍ଷମତା ଦେବା ନିମନ୍ତେ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଅନୁଭୂତି ଓ ଭିଷ୍ଟାଡୋମ୍ କୋଚ୍ ସମେତ ଏସି ଯାତ୍ରା ସୁବିଧା ଥିବା ସବୁ ଟ୍ରେନ୍‌ର ଏସି ଚେୟାର କାର୍ ଏବଂ ଏକ୍‌ଜିକ୍ୟୁଟିଭ୍ ଶ୍ରେଣୀରେ ରିହାତି ଯୋଜନା ଲାଗୁହେବ। ବିଶେଷକରି ମୂଳ ଭଡ଼ା ଉପରେ ସର୍ବାଧିକ ୨୫% ପର୍ଯ୍ୟନ୍ତ ରିହାତି ସୁବିଧା ମିଳିବ। ଏପରିକି ଟିକେଟ ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ସରଚାର୍ଜ, ଜିଏସ୍‌ଟି ଆଦି ଅନ୍ୟାନ୍ୟ ପ୍ରଯୁଜ୍ୟ ଶୁଳ୍କ ପୃଥକ୍ ଭାବେ ଲାଗୁହେବ। ସେହିଭଳି ଟ୍ରେନ୍‌ରେ ଯାତ୍ରୀଙ୍କ ସଂଖ୍ୟାକୁ ଆଧାରକରି ଯେକୌଣସି କିମ୍ବା ସବୁ ଶ୍ରେଣୀରେ ରିହାତି ପ୍ରଦାନ କରାଯିବ। ବିଗତ ୩୦ଦିନ ମଧ୍ୟରେ ୫୦%ରୁ କମ୍ (ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କିମ୍ବା କିଛି ନିର୍ଦ୍ଦିଷ୍ଟ ପର୍ଯ୍ୟାୟ/ଭାଗରେ) ଯାତ୍ରୀ ଥିବା ଶ୍ରେଣୀର ଟ୍ରେନ୍‌ଗୁଡ଼ିକ ଉପରେ ବିଚାର କରାଯିବ। ବିଶେଷକରି ରିହାତିର ମାତ୍ରା ନିର୍ଦ୍ଧାରଣ କରିବା ସମୟରେ ପରିବହନର ପ୍ରତିଦ୍ୱନ୍ଦ୍ୱିତା ମାଧ୍ୟମକୁ ଭଡ଼ାର ମାପଦଣ୍ଡ ଭାବେ ଗ୍ରହଣ କରାଯିବ। ଫଳରେ ଯାତ୍ରାର ପ୍ରଥମ ପର୍ଯ୍ୟାୟ କିମ୍ବା ଶେଷ ପର୍ଯ୍ୟାୟ ଏବଂ ମଧ୍ୟବର୍ତ୍ତୀ ଭାଗ ଓ ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଯେକୌଣସି ସମୟ ପାଇଁ ଦିଆଯାଇପାରିବ। ତେବେ ସେହି ପର୍ଯ୍ୟାୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରୀଙ୍କ ସଂଖ୍ୟା ଯଦି ୫୦% ରୁ କମ୍ ହୋଇଥାଏ, ତା'ହେଲେ ରିହାତି ପ୍ରଦାନ କରାଯିବ।

ଅପରପକ୍ଷରେ ରିହାତି ଦରକୁ ତତ୍କାଳ ପ୍ରଭାବରେ ଲାଗୁ କରାଯିବ। ପୂର୍ବରୁ ଟିକେଟ ବୁକ୍ କରିସାରିଥିବା ଯାତ୍ରୀଙ୍କ ଭଡ଼ା ଫେରସ୍ତ କରାଯିବ ନାହିଁ। ଏପରିକି ଟ୍ରେନ୍ ଯେଉଁ ଷ୍ଟେଶନରୁ ଯାତ୍ରା ଆରମ୍ଭ କରୁଛି ସମ୍ପୃକ୍ତ ଜୋନର ପିସିସିଏମ୍‌ଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଅବଧିରେ ଏଭଳି ରିହାତିକୁ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ। କେବଳ ସର୍ତ୍ତ ହେଉଛି, ଯୋଜନା ଯେଉଁ ଯାତ୍ରା ତାରିଖରେ କାର୍ଯ୍ୟକାରୀ ହେବ ସେବେଠାରୁ ସର୍ବାଧିକ ୬ ମାସ ଅବଧି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଏପରିକି ସମ୍ପୂର୍ଣ୍ଣ ଅବଧି କିମ୍ବା ଅଳ୍ପ କିଛି ଅବଧି ଅଥବା ମାସ ଆଧାରରେ କିମ୍ବା ଋତୁ ଆଧାରରେ କିମ୍ବା ସାପ୍ତାହିକ ଦିନ ଓ ସପ୍ତାହାନ୍ତ ପାଇଁ ରିହାତି ଭଡ଼ା ସୁବିଧା ମିଳିପାରେ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପ୍ରଥମ ଚାର୍ଟ ପ୍ରସ୍ତୁତି ପର୍ଯ୍ୟନ୍ତ ଏବଂ ବର୍ତ୍ତମାନର ବୁକିଂ ସମୟରେ ବୁକ୍ ହୋଇଥିବା ଟିକେଟ ପାଇଁ ରିହାତି ପ୍ରଦାନ କରାଯିବ। ଏପରିକି ଟିଟିଇଙ୍କ ଦ୍ୱାରା ବୋର୍ଡ ହେବା ସମୟରେ ମଧ୍ୟ ରିହାତି ଲାଗି ଅନୁମତି ଦିଆଯାଇପାରେ। ଛୁଟିଦିନ, ପର୍ବପର୍ବାଣି ସ୍ୱତନ୍ତ୍ର ଆଦି ଟ୍ରେନ୍ ଭାବେ ଚଳାଚଳ କରୁଥିବା ସ୍ୱତନ୍ତ୍ର ରେଳଗାଡ଼ି ପାଇଁ ଏହି ଯୋଜନା ପ୍ରଯୁଜ୍ୟ ହେବ ନାହିଁ। ଏହି ଯୋଜନାର ବ୍ୟବସ୍ଥା ୧ବର୍ଷର ଅବଧି ପର୍ଯ୍ୟନ୍ତ ଲାଗୁ ହେବ।ଏହି ଯୋଜନାର ବ୍ୟବସ୍ଥା ୧ବର୍ଷର ଅବଧି ପର୍ଯ୍ୟନ୍ତ ଲାଗୁ ହେବ।

## ଆପୋଲୋ ଭୁବନେଶ୍ୱରରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୮।୭


ଡା. ତନ୍ମୟ ପଣ୍ଡା

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ଆପୋଲୋ ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍‌କୁ ନିକଟରେ ଆଉ ଏକ ବିରଳ ସଫଳତା ମିଳିଥିବା ବେଳେ ଓଡ଼ିଶାର ପ୍ରଥମ ସିଟୁସ ଇନ୍‌ଭର୍ସସର ଚିକିତ୍ସା ସମ୍ପୂର୍ଣ୍ଣ କରାଯାଇଛି। ବିଶେଷକରି ଆକ୍ୟୁଟେ କୋଲେସିଷ୍ଟାଇଟିସରେ ଭର୍ତ୍ତି ହୋଇଥିବା ଜଣେ ୩୮ବର୍ଷୀୟା ମହିଳାଙ୍କର ଆବଶ୍ୟକ ଚିକିତ୍ସା ସହିତ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ଏପରିକି ଅସ୍ତ୍ରୋପଚାରର କିଛିଦିନ ପରେ ସମ୍ପୃକ୍ତ ମହିଳା ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେବ ଉକ୍ତ ରୋଗରେ ପୀଡ଼ିତ ଥିବା ମହିଳା ଜଣକ ନିକଟରେ ଆପୋଲୋ ଭୁବନେଶ୍ୱରରେ ଆଡମିଶନ ହେବା ସହିତ ଜେନେରାଲ ସର୍ଜରି ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ତନ୍ମୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଥିଲେ।

ଏ ସମ୍ପର୍କରେ ଡା. ପଣ୍ଡା କହିଛନ୍ତି, ରୋଗୀର ପାରିପାର୍ଶ୍ୱିକ ଘଟଣା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ଯାଞ୍ଚ ପରେ ଜଣାପଡିଲା ଯେ ସମ୍ପୃକ୍ତ ରୋଗୀର ପେଟରେ ବିଭିନ୍ନ ସମସ୍ୟା ରହିଥିଲା। ବିଶେଷକରି ସମ୍ପୃକ୍ତ ରୋଗୀର ବାମ ସବ୍‌କୋଷ୍ଟଲା ଅଞ୍ଚଳରେ ଯନ୍ତ୍ରଣା ହେବା ସହିତ ବାନ୍ତି ହେଉଥିଲା। ଅପରପକ୍ଷରେ ଆପୋଲୋ ମୁଖ୍ୟ ପରିଚାଳନା ଅଧିକାରୀ ତଥା ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ ଡା.ପଣ୍ଡା ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ହସ୍ପିଟାଲ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ଫ୍ଲିପ୍‌କାର୍ଟ-ଆକ୍ସିସ୍ ବ୍ୟାଙ୍କ ସହଭାଗିତା

ଭୁବନେଶ୍ୱର, ୮।୭

ଦେଶର ଅଗ୍ରଣୀ ଇ-କମର୍ସ ସଂସ୍ଥା ଫ୍ଲିପ୍‌କାର୍ଟ ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ କରାଯାଇଛି। ଉକ୍ତ ସହଭାଗିତା ଜରିଆରେ ଗ୍ରାହକମାନଙ୍କୁ ବ୍ୟକ୍ତିଗତ ଋଣ ସୁବିଧା ପ୍ରଦାନ କରାଯିବ। ଫଳରେ ଉଭୟ ସଂସ୍ଥାର ୪୫କୋଟି ଗ୍ରାହକ ସୁବିଧାରେ ଋଣ ପାଇପାରିବେ। ଏପରିକି ନୂତନ ଭାବେ ଉପସ୍ଥାପନ କରାଯାଇଥିବା ବ୍ୟକ୍ତିଗତ ଋଣ ସେବାରେ ଗ୍ରାହକମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣକୁ ୬ ରୁ ୩୬ ମାସ ଅବଧି ମଧ୍ୟରେ ଶୁଝିବା ବିକଳ୍ପ ସହିତ ଋଣ ପ୍ରଦାନ କରାଯାଉଛି। ସେହିଭଳି ଗ୍ରାହକମାନଙ୍କ ଜୀବନଶୈଳୀରେ ଉନ୍ନତି ଘଟିଥିବା ବେଳେ ସେମାନଙ୍କ ଯାତ୍ରାକୁ ସହଜ କରିବା ଲାଗି ଫ୍ଲିପ୍‌କାର୍ଟ ଓ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏକ ଅଭିନବ ଡିଜିଟାଲ୍ ପ୍ରଥମ ସମାଧାନ ପ୍ରଦାନ କରାଯାଉଛି। ଫଳରେ ବ୍ୟକ୍ତିଗତ ଋଣ ସୁବିଧା ଗ୍ରାହକଙ୍କ କ୍ରୟ ଶକ୍ତି ବଢ଼ାଇବ ଏବଂ ସହଜ ଓ ସୁଲଭ ମୂଲ୍ୟରେ ତାହା ଉପଲବ୍ଧ।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-ଡିଜିଟାଲ ବିଜ୍‌ନେସ୍ ଆଣ୍ଡ୍ ଟ୍ରାନ୍ସଫର୍ମେସନ୍ ସମୀର ସେଟ୍ଠୀ କହିଛନ୍ତି, ବ୍ୟାଙ୍କ ସବୁ ପ୍ରକାର ଆର୍ଥିକ ସମାଧାନ ପ୍ରଦାନ କରୁଛି। ବିଶେଷକରି ଭାରତରେ ସଂଗଠିତ ଋଣକୁ ତଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏକ ପ୍ରତିବଦ୍ଧତା ସହ ସହଯୋଗିତାଭିତ୍ତିକ ମଡେଲ ଅନୁସାରେ ନବସୃଜନ ଜାରି ରଖିଛି, ଯାହାଦ୍ୱାରା ଗ୍ରାହକମାନେ ବିଶେଷ ଭାବେ ଉପକୃତ ହେବେ। ସେହିଭଳି ଏହା ଜରିଆରେ ଆମର ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ ସହ ସୁହାଇବା ଭଳି ସମାଧାନ ପ୍ରଦାନ କରି ବ୍ୟାପକ ବର୍ଗରେ ଗ୍ରାହକଙ୍କୁ ଅତୁଳନୀୟ ଋଣ ସମାଧାନ ପ୍ରଦାନ କରିବା ଲାଗି ଫ୍ଲିପ୍‌କାର୍ଟ ସହ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଆନନ୍ଦିତ।

## ବାପୁଜୀନଗରରେ ଗ୍ଲେନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୮।୭



ଦେଶର ପ୍ରମୁଖ ହୋମ୍ ଆଣ୍ଡ କିଚେନ ଆପ୍ଲିଏନ୍ସ ବ୍ରାଣ୍ଡ୍ ଗ୍ଲେନ୍ (ଗ୍ଲେନ୍ ଆପ୍ଲିଏନ୍ସ ପ୍ରାଇଭେଟ୍ ଲିମିଟେଡ୍)ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱର ବାପୁଜୀ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଆପ୍ଲିଏନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି (ସେଲ୍‌ସ) ସୌମେନ୍ଦ୍ର ମହାନ୍ତିଙ୍କ ସମେତ କମ୍ପାନୀର ସୁପର ଡିଷ୍ଟ୍ରିବ୍ୟୁଟର ଓଡ଼ିଶା ସଞ୍ଜୟ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଗ୍ଲେନ୍ ଆପ୍ଲିଏନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସୁପର ଡିଷ୍ଟ୍ରିବ୍ୟୁଟର ଓଡ଼ିଶା ଆନୁକୂଲ୍ୟରେ ଶୁଭାରମ୍ଭ ହୋଇଥିବା ଗ୍ଲେନ୍ ଗ୍ୟାଲେରିରେ ବ୍ରାଣ୍ଡ୍ ବ୍ୟାପକ ସମ୍ଭାର ଉପଲବ୍ଧ। ବିଶେଷକରି ଚିମିନି,ଗ୍ୟାସ୍ ଷ୍ଟୋଭ, ବିଲ୍ଟ ଇନ୍ ହୋବ୍‌ସ, ମାଇକ୍ରୋୱେଭସ, ଓଭେନସ ସହ ଫୁଡ୍ ପ୍ରୋସେସର, ମିକ୍ସର ଗ୍ରାଇଣ୍ଡର ଭଳି ଅନେକ ଆବଶ୍ୟକ ଗୃହୋପକରଣ ଏଠାରେ ସୁଲଭ ମୂଲରେ ମିଳିଥାଏ। ଏପରିକି ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ଗ୍ରାହକଙ୍କ ବିଶ୍ୱାସଭାଜନ ପାଇଁ ବ୍ରାଣ୍ଡ୍ ଅନେକ ପ୍ରକାର ସୁବିଧା ଉପଭୋକ୍ତାଙ୍କୁ ଯୋଗାଇଦେଇଥାଏ ବୋଲି ସଞ୍ଜୟ ଚୌଧୁରୀ ବିସ୍ତୃତ ମତବ୍ୟକ୍ତ କରିଛନ୍ତି।

## ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର, ୮।୭

ରିଅଲ୍‌ମିର ନୂତନ ଉତ୍ପାଦ ରିଅଲ୍‌ମି ନାର୍‌ଜୋ ୬୦ ସିରିଜ୍ ୫ଜି ଓ ରିଅଲ୍‌ମି ବଡ୍‌ସ ୱାୟାରଲେସ୍ ୩'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ରିଅଲ୍‌ମି ନାର୍‌ଜୋ ୬୦ସିରିଜ୍ ୫ଜି ୨ଟି ଅତ୍ୟାଧୁନିକ ସ୍ମାର୍ଟଫୋନ୍ ରିଅଲ୍‌ମି ନାର୍‌ଜୋ ୬୦ପ୍ରୋ ୫ଜି ଓ ରିଅଲ୍‌ମି ନାର୍‌ଜୋ ୬୦ ୫ଜି ସମେତ ଏକ ନିମଜ୍ଜିତ ଅଡିଓ ଅନୁଭୂତି ପାଇଁ ଅତ୍ୟାଧୁନିକ ରିଅଲ୍‌ମି ବଡ୍‌ସ ଓ୍ୟାରଲେସ୍ ୩ର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ଏ ସମ୍ପର୍କରେ ରିଅଲ୍‌ମି ନାର୍‌ଜୋ ଇଣ୍ଡିଆର ମାର୍କେଟିଂ ଷ୍ଟ୍ରାଟେଜି ଲିଡ୍ ମନୀଷ ରାଣା କହିଛନ୍ତି, 'ରିଅଲ୍‌ମି ନୂଆ ଉଚ୍ଚତାକୁ ଛୁଇଁବା ଜାରି ରଖିଥିବାରୁ ଆମେ ଗର୍ବର ସହିତ ରିଅଲ୍‌ମି ନାର୍‌ଜୋ ୬୦ ସିରିଜ୍ ୫ଜି ଓ ବୈପ୍ଳବିକ ରିଅଲ୍‌ମି ବଡ୍‌ସ ଓ୍ୟାରଲେସ୍ ୩ ଇୟରବଡ୍‌କୁ ଉପସ୍ଥାପନ କରୁଛୁ, ଯାହା ଆମର 'ଡେୟାର ଟୁ ଲିପ୍' ଉତ୍ସାହର ଏକ ପ୍ରମାଣ । ବିଶେଷକରି ଉଦ୍ଭାବନ ଓ ଡିଜାଇନ୍ ପ୍ରତି ଏକ ନିରନ୍ତର ପ୍ରତିବଦ୍ଧତା ସହିତ ଆମେ ସେଗ୍‌ମେଣ୍ଟର ପ୍ରଥମ ୧ ଟିବି ଷ୍ଟୋରେଜ୍ ସ୍ମାର୍ଟଫୋନ୍ ନିର୍ମାଣ କରିଛୁ। ରିଅଲ୍‌ମି ନାର୍‌ଜୋ ୬୦ପ୍ରୋ ୫ଜି ୧୨ଜିବି +୧୨ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ସହ ସୁସଜ୍ଜିତ ରହିଛି ଏବଂ ଏହା ୧ ଟିବିର ରମ୍ ଷ୍ଟୋରେଜ୍ ସହ ଆସୁଥିବା ସେଗ୍‌ମେଂଟ୍‌ର ଏକମାତ୍ର ସ୍ମାର୍ଟଫୋନ୍ ଅଟେ। ଏହା ଡାଇମେନ୍‌ସିଟି ୭୦୫୦ ୫ଜି ଚିପ୍‌ସେଟ୍ ଉପରେ ପରିଚାଳିତ ଏବଂ ଏଥିରେ ୬୭ ୱାଟ୍ ସୁପର୍‌ଭିଓଓସି ଚାର୍ଜିଂ ସପୋର୍ଟ ସହିତ ଏକ ବିଶାଳ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି। ରିଅଲ୍‌ମି ନାର୍‌ଜୋ ୬୦ ପ୍ରୋ ୫ଜି ଦୁଇଟି ଆକର୍ଷଣୀୟ ରଙ୍ଗ ଯଥା ମାର୍ସ ଅରେଞ୍ଜି ଓ କସ୍‌ମିକ୍ ବ୍ଲାକ୍‌ରେ ଡିଜାଇନ କରାଯାଇଛି। ଏହାର ୩ଟି ଷ୍ଟୋରେଜ୍ ଭାରିଆଂଟ୍ ଯଥା ୮ଜିବି+୧୨୮ଜିବି ପାଇଁ ୨୩୯୯୯ ଟଙ୍କା, ୧୨ଜିବି+୨୫୬ ଜିବି ପାଇଁ ୨୬୯୯୯ ଟଙ୍କା ଏବଂ ୧୨ଜିବି+୧ ଟିବି ପାଇଁ ୨୯୯୯୯ ଟଙ୍କା ରହିଛି।

## ଆଇଆଇଟି ଦିଲ୍ଲୀ ସହ ଟିଏସ୍‌ଏଫ୍‌ର ବୁଝାମଣା

ଭୁବନେଶ୍ୱର, ୮।୭

ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ସକ୍ଷମ ଓ ଆଇଆଇଟି ଦିଲ୍ଲୀର ଆସିଷ୍ଟେକ୍ ଲାବ୍‌ର ଅଭିଯାନ ଜ୍ୟୋତିର୍ଗମୟ ସହ ନିକଟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ବିଶେଷକରି ଆସିଷ୍ଟିଭ୍ ଟେକ୍ନୋଲୋଜି ଜରିଆରେ ଦୃଷ୍ଟିହୀନମାନଙ୍କୁ ଚିହ୍ନଟ କରିବା ସହିତ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି। ଏପରିକି ଦୃଷ୍ଟିହୀନମାନଙ୍କୁ ପଢ଼ାପଢ଼ି ଓ ଲେଖାଲେଖିରେ ସ୍ୱାଧୀନ କରିବା ସହ ବିଭିନ୍ନ ପ୍ରକାର ଅନ୍‌ଲାଇନ କାର୍ଯ୍ୟକଳାପ ଯଥା ବ୍ୟାଙ୍କଖାତା ପରିଚାଳନା, ବ୍ୟାଙ୍କ କାରବାର, ରେଳ ଟିକେଟ ସଂରକ୍ଷଣ, ଅନ୍‌ଲାଇନ ଶପିଙ୍ଗ୍ କିମ୍ବା କୌଣସି ସ୍ଥାନରେ ପହଞ୍ଚିବା ଲାଗି ଗୁଗଲ୍ ମ୍ୟାପ୍ ବ୍ୟବହାର କରିବାରେ ସକ୍ଷମ କରିବା ଲାଗି ଆସିଷ୍ଟିଭ୍ ପ୍ରଯୁକ୍ତି ଆଧାରିତ ସମାଧାନର ଗୁରୁତ୍ୱକୁ ସ୍ୱୀକୃତି ପ୍ରଦାନ ଲାଗି ଜ୍ୟୋତିର୍ଗମୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସକ୍ଷମର ପ୍ରତିଷ୍ଠାତା ଡ. ଦୀପେନ୍ଦ୍ର ମନୋଚା ଓ ସକ୍ଷମର ଷ୍ଟ୍ରାଟେଜିକ୍ ଆଡଭାଇଜର ରାଜୀବ ରାତୁରୀ, ଟିଏସ୍‌ଏଫ୍‌ର ସିଇଓ ସୌରଭ ରାୟ ଓ ଟିଏସ୍‌ଏଫ୍‌ର ଦକ୍ଷତା ବିକାଶ ମୁଖ୍ୟ କ୍ୟାପ୍‌ଟେନ୍ ଅମିତାଭ ପ୍ରମୁଖ ଉକ୍ତ ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସିଇଓ ସୌରଭ ରାୟ କହିଛନ୍ତି, ଦିବ୍ୟାଙ୍ଗଙ୍କୁ ସମ୍ମାନ ଦେବା ଓ ସକ୍ଷମ କରିବାର ସନ୍ଧାନରେ ସବଲ୍ ପକ୍ଷରୁ ଏକ ପ୍ଲାଟ୍‌ଫର୍ମ ଗଠନ କରାଯାଇଛି, ଯାହା ନାଗରିକ ସମାଜ, କମ୍ପାନୀ ଓ ସାର୍ବଜନୀନ ବ୍ୟବସ୍ଥାକୁ ଏକଜୁଟ କରିଛି। ଏହା ପ୍ରତି ବର୍ଷ ୧୦,୦୦୦ରୁ ଅଧିକ ଲୋକଙ୍କ ସହ କାର୍ଯ୍ୟ କରୁଛି,ଯେଉଁଥିରେ ସମ୍ବେଦନଶୀଳ ଜୀବନଯାପନ କରୁଥିବା ଦିବ୍ୟାଙ୍ଗଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଉକ୍ତ ପ୍ରକଳ୍ପର ଲକ୍ଷ୍ୟ ହେଉଛି, ଦୃଷ୍ଟିହୀନ ଓ ପଢ଼ି ପାରୁ ନ ଥିବା ଲୋକଙ୍କ ମଧ୍ୟରେ ଆସିଷ୍ଟିଭ୍ ଟେକ୍ନୋଲୋଜି ଓ ତା'ର ବ୍ୟବହାରକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ ସେମାନେ ସମାଜରେ ତାହାର ସଚେତନତା ବଢ଼ାଇବେ ଏବଂ ବ୍ୟବହାରକାରୀଙ୍କ ନେଟ୍‌ୱର୍କ ସମ୍ପ୍ରସାରଣ କରିବେ। ଆସନ୍ତା ୨ ବର୍ଷରେ ୧୨୫୮ ଜଣ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିବାକୁ ପ୍ରକଳ୍ପ ଜରିଆରେ ଲକ୍ଷ୍ୟ ରଖାଯାଇଛି।


ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ)ର ସିଇଓ ଦିଲୀପ ଉମେନ୍ ନିକଟରେ ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରକୁ ଦିନିକିଆ ପରିଦର୍ଶନରେ ଆସି ଉଚ୍ଚ ପ୍ରଶଂସା କରିଥିବାବେଳେ ପ୍ରତ୍ୟେକ ଆଥ୍‌ଲେଟ୍ ଓଡ଼ିଶା ଏବଂ ଭାରତକୁ ପୁରସ୍କାର ଆଣିବେ ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ଡେପୁଟି ସେକ୍ରେଟାରି ରଞ୍ଜିତ ପରିଡ଼ା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗର ଭିପି ଆଶୁତୋଷ ତେଲେଙ୍ଗ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ପ୍ରୋଜେକ୍ଟର ଇଡି ରାଜୀବ ଭଚ୍ଚନାଗର, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟର ହେଡ୍ ଅରୁଣ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ଜିମ୍ନାଷ୍ଟିକ୍ ପ୍ରତିଭାଙ୍କ ସହ ଉଭୟ ଓଡ଼ିଶା ସରକାର ଓ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଫୁର୍‌ସତ୍

## ମାର୍କୁଣ୍ଡି ବେଶରେ ଲାମା

ନ୍ୟୁୟର୍କ

ଭାରତୀୟ ବିବାହରେ ବର ସହିତ ଜଣେ ମାର୍କୁଣ୍ଡି ଯିବାର ପରମ୍ପରା ରହିଛି। ଏବେ ବିଦେଶରେ ମଧ୍ୟ ଏହି ପରମ୍ପରା ଦେଖିବାକୁ ମିଳୁଛି। ହେଲେ ନିକଟରେ ଏକ ବିବାହ ଉତ୍ସବରେ ଏକ ପ୍ରାଣୀକୁ ମାର୍କୁଣ୍ଡି ଭାବେ ସାମିଲ କରାଯାଇଥିବା ନଜରକୁ ଆସିଛି। ଯାହାର ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ନ୍ୟୁୟର୍କରେ ଏକ ବିବାହ ଉତ୍ସବ ଆୟୋଜିତ ହୋଇଥିଲା। ଆମେରିକାର ପ୍ରାଣୀ ଲାମା (ଯାହା ଓଟର ଏକ ପ୍ରଜାତି)କୁ ସେଥିରେ ସାମିଲ କରାଯାଇଛି। ବିବାହରେ ଲାମା ସହ ଅନେକ ଲୋକ ଫଟୋ ଉଠାଇଛନ୍ତି। ପ୍ରଥମ ନଜରରେ ଲୋକେ ତାକୁ ବରଘର ପକ୍ଷରୁ ଆସିଥିବା ମାର୍କୁଣ୍ଡିର ସାଙ୍ଗ କିମ୍ବା ସମ୍ପର୍କୀୟ ବୋଲି ଭାବୁଥିଲେ। ହେଲେ ଭଲରେ ଦେଖିବା ପରେ ସେମାନେ ତାକୁ ଲାମା ବୋଲି ଚିହ୍ନିଥିଲେ। ଜଣେ ବ୍ୟକ୍ତି କହିଛନ୍ତି, ସେ ଆଗରୁ ବିବାହରେ କୁକୁର କିମ୍ବା ବିଲେଇକୁ ଦେଖିଛନ୍ତି, କିନ୍ତୁ ପ୍ରଥମ ଥର ପାଇଁ ସେ ବିବାହରେ ଏକ ଲାମାକୁ ଦେଖିଲେ। ସୂଚନାଯୋଗ୍ୟ, ଲାମାକୁ ସେମାନେ ଲାମା ଆଡ୍‌ଭେଞ୍ଚର ନାମକ ଏକ ୱେବ୍‌ସାଇଟ୍‌ରୁ ବୁକ୍ କରିଥିଲେ। ଏହି କମ୍ପାନୀ ଲାମାକୁ ବେଶ କରାଇ ବିବାହକୁ ପଠାଇଥାଏ। ତେବେ ବିବାହରେ ଲାମାର ୧ ଘଣ୍ଟାର ଉପସ୍ଥିତି ପାଇଁ କମ୍ପାନୀ ୧୨ ହଜାର ଟଙ୍କା ଚାର୍ଜ କରିଥିଲା।



## ଛାତ୍ର ଜୀବନରୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରଣା ଜରୁରୀ



**ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ**

**କୁ**ହାଯାଏ ଆଜିର ଶିଶୁ ଆଗାମୀ ଦିନର ନାଗରିକ। ତେଣୁ ରାଷ୍ଟ୍ର ନିର୍ମାଣର ପ୍ରେରଣା ଛାତ୍ର ଜୀବନରୁ ଆରମ୍ଭ ହେବା ଜରୁରୀ। ତେଣୁ ପ୍ରତିବର୍ଷ ଜୁଲାଇ ୯ରେ ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରତିଷ୍ଠା ଦିବସକୁ ଭାରତରେ 'ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ' ଭାବରେ ପାଳନ କରାଯାଇଥାଏ। ଅଖିଳ ଭାରତୀୟ ବିଦ୍ୟା ପରିଷଦ ହେଉଛି ଏକ ଭାରତୀୟ ଛାତ୍ର ସଂଗଠନ, ଯାହାର ଉଦ୍ଦେଶ୍ୟ ହେଉଛି ଛାତ୍ରର ଆଗ୍ରହ ଏବଂ ଜାତିର ଆଗ୍ରହକୁ ସଂଯୁକ୍ତ କରିବା। ବିଦ୍ୟାର୍ଥୀ ପରିଷଦର ସ୍ଲୋଗାନ ହେଉଛି ଜ୍ଞାନ, ନମ୍ରତା ଏବଂ ଏକତା। ବିଶ୍ୱର ସର୍ବବୃହତ୍ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗତ ୭୫ ବର୍ଷ ଧରି ଜାତୀୟ ସ୍ୱାର୍ଥ ଏବଂ ଛାତ୍ରଙ୍କ ଆଗ୍ରହରେ ସର୍ବଦା ସହଯୋଗ କରିଆସୁଛି। ଏହା ସହିତ, ସମୟ ସମୟରେ, ଯୁବ ପିଢ଼ିଙ୍କୁ ଜାତୀୟ ସ୍ୱାର୍ଥରେ ସଜାଗ ରଖିବା ସହିତ ଦେଶ ପ୍ରତି ସେମାନଙ୍କର ଦାୟିତ୍ୱ ବିଷୟରେ ମଧ୍ୟ ଅବଗତ କରାଉଛି। ଏବିଭିପି ୧୯୪୮ରେ ପ୍ରତିଷ୍ଠିତ ହୋଇଥିଲା କିନ୍ତୁ ଏହା ପଞ୍ଜୀକୃତ ହେବାପରେ ୯ ଜୁଲାଇ ୧୯୪୯ରେ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହା ଛାତ୍ର ଓ ଶିକ୍ଷକମାନଙ୍କ ଏକ ଗୋଷ୍ଠୀ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର କାର୍ଯ୍ୟକଳାପ ନାମମାତ୍ର ଥିଲା କିନ୍ତୁ ୧୯୫୮ ମସିହାରେ ମୁମ୍ବାଇର ପ୍ରଫେସର ଯଶଧ୍ୱନ୍ତରାଓ କେଲକରଙ୍କୁ ଏହାର ମୁଖ୍ୟ ସଂଯୋଜକ ଭାବରେ ନିଯୁକ୍ତ କରାଯିବା ପରେ ଏହାର କାର୍ଯ୍ୟକଳାପ ଯଥେଷ୍ଟ ବୃଦ୍ଧି ପାଇଥିଲା ଏବଂ ଏହା ସମଗ୍ର ଦେଶରେ ବିସ୍ତାର ହେବାକୁ ଲାଗିଥିଲା। ତେଣୁ ପ୍ରଫେସର ଯଶଓ୍ୱନ୍ତରାଓ କେଲକରଙ୍କୁ ଏବିଭିପିର ପ୍ରକୃତ ପ୍ରତିଷ୍ଠାତା ସଦସ୍ୟ ଭାବରେ ବିବେଚନା କରାଯାଇଥାଏ।

## ବିଶ୍ୱବ୍ୟାପୀ ୮୩ କୋଟି ରୋଜଗାର କଲା କାର୍ତ୍ତିକଙ୍କ ଫିଲ୍ମ



**ମୁମ୍ବାଇ:** ଅଭିନେତ୍ରୀ କିଆରା ଆଡ୍‌ଭାନୀ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା' ଗତ ଜୁନ୍ ୨୯ ତାରିଖରେ ବିଶ୍ୱବ୍ୟାପୀ ରିଲିଜ୍ ହୋଇଯାଇଛି। ଫିଲ୍ମରେ କିଆରା ଏବଂ କାର୍ତ୍ତିକଙ୍କ ଯୋଡ଼ିକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ମୁଭିଟି ବିଶ୍ୱବ୍ୟାପୀ ୮୩ କୋଟି ବକ୍ସ ଅଫିସ କଲେକ୍ସନ କରିଥିବା ଜଣାପଡ଼ିଛି। ତେବେ ୯ ଦିନରେ କେବଳ ଭାରତରୁ ୫୬ କୋଟି ରୋଜଗାର କରିଛି। ସମୀର ବିଦ୍ୱାନ୍ସ ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ସାଜିଦ୍ ନାଦିଆଡୱାଲା, ସରିନ୍ ମନ୍ତ୍ରୀ କେଡିଆ ଏବଂ କିଶୋର ଅରୋରା ଏଥିରେ ପ୍ରଯୋଜନା କରିଛନ୍ତି। ୬୦ କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ମୁଭିଟି ରୋମାଣ୍ଟିକ୍ ଡ୍ରାମା, ବୈବାହିକ ଜୀବନର ସମସ୍ୟାକୁ ନେଇ ପ୍ରସ୍ତୁତ ହୋଇଛି। ସିନେମାରେ ସୁପ୍ରିୟା ପାଠକ କପୁର, ଗଜରାଜ ରାଓ, ସିଦ୍ଧାର୍ଥ ରନ୍ଧେରିଆ, ଅନୁରାଧା ପଟେଲ, ରାଜପାଲ ଯାଦବ, ଶିଖା ତଲସାନିଆ ପ୍ରମୁଖ ଭିନ୍ନ ଭିନ୍ନ ଚରିତ୍ରରେ ନଜରକୁ ଆସିଛନ୍ତି। ନିକଟରେ ସେ ମୁମ୍ବାଇରେ ୧୭ କୋଟି ୫୦ ଲକ୍ଷ ଟଙ୍କାର ଏକ ସୌଖୀନ ଘର କିଣିଛନ୍ତି, ଯାହା ୧୯୧୬ ବର୍ଗକ୍ଷେତ୍ର ଅଞ୍ଚଳରେ ପରିବ୍ୟାପ୍ତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ବାବୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦ୍ୱିତୀୟ ରାଉଣ୍ଡରେ ବୋପାନ୍ନା-ଇବିଡେନ୍

ଉମ୍ବ୍ଲେଡନ, ୮।୭ (ପି.ଟି.): ଭାରତର ରୋହନ ବୋପାନ୍ନା ଏବଂ ଅଷ୍ଟ୍ରେଲିଆର ମାଥ୍ୟୁ ଏବିଡେନ୍ ଉମ୍ବ୍ଲେଡନ ଓପନ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡରେ ୬ଷ୍ଠ ସିଡ୍ ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ି ୬-୨, ୬-୭ (୫-୭), ୭-୬ (୧୦-୮)ରେ ଆର୍ଜେଣ୍ଟିନାର ଗୁଇଲରମୋ ଡୁରାନ ଓ ଟୋମାସ ଇଚିଭେରିଙ୍କୁ ହରାଇ ଦେଇଛନ୍ତି।

# ଜୁଲାଇ ୨୨ ଯାଏ ଆଇଓଏକୁ ମହଲତ

**ନୂଆଦିଲ୍ଲୀ, ୮।୭ (ପି.ଟି.):** ଏସିଆନ ଗେମ୍ସ ଓ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ର ଟ୍ରାଏଲ୍ସକୁ ନେଇ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ଦ୍ୱାରା ନିଯୁକ୍ତ ଆଡ୍‌ହକ ପ୍ୟାନେଲକୁ ଏକ ସପ୍ତାହର ମହଲତ ଦେଇଛି ଅଲିମ୍ପିକ୍ କାଉନ୍‌ସିଲ୍ ଅଫ୍ ଏସିଆ(ଓସିଏ)। ପୂର୍ବରୁ ଜୁଲାଇ ୧୫ ତାରିଖ ଟ୍ରାଏଲ୍ସ ପାଇଁ ନିର୍ଦ୍ଧାରଣ କରାଯାଇଥିଲା। ଆନ୍ଦୋଳନରତ ରେସ୍‌ଲରମାନଙ୍କୁ ସମୟ ଦେବା ପାଇଁ ରେସଲିଂ ଟ୍ରାଏଲ୍ସକୁ ଘୁଞ୍ଚାଇବା ଲାଗି ଦାବି କରାଯାଉଥିବା ବେଳେ ଅଲିମ୍ପିକ୍ କାଉନ୍‌ସିଲ୍ ଅଫ୍ ଏସିଆ(ଓସିଏ) ଏହାକୁ ବିରୋଧ କରୁଥିଲା। ତେବେ ଆଇଓଏ ସଭାପତି ପିଟି ଉଷାଙ୍କ ଅନୁରୋଧ ପରେ ପୂର୍ବ ନିର୍ଦ୍ଧାରିତ ଜୁଲାଇ ୧୫ ତାରିଖ ପରିବର୍ତ୍ତେ ଜୁଲାଇ ୨୩ ସୁଦ୍ଧା ଚୂଡ଼ାନ୍ତ ନାମ ତାଲିକା ପଠାଇବା ପାଇଁ ଓସିଏ କହିଛି।ଏପରି ରିହାତି ସାଧାରଣତଃ ପ୍ରଦାନ କରାଯାଇନଥାଏ। ତେବେ ବ୍ୟାଙ୍କକ୍‌ରେ ଓସିଏର ସାଧାରଣ ବୈଠକରେ ଆଇଓଏ ସଭାପତି ପିଟି ଉଷା, ବରିଷ୍ଠ ଉପ ସଭାପତି ଅଜୟ ପଟେଲ ଓ ଯୁଗ୍ମ ସଚିବ କଲ୍ୟାଣ ଚୌବେ ଯୋଗ ଦେଇଥିଲେ। ସେମାନଙ୍କ ଅନୁରୋଧ କ୍ରମେ ଓସିଏ ଏକ ସପ୍ତାହ ଅଧିକ ଦେବାକୁ ନିଷ୍ପତ୍ତି ନେଇଛି। ଆଇଓଏ ପକ୍ଷରୁ ଏହି ଅବଧିକୁ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ପ୍ରୟାସ କରାଯାଇଥିଲେ ହେଁ

ଆନ୍ଦୋଳନରତ ରେସ୍‌ଲର ମାନଙ୍କୁ ସୁଯୋଗ ଦେବା ପାଇଁ ଆଇଓଏ ଏହି ପ୍ରୟାସ କରିଥିଲା। ମଙ୍ଗଳବାର ଆଡ୍‌ହକ ପ୍ୟାନେଲର ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ଆସି ନ ଥିଲା। ପୂର୍ବରୁ ରେସ୍‌ଲରମାନଙ୍କୁ ଏକ ୱାନ୍ ବାଉଟ୍ ସୁଯୋଗ ଦେବା ପାଇଁ ବାଜୱା ନିଷ୍ପତ୍ତି ନେଇଥିଲେ। ଯାହାକୁ ସମସ୍ତେ ବିରୋଧ କରିଥିଲେ।

# ବଲାଲ ସ୍ୱର୍ଣ୍ଣ, ନାରାୟଣ ରୌପ୍ୟ, ଶୁଭମଙ୍କୁ ବ୍ରୋଞ୍ଜ



## ଦକ୍ଷିଣ ଏସୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଭୁବନେଶ୍ୱର, ୮।୭ (ବିଜୟ ରଣା)

ମାଳଦ୍ୱୀପରେ ଦକ୍ଷିଣ ଏସିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩ଜଣ ପଦକ ଜିତିଛନ୍ତି। ସେମାନଙ୍କ ମଧ୍ୟରୁ ବଲାଲ ଖାଁ ଓ ନାରାୟଣ ବାରିକ ୬୫କେଜି ଓଜନ ଶ୍ରେଣୀରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ବେଳେ ଶୁଭମ ମିଶ୍ର ଆଥଲେଟିକ୍ ଫିଜିକ୍‌ରେ ବ୍ରୋଞ୍ଜ ପଦକ ହାସଲ କରି ଭାରତ ଓ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ପୂର୍ବରୁ ଗୋଆରେ ଅନୁଷ୍ଠିତ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ଚୟନ ଶିବିରରେ ଯୋଗଦେଇ ଏମାନେ ଜାତୀୟ କମିଟି ଦ୍ୱାରା ମନୋନୀତ ହୋଇଥିଲେ। ଏହି ସଫଳତା ପାଇଁ ଭାରତୀୟ ବଡି ବିଲ୍‌ଡିଂ ଆସୋସିଏଶନ ଏବଂ ଓଡ଼ିଶା ବଡି ବିଲ୍‌ଡିଂ ଫେଡେରେଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଦେବାଶିଷଙ୍କୁ ତୃତୀୟ ସ୍ଥାନ




ଭୁବନେଶ୍ୱର, ୮।୭ (ସରୋଜ ଜେନା)

ଯୁବ ଟେନିସ୍ ଖେଳାଳି ଦେବାଶିଷ ସାହୁ ଇରାନରେ ଅନୁଷ୍ଠିତ ଆଇଟିଏଫ୍ ଜେ ୧୦୦ ଅନ୍ତର୍ଜାତୀୟ ଟେନିସ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସମଗ୍ର ବିଶ୍ୱରୁ ୩୨ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ୩ ଜୁଲାଇରୁ ୮ ଜୁଲାଇ ପର୍ଯ୍ୟନ୍ତ ଏହି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ରାଉଣ୍ଡରେ ରୁଷିଆର ପାଭେଲ ଚେରେଭାଟିଙ୍କୁ ୪-୬, ୬-୦ ଓ ୬-୨ରେ ପରାସ୍ତ କରିଥିବା ବେଳେ ପରବର୍ତ୍ତୀ ରାଉଣ୍ଡରେ ତୁର୍କୀର ଆରିଲ କାୟରା ଟୁନାଙ୍କୁ ୭-୬, ୬-୭ ଓ ୬-୨ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ। କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଜଙ୍ଗର ନର୍ଲାନୁଲିଙ୍କୁ ୭-୬, ୧-୬, ୬-୪ ସେଟରେ ପରାସ୍ତ କରିଥିଲେ ଦେବାଶିଷ। ସେମିଫାଇନାଲରେ ଅନ୍ୟତମ କାଜାଖସ୍ତାନ ଖେଳାଳି ଦାନିୟଲ ରଖମତୁଲ୍ଲାୟେଭଙ୍କ ନିକଟରୁ ହାରି ଯାଇଥିଲେ ଦେବାଶିଷ। ଭାରତ ପକ୍ଷରୁ ଜୁନିୟର ଡେଭିସ୍ କପ୍ ଖେଳିଥିବା ଦେବାଶିଷଙ୍କୁ ଏହି ଟୁର୍ନାମେଣ୍ଟରୁ ୩୬ ଆଇଟିଏଫ୍ ପଏଣ୍ଟ ମିଳିଥିବା ବେଳେ ତାଙ୍କର ଆଇଟିଏଫ୍ ର୍ୟାଙ୍କିଂ ୩୫୫ରେ ପହଞ୍ଚିଛି।

# ଶଟ୍‌ପୁଟର କରନବୀର ଡୋପ୍ ଟେଷ୍ଟରେ ବିଫଳ




ନୂଆଦିଲ୍ଲୀ, ୮।୭ (ପି.ଟି.)

ଶଟ ପୁଟର କରନବୀର ସିଂ ନିକଟରେ ପ୍ରତିଯୋଗିତା ବାହାରେ ହୋଇଥିବା ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଫଳରେ ଆସନ୍ତା ସପ୍ତାହରେ ବ୍ୟାଙ୍କକ୍‌ଠାରେ ହେବାକୁଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ତାଙ୍କୁ ଭାରତୀୟ ଦଳରୁ ଓହରିଯିବାକୁ ହେବ। ପଟିଆଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ ଟ୍ରେନିଂ ନେଉଥିବା କରନବୀରଙ୍କ ନାମ ଜୁଲାଇ ୧୨-୧୬ କଣ୍ଟିନେଣ୍ଟାଲ ଇଭେଣ୍ଟ ପାଇଁ ମନୋନୀତ ୫୪ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇଥିଲା। ଭାରତୀୟ ଦଳ ଶନିବାର ରାତିରେ ଥାଇଲାଣ୍ଡ ଗସ୍ତ କରିବ। କରନବୀର ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ବିଷୟ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଅଦିଲ ସୁମାରିୱାଲା ସ୍ପଷ୍ଟ କରିଛନ୍ତି। ଡୋପ୍ ଟେଷ୍ଟର ତାରିଖ କିମ୍ବା ନିଷିଦ୍ଧ ଉପାଦାନର ନାମ ଜଣାପଡ଼ି ନାହିଁ।


# Classified Everyday
0674-2580101, 2549949



REAL ESTATE

**SALE**

Lands: Open plots House apartments for sale in Visakhapatnam city. 6302162943, 9493483749. D-0777

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

**Gated community well developed conversion plots, 30 feet road with boundary wall available near Kalinganagar Market. 8984569163, 8456920764.** D-71680

ମୋର ନିଜସ୍ୱ **plot** ଖଣ୍ଡଗିରି **AMRI Hospital** ପାଖରେ ଏବଂ ଘାଟିକିଆରେ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-0773

ପିପିଲି ଟୋଲ 600 ମିଟର Vastuviharରେ 650sqft. duplex (23L) ବିକ୍ରି, 9861132244. D-75007

Duplex sale at Bhubaneswar @ 57 Lakhs only. Contact: 9777433701. D-74881

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-75003

Centrally located HIG Duplex Dharmavihar, Bhubaneswar for sale. Contact: 9437482701. D-73775



Healthcare

Herbal full body massage by smart/expert therapist. Contact: 9124139069. D-75005

Newly open Spa positively health benefits with expert therapist. 9040286886. D-75127

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75004

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

Spa Kerala Body Massage only best Therapist @699/- Bhubaneswar, 9337672475. D-0750

**Body massage by experience, good looking therapist @999/-. (Bhubaneswar) 9078484455.** D-0759

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଷଷ୍ଠ ଜନ୍ମବାର୍ଷିକ ଶୁଭେଚ୍ଛା



(ବାବୁନି)

ଭୂମିନ୍ ପ୍ରିୟଦର୍ଶୀ

ଆଜି ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା ଓ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୦୭୫୬



FOR RENT

Independent 3BHK house Udaygiri Vihar near AIIMS, BBSR. Contact: 7008878102. D-75006

Tolet at Patharagadia on Ganesh Vihar road side near to KIIMS, KIISS, DLF, Cybercity Infosys, Silicon Ground floor 1400 sqft. 2 BHK, 2 bathroom, pooja gruha, 2nd Floor- 1600 sqft. 3 BHK, 4 bathroom, pooja gruha and parking. Contact: 6371096067. D-0753

**To-let 2200square foot 1st floor price @25/- square foot Near Sai International School, Patia Contact9439856856 9040116788.** D-0768

04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

Notice U/O-5 Rule-20 C.P.C.
IN THE COURT OF THE IST ADDL. CIVIL JUDGE (S.D.), CUTTACK. Civil Suit No.479/2007
Swarnalata Bhol & others. .....Plaintiff
-Versus-
Pradipta Kumar Samal & others. .... Defendants.
To
1. Pradipta Kumar Samal, aged about 64 years S/o Late Kulamani Samal. 2. Pravat Kumar Samal. (Dead), 2(a) Diptimayee Samal, aged about 58 years, W/o. Late Pravat Kumar Samal, 2(b) Alok Ranjan Samal, aged about 35 years, 2(c) Jyoti Prakash Samal, aged about 33 years Both are. Sons of Late Pravat Kumar Samal All are of 132 Bapuji Nagar, Lane-9, P.O. Bapuji Nagar, P.S: New Capital, Bhubaneswar, 3. Smt. Rashmi Samal, aged about 57 years, W/o. Kulamani Mallick, At-Artamul, P.O: Karata, P.S./Dist: Jagatsinghpur, At Present- At-Shrusti Villa, P.O: Rasulgarh, Bhubaneswar, Dist: Khurda. 4. Leelabati Samal, aged about 64 years, At: Bangali Sahi, P.S: Purighat Town/Dist: Cuttack. 5. Kalabati Samal, aged about 62 years, W/o- Chittaranjan Mohapatra, At: Chatua, P.O./P.S.- Kujanga, Dist.- Jagatsinghpur, At: Present: At- Shrusti Villa, P.O.- Rasulgarh, P.S.- Laxmisagar, Bhubaneswar, Dist.- Khurda, Sl.- No.-3 to 5 are daughters of Late Kulamani Samal, 6. Bidulata Samal, aged about 65 years, W/o- Late Rajendra Samal, 7. Biswaranjan Samal, aged about 43 years, S/o- Late Rajendra Samal, 8. Monalisa Samal, aged about 35 years, D/o- Late Rajendra Samal, 9. Brajendra Samal (Dead), 9(a) Bijaya Samal, aged about 65 years, W/o- Late Brajendra Samal, 9(b) Jyoti Ranjan Samal, aged about 36 years, 9(c) Soumya Ranjan Samal, aged about 34 years, S/o- Late Brajendra Samal, 10. Nupendra Samal, aged about 62 years, S/o- Late Bhagabat Samal, all are of Vill: Badagaon, P.O.- Ashram Balikuda, P.S.- Marshaghai, Dist.- Kendrapara, 11. Manjulata Samal, aged about 54 years, W/o- Rabindra Choudhury, D/o- Late Bhagabat Samal, At: Pipal, P.O.-Bhutmundai, P.S.- Paradeep, Dist.- Jagatsinghpur, 12. Mahendra Samal, aged about 57 years, S/o- Late Bhagabat Samal, 13. Sridhar Swain, aged about 68 years, 14. Narahari Swain, aged about 77 years, Sl No.-13 and 14 are sons of Late Janakar Swain, 15. Prahallad Charan Swain, aged about 60 years, S/o- Laxmidhar Swain, At/P.O.- Badapal, P.S./Dist.- Kendrapara ......Defendants.
16. Sukadev Behera, aged about 53 years, 17. Karunakar Behera, aged about 51 years, S.l No.-16 and 17 are sons of Late Dhaneswar Behera, 18. Manmohan Behera, aged about 67 years, S/o- Radhu Behera, 19. Iswar Chandra Behera, aged about 83 years, 20. Rajanikanta Behera, aged about 81 years, 21. Purna Chandra Behera, aged about 66 years, 22. Gunamani Behera, aged about 63 years, Sl.- No.-19 to 22 are sons of Late Radhu Behera, Sl.- No.-16 to 22 are resident of At: Athabatia, P.O.- Ashram Balikuda, P.S.- Patkura, Dist.- Kendrapara, 23. Akshaya Kumar Samal, aged about 80 years, 24. Anil Kumar Samal, aged about 67 years, 25. Adwaita Kumar Samal, aged about 63 years, 26. Ashok Kumar Samal, aged about 58 years, 27. Amiya Kumar Samal, aged about 57 years, 28. Aruna Kumar Samal, aged about 55 years, Sl.- No.-23 to 28 are sons of Late Dhanu Samal. Sl. 1, 2 (a) to 2 (c), 6 to 10, 12 to 15 and 23 to 28 are of Village: Badagaon, P.O- Ashram Balikuda, P.S.- Patkura, Dist.- Kendrapara .....Proforma Defendants.
ଏତଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମା ସାନି ବିଚାର ନିମନ୍ତେ ଆସନ୍ତା ତା୨୭।୦୭।୨୩ରିଖ ଦିବା ୧୦ଘଣ୍ଟା ୩୦ମିନିଟ୍ ସମୟକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ ହୋଇଅଛି। ଧାର୍ଯ୍ୟ ତାରିଖରେ ତୁମ୍ଭେ କିମ୍ବା ତୁମ୍ଭ ତରଫରୁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ହାଜର ହୋଇ ଶୁଣାଣିରେ ସହଯୋଗ କରିବେ। ନଚେତ୍ ଆଇନ ଅନୁଯାୟୀ ତୁମ୍ଭ ଅନୁପସ୍ଥିତିରେ ମୋକଦ୍ଦମା ବିଚାର କରାଯିବ।
ଅତ୍ର ଅଦାଲତର ସ୍ୱାକ୍ଷର ଓ ମୋହରକ୍ରମେ ତା୦୪।୦୭।୨୩ରିଖେ ଦିଆଗଲା।
ସ୍ୱା./- ପ୍ରଥମ ଅତିରିକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନ୍, କଟକ
ଧ-୦୭୬୬

In the Court of Addl. Principal Judge, Addl. Family Court-2, East Singhbhum at Jamshedpur, Camp Court, Ghatshila Original Matrimonial Case No.-311/2021
Priyadarshini Das ... Applicant
Versus
Manoj Kumar Das ....Respondent
To,
Manoj Kumar Das, S/o-Late Gokulanand Das, Permanent R/o-Dasrathpur, Bandhasahi, P.O.-Dasrathpur, P.S.-Mangalpur, Dist.-Jajpur, Odisha, Present R/o-Sundaram Apartment, Room No.-203, Mani Nagar, Near Shyam Arcade, Kadodara, Surat, Gujarat
Whereas the above named petitioner Priyadarshini Das has filed the above noted matrimonial case in this Court against you under Section 125 Cr.P.C. and notices have been issued through speed post but you have failed to appear before this Court.
You are hereby directed to appear before this Court physically on 19th day of July 2023 as 11.00 A.M. to answer the same, failing which, the case shall be heard Ex Parte in your absence in accordance with law.
Given under my hand and seal of this Court on this the 17th day of May, 2023.
Sd./- (Gati Krishna Tewary) Addl. Principal Judge, Addl. Family Court-2, Jamshedpur Camp Court, Ghatshila
D-0783

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଚଞ୍ଚଳା ଜଗଦେବ

*ପରିବର୍ତ୍ତିନି ସଂସାରେ ମୃତ କୋ୍ବା ନଜାୟତେ ସଜାତେ ଯେନ ଜାତେନ ଜାତି ବଂଶ ସମୁନ୍ନତିମ୍ ॥*
ଶବରସାହି, କଳ୍ପନା ଏରିଆ, ଭୁବନେଶ୍ୱର
ଆବିର୍ଭାବ- ୨୦।୦୭।୧୯୪୬
ତିରୋଧାନ- ୧୯।୦୭।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ଗଭୀର ଶ୍ରଦ୍ଧାଞ୍ଜଳି।
ଆପଣଙ୍କର ପରିବାରବର୍ଗ।
ଧ-୦୭୭୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶରତ କୁମାର ମିଶ୍ର

ଜୟପୁର, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୮।୦୪।୧୯୩୨
ତିରୋଧାନ: ୧୯।୦୭।୨୦୨୨
ଚାହୁଁ ଚାହୁଁ ବର୍ଷେ ପୁରିଗଲା। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ ଏବଂ ପରିବାରବର୍ଗ।
ଧ-୭୩୫୪୬

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଜୁଲାଇ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ତ୍ରି ଫେଷ୍ଟିଭାଲ୍ .................. ରାଜ୍ୟରେ ପାଳନ କରାଯାଏ ?
୨– 'ଲାଇଫ୍ ଇଜ୍ ବ୍ୟୁଟିଫୁଲ୍' ଫିଲ୍ମର ଡାଇରେକ୍ଟର ............. ?
୩– 'ନ୍ୟାସ୍‌ନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରୀ ଡେ' .......... ତାରିଖରେ ପାଳନ କରାଯାଏ ?
୪– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟ ଗିରି ................ ?
୫– ............ ନଦୀକୁ ଫାଦର ଅଫ୍ ଆଫ୍ରିକାନ ରିଭର ବୋଲି କୁହାଯାଏ ?

## ଗତ ଥରର ଉତ୍ତର

୧ ପେଟା
୨ ଟେବୁଲ୍ ଟେନିସ୍
୩ ୧୯୩୦
୪ ଆତ୍ମପ୍ରକାଶ
୫ ଆଫ୍ରିକା

## ଉତ୍ତରଦାତା


କଳ୍ପନା ବେହେରା, ଭୁବନେଶ୍ୱର


କପିଳ କୁମାର ବେହେରା, କେନ୍ଦୁଝର


ଏନ୍. ନୀଳମାଧବ ପାତ୍ର, ବଡଗଡ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଧନୀ ମନ୍ଦିର

୧– ପଦ୍ମନାଭସ୍ୱାମୀ ମନ୍ଦିର......................... କେରଳ
୨– ତିରୁମାଲା ତିରୁପତି ଭେଙ୍କଟେଶ୍ୱର ମନ୍ଦିର....... ଆନ୍ଧ୍ରପ୍ରଦେଶ
୩– ଶିରିଡ଼ି ସାଇବାବା ମନ୍ଦିର....................... ମହାରାଷ୍ଟ୍ର
୪– ସୋମନାଥ ମନ୍ଦିର.............................. ଗୁଜରାଟ
୫– ବୈଷ୍ଣୋଦେବୀ ମନ୍ଦିର........................... କାର୍ତ୍ତା, ଜମ୍ମୁ କଶ୍ମୀର
୬– ଶବରିମାଳା ମନ୍ଦିର............................. କେରଳ
୭– ପ୍ରେମ ମନ୍ଦିର.................................. ଉତ୍ତରପ୍ରଦେଶ
୮– ଶ୍ରୀମନ୍ଦିର....................................... ପୁରୀ, ଓଡ଼ିଶା
୯– ସିଦ୍ଧି ବିନାୟକ ମନ୍ଦିର......................... ମୁମ୍ବାଇ, ମହାରାଷ୍ଟ୍ର
୧୦– କାଶୀ ବିଶ୍ୱନାଥ ମନ୍ଦିର........................ ବାରାଣସୀ, ଉତ୍ତରପ୍ରଦେଶ

## ଜାଣନ୍ତୁ ଦୁନିଆ

# କୁକୁର

**କୁକୁର ଏମିତି ଏକ ପ୍ରାଣୀ ଯାହା ପ୍ରାୟ ସବୁ ସ୍ଥାନରେ ଦେଖିବାକୁ ମିଳେ। ଅନେକଙ୍କର ପୋଷା କୁକୁର ରଖିବାର ସଉକ ମଧ୍ୟ ରହିଛି। କେବଳ ଏତିକି ନୁହେଁ, ପୋଲିସ୍ ବିଭାଗରେ ଅପରାଧୀଙ୍କୁ ଧରିବା ଲାଗି ବି ଏହାକୁ ବ୍ୟବହାର କରାଯାଏ। ଜାଣିବା କୁକୁର ସମ୍ପର୍କରେ କେତେକ ଜଣା ଅଜଣା ତଥ୍ୟ...**



● ଯେପରି ପ୍ରତ୍ୟେକ ମଣିଷର ଟିପଚିହ୍ନ ଭିନ୍ନ, ସେହିପରି କୁକୁରଙ୍କ ନାକ ମଧ୍ୟ ପରସ୍ପରଠୁ ଭିନ୍ନ ହୋଇଥାଏ। କୁକୁରଙ୍କ ଘ୍ରାଣଶକ୍ତି ମଣିଷଠାରୁ ପ୍ରାୟ ୪୦ ଗୁଣ ଅଧିକ।

● କୁକୁର ଛୁଆଟିଏ ଜନ୍ମ ହେବା ବେଳେ ଦୃଷ୍ଟିହୀନ ଏବଂ ବଧିର ହୋଇଥାଏ। ଜନ୍ମ ସମୟରେ ସେମାନଙ୍କ ଦାନ୍ତ ମଧ୍ୟ ଉଠି ନ ଥାଏ। ପରେ ଛୋଟ କୁକୁରର ପ୍ରଥମେ ମାତ୍ର ୨୮ଟି ଦାନ୍ତ ଉଠୁଥିବା ବେଳେ ଏହା ଝଡ଼ିଯିବା ପରେ ୨ୟ ଥର ୪୨ଟି ଦାନ୍ତ ଉଠିଥାଏ।

● ଭୁକିବା କୁକୁରର ଏକ ସହଜାତ ପ୍ରକୃତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ



ବାସେଞ୍ଜି ନାମକ ଏକ କୁକୁର ପ୍ରଜାତି ଆଦୌ ଭୁକି ନ ଥା'ନ୍ତି। କିନ୍ତୁ ଏହି କୁକୁର ପ୍ରଜାତି ଖୁବ୍ ବୁଦ୍ଧିଆ।

● ସାଧାରଣତଃ ପ୍ରାୟ ସବୁ ପ୍ରଜାତିର କୁକୁରଙ୍କ ଜିଭର ରଙ୍ଗ ଗୋଲାପୀ ହୋଇଥିବା ବେଳେ ଚାଉଚାଉ ଏବଂ ଶାର୍ ପିଜ୍ ନାମକ ଦୁଇ ପ୍ରଜାତିର କୁକୁରଙ୍କ ଜିଭର ରଙ୍ଗ କଳା।

● କୁକୁର ମଣିଷଙ୍କ ପରି ସ୍ୱପ୍ନ ଦେଖନ୍ତି। ତେବେ ବଡ କୁକୁରଙ୍କ ତୁଳନାରେ ଛୋଟ କୁକୁର ଅଧିକ ସ୍ୱପ୍ନ ଦେଖନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି।

● ସମସ୍ତ କୁକୁର ପ୍ରଜାତି ମଧ୍ୟରେ ଲାବ୍ରାଡର୍ ପ୍ରଜାତି ସବୁଠୁ ଲୋକପ୍ରିୟ। ଆମେରିକାରେ ସର୍ବାଧିକ ଏହାକୁ ପୋଷା କୁକୁର ଭାବେ ରଖିଥିବା ଦେଖିବାକୁ ମିଳିଥାଏ।

● ପୃଥିବୀରେ ଥିବା ବିଭିନ୍ନ କୁକୁର ପ୍ରଜାତି ମଧ୍ୟରେ ଗ୍ରେଟ୍ ଡେନ୍ ପ୍ରଜାତି ସବୁଠୁ ଡେଙ୍ଗା, ଯାହାର ସାଧାରଣ ଉଚ୍ଚତା ହେଉଛି ୩ ଫୁଟ୍ ବା ୩୬ ଇଞ୍ଚ ଏବଂ ଓଜନ ୫୦–୯୦ କେଜି। ତେବେ ଏହି ପ୍ରଜାତିର ଜେଅସ୍ ନାମକ ୪୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏକ କୁକୁର ପୃଥିବୀର ସବୁଠୁ ବଡ଼ କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ସେହିପରି ଚିହୁଆହୁଆ ହେଉଛି ପୃଥିବୀର ସବୁଠୁ ଛୋଟ କୁକୁର ପ୍ରଜାତି, ଯାହାର ଓଜନ ମାତ୍ର ୨.୭ କେଜି.।

● ନ୍ୟୁଫାଉଣ୍ଡଲାଣ୍ଡ୍ ପ୍ରଜାତି କୁକୁରର ଶରୀର ଗଠନ ଏଭଳି ଯାହାଦ୍ୱାରା ସେମାନେ ପାଣିରେ ଭଲ ଭାବେ ପହଁରି ମଧ୍ୟ ପାରନ୍ତି। ଯେଉଁଥିପାଇଁ ଏମାନଙ୍କୁ ମାଛଧରାଳି କିମ୍ବା ବୁଡ଼ିଯାଉଥିବା ଲୋକଙ୍କୁ ବଞ୍ଚାଇବା ଲାଗି ଲାଇଫ୍‌ଗାର୍ଡ ଭାବେ ବ୍ୟବହାର କରାଯାଏ।

– ଆଫ୍ରିକାନ୍ ହଣ୍ଟିଙ୍ଗ୍ ଡଗ୍ ସବୁଠାରୁ ତୀବ୍ର ଶିକାରୀ ପଶୁ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।



# ମର୍ନିଂ ୱାକ୍

**ସକାଳୁ କିଛି ସମୟ ଚାଲିବା ବା ମର୍ନିଂୱାକ୍ ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକଙ୍କ ପାଇଁ ପାଲଟିଛି ଫିଟ୍‌ନେସ୍ ମନ୍ତ୍ର। ଏହି ଅଭ୍ୟାସ ଉଭୟ ଶାରୀରିକ ବରଂ ମାନସିକ ସ୍ତରରେ ସୁସ୍ଥ ରହିବାରେ କରୁଛି ସାହାଯ୍ୟ। ପଢା କିମ୍ବା ଜବ୍ ଆଦିର ଷ୍ଟ୍ରେସ୍, କୌଣସି କାରଣକୁ ନେଇ ଅବସାଦ, ନିଦ ନ ଆସିବା ଆଦି ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରୁଥିବାରୁ ଯୁବପିଢ଼ି ଏଥିପ୍ରତି ବେଶ୍ ଆଗ୍ରହୀ ହେଉଛନ୍ତି...**







ଆଜିର ପରିବର୍ତ୍ତିତ ଜୀବନଶୈଳୀ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଯେଉଁଥିରୁ ଦୂରେଇ ରହିବା ଲାଗି ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରତିଦିନ କିଛି ସମୟ ବ୍ୟାୟାମ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ଏମିତିରେ ମର୍ନିଂ ୱାକ୍ ପାଲଟିଛି ଅନେକଙ୍କ ପାଇଁ ଫିଟ୍‌ନେସ୍ ମନ୍ତ୍ର।

**ବଢ଼ାଏ ରୋଗପ୍ରତିରୋଧକ ଶକ୍ତି:** ଏକ ଗବେଷଣା ରିପୋର୍ଟ ମୁତାବକ ଯଦି ଜଣେ ଦୈନିକ ୨୦–୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ ତେବେ ତା'ର ମାନସିକ ସ୍ୱାସ୍ଥ୍ୟ ପାଇଁ ଏହା ଔଷଧ ଭଳି କାର୍ଯ୍ୟ କରିବ। ମାତ୍ର ୫–୬ ଦିନ ମଧ୍ୟରେ ଏହାର ଉପକାରିତା ବି ଜାଣିହୁଏ। ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ।

**କାର୍ଯ୍ୟଦକ୍ଷତା ବୃଦ୍ଧିକରେ:** ଏହା ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଦିନ ସାରା କାମ କରିବା ଲାଗି ଏହା ଶକ୍ତି ଯୋଗାଇଥାଏ। କେବଳ ଏତିକି ନୁହେଁ, ରାତିରେ ଭଲ ନିଦ ପାଇଁ ମଧ୍ୟ ଏହା ବେଶ୍ ଉପକାରୀ।

**ହୃତ୍‌ପିଣ୍ଡକୁ ରଖେ ସୁସ୍ଥ:** ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ରକ୍ତରେ ଶର୍କରା, କୋଲେଷ୍ଟେରଲ୍ ପରିମାଣ ଏବଂ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ଏବଂ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ତା'ଛଡା ସକାଳୁ ଖୋଲାପବନରେ ନିଃଶ୍ୱାସ ନେବା ମଧ୍ୟ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

**ମନକୁ ରଖେ ଖୁସି:** କେବଳ ଚାଲିବା ନୁହେଁ, ଏହା ସହ କିଛି ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍‌ମୋନ୍ କ୍ଷରଣ ହୋଇଥାଏ। ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ, ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂର କରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ। ସେହିଭଳି ସେରୋଟୋନିନ୍ ହର୍‌ମୋନ୍ କ୍ଷରଣ ମଧ୍ୟ ଠିକ୍ ଭାବେ ହୋଇଥାଏ, ଯାହା ଡୋପାମାଇନ୍ ସହ ମିଶି ନିଦ୍ରାହୀନତା ସମସ୍ୟା ଦୂର କରିଥାଏ ଏବଂ ଭଲ ଭାବେ ନିଦ ହେବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ମନ ଖୁସି ରହିଥାଏ ଏବଂ କାର୍ଯ୍ୟ କରିବାର ସ୍ପୃହା ବୃଦ୍ଧି ହୋଇଥାଏ।

**ହର୍‌ମୋନ ସନ୍ତୁଳନରେ ରକ୍ଷାକରେ:** ମର୍ନିଂ ୱାକ୍ କରିବା ଦ୍ୱାରା ଯୁବତୀମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଯାହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ୍ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ।





### ଏମାନେ କଣ କୁହନ୍ତି



**ମମତା ପଣ୍ଡା**(କର୍ମଜୀବୀ, ଭଦ୍ରକ)– ଫିଟ୍‌ନେସ୍‌କୁ ନେଇ ସବୁବେଳେ ସଜାଗ ରହିଥାଏ। ଖାଇବା ପିଇବା ଠାରୁ ଆରମ୍ଭ କରି ପ୍ରତିଦିନ ମର୍ନିଂ ୱାକ୍ ଓ ଏକ୍ସରସାଇଜ୍ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରେ। ଭୁବନେଶ୍ୱରରେ ରହି ଜବ୍ କରୁଥିବାରୁ ଭଡା ଘରଠୁ ଅଳ୍ପ ଦୂରରେ ଥିବା ଏକ ପାର୍କରେ ପ୍ରତିଦିନ ସକାଳେ କିଛି ସମୟ ଚାଲିବାକୁ ଯାଏ। ହାଲୁକା ସୂର୍ଯ୍ୟ କିରଣ ଓ ଖୋଲା ପବନରେ ଚାଲିଲେ ଶରୀର ଫିଟ୍ ରହିବା ସହ ମନକୁ ମଧ୍ୟ ଶାନ୍ତି ମିଳେ। ମୋ ମତରେ ଯେତେ କାମ ଥିଲେ ବି ସମସ୍ତଙ୍କୁ ପ୍ରତିଦିନ କିଛି ସମୟ ଚାଲିବା ଦରକାର।



**ଗୁରୁକୃଷ୍ଣ ସେନାପତି**(କର୍ମଜୀବୀ, ଫୁଲନଖରା, କଟକ)– ମର୍ନିଂ ୱାକ୍ ଏକ ଏଭଳି ଅଭ୍ୟାସ ଯାହା ମଣିଷକୁ ଫିଟ୍ ରଖିବାରେ ବେଶ୍ ସାହାଯ୍ୟ କରେ। ସକାଳୁ ଉଠି ଅଫିସ ବାହାରିବାକୁ ହେଉଥିବାରୁ ଯଦିଓ ପ୍ରତିଦିନ ଏଥିପାଇଁ ସମୟ ଦେଇପାରେନି ତଥାପି ଛୁଟିଦିନ ମାନଙ୍କରେ ସକାଳୁ କିଛି ସମୟ ନିଶ୍ଚୟ ଚାଲିବାକୁ ଯାଏ। ସତ କହିବାକୁ ଗଲେ ମର୍ନିଂୱାକ୍ କରିବା ଦ୍ୱାରା ବ୍ୟସ୍ତବହୁଳ ଜୀବନ ଭିତରେ ବି ରିଲାକ୍ସ ଫିଲ୍ ହୁଏ।

## ୟୁଥ୍ ଆଲର୍ଟ

# ଛତା କିଣିବା ପୂର୍ବରୁ...

**ଆରମ୍ଭ ହୋଇଯାଇଛି ବର୍ଷାଦିନ। ଏବେ ପ୍ରାୟ ସଭିଙ୍କୁ ଲୋଡ଼ା ଛତା। ମାର୍କେଟ୍‌ରେ ମଧ୍ୟ ବିକ୍ରି ହେଲାଣି ବହୁ ସଂଖ୍ୟାରେ ଭଳିକି ଭଳି ରଙ୍ଗିନ ଛତା। ହେଲେ ଛତା କିଣିବା ପୂର୍ବରୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବାକୁ ଆଦୌ ଭୁଲନ୍ତୁ ନାହିଁ...**

■ ବର୍ଷା ପାଣିରୁ ସୁରକ୍ଷା ଦେବା ଲାଗି ଛତା ବ୍ୟବହାର କରାଯାଏ। ହେଲେ କେବେ କେବେ ସୁନ୍ଦର ଏବଂ ଆକର୍ଷଣୀୟ ରଙ୍ଗ ଲୋଭରେ ଆମେ ଏଭଳି ଛତା କିଣିଆଣୁ ଯାହା ବର୍ଷା ବେଳେ ଭିଜିଯାଇ ପାଣି ପଡ଼ି ଆମକୁ ଓଦା ହେବାକୁ ପଡ଼ିଥାଏ। ତେଣୁ ଛତା କିଣିବା ପୂର୍ବରୁ ପ୍ରଥମେ ଏହାକୁ ଖୋଲି ଏହାର ସିଲେଇ କିମ୍ବା କପଡ଼ାରେ କେଉଁଠି ସୂକ୍ଷ୍ମ ଛିଦ୍ର ଅଛି କି ନାହିଁ ଦେଖି ନିଅନ୍ତୁ।

■ ସେହିପରି ଆମେ ଛତାର ହ୍ୟାଣ୍ଡେଲ୍ ସୁନ୍ଦର ହୋଇଥିବା ଦେଖି ମଧ୍ୟ କିଣିଦେଉ। ହେଲେ ବର୍ଷା ବେଳେ ଏହାକୁ ଧରିବା ଦ୍ୱାରା ହାତ ପାପୁଲି ଏବଂ ଆଙ୍ଗୁଠି ଦରଜ ହେବା, ବିନ୍ଧିବା ଭଳି ସମସ୍ୟା ଦେଖାଦିଏ। ତେଣୁ ଛତାର ହ୍ୟାଣ୍ଡେଲ୍ ଯେତେ ସୁନ୍ଦର ହୋଇଥାଉ ନା କାହିଁକି, ଏହାକୁ ଧରିବା ବେଳେ ଏହା ହାଲୁକା ଏବଂ କମ୍ଫର୍ଟେବଲ୍ ଲାଗୁଛି ନା ନାହିଁ ଦେଖନ୍ତୁ।

■ ଛତାର କାଠିଗୁଡ଼ିକ ମଜଭୁତ କି ନୁହେଁ ପ୍ରଥମେ ଭଲ ଭାବେ ଦେଖନ୍ତୁ। ନଚେତ୍ ପବନରେ ଛତାର କାଠିଗୁଡ଼ିକ ଓଲଟି ଯିବାଦ୍ୱାରା ଭିଜିବାକୁ ପଡ଼ିପାରେ।

■ ବ୍ୟାଗ୍‌ରେ ସହଜରେ କ୍ୟାରି କରିବା ଲାଗି ଫୋଲ୍ଡେଡ୍ ଛତା ଭଲ ଅପ୍ସନ। ହେଲେ ଏସବୁ ଶୀଘ୍ର ଭାଙ୍ଗିବାର ଆଶଙ୍କା ବି ରହିଛି। ତେଣୁ ଏଭଳି ଛତା କିଣିବା ପୂର୍ବରୁ ପ୍ରଥମେ ୪–୫ଥର ଖୋଲନ୍ତୁ ଏବଂ ବନ୍ଦ କରି ଦେଖନ୍ତୁ ଏହା ଭଲ ଭାବେ କାମ କରୁଛି କି ନାହିଁ।

■ ମୁଖ୍ୟତଃ ତିନି ପ୍ରକାରର ଯଥା ମ୍ୟାନୁଆଲ୍, ସେମିଅଟୋମେଟିକ୍ ଏବଂ ଫୁଲ୍‌ଲି ଅଟୋମେଟିକ୍ ଛତା ମିଳୁଛି। ତେଣୁ ଆପଣଙ୍କ ସୁବିଧା ଅନୁସାରେ କେଉଁ ଛତା କିଣିବେ, ଭଲ ଭାବେ ଏହାର ବଟନ୍ କାମ କରୁଛି କି ନାହିଁ ଦେଖିବାକୁ ଭୁଲନ୍ତୁ ନାହିଁ।





ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜୁଲାଇ ୯/୨୦୨୩ Bhubaneswar, Sunday, July 9/ 2023








# କ୍ରୀଡ଼ାରେ ପ୍ରତିବାଦ

କ୍ରୀଡା ସର୍ବଦା ମନୋରଞ୍ଜନର ଏକ ମାଧ୍ୟମ। ବିଶ୍ୱର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ କ୍ରୀଡା ଇଭେଣ୍ଟ ଗୁଡିକ ବେଶ ଲୋକପ୍ରିୟ। ଦକ୍ଷିଣ ଏସୀୟ ଦେଶ ଗୁଡିକରେ କ୍ରିକେଟ ଲୋକପ୍ରିୟ ରହିଥିବା ବେଳେ ୟୁରୋପରେ ଫୁଟବଲ ଓ ଆମେରିକାରେ ବାସ୍କେଟବଲର ଲୋକପ୍ରିୟତା ଆକାଶଛୁଆଁ। ସର୍ବାଧିକ ଲୋକଙ୍କ ନିକଟରେ ପହଞ୍ଚିବାର ଏହା ଏକ ବୃହତ୍ତର ମାଧ୍ୟମ ହୋଇଥିବା ବେଳେ ଅନେକ ସମୟରେ କିଛି ଆନ୍ଦୋଳନକୁ ଜନପ୍ରିୟ କରିବା ପାଇଁ ବିଭିନ୍ନ ସମୟରେ କ୍ରୀଡା ଇଭେଣ୍ଟକୁ ବାଛିଥାନ୍ତି ପ୍ରତିବାଦକାରୀ। ପୂର୍ବରୁ କେବଳ ଆଥଲେଟ ମାନେ ଖେଳ ପଡିଆରେ ଓ ପୋଡିୟମରେ ଏଭଳି କରୁଥିବା ବେଳେ ବର୍ତ୍ତମାନ ଏଭଳି ଆନ୍ଦୋଳନ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଛି। ନିକଟରେ ଆଶେସ୍ ସିରିଜ୍ ଓ ୱିମ୍ବେଲଡନ୍‌ରେ ଏଭଳି କିଛି ପ୍ରତିବାଦ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲା। ଅତୀତରେ ଅନେକ ଆଥଲେଟ ବିଭିନ୍ନ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ସେମିତି କିଛି ପ୍ରତୀକାତ୍ମକ ପ୍ରତିବାଦ ଉପରେ ଏକ ଆଲେଖ୍ୟ...

## ହ୍ୟୁମାନ୍ ରାଇଟ୍ ସାଲ୍ୟୁଟ୍

୧୯୬୮ ମେକ୍ସିକୋ ଅଲିମ୍ପିକ୍ସରେ ଆମେରିକାର କଳା ଗୋରା ଭେଦଭାବ(ବର୍ଣ୍ଣବୈଷମ୍ୟବାଦ)କୁ ନେଇ ପ୍ରତିବାଦର ସ୍ୱର ଉଠାଇଥିଲେ ଦୁଇ ଆମେରିକୀୟ ସ୍ପ୍ରିଣ୍ଟର। ୨୦୦ ମିଟର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିବା ପରେ ଆଫ୍ରିକାନ ଆମେରିକୀୟ ଧାବକ ଟମି ସ୍ମିଥ୍ ଓ ଜନ୍ କାର୍ଲୋସ୍ ଏକ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ପୋଡିୟମରେ ପଦକ ପାଇଁ ଛିଡା ହୋଇଥିବା ବେଳେ ହାତ ମୁଠା କରି ଉପରକୁ ଟେକି ବର୍ଣ୍ଣବୈଷମ୍ୟ ଭେଦଭାବକୁ ପ୍ରତିବାଦ କରିଥିଲେ। ଏହା ପରେ ପଦକ ଗ୍ରହଣ କରିବା ପୂର୍ବରୁ କଳା ଲୋକଙ୍କ ଦାରିଦ୍ର୍ୟତାକୁ ସମାଜ ଆଗରେ ଦେଖାଇବା ପାଇଁ ଉଭୟ ନିଜର ଜୋତା ଖୋଲି ଦେଇଥିଲେ। ଆମେରିକାରେ ହେଉଥିବା ଗଣହତ୍ୟା ପ୍ରତିବାଦରେ ଉଭୟ ବେକରେ ଏକ ଚେନ୍ ମଧ୍ୟ ପକାଇଥିଲେ। ଏହି ଘଟଣା ପରେ ଉଭୟଙ୍କୁ ଅଲିମ୍ପିକ୍ ଭିଲେଜ୍‌ରୁ ବାହାର ମଧ୍ୟ କରାଯାଇଥିଲା। ଏହି ଘଟଣା ପରେ ୪୦୦ ମିଟର ଇଭେଣ୍ଟରେ ଆମେରିକୀୟ ଆଥଲେଟ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୋଡିୟମରେ ତିନି ଖେଳାଳି କଳା ଟୋପି ପିନ୍ଧି ସ୍ମିଥ୍ ଓ କାର୍ଲୋସଙ୍କ ବାସନ୍ଦକୁ ବିରୋଧ କରିଥିଲେ। ତେବେ ଜାତୀୟ ସଙ୍ଗୀତ ପୂର୍ବରୁ ସେମାନେ ନିଜର ଟୋପି ଖୋଲି ଦେଇଥିଲେ। ଏହି ଘଟଣା ପରେ ଆମେରିକାରେ ମାନବାଧିକାର ଆନ୍ଦୋଳନ ଜୋରଦାର ହୋଇଥିବା ବେଳେ ହ୍ୟୁମାନ ରାଇଟ୍ ସାଲ୍ୟୁଟ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ଟମି ସ୍ମିଥ୍ ଓ ଜନ୍ କାର୍ଲୋସ୍‌ଙ୍କ ପ୍ରତିବାଦ।

## ଦ ମିଆମି ହିଟ୍ ହୁଡି

ମାର୍ଚ୍ଚ ୨୩, ୨୦୧୨ରେ ବାସ୍କେଟ୍‌ବଲ ତାରକା ଲେବ୍ରନ୍ ଜେମ୍ସ ଓ ଏନ୍‌ବିଏ ଦଳ ମିଆମି ହିଟ୍ ପକ୍ଷରୁ ଏକ ହୁଡି ମାର୍ଚ୍ଚ କରାଯାଇଥିଲା। ମାର୍ଚ୍ଚ ୨୧ ତାରିଖରେ ହୁଡି ପିନ୍ଧିଥିବା ୧୭ ବର୍ଷୀୟ ଆଫ୍ରୋ ଆମେରିକୀୟ ଟ୍ରେଭନ୍ ମାର୍ଟିନ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପ୍ରତିବାଦରେ ଟ୍ରେଭନ୍‌ଙ୍କ ପରିବାର ସହିତ ଛିଡା ହୋଇଥିଲେ ଲେବ୍ରନ୍ ଜେମ୍ସ। ପରବର୍ତ୍ତୀ ସମୟରେ ଏହାକୁ ଦ ମିଲିୟନ ହୁଡି ମାର୍ଚ୍ଚ ବୋଲି ମଧ୍ୟ କୁହାଯାଇଥିଲା।

## ଆଇ କ୍ୟାଣ୍ଟ ବ୍ରିଦ୍

ଜୁଲାଇ ୭, ୨୦୧୪ରେ ଏରିକ୍ ଗାନର ନାମକ ଜନୈକ କୃଷ୍ଣକାୟ ବ୍ୟକ୍ତି ପୋଲିସ୍ ବର୍ବରତାର ଶିକାର ହୋଇ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ଆଇ କ୍ୟାଣ୍ଟ ବ୍ରିଦ(ମୁଁ ନିଶ୍ୱାସ ନେଇ ପାରୁନି) ବୋଲି କହୁଥିବା ବେଳେ ସେ ପ୍ରାଣ ହରାଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ୮ ଡିସେମ୍ବର ୨୦୧୪ରେ କ୍ଲିଭ୍‌ଲାଣ୍ଡ କାଭଲିୟରର ଲେବ୍ରନ୍ ଜେମ୍ସ, ବ୍ରୁକ୍‌ଲିନ୍ ନେଟ୍ସର କେଭିନ୍ ଗ୍ରାନେଟ୍, ଡେରୋନ୍ ୱିଲିୟମ୍ସ, ଜାରେଟ୍ ଜ୍ୟାକ୍ ଓ ଆଲାନ୍ ଆଣ୍ଡରସନ୍ ପ୍ରମୁଖ ପ୍ରତିବାଦ କରିଥିଲେ। ସମସ୍ତ ଖେଳାଳି ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଆଇ କ୍ୟାଣ୍ଟ ବ୍ରିଦର ହ୍ୟାସ୍ ଟ୍ୟାଗ୍ ମଧ୍ୟ ଚଳାଇଥିଲେ।

## ବ୍ଲାକ୍ ଲାଇଭ୍ସ ମ୍ୟାଟର ମୁଭମେଣ୍ଟ

ନଭେମ୍ବର ୨୦୧୬ରେ ପ୍ରଥମ ଥର ପାଇଁ ଗୋଟିଏ ଆଣ୍ଠୁରେ ବସି ପ୍ରଥମେ ନ୍ୟାଶନାଲ ଫୁଟବଲ ଲିଗ୍‌ରେ ଖେଳାଳି ମାନେ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ କ୍ରିକେଟର ମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରଥମ କ୍ରିକେଟର ଭାବରେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି କକ୍ ଓ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏହି ଆନ୍ଦୋଳନରେ ସାମିଲ ଥିଲେ। ତେବେ ସୋସିଆଲ ମିଡିଆରେ ପାଣ୍ଡ୍ୟାଙ୍କୁ ଅନେକ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡିଥିଲା।

–ପ୍ରସ୍ତୁତି: ସରୋଜ ଜେନା

# ଅଦିତି ସ୍ୱାମୀ ବିଶ୍ୱ ଚାମ୍ପିୟନ




ଲିମେରିକ୍, ୮।୭ (ପି.ଟି.)

### ୧୮ ବର୍ଷରୁ କମ୍ ତୀରନ୍ଦାଜୀ

ଉଦୀୟମାନ ତୀରନ୍ଦାଜ ଲିନ୍ ଡ୍ରେକ୍‌ଙ୍କୁ ପରାସ୍ତ କରି ଉଦୀୟମାନ ତୀରନ୍ଦାଜ ଅଦିତି ସ୍ୱାମି ୧୮ବର୍ଷରୁ କମ୍ ମହିଳା ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଅଦିତି ୧୮ ବର୍ଷରୁ କମ୍ କମ୍ପାଉଣ୍ଡ ମହିଳା କ୍ୱାଲିଫାଇଂ ରେକର୍ଡ ଭଙ୍ଗ କରିଥିଲେ। ଏଠାରେ ଚଳିତ ୟୁଥ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ଫାଇନାଲରେ ସେ ଲିନ୍‌ଙ୍କୁ ୧୪୨–୧୩୬ରେ ହରାଇ ଦେଇଛନ୍ତି। ଏଥି ସହିତ ସେ ଟୁର୍ନାମେଣ୍ଟରେ ଭାରତ ପାଇଁ ଚତୁର୍ଥ ସ୍ୱର୍ଣ୍ଣ ଆଣିଦେଇଛନ୍ତି। ଅଦିତି ଗତ ମାସରେ କଲମ୍ବିଆର ମେଡେଲିନ୍‌ଠାରେ ବିଶ୍ୱକପ୍ ସିନିୟର ବିଭାଗରେ ପଦାର୍ପଣ କରି ଟିମ୍ ବ୍ରୋଞ୍ଜ ଜିତିଥିଲେ। ଅଦିତି ଆହୁରି ମଧ୍ୟ ଗତବର୍ଷ ଶାରଜାଠାରେ ଏସିଆ କପ୍ ଲେଗ୍–୩ରେ ଏକ ବ୍ୟକ୍ତିଗତ ରୌପ୍ୟ ପଦକ ହାସଲ କରିଛନ୍ତି। ଭାରତ ଏଠାରେ ଇତିମଧ୍ୟରେ ୮ ପଦକ ହାସଲ କାରିସାରିଛନ୍ତି। ତନ୍ମଧ୍ୟରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି।

# ଭାରତୀୟ ଦଳରେ ପ୍ରବୀଣ, କଶିସ୍






ପ୍ରବୀଣ କୁମାର ଓ କଶିସ୍ ଲାକ୍ରା।

ଭୁବନେଶ୍ୱର, ୮।୭ (ବିଜୟ ରଣା)

### ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍

ପ୍ୟାରିସରେ ଅନୁଷ୍ଠିତ ହେଉଥିବା ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୩ରେ ଭାଗ ନେବା ଲାଗି ଭାରତୀୟ ଦଳରେ କିଟ୍ ୟୁନିଭର୍ସିଟିର ପ୍ରବୀଣ କୁମାର ଓ କଶିସ୍ ଲାକ୍ରା ସ୍ଥାନ ପାଇଛନ୍ତି। ପ୍ରବୀଣ ପୁରୁଷ ହାଇ ଜମ୍ପ ଟି୪୪ ଇଭେଣ୍ଟ ଲାଗି କଶିସ୍ ମହିଳା କ୍ଲବ ଥ୍ରୋ ଏଫ୍ ୫୧ ଇଭେଣ୍ଟ ପାଇଁ ମନୋନୀତ ହୋଇଛନ୍ତି। ଉଭୟେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଜାତୀୟ କୋଚ୍ ଡକ୍ଟର ସତ୍ୟପାଲ ସିଂଙ୍କଠାରୁ ଟ୍ରେନିଂ ନେଇଛନ୍ତି। ପ୍ରବୀଣ କିଟ୍ ୟୁନିଭର୍ସିଟିରେ ସୋସିଓଲୋଜିରେ ମାଷ୍ଟର ଡିଗ୍ରୀ କରୁଥିବା ବେଳେ କଶିସ୍ ସୋସିଓଲୋଜିରେ ବ୍ୟାଚଲର ଡିଗ୍ରୀ କରୁଛନ୍ତି।



କିଶୋର କ୍ଲବ୍ ପରିସରରେ ଅନୀତାଙ୍କୁ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# କିଲିମାଞ୍ଜାରୋ ଆରୋହଣ କରିବେ ଅନୀତା

ଭୁବନେଶ୍ୱର, ୮।୭ (ସରୋଜ ଜେନା)

ଓଡ଼ିଶାର ପର୍ବତାରୋହଣକାରୀ ଅନୀତା ସ୍ୱାଇଁ ୧୯୩୪୧ ଫୁଟ ଉଚ୍ଚ ବିଶ୍ୱର ପଞ୍ଚମ ବୃହତ୍ତମ ଗିରିଶୃଙ୍ଗ ତଥା ଆଫ୍ରିକାର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରେ ଆରୋହଣ କରିବେ। ଏଏଏସ୍‌ଏ କ୍ଲବ୍‌ର ସଦସ୍ୟ ଅନୀତା ପୂର୍ବରୁ ସଫଳତାର ସହ ମାଉଣ୍ଟ ଫ୍ରେଣ୍ଡଶିପ୍, ମାଉଣ୍ଟ ରୁଦୁଗେରା, ମାଉଣଟ ଶେଟିଦାତିଆର ଓ ମାଣ୍ଟ ରେନକ ଆରୋହଣ କରି ସାରିଛନ୍ତି। ଓଡ଼ିଶା ଛାଡିବା ପୂର୍ବରୁ କିଶୋର କ୍ଲବ ପରିସରରେ ଭୁବନେଶ୍ୱର ଆଥଲେଟିକ ଆସୋସିଶନ (ବିଏଏ) ସମ୍ପାଦକ ଏସ୍ ଆର. ପରଜା ଓ ଏଭେରେଷ୍ଟ ଆରୋହଣକାରୀ ଗଣେଷ ଚନ୍ଦ୍ର ଜେନା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏଏସ୍‌ଏ କ୍ଲବ୍ ସଭାପତି ଅଶୋକ ମହାନ୍ତି, ବିଏଏର ଅଧିକାରୀ ରଘୁନାଥ ପଣ୍ଡା, ଗିରିଜା ମହାନ୍ତି, ଆର. କେ. ମଣ୍ଡଳ, ଦିଲ୍ଲୀପ ପଟ୍ଟନାୟକ, ମହେନ୍ଦ୍ର ନାୟକ, ଗୁରୁପ୍ରସାଦ ପଟ୍ଟନୟକ, ଏଏସଏ ଉପ ସଭାପତି ଶକ୍ତି ରଞ୍ଜନ ମହାନ୍ତି, ବିକ୍ରମ କୁମାର ଦାସ, ଶିବ ଶଙ୍କର ପଣ୍ଡା ଓ ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡା ଉପସ୍ଥିତ ରହି ଅନୀତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସିନ୍ଧୁ, ସେନ୍ ସେମିରେ

କାଲଗାରି, ୮।୭ (ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପି. ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା କାନାଡା ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିନ୍ଧୁ ୨୧–୧୩, ୨୧–୭ରେ ଫାଙ୍ଗ୍ ଜିଙ୍କୁ ହରାଇ ଦେଇଛନ୍ତି। ପରେ ସେନ୍ ଏକ ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଜର୍ମାନ କ୍ୱାଲିଫାୟର ଜୁଲିନ୍ କାରାଗିଙ୍କ ବିପକ୍ଷରେ ୨୧–୮, ୧୭–୨୧, ୨୧–୧୦ରେ ବିଜୟ ହାସଲ କରିଛନ୍ତି।

# ପଶ୍ଚିମାଞ୍ଚଳ–ଦକ୍ଷିଣାଞ୍ଚଳ ଫାଇନାଲ

ବେଙ୍ଗାଲୁରୁ, ୮।୭(ପି.ଟି.)

ବେଙ୍ଗାଲୁରୁରେ ସମାପ୍ତ ହୋଇଛି ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ। ପ୍ରଥମ ସେମିରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କେନ୍ଦ୍ରାଞ୍ଚଳକୁ ଓ ଉତ୍ତରାଞ୍ଚଳ ବିପକ୍ଷ ମ୍ୟାଚକୁ ସଂଘର୍ଷପୂର୍ଣ୍ଣ ଭାବରେ ୨ ଉଇକେଟରେ ଜିତି ନେଇଛି ଦକ୍ଷିଣାଞ୍ଚଳ। ଆସନ୍ତା ଜୁଲାଇ ୧୨–୧୬ ଯାଏ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ।

**ପଶ୍ଚିମାଞ୍ଚଳ ବନାମ କେନ୍ଦ୍ରାଞ୍ଚଳ:** ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଫାଇନାଲରେ ପ୍ରବେଶ କରିଛି ପଶ୍ଚିମାଞ୍ଚଳ। ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳ ୨୨୦ ରନ୍ କରିଥିବା ବେଳେ କେନ୍ଦ୍ରାଞ୍ଚଳ ୧୨୮ ରନ୍‌ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ପଶ୍ଚିମାଞ୍ଚଳ ୨୯୭ ରନ୍ ସ୍କୋର କରିଥିଲା। ଅନ୍ତିମ ଦିନରେ କେନ୍ଦ୍ରାଞ୍ଚଳ ମାତ୍ର ୩୫ ଓଭର ବ୍ୟାଟିଂ କରିଥିବା ବେଳେ ଦଳ ୪ ଉଇକେଟରେ ୧୨୮ ରନ୍ କରିଥିଲା। ଅତୀତ ସେଠ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ଦକ୍ଷିଣାଞ୍ଚଳ ବନାମ ଉତ୍ତରାଞ୍ଚଳ:** ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ୨ ଉଇକେଟରେ ବିଜୟ ହାସଲ କରିଛି ଦକ୍ଷିଣାଞ୍ଚଳ। ଚତୁର୍ଥ ଇନିଂସରେ ବିଜୟ ପାଇଁ ୨୧୫ ରନ୍ ଆବଶ୍ୟକ ଥିବା ବେଳେ ଦଳ ୮ ଉଇକେଟରେ ୨୧୯ ରନ୍ ସ୍କୋର କରିଥିଲା। ମୟଙ୍କ ଅଗ୍ରୱାଲ ସର୍ବାଧିକ ୫୪ ରନ୍ ସ୍କୋର କରିଥିଲେ। ମୟଙ୍କଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ବିଶ୍ୱକପ୍‌ରେ ଅଂଶଗ୍ରହଣ ପ୍ରସଙ୍ଗ

# ଉଚ୍ଚସ୍ତରୀୟ କମିଟି ଗଠନ କଲା ପାକିସ୍ତାନ

କରାଚୀ, ୮।୭ (ପି.ଟି.): ଭାରତରେ ଖେଳାଯିବାକୁ ଥିବା ୨୦୨୩ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ଖେଳିବ କି ନା ତାହା ସ୍ଥିର କରିବା ଲାଗି ଦେଶର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାରତ–ପାକିସ୍ତାନ ସମ୍ପର୍କର ସମସ୍ତ ଦିଗରୁ ବିଚାର ଆଲୋଚନା କରିବ। ଖେଳାଳି, ଅଫିସିଆଲ, ସମର୍ଥକ ଏବଂ ମିଡିଆ ପାଇଁ ଭାରତରେ ବର୍ତ୍ତମାନର ପରିସ୍ଥିତିକୁ ନେଇ ଆଲୋଚନା ପରେ କମିଟି ଏହାର ସୁପାରିସ ଶରିଫଙ୍କ ନିକଟରେ ଉପସ୍ଥାପନ କରିବ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ପାଟ୍ରନ୍–ଇନ୍–ଚିଫ୍ ଅଛନ୍ତି। ଅକ୍ଟୋବର ୫ରୁ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ଖେଳିବା ଲାଗି ପାକିସ୍ତାନ ଭାରତ ଗସ୍ତ କରିବ ବୋଲି ଉଭୟ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇତିମଧ୍ୟରେ ଆଶା ପ୍ରକାଶ କରି ଘୋଷଣା କରିସାରିଛନ୍ତି। ପିସିବି କିନ୍ତୁ କହୁଛି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ରହିଥିବାରୁ ଏଥିପାଇଁ ସରକାରୀ ଅନୁମତି ଦରକାର।

# ୪ର୍ଥ ରାଉଣ୍ଡରେ ଜୋକୋଭିଚ୍, ମେଡଭେଡେଭ୍

ୱିମ୍ବେଲଡନ୍, ୮।୭(ପି.ଟି.)

### ୱିମ୍ବେଲଡନ୍ ଟେନିସ୍

ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ର ଷଷ୍ଠ ଦିବସରେ ବର୍ଷା କାରଣରୁ ଏକାଧିକ ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ପୁରୁଷ ସିଙ୍ଗଲ୍ସ ବର୍ଗରେ ନୋଭାକ୍ ଜୋକୋଭିଚ୍ ଓ ଡାନିଲ୍ ମେଡଭେଡେଭ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ମହିଳା ସିଙ୍ଗଲ୍ସରେ ପେଟ୍ରା କ୍ୱିଟୋଭା, ଏକାଟେରିନା ଆଲେକ୍ସାଣ୍ଡ୍ରୋଭା ଓ ବିଟ୍ରିଜ୍ ହଦାଦ ମାଇଆ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଶନିବାର ନୋଭାକ୍ ଜୋକୋଭିଚ୍ ୬–୩, ୬–୧ ଓ ୭–୬(୭–୫) ସେଟ୍‌ରେ ସ୍ୱିଜରଲାଣ୍ଡର ଷ୍ଟାନ ୱାୱରିଙ୍କାଙ୍କୁ ପରାସ୍ତ କରିଛନ୍ତି। ଉଭୟ ଖେଳାଳି ପରସ୍ପର ବିପକ୍ଷରେ ୨୭ତମ ମ୍ୟାଚ୍ ଖେଳୁଥିବା ବେଳେ ଜୋକୋଭିଚ୍ ୨୧ ତମ ବିଜୟ ହାସଲ କରିଥିଲେ। ଜୋକୋଭିଚ୍ ପ୍ରଥମ ଦୁଇ ରାଉଣ୍ଡରେ ସହଜ ବିଜୟ ହାସଲ କରିଥିବା ବେଳେ ତୃତୀୟ ରାଉଣ୍ଡକୁ ଟାଇବ୍ରେକରରେ ଜିତିଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଡାନିଲ ମେଡଭେଡେଭ ୪–୬, ୬–୩, ୬–୪ ଓ ୬–୪ ସେଟରେ ହଙ୍ଗେରୀର ମାର୍ଟନ ଫୁକ୍ସୋଭିକ୍ସଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚ୍ ହାରିଥିଲେ ମଧ୍ୟ ପରବର୍ତ୍ତୀ ୩ ରାଉଣ୍ଡ ମ୍ୟାଚ୍ ଜିତିଥିଲେ ମେଡଭେଡେଭ୍।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୯ନମ୍ବର ସିଡ୍ ଚେକ୍ ରିପବ୍ଲିକ୍‌ର ପେଟ୍ରା କ୍ୱିଟୋଭା ୬–୩ ଓ ୭–୫ ସେଟରେ ସର୍ବିୟାର ନାଟାଲିଆ କୋଷ୍ଟିକ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ରୁଷିଆର ଏକାଟେରିନା ଆଲେକ୍ସାଣ୍ଡ୍ରୋଭା ୬–୦, ୬–୪ ସେଟରେ ହଙ୍ଗେରୀର ଡାଲମା ଗାଲଫିଙ୍କୁ ପରାସ୍ତ କରିଛନ୍ତି। ୧୩ ନମ୍ବର ସିଡ୍ ବ୍ରାଜିଲର ବିଟ୍ରିଜ୍ ହଦାଦ ମାଇଆ ୬–୨, ୬–୨ ସେଟରେ ରୋମାନିଆର ସୋରାନା କ୍ରିଷ୍ଟିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ବିଟ୍ରିଜ୍ ହଦାଦ ମାଇଆ




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ